ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୧୩/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 13/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୧୩୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 138 ମୂଲ୍ୟ ₹୭/-

# ରାଜ୍ୟପାଳ ଅଲୋଡ଼ା: ତାମିଲନାଡୁ ଆଣିଲା ୧୦ ଆଇନ

**ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ କ୍ରମେ ଦେଶରେ ପ୍ରଥମ ଥର ପାଇଁ ତାମିଲନାଡୁରେ ଏକକାଳୀନ ୧୦ ବିଲ୍ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ମଞ୍ଜୁରୀରେ ଆଇନରେ ପରିଣତ ହୋଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ତାମିଲନାଡୁ ବିଧାନସଭାରେ ପାରିତ ଉକ୍ତ ୧୦ ବିଧେୟକକୁ ରାଜ୍ୟପାଳ ଆର୍.ଏନ୍. ରବି ଅନୁମୋଦନ ନ କରି ପକାଇ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ବିଚାର ପାଇଁ ପଠାଇ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ଙ୍କ ନେତୃତ୍ୱାଧୀନ ଡିଏମ୍କେ ସରକାର ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ୨୦୨୫ ଏପ୍ରିଲ ୮ରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ସେଗୁଡ଼ିକୁ ଆଇନରେ ପରିଣତ କରିଥିଲେ। କୌଣସି ରାଜ୍ୟର ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ଗୃହୀତ ବିଧେୟକକୁ ରାଜ୍ୟପାଳ ଚାପି ରଖିବା ବେଆଇନ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟ କହି ଅଦାଲତ ଭର୍ତ୍ସନା କରିଥିଲେ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ଦ୍ୱିତୀୟ ଥର ଉପସ୍ଥାପନ କରାଯିବାର ମାସକ ଭିତରେ ରାଜ୍ୟପାଳ ସମ୍ପୃକ୍ତ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଥିଲେ। ଏହି ଐତିହାସିକ ରାୟର ୪ ଦିନ ପରେ ତାମିଲନାଡୁ ସରକାର ଉକ୍ତ ୧୦ ବିଲ୍ ଆଇନରେ ପରିଣତ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଦେଶର ସମସ୍ତ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ରତାର ବିଜୟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକର କ୍ଷମତାକୁ ପୁନଃ ଅବସ୍ଥାପିତ କରିଛି ବୋଲି ଅନେକେ ମତ ଦେଇଛନ୍ତି।**

**ଚେନ୍ନାଇ,୧୨।୪**

ତାମିଲନାଡୁ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୧୦ ନୂଆ ଆଇନ ହେଲା ତାମିଲନାଡୁ ଫିଶେରିଜ୍ ୟୁନିଭର୍ସିଟି (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ପ୍ରାଣୀ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୦, ତାମିଲନାଡୁ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଆମ୍ବେଡକର ଲ' ୟୁନିଭର୍ସିଟି (ଆମେଣ୍ଡମେଣ୍ଟ) ଆକ୍ଟ-୨୦୨୨, ତାମିଲନାଡୁ ଡ. ଏମ୍‌ଜିଆର୍ ମେଡିକାଲ ୟୁନିଭର୍ସିଟି, ଚେନ୍ନାଇ (ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ



ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍

(ସଂଶୋଧନ) ଆଇନ-୨୦୨୨, ତାମିଲନାଡୁ ୟୁନିଭର୍ସିଟି (ଦ୍ୱିତୀୟ ସଂଶୋଧନ), ଆଇନ-୨୦୨୨, ତାମିଲନାଡୁ ମତ୍ସ୍ୟ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ-୨୦୨୩, ତାମିଲନାଡୁ ଭେଟେରିନାରି ଆଣ୍ଡ ☞ପୃଷ୍ଠା-୩


## ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ୩ ମାସ



**ନୂଆଦିଲ୍ଲୀ,୧୨।୪(ପି.ଟି./ଲାଇଭ୍ ଲ)**

ରାଜ୍ୟପାଳ କୌଣସି ବିଲ୍ ଉପରେ ବିଚାର ପାଇଁ ପଠାଇବାର ୩ ମାସ ଭିତରେ ରାଷ୍ଟ୍ରପତି ସମ୍ମତି ପ୍ରଦାନ କରିବେ ବୋଲି ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ପାଇଁ ବିଧେୟକ ଉପରେ ନିଷ୍ପତ୍ତି ନେବା ସଂକ୍ରାନ୍ତରେ ସୁପ୍ରିମକୋର୍ଟ ପ୍ରଥମ ଥର ଏଭଳି ସମୟସୀମା ନିର୍ଦ୍ଧାରଣ କରିଛନ୍ତି। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ ବିଲ୍‌କୁ ରାଜ୍ୟପାଳ ଆର୍.ଏନ୍. ରବି ମୋହର ନ ଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂରକ୍ଷିତ ରଖିବା ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ୪ ଦିନ ତଳେ ଭର୍ତ୍ସନା କରିଥିଲେ। ଏଥିସହ ସମସ୍ତ ରାଜ୍ୟପାଳଙ୍କ ପାଇଁ ଏ ସଂକ୍ରାନ୍ତରେ ସମୟସୀମା ନିର୍ଦ୍ଧାରଣ କରିଥିଲେ। ୪୧୫ ପୃଷ୍ଠା ସମ୍ବଳିତ ଏହି ରାୟ ଶୁକ୍ରବାର ରାତି ୧୦ଟା ୫୪ ମିନିଟ୍‌ରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ରାୟରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ସମୟସୀମାକୁ ଆପଣାଯିବା ଉପଯୁକ୍ତ ହେବ ବୋଲି ଆମେ ମନେକରୁଛୁ ଏବଂ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇଥିବା ☞ପୃଷ୍ଠା-୩






# ୱାକ୍‌ଫ ଆଇନ: ଉଗ୍ର ହେଲା ବିକ୍ଷୋଭ

- ମୁର୍ଶିଦାବାଦରେ ସାନି ହିଂସା
- ବାପପୁଅଙ୍କ ସମେତ ୩ ମୃତ
- ୧୧୮ ଗିରଫ, ଇଣ୍ଟରନେଟ୍ ସେବା ବନ୍ଦ

କୋଲକାତା,୧୨।୪


ସମଶେରଗଞ୍ଜରେ ଉତ୍ତ୍ୟକ୍ତ ଲୋକେ ଏକ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି।

ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁସଲମାନ ବହୁଳ ମୁର୍ଶିଦାବାଦ ଜିଲାରେ ଶୁକ୍ରବାର ଆରମ୍ଭ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିବାବେଳେ ଏଥିରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ସମଶରଗଞ୍ଜ ଅଞ୍ଚଳର ଜାଫ୍ରାବାଦରେ ବାପପୁଅଙ୍କ ଘରେ ପଶି ଦୁର୍ବୃତ୍ତମାନେ ଛୁରାମାଡ଼ କରିଥିଲେ। ଗୁଳିମାଡ଼ରେ ଅନ୍ୟଜଣେ ପ୍ରାଣ ହରାଇଛନ୍ତି। ବିକ୍ଷୋଭକାରୀମାନେ ପୋଲିସ ଭ୍ୟାନ୍ ସମେତ କେତେକ ଗାଡ଼ି ଜାଳିଦେଇଥିଲେ। ହିଂସାପ୍ରବଣ ଜାଙ୍ଗିପୁରରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ କୋଲକାତା ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠ ଶନିବାର ନିର୍ଦ୍ଦେଶ ଦେଇଛନ୍ତି।

ବିକ୍ଷୋଭ ହିଂସାରେ ସମ୍ପୃକ୍ତ ୧୧୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଉତ୍ତେଜନା ଜାରି ରହିଥିବାରୁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଡିଜି ରାଜୀବ କୁମାର କହିଛନ୍ତି। ହିଂସାକୁ ଦୃଷ୍ଟିରେ ରଖି ମାଲଦା, ମୁର୍ଶିଦାବାଦ, ଦକ୍ଷିଣ ୨୪ ପ୍ରଗଣା ଏବଂ ହୁଗ୍‌ଲି ଜିଲାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅଧିକ ଲୋକ ରୁଣ୍ଡ ନ ହେବା ଏବଂ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନ ଉପୁଜେ ସେଥି ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ହିଂସାରେ ସମ୍ପୃକ୍ତି ନେଇ ମୁର୍ଶିଦାବାଦର ସୁତି ଅଞ୍ଚଳରୁ ୭୦ ଜଣ ଏବଂ ସମଶେରଗଞ୍ଜରୁ ୪୧ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଲୋକମାନଙ୍କୁ ନିବେଦନ କରାଯାଇଛି। ହିଂସାକାଣ୍ଡ ପାଇଁ ଭାଜପା ମମତା ବାନାର୍ଜୀଙ୍କ ସରକାରଙ୍କୁ ଦାୟୀ କରିଛି। ରାଜ୍ୟ ସରକାର ସ୍ଥିତି ନିୟନ୍ତ୍ରଣ କରିପାରୁ ନ ଥିଲେ କେନ୍ଦ୍ର ସରକାରଙ୍କ ସହାୟତା ପାଇଁ ନିବେଦନ କରିବା ଆବଶ୍ୟକ ବୋଲି ବିରୋଧୀ ଦଳ କହିଛି। ସରକାରୀ ସମ୍ପତ୍ତି ନଷ୍ଟ କରାଯିବା ସହ ସରକାରୀ ଅଫିସର ଭୟଭୀତ ହୋଇଛନ୍ତି। ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରାଯାଉଥିବା ବେଳେ ମମତା ବାନାର୍ଜୀ ସରକାର ନୀରବ ଦର୍ଶକ ସାଜିଛନ୍ତି। ହିଂସାରେ ସମ୍ପୃକ୍ତ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଚିହ୍ନଟ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଆହ୍ୱାନ ଦେଇଛନ୍ତି।

ୱାକ୍‌ଫ ଆଇନ ପ୍ରତ୍ୟାହାର ଦାବି କରି ତ୍ରିପୁରାର ଉନାକୋଟି ଜିଲାରେ ଶନିବାର ବିକ୍ଷୋଭ ବେଳେ ହିଂସାରେ ଅନ୍ୟୂନ ୧୮ ଜଣ ଆହତ ହୋଇଛନ୍ତି। ମଣିପୁରର ଇମ୍ଫାଲ ସମେତ ବିଭିନ୍ନ ଅଞ୍ଚଳରେ ଅନେକ ହଜାର ଲୋକ ଶୁକ୍ରବାର ୱାକ୍‌ଫ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିଲେ। ଏହି ଆଇନ ରଦ୍ଦ ନ ହେଲେ ମଣିପୁରରେ ଜିହାଦ କରାଯିବ ବୋଲି ସେମାନେ ଧମକ ଦେଇଛନ୍ତି। ରାଜ୍ୟ ରାଜଧାନୀର ମନ୍ତ୍ରୀପୁଖ୍ରୀ ଏବଂ ହାଓ୍ଚ ଗୋଲପତିଠାରେ ମେଇତି ପଙ୍ଗାଲମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ଅଖ୍‌ନୁରରେ ଜେସିଓ ମୃତ

## ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ୩

ଶ୍ରୀନଗର, ୧୨।୪


ଜେସିଓ କୁଲ୍‌ଦୀପ ଚାନ୍ଦ୍

ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅଖ୍‌ନୁର ସେକ୍ଟରସ୍ଥିତ ନିୟନ୍ତ୍ରଣ ରେଖା(ଏଲ୍‌ଓସି)ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ଭାରତୀୟ ସେନା ପଣ୍ଡ କରିଛି। ଆତଙ୍କବାଦୀ ଓ ଭାରତୀୟ ସେନା ମଧ୍ୟରେ ଗୁଳି ବିନିମୟରେ ଜୁନିୟର କମିଶନଡ୍ ଅଫିସର(ଜେସିଓ) କୁଲ୍‌ଦୀପ ଚାନ୍ଦ୍‌ଙ୍କର ମୃତ୍ୟୁ ଘଟିଛି। ଏଲ୍‌ଓସିର କେରି ବଟ୍ଟଲ ଅଞ୍ଚଳରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଯବାନଙ୍କ ଗୁଳିରେ ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟା ଶନିବାର ୩ରେ ପହଞ୍ଚିଛି। କୁଲ୍‌ଦୀପ ସେନାର ୯ମ ପଞ୍ଜାବ ରେଜିମେଣ୍ଟର ସଦସ୍ୟ ଥିଲେ। କିସ୍ତୱାର ଜିଲାରେ ୪ ଦିନ ଧରି ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀ ନିରୋଧୀ ଅପରେଶନ ଜାରି ରହିଛି। ଶନିବାର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀ ସୈଫୁଲ୍ଲାହ ରହିଥିବା ସୁରକ୍ଷା ବଳ କହିଛି। ଶୁକ୍ରବାର ସୁରକ୍ଷା ବଳର ଅପରେଶନରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

# ହିନ୍ଦୁଫୋବିଆ ବିରୋଧରେ ବିଲ୍ ଆଣିଲା ଜର୍ଜିଆ

ୱାଶିଂଟନ,୧୨।୪

ଆମେରିକାର ପ୍ରଥମ ରାଜ୍ୟ ଭାବେ ଜର୍ଜିଆ ହିନ୍ଦୁଫୋବିଆ ବା ହିନ୍ଦୁବିରୋଧୀ ଭାବନା ବିରୋଧରେ ବିଲ୍ ଆଣିଛି। ଯଦି ଏହା ଆଇନରେ ପରିଣତ ହୁଏ ତେବେ ହିନ୍ଦୁଫୋବିଆ ସଂଜ୍ଞା ସ୍ପଷ୍ଟ କରିବା ପାଇଁ ଜର୍ଜିଆ ଦଣ୍ଡ ସଂହିତାରେ ସଂଶୋଧନ ହେବ। ଆମେରିକାରେ ହିନ୍ଦୁ ବିରୋଧୀ ଘୃଣା ଅପରାଧରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ରହିବ। ବିଲ୍‌କୁ ରିପବ୍ଲିକାନ୍ ଓ ଡେମୋକ୍ରାଟ୍‌ର ୪ ସିନେଟର ସମର୍ଥନ ଜଣାଇଛନ୍ତି।

# ନ୍ୟାଶନାଲ ହେରାଲ୍ଡ ମାମଲା: ୬୬୧ କୋଟିର ସମ୍ପତ୍ତି ବାଜ୍ୟାପ୍ତ ପ୍ରକ୍ରିୟା ଆରମ୍ଭ କଲା ଇଡି

ନୂଆଦିଲ୍ଲୀ,୧୨।୪(ପି.ଟି.)

କଂଗ୍ରେସ ଦଳ ନିୟନ୍ତ୍ରଣରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଏବଂ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ସହ ସମ୍ପୃକ୍ତ ମନିଲଣ୍ଡରିଂ ତଦନ୍ତର ଅଂଶସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ୬୬୧ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନୋଟିସ୍ ଜାରି କରିଛି। ଏହି ସମ୍ପତ୍ତି ରହିଥିବା ଅଞ୍ଚଳର ରେଜିଷ୍ଟ୍ରାରଙ୍କ ନିକଟକୁ ସଂଘୀୟ ତଦନ୍ତକାରୀ ସଂସ୍ଥା ଆନୁଷଙ୍ଗିକ ଦସ୍ତାବିଜ୍ ପଠାଇଥିବା ଶନିବାର କହିଛି। ଏଥିସହିତ ଉକ୍ତ ସମ୍ପତ୍ତିଗୁଡ଼ିକର ସ୍ପଷ୍ଟ ଭାଗ ରହିଥିବା ଦିଲ୍ଲୀର ୫ଏ ବାହାଦୁର ଶାହ ଜାଫର ମାର୍ଗସ୍ଥିତ ହେରାଲ୍ଡ ହାଉସ୍, ମୁମ୍ବାଇର ବାନ୍ଦ୍ରା(ଇ) ଏରିଆ (ପ୍ଲଟ୍ ନଂ.୨, ସର୍ଭେ ନଂ. ୩୪୧) ଏବଂ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବିଶ୍ୱେଶ୍ୱର ନାଥ ରୋଡ(ସମ୍ପତ୍ତି ନଂ.୧)ରେ ଥିବା ଏଜେଏଲ୍ ବିଲ୍ଡିଂରେ ଏକସଙ୍ଗେ ନୋଟିସ୍ ଲଗାଯାଇଛି।

ଉକ୍ତ ସମ୍ପତ୍ତିଗୁଡ଼ିକୁ ଇଡି ଅକ୍ତିଆର କରିବାକୁ ଥିବାରୁ ସେଗୁଡ଼ିକୁ ଖାଲି କରିବା ପାଇଁ ନୋଟିସ୍‌ରେ କୁହାଯାଇଛି। ବାନ୍ଦ୍ରାସ୍ଥିତ ହେରାଲ୍ଡ ହାଉସ୍‌ର ୭ମ, ୮ମ ଏବଂ ୯ମ ମହଲାକୁ ଅକ୍ତିଆର କରିଥିବା ଜିନ୍ଦଲ ସାଉଥ୍‌ୱେଷ୍ଟ ପ୍ରୋଜେକ୍ଟ ଲିଃକୁ ନୋଟିସ୍ ଦିଆଯାଇ ଭଡ଼ା, ଲିଜ୍ ଅର୍ଥ ପ୍ରତିମାସରେ ଇଡି ନିର୍ଦ୍ଦେଶକଙ୍କ ନାମରେ ପଠାଇବାକୁ କୁହାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା (୮) ଏବଂ ରୁଲ୍ ୫(୧) ଅନୁଯାୟୀ ଇଡି ଉକ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଯାଉଛି। ବାଜ୍ୟାପ୍ତ ହେବାକୁ ଥିବା ସ୍ଥାବର ସମ୍ପତ୍ତି ପରିମାଣ ୬୬୧ କୋଟି ଟଙ୍କା। ଏହା ବ୍ୟତୀତ ୨୦୨୩ ନଭେମ୍ବରରେ ଇଡି ଏଜେଏଲ୍‌ର ୯୦.୨ କୋଟି ଟଙ୍କାର ଅଂଶଧନକୁ ଜବତ କରିଥିଲା।






DADLS-10

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ

ତା. ୧୩-୦୪-୨୦୨୫ ରିଖ (ରବିବାର)

ସକାଳ ଅଧିବେଶନ
ଘ. ୬.୩୦ ମିନିଟ୍

ମୁଖ୍ୟ ଅତିଥି: ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୮ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
(ସ୍ଥାନ: ଜୟଦେବ ଭବନ)

ମଧ୍ୟାହ୍ନ ୧୨ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
(ସ୍ଥାନ: ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ଅଡିଟୋରିୟମ୍)

ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା
ସ୍ଥାନ: ଉତ୍କଳ ମଣ୍ଡପ

ମୁଖ୍ୟ ଅତିଥି: ଡ. ହରି ବାବୁ କମ୍ଭମ୍ପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ ୨୦୨୫" ପ୍ରଦାନ

ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର-ମଧ୍ୟ
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଉତ୍ତର
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର-ଏକାମ୍ର
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଉଷା ପାଢ଼ୀ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ ସିଂହ, ଭା.ପ୍ର.ସେ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ, ଭା.ପୋ.ସେ, ପୋଲିସ କମିଶନର, ଭୁବନେଶ୍ୱର-କଟକ
ଶ୍ରୀଯୁକ୍ତ ରାଜେଶ ପ୍ରଭାକର ପାଟିଲ, ଭା.ପ୍ର.ସେ, କମିଶନର, ଭୁବନେଶ୍ୱର ମହାନଗର ନିଗମ
ଡା. ଏନ୍. ଥିରୁମାଲା ନାଏକ, ଭା.ପ୍ର.ସେ, ଉପାଧ୍ୟକ୍ଷ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଶ୍ରୀଯୁକ୍ତ ବିଜୟ କେତନ ଉପାଧ୍ୟାୟ, ଭା.ପ୍ର.ସେ, ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ଚଞ୍ଚଳ ରାଣା, ଭା.ପ୍ର.ସେ, ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ
ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଓ ସାଥୀ କଳାକାରଙ୍କ ଦ୍ୱାରା ସଂଗୀତ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଶଙ୍କର ବେହେରା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ

ତା. ୧୪.୦୪.୨୦୨୫ ରିଖ (ସୋମବାର)
ସନ୍ଧ୍ୟା ଅଧିବେଶନ ସ୍ଥାନ :
ସମୟ. ୬ ଘଟିକା କୃଷି ଶିକ୍ଷା ସଦନ, (ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)

ଓଡ଼ିଆ ପକ୍ଷ ଉଦ୍‌ଯାପନ ଓ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୫ ଦ୍ୱିତୀୟ ସନ୍ଧ୍ୟା ଉପଲକ୍ଷେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ପ୍ରୟାସରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ
ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି



OIPR-15001/13/0503/2526

DSPL - 31

ଓଡ଼ିଆ ପକ୍ଷ ୨୦୨୫


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଆ ପକ୍ଷ ପାଳନ

ଆମ ରୁଚି ଆମ ଖାଦ୍ୟ

୧୩ ଏପ୍ରିଲ୍ ୨୦୨୫



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
OIPR-03029/13/0044/2526

# ଅହଂକାର ରଖନି, ଗ୍ରୁପିଜମ୍ କରନାହିଁ: ନଡ୍ଡା



ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରିଷ୍ଠ ନେତୃବୃନ୍ଦ।

**ରାଜନୀତିରେ ତିଷ୍ଠିରହିବାକୁ ହେଲେ ପ୍ରଥମେ ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ର ହିତ ପାଇଁ କାର୍ଯ୍ୟ କରିବା ଶିଖ। ଏହା ପୂର୍ବରୁ ଦଳ ଭିତରେ ଗ୍ରୁପିଜିମ୍ କରିବା ବନ୍ଦ କରିବାକୁ ଅଭ୍ୟାସ କର। ଗ୍ରୁପିଜମ୍ କରିବା ଏକ ଖରାପ ଅଭ୍ୟାସ। ଦଳରେ ଗୋଟିଏ ଗ୍ରୁପ୍ ହୋଇ ରହିଲେ ଭଲ। ଏହାଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇବ। ରାଷ୍ଟ୍ରହିତ କଥା ଚିନ୍ତାକରି କାର୍ଯ୍ୟ କଲେ ଗ୍ରୁପିଜମ୍‌ଠାରୁ ଦୂରରେ ରହିବା ଭଲ। ଏପରିକି ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ଗର୍ବ କି ଅହଂକାର କରିବା ଭଲ ନୁହେଁ। କାରଣ ଗର୍ବ ଓ ଅହଂକାର ରାଜନୀତିରେ ତଳକୁ ତଳକୁ ଯିବାର ଏକ ଲକ୍ଷଣ ବୋଲି ଭାଜପା ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ପୁରୀରେ ଆୟୋଜିତ ଦଳର ପ୍ରଶିକ୍ଷଣ ଶିବିରରେ କହିଛନ୍ତି।**

ଭୁବନେଶ୍ୱର (ସୁନିତ୍ ମିଶ୍ର)/ପୁରୀ (ଅଜିତ କୁମାର ମହାନ୍ତି), ୧୨।୪

ପୁରୀ ସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଆୟୋଜିତ ଭାଜପାର ୨ ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ନଡ୍ଡା ଦଳର ବିଧାୟକ, ମନ୍ତ୍ରୀ ଏବଂ ଏମ୍‌ପିମାନଙ୍କୁ ଏକାଧିକ ପଏଣ୍ଟ ଉପରେ ଗୁରୁମନ୍ତ୍ର ଦେଇଛନ୍ତି। ନଡ୍ଡା କହିଛନ୍ତି, ରାଜନୀତିରେ ବଞ୍ଚି ରହିବାକୁ ହେଲେ ସ୍ୱାସ୍ଥ୍ୟକ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ବିଧାୟକ, ସାଂସଦ କିମ୍ବା ମନ୍ତ୍ରୀ ବୋଲି ଅହଂକାର କରନାହିଁ। ପ୍ରଥମେ ଗ୍ରୁପିଜମ୍, ଚାପୁଲିସି ଛାଡ଼। ନିଜର ବ୍ୟକ୍ତିତ୍ୱ ତିଆରି କରିବାକୁ ପ୍ରାଥମିକତା ଦିଅ। ଗ୍ରାଉଣ୍ଡକୁ ଯାଇ ଲୋକମାନଙ୍କ ପାଇଁ କାମ କଲେ ହିଁ ନିଜର ବ୍ୟକ୍ତିତ୍ୱ ତିଆରି କରିବା ସମ୍ଭବ ହେବ। ଅଙ୍ଗନୱାଡି କେନ୍ଦ୍ର ଓ ମେଡିକାଲକୁ ଯାଇ ଅଧ ଘଣ୍ଟା ଲେଖା ବସ ଏବଂ ସେଠାରେ ଲୋକମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝ। ନିଜ ଅଞ୍ଚଳର ଦଳିତ ପରିବାର ସହ ସମ୍ପର୍କରେ ରୁହ। ନିର୍ବାଚନମଣ୍ଡଳୀ ଗସ୍ତ କରିବା ବେଳେ କୌଣସି ବ୍ୟକ୍ତିବିଶେଷଙ୍କ ଘରେ ବସ ନାହିଁ। ବରଂ ଏକ ସାର୍ବଜନୀନ ସ୍ଥାନରେ ବସିବାକୁ ଅଭ୍ୟାସ କର। କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘରେ ଯାଇ ବସିଲେ ନିର୍ବାଚନମଣ୍ଡଳୀ ସ୍ତରରେ ଶତ୍ରୁ ତିଆରି ହେବେ। ଲୋକମାନଙ୍କ ମନ ଭିତରେ ଈର୍ଷା ଜାତହେବ। ତେଣୁ ଏହି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର। ଲୋକମାନଙ୍କ ପାଇଁ କାମ କରିବା ସବୁଠାରୁ ଜରୁରୀ। ସେଥିଲାଗି ଅଫିସରଙ୍କ ସହ ଭଲ ସମ୍ପର୍କ ରଖି କାମ ଆଦାୟ କରିବା ଶିଖ ବୋଲି ସେ କହିଛନ୍ତି।

ନଡ୍ଡା ଆହୁରି କହିଛନ୍ତି, ସରକାର ସହ ସଙ୍ଗଠନକୁ ନେଇ ଚାଲିବା ଦରକାର। ଏହାଛଡ଼ା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଭଲ ଭାବେ ଜାଣିବା ସହ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗ୍ରାଉଣ୍ଡକୁ ଯାଇ ଦେଖ। ବାସ୍ତବରେ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ଏବଂ ଲୋକଙ୍କ ନିକଟରେ ତା'ର ସୁଫଳତା କେତେ ମାତ୍ରାରେ ପହଞ୍ଚୁଛି ସେକଥା ଉପରେ ଗୁରୁତ୍ୱ ଦେବା ଦରକାର। ଏହାସହ ଲୋକମାନଙ୍କ ଜନଶୁଣାଣି କାର୍ଯ୍ୟକ୍ରମ କରିବା ସମୟରେ ନିଜ ବ୍ୟବହାର ପ୍ରତି ସଚେତନ ରହିବା ଜରୁରୀ। ଲୋକଙ୍କ ଅଭିଯୋଗ ଶୁଣିବା ସମୟରେ ସବୁବେଳେ ହସି ହସି କଥା ହେବା ଶିଖ। ଜଣେ କାର୍ଯ୍ୟକର୍ତ୍ତାଙ୍କ ସହ କିପରି କଥା ହେବ, ସେମାନଙ୍କୁ କେମିତି କାର୍ଯ୍ୟରେ ଲଗାଇବ ସେଥିପ୍ରତି ସଚେତନ ଓ ସତର୍କ ରହିବା ଜରୁରୀ। ଭାଜପାର ସ୍ୱତନ୍ତ୍ର ବିଚାରଧାରା ରହିଛି। ଏହାକୁ ସମସ୍ତ ବିଧାୟକ ଓ ସାଂସଦଙ୍କୁ ମାନିବାକୁ ପଡ଼ିବ ବୋଲି ନଡ୍ଡା କହିଛନ୍ତି। ଭାଜପା କର୍ମକର୍ତ୍ତାଙ୍କ କଠିନ ପରିଶ୍ରମ ଯୋଗୁ ଗତ ୩ ମାସରେ ସାଢ଼େ ୧୩ କୋଟି ମହିଳା ଓ ପୁରୁଷ ଭାଜପାର ସଦସ୍ୟ ହୋଇଛନ୍ତି। ☞ପୃଷ୍ଠା-୩

# ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ବାଣିଜ୍ୟକୁ ୩% ସଙ୍କୁଚିତ କରିପାରେ

## ଜାତିସଂଘ ଅର୍ଥନୀତିଜ୍ଞଙ୍କ ଆକଳନ

ଜାତିସଂଘ,୧୨।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିବାରୁ ଏହା ବିଶ୍ୱ ବାଣିଜ୍ୟକୁ ୩ ପ୍ରତିଶତ ସଂକୁଚିତ କରିପାରେ। ଏଥିସହିତ ଆମେରିକା ଏବଂ ଚାଇନା ଭଳି ବଜାରଗୁଡ଼ିକ ଆମେରିକା, କାନାଡ଼ା ଓ ବ୍ରାଜିଲକୁ ଖସିଯାଇପାରେ ବୋଲି ଜାତିସଂଘର ଶୀର୍ଷ ଅର୍ଥନୀତିଜ୍ଞ ଆକଳନ କରିଛନ୍ତି। ଟ୍ରମ୍ପ୍ ଗତ ସପ୍ତାହରେ ବ୍ୟାପକ ଟାରିଫ ଯୋଜନା କରିଥିବାବେଳେ ଚାଇନା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ପାଇଁ ଏହାକୁ ୯୦ ଦିନ ସ୍ଥଗିତ ରଖିଛନ୍ତି। ଚାଇନା ଉପରେ ଆମେରିକା ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ବେଜିଂ ମଧ୍ୟ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛି। ଏହାର ପ୍ରଭାବରେ ବିଶ୍ୱ ବାଣିଜ୍ୟ ୩ ପ୍ରତିଶତ ହ୍ରାସ ପାଇବା ସହ ବାଣିଜ୍ୟ ଢାଞ୍ଚା ଏବଂ ଅର୍ଥନୈତିକ ଏକୀକରଣରେ ଉଲ୍ଲେଖନୀୟ ଦୀର୍ଘମିଆଦୀ ପରିବର୍ତ୍ତନ ହୋଇପାରେ ବୋଲି ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାମେଲା କୋକ୍-ହାମିଲଟନ୍ ଜେନେଭାରେ କହିଛନ୍ତି।

ଉଦାହରଣ ସ୍ୱରୂପ, ଅତ୍ୟଧିକ ପ୍ରଭାବିତ ହୋଇଥିବା ମେକ୍ସିକୋ ରପ୍ତାନି ଆମେରିକା, ଚାଇନା ଏବଂ ୟୁରୋପୀୟ ବଜାରରୁ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକୁ ଶିଫ୍ଟ ହେଉଛି। କିଛି ପରିମାଣରେ ମେକ୍ସିକୋ ରପ୍ତାନି ଭାରତକୁ ମଧ୍ୟ ଆସୁଛି। ସେହିପରି ଭିଏତ୍‌ନାମ୍ ରପ୍ତାନି ଆମେରିକା, ମେକ୍ସିକୋ, ଚାଇନା ବଜାର ପରିବର୍ତ୍ତେ ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ବଜାର, ୟୁରୋପୀୟ ୟୁନିୟନ ଏବଂ କୋରିଆ ଚାଲିଯାଉଛି। ବିକଶିତ ରାଷ୍ଟ୍ରଗୁଡ଼ିକ ପାଇଁ ଆର୍ଥିକ ☞ପୃଷ୍ଠା-୩

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି, ୧୨।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୩ ମାଓବାଦୀ ଶନିବାର ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ବିଜାପୁର ଜିଲା ଇନ୍ଦ୍ରାବତୀ ଅଞ୍ଚଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ବନ୍ଧରେ ଗୋଇନ୍ଦା ସୂଚନା ମିଳିବାରୁ ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ବାହିନୀ ମିଳିତ ଭାବେ କୋମ୍ବିଂ କରିଥିଲେ। ପ୍ରଥମେ ମାଓବାଦୀମାନେ ଗୁଳି ଚାଳନା କରିଥିବା ବେଳେ ଜବାବରେ ସୁରକ୍ଷାକର୍ମୀ ମଧ୍ୟ ଗୁଳିଚାଳନା କରିଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷାକର୍ମୀ ସର୍ଚ୍ଚ ସମୟରେ ୩ ଜଣ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ।

**ଆଜିର ସମ୍ପାଦକୀୟ**

ଚାଇନାର ପ୍ରତିରୋଧ

**ଆଜିର ମନ୍ତବ୍ୟ**

“ଭାଜପା ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ବନ୍ଧୁତ୍ୱର ନବୀକରଣ 'ପରାଜୟର ଦୁର୍ନୀତିପୂର୍ଣ୍ଣ ମେଣ୍ଟ'। କ୍ଷମତା ପାଇଁ ଉଭୟ ଦଳ ରାଜ୍ୟର ସ୍ୱାୟତ୍ତତାକୁ ବନ୍ଧା ପକାଇଛନ୍ତି।

-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ




# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ଅଗ୍ନିଶମ କର୍ମଚାରୀମାନେ ଟ୍ରେନ୍‌ରେ ଲାଗିଥିବା ନିଆଁ ଲିଭାଉଛନ୍ତି।

ବାଲୁଗାଁ,୧୨।୪ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଷ୍ଟେଶନର ୩ ନମ୍ବର ପ୍ଲାଟଫର୍ମଠାରେ ଶନିବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ବିଶାଖାପାଟଣାରୁ କୋଇଲା ବୋଝେଇ ହୋଇ ଏକ ଟ୍ରେନ୍ ଖଡ଼ଗପୁର ଯାଉଥିଲା। ଅପରାହ୍ନ ପ୍ରାୟ ୩ଟାରେ ଟ୍ରେନଟି ଚିଲିକା ଷ୍ଟେଶନ ଦେଇ ଅତିକ୍ରମ କରୁଥିବା ବେଳେ ଇଞ୍ଜିନ ପଟୁ ୪୬ନଂ. ୱାଗନରୁ ଧୂଆଁ ବାହାରୁଥିବା ରେଳ କର୍ତ୍ତୃପକ୍ଷ ଦେଖିପାରି ତୁରନ୍ତ ବାଲୁଗାଁ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନଟି ବାଲୁଗାଁରେ ରହିବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ କୋଇଲାକୁ କୋଇଲା ଘଷି ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବା ପରେ ସନ୍ଧ୍ୟାରେ ଟ୍ରେନଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ଘଡ଼ଘଡ଼ି ସହ କୁଆପଥର ବର୍ଷା

ଭୁବନେଶ୍ୱର,୧୨।୪ (ଅନୁରାଧା ମହାରଣା)

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ କୁଆପଥର ବର୍ଷା ଜାରି ରହିଛି। ଶନିବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ରାୟଗଡା, କନ୍ଧମାଳ, ଗଞ୍ଜାମ, ନୟାଗଡ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୪୦.୦ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଖୋର୍ଦ୍ଧାରେ ୧୨ ମିମି, ନୟାଗଡ଼ରେ ୮ ମିମି, ଦାରିଙ୍ଗବାଡ଼ିରେ ୪ ମିମି, ତାଳଚେରରେ ୨.୨ ମିମି ଏବଂ ଅନୁଗୋଳରେ ୨.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଦିନବେଳା ଖରା ଓ ଗୁଳୁଗୁଳି ମଧ୍ୟ ଲୋକଙ୍କୁ ଅତିଷ୍ଠ କରୁଛି। ରାଜ୍ୟର ପ୍ରାୟ ୬ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଜାରି ରହିବ। ଫଳରେ ଆଗାମୀ ଦିନରେ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ରବିବାର ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ସୁନ୍ଦରଗଡ଼, କେନ୍ଦୁଝର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ଦେବଗଡ଼, ଅନୁଗୋଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲାରେ ବର୍ଷା ଓ ଘଡ଼ଘଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।


ସୁଟ୍‌କେସ୍‌ରୁ ଯୁବତୀଙ୍କୁ ଉଦ୍ଧାର କରାଯାଉଛି।

# ସୁଟ୍‌କେସ୍‌ରେ ଗର୍ଲଫ୍ରେଣ୍ଡ: ଛାତ୍ରାବାସରେ ଧରାପଡ଼ିଲା

ସୋନିପଥ, ୧୨।୪

ହରିୟାଣା ସୋନିପଥସ୍ଥିତ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିରୁ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ଛାତ୍ର ନିଜ ପ୍ରେମିକାଙ୍କୁ ପାଖରେ ରଖିବା ପାଇଁ ତାଙ୍କୁ ସୁଟ୍‌କେସ୍‌ରେ ବନ୍ଦ କରି ଛାତ୍ରାବାସକୁ ନେବାକୁ ଚେଷ୍ଟା କରିଥିଲେ। ତେବେ ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀ ସୁଟ୍‌କେସ୍ ଯାଞ୍ଚ କରି ଏହା ମଧ୍ୟରେ ଜଣେ ଝିଅ ଥିବାର ଦେଖିବାକୁ ପାଇଥିଲେ। ଛାତ୍ରାବାସରେ ନିୟୋଜିତ ଜଣେ ସୁରକ୍ଷା କର୍ମୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ନିଜ ସୁଟ୍‌କେସ୍‌ରେ ଜଣେ ଝିଅଙ୍କୁ ରଖି ଛାତ୍ରାବାସ ନେଇ ଯାଉଥିଲେ। ଏହି ସମୟରେ ହଷ୍ଟେଲ ଗେଟ୍ ନିକଟରେ ସୁଟ୍‌କେସ୍‌ଟି କୌଣସି ଜିନିଷରେ ମାଡ଼ ହୋଇଯାଇଥିଲା, ଫଳରେ ସୁଟ୍‌କେସ୍ ଭିତରେ ଥିବା ଝିଅ ଜଣକ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଛାତ୍ରାବାସରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ସନ୍ଦେହ ହୋଇଥିଲା। ଫଳରେ ସେଠାରେ ଉକ୍ତ ସୁଟ୍‌କେସ୍‌ର ଯାଞ୍ଚ କରାଯାଇଥିଲା। ସୁଟ୍‌କେସ୍ ଖୋଲିବା ପରେ ଏହା ମଧ୍ୟରେ ଜଣେ ଛାତ୍ରୀ ବସିରହିଥିବାର ଦେଖିବାକୁ ☞ପୃଷ୍ଠା-୩



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ, ସମୟ: ସକାଳ ୬ଟା ୩୦ । ସନ୍ଧ୍ୟା ଅଧିବେଶନ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ।
- ପ୍ରୟାସର ଆନୁଆଲ ମିଟ୍, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ।
- ଖବରଦାତା ସମ୍ମିଳନୀ, ସ୍ଥାନ: ସରକାରୀ ହାଇସ୍କୁଲ, ବଡ଼ଗଡ଼, ସମୟ: ଅପରାହ୍ନ ୫ଟା ।

### ବାଲେଶ୍ୱର
- ବରିଷ୍ଠ ମହିଳା କ୍ରିକେଟ ଚୟନ ଶିବିର, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ସପ୍ତମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଚତୁର୍ଥ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।

### ଭଦ୍ରକ
- ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି, ଆମ ଖାଦ୍ୟ ଉତ୍ସବ, ସ୍ଥାନ: ପୌରପାଳିକା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା ।
- ସିଦ୍ଧ ମହାବୀର ମନ୍ଦିରର ବାର୍ଷିକୋତ୍ସବ ଉପଲକ୍ଷେ ଅଧିବାସ, ସ୍ଥାନ: ଆଡ଼ିଆ ଗିରିଧାରୀନଗର, ବନ୍ତ, ସମୟ: ଅପରାହ୍ନ ୫ଟା ।
- ମିଛ କବିତା ସାହିତ୍ୟ ସଂସଦର ବାର୍ଷିକ ସମାବର୍ତ୍ତନ ସମାରୋହ, ସ୍ଥାନ: ମଠଡିହ ବଜାର, ଆରଡ଼ି, ସମୟ: ସନ୍ଧ୍ୟା ୬ଟା ।

### କେନ୍ଦୁଝର
- ହନୁମାନ ମନ୍ଦିରର ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଭଜନ ସନ୍ଧ୍ୟା, ସ୍ଥାନ: ଅଣା ଅଖଣ୍ଡ ଧନୀ ମଠ, ଛେନାପଦି, ସମୟ: ସକାଳ ୮ ଟା ।

### ମୟୂରଭଞ୍ଜ
- ବୁଢ଼ୀ ଠାକୁରାଣୀଙ୍କ ପୂଜା ଉତ୍ସବ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ ଓ ଶୀର୍ଷାପାଳ ଛକ, ମୋରଡ଼ା, ସମୟ: ସକାଳ ୮ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଂଟରେ ଖେରୱାଲ କ୍ଲବିଦ ସହିତ ଶାନ୍ତିନିକେତନ ୱାଇସି, ସ୍ଥାନ: ଷ୍ଟାଡିୟମ ପଡିଆ ବାରିପଦା, ସମୟ: ସକାଳ ୮ଟା ।
- ମା' ଲାଲପାଟ ସାଲ ପାଟ ଗ୍ରାମଦେବୀଙ୍କ ଜନ୍ମ ବାର୍ଷିକୀ ଉତ୍ସବର ସର୍ବସାଧାରଣ ପୂଜା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୧୫ ବାରିପଦା, ସମୟ: ସକାଳ ୯ ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡିଆ, ବାରିପଦା, ସମୟ: ଅପରାହ୍ନ ୪ ଟା ।
- ପ୍ରସିଦ୍ଧ ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧା ୭ ଟା ।
- ଉତ୍ତର ଓ ଦକ୍ଷିଣ ସାହି ଭକ୍ତା ଉଡ଼ାପର୍ବର ପୂଜାପାଠ, ସ୍ଥାନ: ବାରିପଦା, ସମୟ: ରାତ୍ର ୮ ଟା ।

### ଢେଙ୍କାନାଳ
- ଶ୍ରୀ ହନୁମାନଙ୍କ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠର ଅଙ୍କୁରରୋପଣ, ସ୍ଥାନ: କାମାକ୍ଷାନଗର ହନୁମାନ ମନ୍ଦିର, ସମୟ: ଅପରାହ୍ନ ୫ଟା ।
- କାଠୁବାକୀ ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ ପରିସର,ସମୟ:ସନ୍ଧ୍ୟା ୭ଟା ।

### ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଚିକିତ୍ସାଳୟ ଓ କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ମିଳିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବନ୍ଦର ଚିକିତ୍ସାଳୟ, ବଡ଼ପଡିଆ, ପାରାଦୀପ ସମୟ: ସକାଳ ୮ ଟା ।
- ପାରାଦୀପ କଲେଜ ପରିସରରେ ରକ୍ତଦାନ ଶିବିର, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ ଟା ।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ ଟା ।
- ପାରାଦୀପ ପୌରପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ୨ ଦିନିଆ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ବାଲିଯାତ୍ରା ପଡ଼ିଆ, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା ।

### ରାୟଗଡ଼ା
- ମୁନିଗୁଡ଼ାରେ ମା' ରୁଦ୍ର କାଳୀଙ୍କ ଦଣ୍ଡନାଚ, ସ୍ଥାନ: ପାଇକସାହି ମହାଲକ୍ଷ୍ମୀ ପୂଜା ପଡିଆ, ମୁନିଗୁଡା, ସମୟ: ସକାଳ ୯ଟା ।
- ନୂତନ ହନୁମାନ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡାଙ୍ଗସୋରଡ଼ାସ୍ଥିତ ଇନ୍ଦିରା ନଗର, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା ।

### ନବରଙ୍ଗପୁର
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

### କୋରାପୁଟ
- ବର୍ଷା ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ:ଦାମନଯୋଡ଼ି ନାଲକୋ ଟାଉନ୍‌ସିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା ୩୦ ।
- ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ମହିମା ଆଶ୍ରମ, ମସୁରୀ, ସମୟ:ପୂର୍ବାହ୍ନ ୧୧ଟା ।
- ବୁଢ଼ୀ ଠାକୁରାଣୀ ଯାତ୍ରା, ସ୍ଥାନ: ସୁନାବେଡ଼ା-୧, ସମୟ: ଅପରାହ୍ନ ୨ ଟା ।
- ଦେଓମାଳି ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ ଟା ।
- ମିଡିଆ ହାଉସ ଦାମନଯୋଡ଼ିର ବାର୍ଷିକ ଉତ୍ସବ, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର, ସମୟ: ସନ୍ଧ୍ୟା ୭ଟା ।

### ମାଲକାନଗିରି
- ମାଥିଲି ଲ୍ୟାମ୍ପସ୍ ରଥ ଶୁଭାରମ୍ଭର ୨ ଦିନ, ସ୍ଥାନ: ୪ ପଞ୍ଚାୟତ ପରିଭ୍ରମଣ, ସମୟ: ସକାଳ ୭ଟା ।
- ଚିତ୍ରକୋଣ୍ଡା ବନାଞ୍ଚଳର ପଶୁପକ୍ଷୀ ଶିକାର ନିଷେଧ ପଥପ୍ରାନ୍ତ ନାଟକ, ସ୍ଥାନ: ଚିତ୍ରକୋଣ୍ଡା ଦୈନିକ ବଜାର, ସମୟ:ପୂର୍ବାହ୍ନ ୧୦ଟା ୩୦ ।

### ସମ୍ବଲପୁର
- ୩୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୮ଟା ।
- ବନ୍ଦନା ଆର୍ଟ କର୍ନର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଫ୍ୟୁଜନ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଫାର୍ମ ରୋଡ ସ୍ଥିତ ସିଟି ସେଣ୍ଟର, ସମୟ : ସକାଳ ୯ଟା ।
- ଜିଲାପ୍ରଶାସନ ଆୟୋଜନରେ ପାରମ୍ପାରିକ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା ।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ ଟା ।

### ରାଉରକେଲା
- ହନୁମାନ ଜୟନ୍ତୀ ପାଳିତ,ସ୍ଥାନ: ଶଙ୍କଟ ମୋଚନ ମନ୍ଦିର, ଷ୍ଟେସନରୋଡ, ସମୟ: ସକାଳ ସାଢେ ୫ଟା ।
- ଅଲ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସନ୍ଧ୍ୟା ସାଢେ ୬ଟା ।
- ଜିଲା କବାଡି ଟୁର୍ନାମେଣ୍ଟ, ସ୍ଥାନ: ପାଙ୍କିଟାଙ୍କି ଖେଳ ପଡିଆ, ବାସନ୍ତୀ କଲୋନୀ ସମୟ: ସନ୍ଧ୍ୟା ସାଢେ ୬ଟା ।
- ନିଖିଳ ଉତ୍କଳ କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ,ସ୍ଥାନ: ଭଞ୍ଜଭବନ, ସେକ୍ଟର-୫ ସମୟ: ସକାଳ ସାଢେ ୯ଟା ।
- କୈବତ ସମାଜର ୨୫ତମ ବାର୍ଷିକ ସମ୍ମିଳନୀ,ସ୍ଥାନ: ସେକ୍ଟର-୫,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ସମାବେଶ,ସ୍ଥାନ:ସେକ୍ଟର--୨,ସମୟ:ପୂର୍ବାହ୍ନ ୧୦ଟା।

### ବରଗଡ଼
- ସି. ଏମ ଟ୍ରଫି ଫୁଟବଲ,ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୮ଟା ।
- ପପଙ୍ଗା ପାହାଡ଼ ମହୋତ୍ସବ କଳସଯାତ୍ରା, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ସକାଳ ୮ଟା ।
- ପାରମ୍ପରିକ ଖାଦ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ବରଗଡ଼, ସମୟ: ସକାଳ ୯ଟା ।
- ଗୋ ବିଜ୍ଞାନ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ତପୋବନ, ବରଗଡ଼, ସମୟ: ଅପରାହ୍ନ ୩ଟା ।

### କଳାହାଣ୍ଡି
- ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିକାଶ ଇନଷ୍ଟିଚ୍ୟୁଶନ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଆପକ୍ଷ ପାଳନ ଅବସରରେ ଓଡ଼ିଆ ଖାଦ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଷୋହଳପ୍ରହର ନାମଯଜ୍ଞର କଳସଯାତ୍ରା ଓ ଅଧିବାସ, ସ୍ଥାନ: ଲାଞ୍ଜିଗଡ଼ ସାପ୍ତାହିକ ବଜାର ପରିସର, ସମୟ: ଅପରାହ୍ନ ୩ଟା ୦୫ ।

### ବୌଦ୍ଧ
- ବୌଦ୍ଧ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିନ ନାଟକ ଲଙ୍କାଦହନ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ରାମଲିଳା ଯାତ୍ରାର ଅଷ୍ଟମ ଦିବସ ନାଟକ ସୁଗ୍ରୀବ ମିତ୍ରତା ଓ ବାଳୀବଧ,ସ୍ଥାନ: ବହିରା ରାମଲିଳା ମଣ୍ଡପ,ବହିରା, ସମୟ:ରାତି ୯ଟା ।

### ଦେବଗଡ଼
- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା ।
- ପାରମ୍ପରିକ ଖାଦ୍ୟ ଦିବସ ପାଳନ, ଆମ ରୁଚି ଆମ ଖାଦ୍ୟ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୮ଟା ।
- ଶ୍ରୀ ରାମନବମୀ ମହୋତ୍ସବ ପୂଜା, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା ।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେଶବ ସଂଯୁକ୍ତ ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ନାଗେଶ୍ୱର ବାବା ଶିବ ମନ୍ଦିର, ପୁରୁଣାଗଡ଼, ସମୟ: ଅପରାହ୍ନ ୫ଟା ୪୫ ।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀ ରାମନବମୀ ମହୋତ୍ସବ ଅବସରରେ ପ୍ରବଚନ, ଆଳତି ଓ ସମୂହ ହନୁମାନ ଚାଳିଶାପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା ।

### ସୁବର୍ଣ୍ଣପୁର
- ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀ ଅନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ଷଷ୍ଠ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଅଷ୍ଟମ ଦିବସରେ ତୁଳସୀ ରାମାୟଣ ପଠନ ଓ ନାଟକ ରାବଣ ବଧ ପରିବେଷଣ, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୮ଟା ।
- ତରଭା ବ୍ଲକ ସରଗଜରେ ରାମନବମୀର ଅଷ୍ଟମ ଦିବସ ଓ ନାଟକ ରାବଣ ବଧ ପରିବେଷଣ, ସ୍ଥାନ: ଗ୍ରାମ ସ୍ଥିତ ମଣ୍ଡପ, ସମୟ: ରାତି ୯ଟା ।
- ତରଭା ବ୍ଲକ ନକଟିକନା ଗାଁରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା ଓ ରାବଣ ବଧ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ରାମଲୀଳା ମଣ୍ଡପ, ସମୟ: ରାତି ୯ଟା ।

### ନୂଆପଡ଼ା
- ଆମ ରୁଚି ଆମ ଖାଦ୍ୟ ଉତ୍ସବ ପାଳନ, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ନୂଆପଡା, ସମୟ: ଅପରାହ୍ନ ୩ଟା ।
- ଫ୍ଲଡ଼୍‌ଲାଇଟ ତରବୋଡ ପ୍ରିମିୟର ଲିଗ୍ କ୍ରିକେଟ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ।
- ପ୍ରଭୁଦାସ ଶ୍ରୀ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ ସନ୍ଧ୍ୟା ୭ଟା ।
- ଷୋହଳପ୍ରହର ନାମଯଜ୍ଞ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ସକାଳ ୯ଟା ।
- ଗଣ୍ଡୱାନା ଟ୍ରଷ୍ଟ ପକ୍ଷରୁ କ୍ୟାରିୟର କାଉନସେଲିଂ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ଗୋପିନାଥ କଲେଜ ଅଫ ନର୍ସିଂ, ସମୟ: ପୂର୍ବାହ୍ନ ୧୧ଟା ।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ସପ୍ତମ ଦିବସ, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ ନୂଆପଡା, ସମୟ: ସକାଳ ୮ଟା ।

### ଝାରସୁଗୁଡ଼ା
- ଚୈତ୍ର ପୂର୍ଣ୍ଣିମା ପାଳନ, ସ୍ଥାନ: କୋଇଲି ଗୁଘର, ସମୟ: ସକାଳ ୮ଟା ।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: କାଲୋପତ୍ରା ନାମ ମଣ୍ଡପ, ସମୟ: ସକାଳ ୯ଟା ।
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜାର ସମାପନ ଉତ୍ସବ, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା ।

# ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ମାମଲା: ଜନସାଧାରଣଙ୍କ ଅଧିକାର ଓ ନ୍ୟାୟିକ ବିଜୟ

ଉମାବଲ୍ଲଭ ରଥ

ଓଡ଼ିଶାର ପୁରୀ ଜିଲାର ୨୨ଟି ମୌଜାର ଚାଷୀଙ୍କ ଜମି ରକ୍ଷା ପାଇଁ ଏକ ଦୀର୍ଘ ସଂଘର୍ଷର କାହାଣୀ ଆଜି ମଧ୍ୟ ଆଲୋଚନାର ବିଷୟ ହୋଇରହିଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ନାମରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଏକ ବିଶାଳ ଦୁର୍ନୀତିର ରୂପ ନେଇଥିଲା। ଏହି ପ୍ରକ୍ରିୟାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ପ୍ରାୟ ୧,୩୦୦ ଏକର ସାମିଲ ଥିଲା। ଏହି ଅମୃତ ମଣୋହି ଜମିରୁ ଉତ୍ପାଦିତ ଧାନ, ମୁଗ ଓ ଅନ୍ୟାନ୍ୟ ଫସଲ ଅମଳ ହୋଇ ଶ୍ରୀମନ୍ଦିରରେ ଭୋଗ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଏ, ଯାହା ଏକ ପ୍ରାଚୀନ ପ୍ରଥା। ଏହି ଦୁର୍ନୀତି ବିରୋଧରେ ସ୍ଥାନୀୟ ଚାଷୀମାନେ ଏକଜୁଟ ହୋଇ ଲଢ଼ିଥିଲେ, ଯେଉଁଥିରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୨୦୨୩ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ। ତେଣୁ ଏପ୍ରିଲ ୧୨ ତାରିଖକୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି। ସେହି ରାୟକୁ ଦୁଇବର୍ଷ ପୂର୍ଣ୍ଣ ହୋଇଛି। କିନ୍ତୁ ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଲେଖାରେ ଆମେ ଏହି ସଂଘର୍ଷର ପୂରା କାହାଣୀ, ଚାଷୀଙ୍କ ବିଜୟ, ଓକିଲମାନଙ୍କ ଅବଦାନ, ଗଣମାଧ୍ୟମ, ରାଜନେତା, ଶ୍ରୀମନ୍ଦିର ସେବାୟତ ଓ ରାଜନୈତିକ ଦଳମାନଙ୍କ ଅବଦାନ ଏବଂ ସରକାରୀ ଅବହେଳା ଉପରେ ଆଲୋକପାତ କରିବା।

## ଜମି ଅଧିଗ୍ରହଣ ଓ ଦୁର୍ନୀତିର ଆରମ୍ଭ

୨୦୦୬ରେ ଅନିଲ ଅଗ୍ରୱାଲଙ୍କ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଓଡ଼ିଶା ସରକାରଙ୍କ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରି ପୁରୀ ଜିଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଣିଥିଲା। ଏହି ପ୍ରକଳ୍ପ ପାଇଁ ପ୍ରାୟ ୬,୮୯୨ ଏକର ଜମି ଅଧିଗ୍ରହଣ କରାଯିବାର ଯୋଜନା ହୋଇଥିଲା, ଯେଉଁଥିରୁ ଅଧିକାଂଶ ଜମି ଥିଲା କୃଷିଜମି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବାରୁ ସ୍ଥାନୀୟ ଚାଷୀମାନେ ଏହାର ବିରୋଧ କରିଥିଲେ। ୨୨ଟି ମୌଜାର ବାସିନ୍ଦା ଏକାଠି ହୋଇ ଏହି ଅଧିଗ୍ରହଣ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟାରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ତତ୍କାଳୀନ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ସମ୍ପର୍କ ଦେଖାଦେଇଥିଲା, ଯାହାକୁ ଏକ ଭିତିରି ବୁଝାମଣା ଭାବେ ବର୍ଣ୍ଣନା କରାଯାଇଥିଲା। ଏହି ଦୁର୍ନୀତିରେ ତତ୍କାଳୀନ ପୁରୀ ଜିଲାପାଳଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ଅନେକ ପବ୍ଲିକ ସର୍ଭାଣ୍ଟ ଜଡ଼ିତ ଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଯିଏ ଜଣେ ପ୍ରଭାବଶାଳୀ ଆଇଏଏସ୍ ଅଫିସର ଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରେ କାମ କରୁଥିଲେ ସେ ଏହି ପ୍ରକଳ୍ପକୁ ଅତ୍ୟଧିକ ପ୍ରୋତ୍ସାହନ ଦେଇଥିଲେ। ଏହା ପରେ ଲୋକପାଳଙ୍କ ତଦନ୍ତରେ ଏକ ଦୁର୍ନୀତି ଭାବେ ଉଜାଗର ହୋଇଥିଲା। ୨୦୧୦ରେ ଓଡ଼ିଶା ଲୋକପାଳ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଅନିୟମିତତା ଥିବା ଆଲୋଚନା କରି ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ତଦନ୍ତ ପାଇଁ ସୁପାରିସ କରିଥିଲେ। ଲୋକପାଳଙ୍କ ରିପୋର୍ଟ ଅନୁଯାୟୀ, ସରକାର ଅତ୍ୟନ୍ତ ଦ୍ରୁତ ଗତିରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ଅନୁରୋଧକୁ ମାନିନେଇଥିଲେ, ଯାହା ଏକ ସ୍ୱାର୍ଥପର ସମ୍ପର୍କକୁ ଇଙ୍ଗିତ କରୁଥିଲା।

## ଦୁର୍ନୀତିର ଉନ୍ମୋଚନ ଓ ଗଣମାଧ୍ୟମର ଭୂମିକା

ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଖବରଦାତା ଏବଂ ସାମାଜିକ କର୍ମୀମାନେ ବେଦାନ୍ତ ବିଶବିଦ୍ୟାଳୟ ପ୍ରକଳ୍ପ ନାମରେ ହେଉଥିବା ଦୁର୍ନୀତିକୁ ଉଜାଗର କରିଥିଲେ। ଏହା ସାମ୍ନାକୁ ଆସିଥିଲା ଯେ ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ଜମି ମଧ୍ୟରୁ ଅନେକ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଥିଲା, ଯାହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଅନୁଯାୟୀ ଅବୈଧ ଥିଲା। ଏହା ସହିତ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ଘରୋଇ କମ୍ପାନୀ ହୋଇଥିବାରୁ ଏତେ ବଡ଼ ପରିମାଣର ଜମି ଅଧିଗ୍ରହଣ କରିବା ଆଇନଗତ ଭାବେ ଅସମ୍ଭବ ଥିଲା। ଏହି ଦୁର୍ନୀତି ଉନ୍ମୋଚନରେ ଗଣମାଧ୍ୟମ ବିଶେଷକରି ଖବରକାଗଜଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ନେତୃତ୍ୱ ଓ ଚାଷୀଙ୍କ ସଂଘର୍ଷ

ଏହି ଆନ୍ଦୋଳନର ସଫଳତା ପଛରେ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସଂଘର୍ଷ ସମିତିର ସଭାପତି ଭାବେ ୨୨ଟି ମୌଜାର ବାସିନ୍ଦାମାନଙ୍କୁ ଏକାଠିକରି ଏହି ଲଢ଼େଇକୁ ନେତୃତ୍ୱ ଦେଇଥିଲେ। ବେଣୁଧର ଜଣେ ସାଧାରଣ ଚାଷୀ ହୋଇଥିଲେ ମଧ୍ୟ ତାଙ୍କର ଦୃଢ଼ ସଂକଳ୍ପ ଓ ନ୍ୟାୟ ପାଇଁ ଲଢ଼ିବାର ଅଦମ୍ୟ ଇଚ୍ଛା ଏହି ଆନ୍ଦୋଳନକୁ ଏକ ନୂଆ ଦିଗ ଦେଇଥିଲା। ସେ ସ୍ଥାନୀୟ ଚାଷୀଙ୍କୁ ଏକାଠି କରି ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ ଏବଂ ଏହି ଅଧିଗ୍ରହଣ ବିରୋଧରେ ଏକ ସଙ୍ଗଠିତ ଆନ୍ଦୋଳନ ଗଢ଼ି ତୋଳିଥିଲେ। ବେଣୁଧରଙ୍କ ନେତୃତ୍ୱରେ ଚାଷୀମାନେ ବିଭିନ୍ନ ପ୍ରଦର୍ଶନ, ଧାରଣା ଏବଂ ସଭା ଆୟୋଜନ କରିଥିଲେ। ସେମାନେ ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ। ଆନ୍ଦୋଳନ ଚାଲୁଥିବା ସମୟରେ ଜିଲା ପୋଲିସ ପ୍ରଶାସନ ଓ କମ୍ପାନୀ ତା'ର ଲୋକଙ୍କୁ ଧରି ଏହି ଜମି ଉପରେ ପାଚେରି ନିର୍ମାଣ ପାଇଁ ହିଂସାକାଣ୍ଡ ସୃଷ୍ଟି କରିଥିଲେ। ସରକାରଙ୍କ ଏହି ଷଡ଼ଯନ୍ତ୍ରକୁ ୨୨ଟି ମୌଜାର ଯୁବକ ଓ ମହିଳାମାନେ ମୁକାବିଲା କରି ଏହାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ଆନ୍ଦୋଳନ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ଚାଷୀମାନଙ୍କ ଜୀବନ ଜୀବିକା ଏବଂ ସଂସ୍କୃତି ରକ୍ଷା ପାଇଁ ଏକ ଲଢ଼େଇ ଥିଲା।

## ଓକିଲଙ୍କ ଅବଦାନ ଓ ଆଇନଗତ ଲଢ଼େଇ

ଏହି ଆନ୍ଦୋଳନକୁ ଆଇନଗତ ରୂପ ଦେବାରେ ଓକିଲମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଓକିଲମାନେ ବିନା ଫି'ରେ ଏହି ମକଦ୍ଦମା ଲଢ଼ିଥିଲେ, ଯାହା ଏହି ଲଢ଼େଇକୁ ଆହୁରି ସଶକ୍ତ କରିଥିଲା। ସ୍ଥାନୀୟ ଚାଷୀଙ୍କ ସପକ୍ଷରେ ଓକିଲମାନେ ଓଡ଼ିଶା ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବିରୋଧରେ ମାମଲା ଦାଏର କରିଥିଲେ। ୨୦୧୦ରେ ଓଡ଼ିଶା ହାଇକୋର୍ଟ ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ, କାରଣ ଏହା ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଏବଂ ଭାରତୀୟ ସମ୍ବିଧାନର ଧାରା ୩୦୦ ଏ' ଅନୁଯାୟୀ ଅନୁମୋଦିତ ନ ଥିଲା। ଏହି ରାୟକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ୨୦୨୩ ଏପ୍ରିଲ ୧୨ରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ବଳବତ୍ତର କରି ଏହି ଅଧିଗ୍ରହଣକୁ ଅବୈଧ ଘୋଷଣା କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଜମି ଚାଷୀମାନଙ୍କୁ ଫେରାଇ ଦିଆଯାଉ ଏବଂ ଅମୃତ ମଣୋହି ଜମି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଉ।

## ଶ୍ରୀମନ୍ଦିର ସେବାୟତ, ରାଜନେତା ଓ ରାଜନୈତିକ ଦଳଙ୍କ ଅବଦାନ

ଏହି ଲଢ଼େଇରେ ଅନେକ ରାଜନେତା, ଶ୍ରୀମନ୍ଦିର ସେବାୟତ ଏବଂ ରାଜନୈତିକ ଦଳଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଜେଡି ବ୍ୟତୀତ ଅନ୍ୟସବୁ ଦଳର ନେତାମାନେ ଆନ୍ଦୋଳନ ସ୍ଥଳକୁ ଆସି ସମର୍ଥନ କରିଥିଲେ। ବିଶେଷକରି କଂଗ୍ରେସ ସମ୍ପୂର୍ଣ୍ଣ ସକ୍ରିୟ ଭାବରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାରେ ସହଯୋଗ କରିଥିଲା।

## ସରକାରୀ ଅବହେଳା ଓ ଅନୁଷ୍ଠାନର ଅଭାବ

ଯଦିଓ ସୁପ୍ରିମକୋର୍ଟ ୨୦୨୩ ଏପ୍ରିଲ ୧୨ରେ ଏହି ଜମି ଅଧିଗ୍ରହଣକୁ ଅବୈଧ ଘୋଷଣା କରି ଚାଷୀଙ୍କ ପକ୍ଷରେ ରାୟ ଦେଇଥିଲେ, ଦୁଃଖର ବିଷୟ ଯେ ସରକାର ଏହି ରାୟକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ଦୁର୍ନୀତିରେ ଜଡ଼ିତ ଥିବା ଅଧିକାରୀମାନଙ୍କ ବିରୋଧରେ ଯଥା ତତ୍କାଳୀନ ପୁରୀ ଜିଲାପାଳ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ସଂଘର୍ଷ କେବଳ ଜମି ରକ୍ଷା ପାଇଁ ନୁହେଁ ବରଂ ନ୍ୟାୟ ଓ ସଚ୍ଚୋଟତା ପାଇଁ ଏକ ଐତିହାସିକ ଲଢ଼େଇ ଥିଲା। ଏପ୍ରିଲ ୧୨କୁ କୃଷକଙ୍କ ବିଜୟ ଦିବସ ଭାବେ ଗ୍ରହଣ କରାଯାଇଛି, ଯାହା ଚାଷୀମାନଙ୍କ ଏକତା ଓ ସଂଘର୍ଷର ପ୍ରତୀକ ହୋଇରହିଛି।

-ପୂର୍ବତନ ବିଧାୟକ, ପୁରୀ
ଆବାହକ, ବେଦାନ୍ତ ବିଶ୍ୱବଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି, ବେଲଦଳ, ପୁରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ପରିବାରର ସୁବିଧା ଅସୁବିଧା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହେବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ଅର୍ଥ ପାଇଁ ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରାରେ ବିଳମ୍ବିତ ସମୟରେ କୃତ୍ତିକା ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସୂଚନା ରହିଛି।

**ବୃଷ**: ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ମୃଗଶିରା ନକ୍ଷତ୍ର ସକାଳୁ ସକାଳୁ କୌଣସି ବ୍ୟକ୍ତି ସହ ତର୍କ କରି ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକ କାମ ହାସଲ କରିପାରିବେ। ବନ୍ଧୁ ଗହଣରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ**: କାମ ହାସଲ ସକାଶେ ପ୍ରିୟଜନଙ୍କ ସହଯୋଗର ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ। ଆର୍ଦ୍ରା ନକ୍ଷତ୍ରର ପ୍ରଶାସନିକ ସ୍ତରରେ କାମ ଅଟକି ରହିଥିବାରୁ ମନ ଭଲ ରହିନପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେଇପାରନ୍ତି। କର୍ମକ୍ଷେତ୍ର କିମ୍ବା ବୃତିଗତ ଧନ୍ଦାରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କର୍କଟ**: ପରିବାରର ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅଶ୍ଲେଷା ନକ୍ଷତ୍ର ଅନିୟମିତ ଭୋଜନଜନିତ ପେଟପୀଡ଼ା ଅନୁଭବ କରିପାରନ୍ତି। ସ୍ଥଗିତ କାମର ବହୁଳତାଜନିତ କର୍ମକ୍ଷେତ୍ରରେ ଭାବୁଥିବା କାମଟିକୁ ଆଜି ଶେଷ କରିପାରିବେନି।

**ସିଂହ**: ପୂର୍ବର କଳହକୁ ମନେପକାଇ ଦେଖିଲେ ମଧ୍ୟ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ମଘା ନକ୍ଷତ୍ର ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ସନ୍ଦେହୀ ମନ ବୁଝିବ ନାହିଁ। ଆଜିର ଯାତ୍ରା, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**କନ୍ୟା**: କର୍ମକ୍ଷେତ୍ରରେ ତରବରିଆ ହୋଇ କୌଣସି କାମ କରନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହେବ। ଆବଶ୍ୟକୀୟ ଜିନିଷପତ୍ର ଅଭାବରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ଖୋଜି ଖୋଜି ଆଶା ଛାଡ଼ିଦେଇଥିବା ଜିନିଷଟି ହଠାତ୍ ପାଇଯିବେ।

**ତୁଳା**: ବନ୍ଧୁମିଳନ ପରିବେଶରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗର ସୂଚନା ରହିଛି। ସ୍ୱାତୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ବିଛା**: ଜ୍ୟେଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ସୁଧୁରିନଥିବା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଖାଦ୍ୟପେୟ ଠିକ୍ ରହିବ ନାହିଁ, ଫଳରେ ସ୍ୱାସ୍ଥ୍ୟହାନି ଘଟିପାରେ। ଆନୁଷ୍ଠାନିକ କାମ, ଧାର୍ମିକ କାର୍ଯ୍ୟ ଓ ସଭାସମିତି ପାଇଁ ବ୍ୟଗ୍ରତା ପ୍ରକାଶ ପାଇବ।

**ଧନୁ**: ଉତ୍ତରାଷାଢ଼ା ନକ୍ଷତ୍ରର ପରସ୍ପର ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଅବହେଳା କାରଣରୁ କୈଫିୟତ ଦେବାକୁ ପଡ଼ିପାରେ। ଈର୍ଷାପରାୟଣତା କାରଣରୁ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**ମକର**: ପୂର୍ବର ସମ୍ମାନ ଫେରିପାଇବା କିମ୍ବା କର୍ମକ୍ଷେତ୍ରରେ ପୁନଃ ନିଯୁକ୍ତି ଖବର ପାଇ ମନ ଖୁସି ହୋଇଯିବ। ନିକଟରେ ରହୁଥିବା ଲୋକଟି ସାହାଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ଦରକାରୀ ଜିନିଷଟି ଅନ୍ୟକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ରର ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**କୁମ୍ଭ**: ଶାରୀରିକ ସୁସ୍ଥତା ସାଙ୍ଗକୁ ଦୃଢ଼ ମନୋବଳ ସ୍ଥଗିତ କାମକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ବ୍ୟସ୍ତତାଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଶତଭିଷା ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ପାଇଁ ମନ ବଳାଇବେ।

**ମୀନ**: ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେବ। ବନ୍ଧୁଙ୍କ ଦ୍ୱାରା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ବିଫଳତାକୁ ନେଇ ଅନ୍ୟମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ରେବତୀ ନକ୍ଷତ୍ରର ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। କଚେରି ମାମଲା କିମ୍ବା ଜମିଜମା ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିପାରେ।

ଆଜି ଏପ୍ରିଲ ୧୩ ତାରିଖ, ଜାଲିଆନାୱାଲାବାଗ ଦିବସ, ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ, ମାସାନ୍ତ, ବୈଶାଖ କୃଷ୍ଣ ପ୍ରତିପଦା ରବିବାର, ରାଶି ନକ୍ଷତ୍ର-ଚିତ୍ର/କନ୍ୟା ଘ.୦୭।୩୮ ଗତେ ତୁଳା/ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ. ୦୩।୪୨ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧.୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁକାଳ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI



# ପାରିବାରିକ ହିଂସା | ୨ ମୃତ, ୨ ଗୁରୁତର

ପାରିବାରିକ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମ୍ପତ୍ତି ବିବାଦ, ପାରିବାରିକ କଳହ କିମ୍ବା ସନ୍ଦେହ ଭଳି ଘଟଣାକୁ ନେଇ ବର୍ବରକାଣ୍ଡ ଘଟୁଥିବାବେଳେ ଏହାକୁ ରୋକିହେଉନାହିଁ। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି କିଛି ଘଟଣା ଘଟିଛି, ଯେଉଁଠି ଅଭିଯୁକ୍ତ ଆଉ କେହି ନୁହଁନ୍ତି, ବରଂ ରକ୍ତର ସମ୍ପର୍କ। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବେଲବାରିଆ ଗ୍ରାମରେ ଚୁଟି କଟା ଷ୍ଟାଇଲକୁ ବିରୋଧ କରିବାରୁ ଜଣେ ନାବାଳକ ତାଙ୍କ ବାପାଙ୍କ ବେକକୁ କଟୁରିରେ ହାଣି ପକାଇଥିବାବେଳେ କେନ୍ଦୁଝର ଜିଲା ତାଳକଇଁସାରି ଗ୍ରାମରେ ଜମିଜମା ବିବାଦକୁ ନେଇ ଜଣେ ଯୁବକ କକାଙ୍କୁ ହତ୍ୟା କରି କଟା ମୁଣ୍ଡ ଧରି ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଞ୍ଚଳରେ ଜଣେ ସାନଭାଇ ତାଙ୍କ ବଡ଼ଭାଇଙ୍କୁ ତୀରମାଡ଼ କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେହିପରି କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳରେ ପାରିବାରିକ ବିବାଦକୁ ନେଇ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ କଟୁରି ଚୋଟ ସ୍ତ୍ରୀଙ୍କ କାଖରେ ଥିବା ଶିଶୁକନ୍ୟା ମୁଣ୍ଡରେ ବାଜିଥିଲା। ଶିଶୁକନ୍ୟା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଚୁଟି କଟାକୁ ବିରୋଧରୁ ବାପାଙ୍କୁ ହାଣିଲେ ନାବାଳକ ପୁଅ

ବାଲେଶ୍ୱର,୧୨।୪(ବାଞ୍ଛାନିଧି ଦେ)

ଆଧୁନିକ ଷ୍ଟାଇଲରେ ଚୁଟିକଟାକୁ ବିରୋଧ କରିବାରୁ ବାପାଙ୍କୁ ତେଲେଙ୍ଗା କଟୁରିରେ ଆକ୍ରମଣ କରିଛନ୍ତି ନାବାଳକ ପୁଅ। ଗୁରୁତର ଅବସ୍ଥାରେ ବାପାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ଥାନା ଅଧୀନ ବେଲବାରିଆ ଗ୍ରାମରେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ନିକଟରେ ମାଟ୍ରିକ ପରୀକ୍ଷା ଦେଇଥିବା ନାବାଳକ ପୁଅ ଶନିବାର ଚୁଟି କାଟି ଘରକୁ ଫେରିଥିଲେ। ଚୁଟି କଟା ଷ୍ଟାଇଲକୁ ଦେଖି ତାଙ୍କ ବାପା ବିରୋଧ କରିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାଶୁଣି ନାବାଳକଙ୍କ ମା' ଆସି ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ହଠାତ୍ ଉତ୍ତ୍ୟକ୍ତ ହୋଇ ବ୍ୟକ୍ତି ଜଣକ ନିଜ ସ୍ତ୍ରୀଙ୍କୁ ଚାପୁଡ଼ାଏ ମାରିଥିଲେ। ଏଥିରେ ନାବାଳକ ପୁଅ ହଠାତ୍ ହିଂସ୍ର ହୋଇଯାଇ ଘରୁ ଏକ ତେଲେଙ୍ଗା କଟୁରି ଆଣି ବାପାଙ୍କୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ବ୍ୟକ୍ତି ଜଣକ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଆହତ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କକାଙ୍କ ମୁଣ୍ଡ କାଟି ହତ୍ୟା

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତାଳକଇଁସାରି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଯାଇଛି। ଜମି ବିବାଦକୁ କେନ୍ଦ୍ରକରି କକାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗାକରି ଦେଇଛନ୍ତି ପୁତୁରା। ହତ୍ୟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟାମୁଣ୍ଡକୁ ବ୍ୟାଗ୍‌ରେ ଧରି ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତକ ହେଲେ ଗ୍ରାମର ହରି ଦେହୁରୀ (୫୧)। ପୋଲିସ ଅଭିଯୁକ୍ତ ପୁତୁରା କବି ଦେହୁରୀ (୩୫)ଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି। ପୋଲିସ ଅନୁଯାୟୀ, ହରି ଏବଂ କବି ଉଭୟେ ☞ପୃଷ୍ଠା-୩

## ଭାଇଙ୍କୁ ତୀର ମାରି ହତ୍ୟା ପରେ ବିଷ ପିଇଲେ ସାନ

ଲହୁଣୀପଡ଼ା,୧୨।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଲୁଙ୍ଗା ଗ୍ରାମରେ ଶନିବାର ସକାଳ ପ୍ରାୟ ୧୦ଟାରେ ସାନଭାଇର ତୀରମାଡ଼ରେ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମିୟା ମୁଣ୍ଡା(୪୫)। ଏହି ଘଟଣା ପରେ ଭୟରେ ସାନଭାଇ ସନାତନ ମୁଣ୍ଡା (୪୦) ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୦/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୁଙ୍ଗା ଗ୍ରାମର ଗମିୟା ଓ ସାନଭାଇ ସନାତନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହି ଆସିଥିଲା। ଶନିବାର ଘରେ କେହି ନ ଥିବାର ସୁଯୋଗ ନେଇ ସନାତନ ବଡ଼ଭାଇ ଗମିୟାଙ୍କୁ ତୀରମାଡ଼ କରିଥିଲେ। ଘଟଣା ସ୍ଥଳରେ ହିଁ ଗମିୟାଙ୍କ ମୃତ୍ୟୁ ଘଟିଥିଲା। ଗମିୟାଙ୍କ ମୃତ୍ୟୁ ହେବା ଜାଣି ଭୟରେ ସନାତନ ବିଷ ☞ପୃଷ୍ଠା-୩

## ସ୍ତ୍ରୀଙ୍କୁ କଟୁରିରେ ହାଣିବାବେଳେ ଶିଶୁକନ୍ୟା ଆହତ

ବାଙ୍କୀ, ୧୨।୪ (ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶନିବାର ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଜେଲରୁ ଫେରିଥିବା ସ୍ୱାମୀ କଟୁରିରେ ହାଣିବାକୁ ଉଦ୍ୟମ କରିଥିଲେ। ହେଲେ କଟୁରି ଚୋଟ ସ୍ତ୍ରୀଙ୍କ ବେକରେ ନ ବାଜି ସେ କାଖରେ ଧରିଥିବା ୩ ବର୍ଷର ଝିଅ ମଣ୍ଡରେ ବାଜିଥିଲା। ଶିଶୁକନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଗିରଫ ଭୟରେ ଅଭିଯୁକ୍ତ ସ୍ୱାମୀ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ପୁରୁଣାପାଣି ଗ୍ରାମର ବାଙ୍କନିଧି ପଣ୍ଡା ଚଢ଼େଇବନ୍ଧ ☞ପୃଷ୍ଠା-୩




## ଶିକ୍ଷୟିତ୍ରୀଙ୍କ ଲୁହାପାଇପ୍ ମାଡ଼ରେ ଛାତ୍ର ଗୁରୁତର

ଢେଙ୍କାନାଳ,୧୨।୪ (ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)

■ ବିଦ୍ୟାଳୟକୁ ବନ୍ଦକରି ଗ୍ରାମବାସୀଙ୍କ ପ୍ରତିବାଦ
■ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର୍ ଧରିଲା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କାଣ୍ଡିଙ୍କ ଲୁହାପାଇପ୍ ମାଡ଼ରେ ଷଷ୍ଠ ଶ୍ରେଣୀ ଛାତ୍ର ବିମଳ ସିଂହ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଛାତ୍ର ବିମଳଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୫ଟି ଷ୍ଟିଚ୍ ପକାଯାଇଛି। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଘଟିଥିବା ଏହି ଘଟଣାର ପ୍ରତିବାଦ କରି ଅଭିଭାବକ ଓ ଗ୍ରାମବାସୀ ଶନିବାର ସକାଳେ ବିଦ୍ୟାଳୟ ଫାଟକ ବନ୍ଦକରି ଧାରଣା ଦେଇଥିଲେ। ୧୨ବର୍ଷ ହେଲା ବିଦ୍ୟାଳୟରେ ରହିଥିବା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀଙ୍କୁ କାହିଁକି ବଦଳି କରାଯାଉନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇବା ସହିତ ତୁରନ୍ତ ବିଦ୍ୟାଳୟରୁ ହଟାଯିବାକୁ ଦାବି କରିଥିଲେ। ଏଥିପୂର୍ବରୁ ବିଭିନ୍ନ ଘଟଣାରେ ୫ଥର ତାଙ୍କୁ କ୍ଷମା କରିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖବରପାଇ ଓଡ଼ାପଡ଼ା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଧର ସ୍ୱାଇଁ, ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଅତିରିକ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ଏ ସଂକ୍ରାନ୍ତରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି, ପୋଲିସ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହୋଇଛୁ। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହିତ ମଙ୍ଗଳବାର ଘଟଣାର ସମାଧାନ କରିବା ପାଇଁ ଉଦ୍ୟମ କରାଯିବ। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ବେଳେ ହଠାତ ଅସୁସ୍ଥ ହୋଇ ପଡ଼ିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।



ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରତିବାଦ କରାଯାଉଛି।

## ୨ ବାଇକ୍ ଧକ୍କା: ଜଣେ ମୃତ

ଲାଞ୍ଜିଗଡ଼,୧୨।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ବଳଭଦ୍ରପୁରକୁ ସଂଯୋଗ କରୁଥିବା ରାସ୍ତାର ବଂଶୀଧାର ନଦୀ ନିକଟରେ ଶନିବାର ୨ ବାଇକ୍ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଳି (୨୨) ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ଲାଞ୍ଜିଗଡ଼ ପଟୁ ଯାଉଥିବା ଚମ୍ପାଦେଇପୁର ପଞ୍ଚାୟତ ପ୍ରତାପପୁର ଗ୍ରାମର ରଞ୍ଜିତ ମାଝୀ (୩୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁଇଜଣ ଗୁରୁତର ହୋଇଥିଲେ। ଖବରପାଇ ସାମାଜିକ କର୍ମୀ ସୁବାସ ଅଗ୍ରୱାଲ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଲାଞ୍ଜିଗଡ଼ ସିଏଚ୍‌ସିକୁ ପଠାଇଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ରଞ୍ଜିତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଲାଞ୍ଜିଗଡ ପୋଲିସ ଦୁଇ ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଛି।


DADLS-11

ସତ୍ୟମେବ ଜୟତେ

ବାର୍ତ୍ତା



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ
ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

OIPR-15001/13/0502/2526

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଚାଇନାର ପ୍ରତିରୋଧ



**ଆକାର ପଟେଲ**

ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ ସାରା ବିଶ୍ୱର ବାଣିଜ୍ୟ ମନ୍ତ୍ରଣାଳୟଗୁଡ଼ିକ ଆମେରିକାକୁ ସେମାନଙ୍କ ମାମଲା ସମ୍ପର୍କରେ ବିଚାର ପାଇଁ ନିବେଦନ କରିବାକୁ ଲାଇନ ଲଗାଉଛନ୍ତି। ଆମେ ସେମାନଙ୍କ ସହ ଅଛୁ କି? ନା, ଆମେ ନାହୁଁ। ସପ୍ତାହାନ୍ତରେ ପ୍ରକାଶିତ ଏକ ଖବରରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ, ଆମେ ଧମକ ସହ ବୁଝାମଣା କରୁନାହୁଁ। ଦେଖିବାକୁ ଗଲେ ଏହା ହିଁ ଉତ୍ତମ ତରିକା ଏବଂ ଏହା ସହ ମୁଁ ଏକମତ। ସାର୍ବଭୌମ ଦେଶଗୁଡ଼ିକ ଦୃଢ଼ତାର ସହ କହିବା ଦରକାର ଯେ, ସେମାନଙ୍କୁ ସମାନ ଭାବେ ଦେଖିବା ଆବଶ୍ୟକ, ଅଧସ୍ତନ ବା ଦାସ ରୂପେ ନୁହେଁ। ଟ୍ରମ୍ପଙ୍କ ଟାରିଫ୍‌କୁ କାନାଡା ଭଳି ଚାଇନା ମଧ୍ୟ ଦୃଢ଼ତାର ସହ ପ୍ରତିରୋଧ କରିଛି। ତେବେ ଗୋୟଲ ଯାହା କହିଥିଲେ ତାହା ତାଙ୍କୁ ସମସ୍ୟାରେ ପକାଇଲା। ସେ କହିଥିଲେ, ଭାରତର ନୂଆ ବିଜ୍‌ନେସ୍‌ସବୁ ନୂତନତ୍ୱ ବଦଳରେ କେବଳ ବାଣିଜ୍ୟ (ଦୋକାନଦାରି ଶବ୍ଦ ବ୍ୟବହାର କରିଥିଲେ) ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏହାକୁ ଚାଇନା ସହ ତୁଳନା କରିଥିଲେ, ଯେଉଁଠି ଷ୍ଟାର୍ଟଅପ୍‌ଗୁଡ଼ିକ ରୋବୋ, କୃତ୍ରିମ ବୁଦ୍ଧିମତ୍ତା ନିର୍ମାଣ କରିବା ସହ ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଏହାକୁ ନେଇ ଏଣ୍ଟ୍ରେପ୍ରିନ୍ୟୁୟରମାନେ ଗୋୟଲଙ୍କୁ ବିରୋଧ କରିଥିଲେ। ତେବେ ଭାରତରେ ନୂଆକରି ଗଢ଼ିଉଠିଥିବା ଅନେକ କମ୍ପାନୀ ଏଭଳି କିଛି କାମ କରୁଛନ୍ତି ଏବଂ ସେମାନେ ଏହା କରିବା ଉଚିତ ବୋଲି ଗୋୟଲ କହିଥିଲେ।

ଭାରତରେ ବିଜ୍‌ନେସ୍‌ର ଇତିହାସକୁ ଦେଖିଲେ ଜଣାଯାଏ ଯେ, ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବାଣିଜ୍ୟିକ ସମୁଦାୟ ମୁଖ୍ୟତଃ ବଣିକ ଓ ବ୍ୟାଙ୍କର ଥିଲେ। ୧୯୧୯ରେ ମାନୁଫାକ୍‌ଚରିଂ କ୍ଷେତ୍ରରେ ବିର୍ଲାଗୋଷ୍ଠୀ ପ୍ରବେଶ କଲା ଏବଂ ଏହା ପୂର୍ବରୁ ପାର୍ସୀଙ୍କ ସମେତ ଅଳ୍ପ କେତେଜଣ ଗୁଜରାଟୀଙ୍କ ଉଦ୍ୟମରେ ୧୯୧୦ରେ ଟାଟା ଷ୍ଟିଲ୍ ଆସିଥିଲା। ଆମ ବାଣିଜ୍ୟ ଏହିଭଳି ଇତିହାସ ସହ ଜଡ଼ିତ ରହୁଛି ଏବଂ ଉତ୍ପାଦିତ ସାମଗ୍ରୀ ଓ ତାହାକୁ ଡେଲିଭରି ଆପ୍ ଭଳି ବିଷୟ ପର୍ଯ୍ୟନ୍ତ ବିସ୍ତାର କରାଯାଉ ନ ଥିବା ସମ୍ଭବତଃ ଗୋୟଲ ସୂଚିତ କରିଥିଲେ। ତେବେ ପୁନର୍ବାର ତାଙ୍କର ଏହି ବ୍ୟାପକ ଦୃଷ୍ଟିକୋଣ ସହ ମୁଁ ଏକମତ। ପ୍ରଶ୍ନ ହେଉଛି, ଚାଇନାର ଷ୍ଟାର୍ଟଅପ୍ ଭଳି ହେବା ପାଇଁ ଭାରତୀୟ ଷ୍ଟାର୍ଟଅପ୍‌ଗୁଡ଼ିକର ବିକାଶ ଓ ସଫଳତା ସକାଶେ କେଉଁସବୁ ବିଷୟ ଜରୁରୀ? ବିଜ୍‌ନେସ୍ ସେକ୍ଟରକୁ ଏହି ପ୍ରଶ୍ନ ପଚାରିବା ଠିକ୍ ହେବ। ସମାନ ଭାବେ ସରକାରଙ୍କୁ ମଧ୍ୟ ଏହା ପଚାରିବା ଉଚିତ। ଚାଇନା ଏବେ ଯେଉଁଠି ପହଞ୍ଚିଛି ତାହା ଗତବର୍ଷରଏକ ଅନୁଧ୍ୟାନରୁ ସାମ୍ନାକୁ ଆସିଥିଲା। ଏହା ଦର୍ଶାଇଥିଲା, ''ଚାଇନା ଏବେ ବିଶ୍ୱର ଏକ ମାତ୍ର ମାନୁଫାକ୍‌ଚରିଂ ସୁପରପାୱାର। ଚାଇନାର ଉତ୍ପାଦନ ତା' ପଛକୁ ଥିବା ୯ଟି ଉତ୍ପାଦନକାରୀ ଦେଶର ମୋଟ ଉତ୍ପାଦନଠାରୁ ଅଧିକ।'' ଚାଇନା ସରକାର ଶିଳ୍ପ ନୀତି ଓ କୌଶଳଗତ ପରିଚାଳନା ମାଧ୍ୟମରେ ଏସବୁ ହାସଲ କରିପାରିଲା। ଏହା ଆଫ୍ରିକା ଓ ଲାଟିନ ଆମେରିକାର ଖଣିଜ ସମୃଦ୍ଧ ଦେଶଗୁଡ଼ିକ ସହ ସମ୍ପର୍କ ସ୍ଥାପନ କଲା ଏବଂ ଏହିସବୁ ଦେଶଗୁଡ଼ିକରୁ ଅନେକରେ ବନ୍ଦର ଓ ରେଳପଥ ନିର୍ମାଣ କଲା। ସରକାରଙ୍କ ଅଧୀନରେ ଥିବା ତାହାର କମ୍ପାନୀଗୁଡ଼ିକ ଅନ୍ୟ କାହା ଉପରେ ନିର୍ଭର ନ କରି ବ୍ୟବସାୟଭିତ୍ତିକ ପାଣିଜାହାଜ ଓ ଉଡ଼ାଜାହାଜ ନିର୍ମାଣ କଲେ। ଚାଇନା ସହ ଯୁଦ୍ଧ କରିଥିବା କିମ୍ବା ଏବେ ବିବାଦରେ ଲିପ୍ତ ଥିବା ପଡ଼ୋଶୀ ଦେଶଗୁଡ଼ିକୁ ବୁଝାଇବାକୁ ସକ୍ଷମ ହେଲା ଯେ, ଏହିସବୁ ସମସ୍ୟାକୁ ବାଣିଜ୍ୟ ସହ ଯୋଡ଼ିବା ଠିକ୍ ନୁହେଁ। ଚାଇନାର ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ଆମେରିକା କିମ୍ବା ୟୁରୋପୀୟ ସଂଘ ନୁହନ୍ତି ବରଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ( ଏସିଆନ)। ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ଆକୁସ୍ ଓ କ୍ୱାଡ୍ ଭଳି ଆମେରିକାର ସାମରିକ ମେଣ୍ଟଗୁଡ଼ିକ ବିରୋଧରେ ଚାଇନା ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ(ବିଆର୍‌ଆଇ) ଅର୍ଥାତ୍ ରେଳପଥ, ସଡ଼କ ପଥ, ବନ୍ଦର ଆଦି ଭିତ୍ତିଭୂମି ବିକାଶ ରଣନୀତି ଆପଣାଇଛି।

ଦେଖିବାକୁ ଗଲେ ଅନେକ ଦଶନ୍ଧିଧରି ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତାପ୍ରକଟ କରିଆସୁଛି, କିନ୍ତୁ କେବଳ ଚାଇନା ଏଭଳି ସମସ୍ୟାକୁ ନିୟନ୍ତ୍ରଣ କରିବା ସହ ସେଥିରୁ ଲାଭ ଉଠାଇବା ପାଇଁ ଏକ ଭିନ୍ନ ଶିଳ୍ପ ରଣନୀତି ଗଢ଼ିଛି। ଅନ୍ତର୍ଜାତୀୟ କମ୍ବଶନ ଇଞ୍ଜିନ କ୍ଷେତ୍ରରେ ଜାପାନ ଏବଂ ଜର୍ମାନୀ କମ୍ପାନୀଗୁଡ଼ିକର ପ୍ୟାଣ୍ଟେଣ୍ଟ ଓ ଅଭିଜ୍ଞତା ସହ ତାହାର ଅଟୋମୋବାଇଲ ସେକ୍ଟର ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ଚାଇନା ବୈଦ୍ୟୁତିକ କାର୍ ଉପରେ ଧ୍ୟାନ ଦେଲା। ଚାଇନା ୨୦୧୬ରେ ୫ ଲକ୍ଷ, ୨୦୧୮ରେ ୧୦ ଲକ୍ଷ ଏବଂ ଗତ ବର୍ଷ ୧ କୋଟି ନ୍ୟୁ ଏନର୍ଜି ଚାଳିତ କାର୍ ଉତ୍ପାଦନ କରିଥିଲା। ଗତବର୍ଷ ଚାଇନା ୫୮ ଲକ୍ଷ କାର୍ ରପ୍ତାନି କରିଥିଲା। ସୋଲାର ପ୍ୟାନେଲ କ୍ଷେତ୍ରରେ ସମାନ କଥା ଦେଖିବାକୁ ମିଳିଛି। ବର୍ତ୍ତମାନ ବିଶ୍ୱରେ ବ୍ୟବହାର ହେଉଥିବା ମୋଟ ସୋଲାର ସେଲ୍‌ର ୮୦ ପ୍ରତିଶତରୁ ଅଧିକ ଚାଇନା ଉତ୍ପାଦନ କରିବା ସହ ପୃଥିବୀର ଦୁଇ ତୃତୀୟାଂଶ ବୈଦ୍ୟୁତିକ ଯାନର ବ୍ୟାଟେରି ମଧ୍ୟ ନିର୍ମାଣ କରୁଛି। ମାଇନିଂଠାରୁ ଆରମ୍ଭ କରି ରିଫାଇନିଂ, ମାନୁଫାକ୍‌ଚରିଂ ପର୍ଯ୍ୟନ୍ତ ଯୋଗାଣ ଶୃଙ୍ଖଳ ଚାଇନା ଦ୍ୱାରା ଚାଲୁଛି। ସମସ୍ତ କ୍ଷେତ୍ରରେ ବିଶେଷକରି ଭବିଷ୍ୟତରେ ଯେଉଁସବୁ କ୍ଷେତ୍ରର ଗୁରୁତ୍ୱ ରହିବ ସେଗୁଡ଼ିକରେ ଚାଇନାର ଏକଚାଟିଆ ପ୍ରାଧାନ୍ୟ ରହିଛି। ଏହା ସତ୍ୟ ଯେ, ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ଯାହା ଆମେ ନିକଟରେ ଡିପ୍‌ସିକ୍ ଏଆଇ କ୍ଷେତ୍ରରେ ଦେଖିଛୁ। ଆମେରିକାର ପ୍ରାଧାନ୍ୟ ଥିବା କ୍ଷେତ୍ର ଯଥା ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ)ରେ ମଧ୍ୟ ଚାଇନାର ଏଣ୍ଟ୍ରେପ୍ରିନ୍ୟୁୟରମାନଙ୍କର ସଫଳତା ଦେଖିବାକୁ ମିଳିଛି। ଚାଇନା ସରକାରଙ୍କ ରଣନୀତି ଓ ଶିଳ୍ପ ନୀତି ଯୋଗୁ ଏଭଳି ବିଜୟ ସମ୍ଭବ ହୋଇଛି। ଚାଇନର ଏଣ୍ଟ୍ରେପ୍ରିନ୍ୟୁୟରମାନେ ସଫଳତା ହାସଲ କରିବାର କାରଣ ପଛରେ ରହିଛି ଉଦାରୀକରଣରେ ହସ୍ତକ୍ଷେପ। ଆମେରିକାର ପଦକ୍ଷେପକୁ ମୁକାବିଲା କରିବା ପାଇଁ ଚାଇନାର ବିଶ୍ୱାସ ଅଛି। ଚାଇନା ମଧ୍ୟ ଭଲ ଭାବେ ବୁଝିଛି ଯେ, ଏବେ ଆମେରିକାକୁ ଶାସନ କରୁଥିବା ବ୍ୟକ୍ତିଙ୍କ ବିଚ୍ଛିନ୍ନତାବାଦୀ କଳ୍ପନା ଯାହା ହେଉନା କାହିଁକି ବିଶ୍ୱ ତା' (ଚାଇନା) ଉପରେ ନିର୍ଭର କରିବ।

Email:aakar.patel@gmail.com

# ଲୁହା ଓ କଳଙ୍କି



**ରଞ୍ଜନ କୁମାର ଦାସ**

ଲୁହା ଏକ ଶକ୍ତିଶାଳୀ ପଦାର୍ଥ। ଏଥିରେ ନାନାଦି ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରାଦି ତିଆରି ହୁଏ। ସେଥିରେ ବି ଗଛ ହାଣିହୁଏ, ମଣିଷ ମାରିହୁଏ, ସେଇ ଲୁହାରେ ବଡ଼ ବଡ଼ କଳକାରଖାନା, କୋଠାବାଡ଼ି ଓ ଗାଡ଼ିମୋଟର ତିଆରି ହୁଏ। ଲୁହା କେବଳ ନିଜେ ଶକ୍ତିଶାଳୀ ନୁହେଁ, ତାକୁ ଧରିଥିବା ବ୍ୟକ୍ତି ମଧ୍ୟ ଶକ୍ତିଶାଳୀ ହୋଇଯାଏ। ଏମିତି କୌଣସି ଅଧିକ ଶକ୍ତିଶାଳୀ ପଦାର୍ଥ ନାହିଁ, ଯାହା ଲୁହାକୁ ସହଜେ ଭାଙ୍ଗି ବା କାଟିପାରିବ। ସେକଥା କେବଳ ଅନ୍ୟ ଏକ ଧାରୁଆ ଲୁହାରେ ସମ୍ଭବ। ତା'ଛଡ଼ା ଲୁହା ଯେବେ ନିଜେ କଳଙ୍କି ଲାଗି ଦୁର୍ବଳ ହେଇଯାଏ, ସେ ଆପେ ଆପେ କ୍ଷୟ ହୋଇଯାଏ। ଏ କଳଙ୍କି କ'ଣ ଏକ ବାହାର ଜିନିଷ? ସିଏ ବାହାର ପାଣି ପବନ ବାଜି ସେଇ ଲୁହାରୁ ହିଁ ତିଆରି ହୁଏ ଓ ତାକୁ ନଷ୍ଟ କରେ। ତେଣୁ ଏକଥା କହିବା ଅପ୍ରାସଙ୍ଗିକ ହେବନାହିଁ ଯେ, ଲୁହା ଭଳି ଏକ ଶକ୍ତିଶାଳୀ ଜିନିଷ ଖରାପ ସଂସର୍ଗ ଓ ନିଜ ଗୁଣରୁ ହିଁ ନଷ୍ଟ ହୋଇଯାଏ। ନ ହେଲେ ଅନ୍ୟ କେହି ତାକୁ ଏତେ ସହଜରେ ନଷ୍ଟ କରିପାରନ୍ତା ନାହିଁ।

ଲୁହା ଭଳି ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ମଣିଷ, ପ୍ରତ୍ୟେକ ଜାତି ଓ ଧର୍ମ, ପ୍ରତ୍ୟେକ ଭାଷା ସଂସର୍ଗଗତ ଦୋଷରୁ ଓ ନିଜ ଗୁଣଧର୍ମରୁ ହିଁ ନିଜେ ନଷ୍ଟ ହୁଏ। ଅନ୍ୟ ବାହ୍ୟ ଶତ୍ରୁ ଅପେକ୍ଷା ଏମାନେ ନିଜ ନିଜ ଦୋଷରୁ ହିଁ ବେଶି ନଷ୍ଟ ହୋଇଥା'ନ୍ତି! ଜିନିଷ ଭିତରେ ଦେଖିବେ କାଠ, ବାଉଁଶ ଯେତେବେଳେ ପାଣି ପବନ ସଂସର୍ଗରେ ଆସେ ନାଶ ଯାଏ। ମଣିଷର ସେମିତି ଯେତେ ଧନସମ୍ପଦ ଥାଉନା କାହିଁକି ନିଜ ଗର୍ବ, ଅହଂକାର, ଔଦ୍ଧତ୍ୟ ଓ ଚାରିତ୍ରିକ ଦୋଷରୁ ସେ ନଷ୍ଟ ହୁଏ। ବହୁ ବଡ଼ ବଡ଼ ଲୋକ ଗୋଟିଏ ଗୋଟିଏ ଛୋଟ ଦୋଷ ଯୋଗୁ ଲୋକଲୋଚନରେ ନିନ୍ଦିତ ହୋଇ ଜନମାନସରୁ ବିଦା ହୋଇଛନ୍ତି। ଯେଉଁ ସମାଜ ତାଙ୍କୁ ପୂଜା କରୁଥାଏ, ସେଇ ସମାଜ ତାଙ୍କ ଦୋଷଗୁଣ ଯୋଗୁ ଗୋଇଠା ମାରି ଦୂରଦୂର କରେ। ଆପଣ ଦେଖିବେ ଭାଷା ସେମିତି। ଗୋଟିଏ ଭାଷା ଯେତେବେଳେ ନିଜ ଐତିହ୍ୟ ଓ ପରମ୍ପରାକୁ ଭୁଲି ଅନ୍ୟ ଭାଷା ଉପରେ ଅତିରିକ୍ତ ନିର୍ଭର କରେ, ସେ ଭାଷା ମଧ୍ୟ କ୍ରମେ ଲୁପ୍ତପ୍ରାୟ ହୁଏ।

ଗୋଟିଏ ଭାଷାର ସବୁଠୁ ବଡ଼ ଶତ୍ରୁ ସେମିତି ଅନ୍ୟ ଭାଷା ବା ଅନ୍ୟ ଭାଷାଭାଷୀ ଲୋକ ଯେତେ ନୁହନ୍ତି; ସେତେ ଦୋଷୀ ହେଲେ ସେଇ ଭାଷାରେ ଜନ୍ମିତ ଲୋକ। ଗୋଟିଏ ଭାଷାର ସବୁଠୁ ବେଶି ପଢ଼ାଲେଖା କରିଥିବା ଲୋକମାନେ ଅନ୍ୟଭାଷା ବେଶି ବ୍ୟବହାର କରିଥା'ନ୍ତି। କାରଣ ସେମାନେ ଅନ୍ୟ ଭାଷା ଜାଣିଥା'ନ୍ତି ଓ ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରିବାକୁ ମାତୃଭାଷାକୁ ଅବହେଳା କରି ଅନେକାଂଶରେ ଅନ୍ୟଭାଷାର ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ସେଇ ଭାଷାର ସବୁଠୁ ଗରିବ ଓ ମୂର୍ଖ ଲୋକଟି ଅନ୍ୟ ଭାଷାକୁ ଏତେ ବେଶୀ ଜାଣିନଥିବାରୁ, ନିଜ ମାତୃଭାଷାକୁ ସର୍ବତ୍ର ବ୍ୟବହାର କରିଥାଏ ଓ ତାକୁ ବଞ୍ଚେଇ ରଖିଥାଏ। ତେଣୁ ନବ୍ୟ ଶିକ୍ଷିତମାନେ ନିଜ ଭାଷାର ବିକାଶ କରିବା ବଦଳରେ ତା'ର ବିନାଶରେ ବେଶି ସହାୟକ ହୋଇଥା'ନ୍ତି।



ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଅନୁତାପ ଅବସ୍ଥା। ଆଧୁନିକ ପରିବାରରେ ଏବେ ପୂଜାପାଠ ଓ ପ୍ରାର୍ଥନା ପ୍ରାୟତଃ କମିଗଲାଣି। ଆପାର୍ଟମେଣ୍ଟ ବା ଡ୍ୟୁପ୍ଲେକ୍ସ ଘରେ ରହୁଥିବା ଲୋକ ଗୋଟେ ପୂଜାଘର ପାଇଁ ଜାଗା ଛାଡ଼ି ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ସେତିକି ଜାଗାରେ ଅନ୍ୟ କ'ଣଟେ ହେଇପାରିବ। ଠାକୁରଘର କ'ଣ ଦରକାର? ଆମ ପିଲାବେଳେ ଆମକୁ ସକାଳ ସନ୍ଧ୍ୟାରେ ଘରେ ପଢ଼ିବାକୁ ଗଲାବେଳେ ପ୍ରାର୍ଥନା ଗାଇବାକୁ ପଡୁଥିଲା। ଏବେ ମା'ବାପା, ଛୁଆ ସେ ଦିଗରେ କେହି ଆଗ୍ରହୀ ନୁହନ୍ତି। ନବ୍ୟ ଆଧୁନିକତା ନାମରେ ସେସବୁକୁ ପୁରୁଣାକାଳିଆ କୁହାଯାଉଛି। ସେମାନେ ଭାବନ୍ତି ଭକ୍ତି ଠାକୁରଘରେ ନ ଥାଏ, ହୃଦୟରେ ଥାଏ। ହଁ, ଯଦି ସେତକ ବି ଥାଆନ୍ତା ତାହାଲେ ବି ଚିନ୍ତା ଥିଲା। ହୃଦୟରେ କି ମସ୍ତିଷ୍କରେ କୋଉଠି ଭକ୍ତିଭାବ କି ଆଧ୍ୟାତ୍ମିକ ଚିନ୍ତନ ପାଇଁ ଜାଗା ନାହିଁ। ଖାଲି ପରୀକ୍ଷାରେ ଭଲ ମାର୍କ ଦିଅ, ଇଣ୍ଟରଭ୍ୟୁରେ ଚାକିରିଟା ମୋର ହେଉ, ମାଲପତ୍ରରେ ମୋ ଘର ଭରିଯାଉ ଯେ ଆମ ଭକ୍ତିଭାବ ସୀମିତ। ଥରେ ଦି'ଥର ଓଡ଼ିଶା ବାହାରୁ ବୁଲି ପଳେଇ ଆସିଲେ, ପାଠ ଦି'ଅକ୍ଷର ପଢ଼ିଦେଲେ ଲୋକେ ଭାବୁଛନ୍ତି ଆମେ ଆଧୁନିକ ହୋଇଗଲୁ। ଆମ ଦ୍ୱାରା ଧୋତିପିନ୍ଧା ହବନି, ପୂଜାପାଠ ସମ୍ଭବ ନୁହେଁ। ଝିଅମାନେ ଭାବୁଛନ୍ତି ଚୁଡ଼ି ପିନ୍ଧିବା, ଶାଢ଼ି ପିନ୍ଧିବା, ସିନ୍ଦୂର ପିନ୍ଧିବା, ଗାଉଁଲି ଲୋକଙ୍କ ଲକ୍ଷଣ। ଆମ ସଭ୍ୟତାରେ ଏ ଛଦ୍ମ ଆଧୁନିକତା ଏତେ ବ୍ୟାପିଗଲାଣି ଯେ, ଆମ ଛୁଆଏ ପିଠାକୁ ଭୁଲି ପିଜାକୁ ଆପଣେଇଲେଣି। କଣ୍ଟିନେଣ୍ଟାଲ ଚାଇନିଜ୍ ଫୁଡ୍, ଥାଇଫୁଡ୍ ଯିଏ ନ ଖାଇଛି, ସିଏ ମଫସଲିଆ ବୋଲି ଲୋକେ ଭାବୁଛନ୍ତି। ଆମ ଖେଚୁଡ଼ି କୁଆଡ଼େ ଗଲା, ବିରିଆନୀ ଆସିଗଲା। ବରା ସିଙ୍ଗଡ଼ା କୁଆଡ଼େ ଗଲା, ଇଡିଲି ଦୋଷା ତା' ସ୍ଥାନ ନେଇଗଲା। ପାଖଘର ମାଉସୀ ଆମକୁ ମା'ଠୁ ମଡର୍ନ ଲାଗୁଛନ୍ତି। ବଡ଼ମାନଙ୍କୁ ନମସ୍କାର କରିବାକୁ ବା ଗୁରୁଜନଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଆଜିକାର ପିଲାଏ ଘୃଣା କରୁଛନ୍ତି। କାରଣ ଆମ ମୁରବିମାନେ ତାଙ୍କୁ ସେଇଭଳି ଶିକ୍ଷା ଦେଉଛନ୍ତି।

ଆମ ସମାଜର ମୁରବିମାନେ ସେଥିରେ ଚିନ୍ତିତ ନୁହନ୍ତି। ପୁଅ ରାତିଅଧରେ ଘରକୁ ମଦ ପିଇ ଆସିଲେ ମଧ୍ୟ ମା'ବାପା କହୁଛନ୍ତି ଆଜିକାଲି ସମାଜରେ ଏଇଟା ଚଳିଲାଣି ଆଉ ଆମେ ପୁରୁଣାକାଳିଆ ମନୋବୃତ୍ତି ନେଇ ତାକୁ ବିରୋଧ କଲେ କ'ଣ ହବ? ନବ୍ୟ ସଭ୍ୟ ସମାଜରେ ପାର୍ଟି ଫଙ୍କସନ ଗଲେ ପିଇବାକୁ ପଡ଼ିବ, ତେଣୁ ଏଥିରେ ଦୋଷ କୋଉଠି ରହିଲା? ପୁଅ ତା' ସ୍ତ୍ରୀକୁ ଛାଡ଼ି ଅନ୍ୟ ଝିଅଙ୍କ ସାଙ୍ଗରେ ବୁଲିଲେ ବି ଏପରି ଅଭିଭାବକ ଅଛନ୍ତି, କହୁଛନ୍ତି ଏଥିରେ ଖରାପ କ'ଣ ରହିଲା? ଚାକିରି ବାକିରି କଲେ ଏମିତି ଫ୍ରେଣ୍ଡଶିପ ହୁଏ। ମାତ୍ର ଏ ଉଦାରତା ଛାଡ଼ିଯାଏ, ଯେତେବେଳେ ପୁଅ ଗୋଟାଏ ସ୍ତ୍ରୀ ଥାଉଥାଉ ଆଉ ଗୋଟେ ଆଣି ସେଇ ମା'ବାପାଙ୍କ ଆଗରେ ଘରେ ରଖେ ଏବଂ ଘରେ ନିତି ମହାଭାରତ ହୁଏ।

ଆମେ ଏଠି ଅତି ପରମ୍ପରାପ୍ରବଣ ହେଉନାହୁଁ ବା ରକ୍ଷଣଶୀଳତା ସପକ୍ଷରେ ଯୁକ୍ତି ରଖୁନାହୁଁ। ମାତ୍ର ଅତି ଆଧୁନିକତା ନାମରେ ନିଜ ବଂଶ, ବୁନିଆଦି, ଜାତି, ଭାଷା, ସଂସ୍କୃତି, ନିଜ ପୋଷାକ, ଖାଦ୍ୟପେୟ, ନିଜ ଗୁରୁଜନ, ନିଜ ଠାକୁର, ନିଜ ମାତୃଭୂମିର ଅବମାନନା ମଧ୍ୟ ଗ୍ରହଣୀୟ ନୁହେଁ। ପାଣି ପବନର ଅତି ସଂସର୍ଗ ଲୁହାକୁ ଯେମିତି କଳଙ୍କିଗ୍ରସ୍ତ କରିଦିଏ, କାଠକୁ ଯେମିତି ଘୁଣଖିଆ କରିଦିଏ, ସେମିତି ଅନ୍ୟର ଭାଷା, ପୋଷାକ, ଖାଦ୍ୟପେୟ ସଂସ୍କୃତି ସେମିତି ଆମ ମୂଳପିଣ୍ଡକୁ କଳଙ୍କିଗ୍ରସ୍ତ କରି ନ ଦଉ! ଅନ୍ୟ ଜାତି ଓ ଧର୍ମର ପର୍ବପର୍ବାଣି ପାଳନ କରୁକରୁ ଆମ ଓଡ଼ିଆ ନବବର୍ଷ ଆମେ ଭୁଲିଗଲୁଣି। ସାବିତ୍ରୀ ବ୍ରତ ଛାଡି କଡ଼ୱା ଚୌଥ, ଖୁଦୁରୁକୁଣୀ ଛାଡ଼ି ଭାଇ ଦୁଜ, ରୁଦ୍ରାଭିଷେକ ଛାଡ଼ି ବୋଲ୍ ବମ ସଂସ୍କୃତିରେ ଏମିତି ପଶିଗଲାଣି ଯେ ଆମେ ସାବିତ୍ରୀ-ସତ୍ୟବାନ୍, ତଅପୋଇଙ୍କୁ ଭୁଲିଗଲୁଣି। ମଡର୍ନଟି ଆମ ମୁଣ୍ଡଟିକୁ ଖାଇଗଲାଣି। ପିତୃଶ୍ରାଦ୍ଧ ବେଳେ ଲୋକେ ନିଜ ଜେଜେବାପା ଜେଜେମାଆଙ୍କ ନା ଆଉ ମନେ ପକେଇ ପାରୁନାହାନ୍ତି। ସେମାନେ ଭାବୁଛନ୍ତି, ମନେରଖିବାର ଆବଶ୍ୟକତା ବୋଧେ ନାହିଁ। ଏ ଟ୍ରେଣ୍ଡ ଦେଖିଲେ ଭୟ ଲାଗୁଚି ଆମେ କୋଉଦିନ ଜଗନ୍ନାଥଙ୍କୁ ଭୁଲିଯାଉ, ଆଉ କୋଉ ଇମ୍ପୋର୍ଟେଡ ଠାକୁରଙ୍କୁ ଆଣି ସେ ସ୍ଥାନରେ ବସେଇବାର ଭୁଲ୍ କରିବାନି ତ! ଆମ ପରପିଢ଼ିକୁ ଈଶ୍ୱର ଏ ସଦ୍‌ବୁଦ୍ଧି ଦିଅନ୍ତୁ, ଆଉ ବେଶି ସଦ୍‌ବୁଦ୍ଧି ଦିଅନ୍ତୁ ଆମ ତଥାକଥିତ ଛଦ୍ମ ଉଦାରବାଦୀ ମୁରବିମାନଙ୍କୁ!

ମୋ: ୯୪୩୭୨୮୬୫୧୨
ମେଲ: ranjank.das.rkd@gmail.com

# ଧର୍ମ - ରିଲିଜିଅନ୍



**ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ**

ସାଧାରଣତଃ ଆମେ ଇଂରାଜୀ 'ରିଲିଜିଅନ୍' ଶବ୍ଦକୁ 'ଧର୍ମ' ଶବ୍ଦର ପ୍ରତିଶବ୍ଦ ବୋଲି ବିଚାର କରିଥାଉ। ଏହା କିନ୍ତୁ ଶବ୍ଦର ଧାତୁଗତ ଅର୍ଥ ତଥା ବାସ୍ତବ ତାତ୍ପର୍ଯ୍ୟ ଦୃଷ୍ଟିରୁ ପ୍ରମାଦପୂର୍ଣ୍ଣ ବୋଲି ମନେହୁଏ। ଧର୍ମ କଥାଟି ଆସିଛି ସଂସ୍କୃତର 'ଧୃ' ଧାତୁରୁ ଯାହାର ଅର୍ଥ ଧାରଣ କରିବା। ଯେକୌଣସି ବସ୍ତୁକୁ ତାହାର ସମସ୍ତ ବୈଶିଷ୍ଟ୍ୟ ସହିତ ଯେଉଁ ତତ୍ତ୍ୱ ଧାରଣ କରିଥାଏ ତାହା ହିଁ ତା'ର ଧର୍ମ। ଯେପରି କି ୦°-୧୦୦° ଡିଗ୍ରୀ ତାପମାତ୍ରା ମଧ୍ୟରେ ଦୁଇଟି ହାଇଡ୍ରୋଜେନ୍ କଣିକା ଓ ଗୋଟିଏ ଅକ୍ସିଜେନ୍ କଣିକାର ମିଶ୍ରଣ ଘଟିଲେ ଜଳର ସୃଷ୍ଟିହୁଏ। ଏହାର ସାମାନ୍ୟ ବ୍ୟତିକ୍ରମ ହେଲେ, ଜଳ ଆଉ ଜଳ ହୋଇ ରହିବ ନାହିଁ। ତେଣୁ ଏହି ତତ୍ତ୍ୱକୁ ହିଁ ଜଳର ଧାରକ ବା ଧର୍ମ କୁହାଯାଇପାରେ। ସତ୍ୟାନୁସରଣରେ କୁହାଯାଇଛି- ଧର୍ମକୁ ଜାଣିବା ମାନେ ହିଁ ବିଷୟର ମୂଳ କାରଣକୁ ଜାଣିବା, ଆଉ ସେହି ଜାଣିବା ହିଁ ଜ୍ଞାନ। ଏହି ଦୃଷ୍ଟିରୁ ବିଚାର କଲେ ମାନବଧର୍ମ ଯାହାକୁ ଆମେ ସାଧାରଣତଃ ଧର୍ମ ବୋଲି କହିଥାଉ, ତାହାର ତାତ୍ପର୍ଯ୍ୟ ହେଲା- ଯେଉଁ ସମସ୍ତ ଆଚାର-ଆଚରଣ, ଖାଦ୍ୟ-ପାନୀୟ, ଦେହ-ମନର ବୈଶିଷ୍ଟ୍ୟ ମଣିଷକୁ ମଣିଷ କରି ରଖିଛି ତାହା ହିଁ ମାନବ ଧର୍ମ। ସେହିପରି ସ୍ନେହ, ପ୍ରୀତି, ଦୟା, କ୍ଷମା, ପାରସ୍ପରିକତା, ଶ୍ରଦ୍ଧା, ଭକ୍ତି, ବିଶ୍ୱାସ, ବାକ୍‌ଶକ୍ତି, ଉଦ୍ଭାବନ-କ୍ଷମତା ଇତ୍ୟାଦି ଗୁଣ ମଣିଷକୁ ପଶୁଠାରୁ ଭିନ୍ନ ଅର୍ଥାତ୍ ମାନବୀୟ ବୈଶିଷ୍ଟ୍ୟ ପ୍ରଦାନ କରିଛି। ଏଣୁ ମାନବ ଧର୍ମ କୌଣସି ଗୋଷ୍ଠୀ ବା ସମ୍ପ୍ରଦାୟ-ସାପେକ୍ଷ ନୁହେଁ, ଏହା ସମସ୍ତଙ୍କ ପାଇଁ ସମାନ। ଏହାର ପାଳନ ଯେତେ ଉନ୍ନତ ସେ ବ୍ୟକ୍ତି ମଣିଷ ହିସାବରେ ସେତେ ଉନ୍ନତ।

ଅପରପକ୍ଷରେ ଇଂରାଜୀର ରିଲିଜିଅନ୍ ଶବ୍ଦ ଆସିଛି, ଦୁଇଟି ଲାଟିନ୍ ଶବ୍ଦ 'ରି' (ପୁନଃ) ଏବଂ 'ଲିଗେୟାର' (ନିବନ୍ଧନ)ର ସମ୍ମିଶ୍ରଣରେ, ଯାହାର ଅର୍ଥ ହେଲା, ପୁନଃ ନିର୍ବନ୍ଧନ ଅର୍ଥାତ୍ ଯେଉଁ ଉତ୍ସ ପୁରୁଷଙ୍କଠାରୁ ଆମର ଜୀବନ ନିସୃତ ହୋଇଛି। (ଯାହାଙ୍କୁ ଈଶ୍ୱର, ଆଲ୍ଲା ବା ଗଡ୍ କୁହାଯାଏ) ତାଙ୍କ ସହିତ ପୁନଃ ନିବନ୍ଧିତ ହେବା। ବିଶ୍ୱାସ, ନିଷ୍ଠା, ଶ୍ରଦ୍ଧା, ଭକ୍ତି, ପୂଜା, ଅର୍ଚ୍ଚନା, ଧ୍ୟାନ, ଧାରଣା, ପଠନ-ପାଠନ ଇତ୍ୟାଦିକୁ ଅବଲମ୍ବନ କରି ଯେଉଁ ସମସ୍ତ ଉପାସନା ପଦ୍ଧତି ଅନୁସୃତ ହୁଏ ତାହାକୁ ହିଁ ରିଲିଜିଅନ୍ କହନ୍ତି। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଆବିର୍ଭୂତ ମହାପୁରୁଷଙ୍କ ପ୍ରଦତ୍ତ ଉପାସନା ପଦ୍ଧତିକୁ କେନ୍ଦ୍ରକରି ବିଭିନ୍ନ ସମ୍ପ୍ରଦାୟ, ଯଥା- ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟିଆନ ଇତ୍ୟାଦି ସୃଷ୍ଟି ହୋଇଛି। ତେଣୁ ସମ୍ପ୍ରଦାୟ ଭେଦରେ ରିଲିଜିଅନ୍ ବହୁ ହେଲେ ମଧ୍ୟ ଧର୍ମ କିନ୍ତୁ ଏକ ଏବଂ ସାର୍ବଜନୀନ ହୋଇଥାଏ। ଉଦାହରଣସ୍ୱରୂପ- ସୁଖାଦ୍ୟ ଗ୍ରହଣ କଲେ ଜଣେ ହିନ୍ଦୁର ଜୀବନ ସୁରକ୍ଷିତ ରହେ ଏବଂ ବିଷ ଭକ୍ଷଣ କଲେ ଜୀବନ ବିପନ୍ନ ହୁଏ। ଅନୁରୂପ ଭାବରେ ଜଣେ ମୁସଲମାନ ବା ଖ୍ରୀଷ୍ଟିଆନ କ୍ଷେତ୍ରରେ ମଧ୍ୟ ସେହି ପରିଣତି ହୋଇଥାଏ। ସେହିପରି ଦୟା, କ୍ଷମା ଇତ୍ୟାଦି ଗୁଣର ଆଚରଣରେ ଯେକୌଣସି ସମ୍ପ୍ରଦାୟର ଲୋକଙ୍କ ଜୀବନ ଉନ୍ନତ ହୁଏ ଏବଂ ହିଂସା, ଦ୍ୱେଷ, ନିଷ୍ଠୁରତା ଇତ୍ୟାଦିର ଆଚରଣରେ ସମସ୍ତଙ୍କ ଜୀବନ ନିମ୍ନଗାମୀ ହୋଇଥାଏ।



ତା'ଛଡ଼ା ରିଲିଜିଅନ୍ ମୁଖ୍ୟତଃ ମଣିଷର ଆଧ୍ୟାତ୍ମିକ ଜୀବନ ସହିତ ସଂଶ୍ଳିଷ୍ଟ ହୋଇଥିବା ବେଳେ ଧର୍ମ ତାହାର ସାମଗ୍ରିକ ଜୀବନ, ଅର୍ଥାତ୍ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଜୀବନକୁ ଧରିରଖେ ଏବଂ ଉନ୍ନତି ପଥରେ ପରିଚାଳିତ କରେ। ସେହି ଦୃଷ୍ଟିରୁ ଧର୍ମକୁ ସେକ୍ୟୁଲାର(ସମ୍ପ୍ରଦାୟ ନିରପେକ୍ଷ) ଏବଂ ରିଲିଜିଅନ୍‌କୁ କମ୍ୟୁନାଲ୍ (ସାମ୍ପ୍ରଦାୟିକ) କହିବା ଉଚିତ ହେବ।

ଗଣତନ୍ତ୍ର ରାଷ୍ଟ୍ରକୁ ସେକ୍ୟୁଲାର ବା ସମ୍ପ୍ରଦାୟ ନିରପେକ୍ଷ ରାଷ୍ଟ୍ର କୁହାଯାଏ। ରାଷ୍ଟ୍ରର ଧର୍ମ ହେଲା ତାହାର ସମ୍ବିଧାନ, ଯାହା ଉପରେ ରାଷ୍ଟ୍ର ତିଷ୍ଠି ରହିଥାଏ। ଆମ ସମ୍ବିଧାନରେ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ସତ୍ ଭାବରେ ବଞ୍ଚିବାର ଏବଂ ଉନ୍ନତି କରିବାର ମୌଳିକ ଅଧିକାରକୁ ନିଶ୍ଚିତ କରାଯାଇଛି। ତେଣୁ ଆମର ରାଷ୍ଟ୍ର ସମ୍ପ୍ରଦାୟ ନିରପେକ୍ଷ ହୋଇ ମଧ୍ୟ ସାର୍ବଜନୀନ ମାନବ ଧର୍ମର ରକ୍ଷକ, ଅର୍ଥାତ୍ ଏକ ଧର୍ମସାପେକ୍ଷ ରାଷ୍ଟ୍ର।

ଅତୀତରେ ଭାରତବର୍ଷରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ, ଜୈନ ଭଳି ଅନେକ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ ମଧ୍ୟ ସାଧାରଣ ମାନବ ଧର୍ମର ବିଧିବିଧାନଗୁଡ଼ିକ ସମସ୍ତେ ନିଜର ତଥା ପରିବେଶର ମଙ୍ଗଳ ନିମନ୍ତେ ନିଷ୍ଠାର ସହିତ ପାଳନ କରୁଥିଲେ। କେହି କାହାରି ସାମ୍ପ୍ରଦାୟିକ ମର୍ଯ୍ୟାଦା ଉପରେ ହସ୍ତକ୍ଷେପ କରୁ ନ ଥିଲେ। ଏଣୁ ସମାଜରେ ପ୍ରୀତି ସଂହତିର ଅଭାବ ନ ଥିଲା। ଧର୍ମ ହିଁ ନିଶ୍ଚିତ କରିଥିଲା ବିଭିନ୍ନତା ମଧ୍ୟରେ ଏକତ୍ୱର ଆଦର୍ଶ, ଯାହା ଭାରତବର୍ଷର ମହାନ୍ ଐତିହ୍ୟ ହୋଇ ଆସିଛି।

ସର୍ବପ୍ରଥମେ ବ୍ରିଟିଶ ଶାସକ ଗୋଷ୍ଠୀ ଧର୍ମ ଏବଂ ରିଲିଜିଅନ୍‌କୁ ଏକାର୍ଥବୋଧକ ବୋଲି ଶିକ୍ଷା ଦେଲେ ଏବଂ ଧର୍ମର ଉଦାର, ସାର୍ବଜନୀନ ରୂପକୁ ବିକୃତ କରି ସାମ୍ପ୍ରଦାୟିକତା ସହିତ ଏକାକାର କରିଦେଲେ। ଶାସନର ସ୍ୱାର୍ଥ ଦୃଷ୍ଟିରୁ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଏବଂ ବିଭେଦର ବୀଜ ରୋପଣ କରିଲେ। ଫଳରେ ଲୋକଙ୍କର ସାର୍ବଜନୀନ ଧର୍ମ ଜୀବନ ରସାତଳଗାମୀ ହେଲା, ଯାହାର ପରିଣାମ ହେଲା ଦେଶ ବିଭାଜନ ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ, ଯାହା ଆଜି ଦେଶବାସୀଙ୍କୁ ଭୋଗିବାକୁ ପଡୁଛି। ତେଣୁ ଦେଶ ଏବଂ ଜାତିର ମଙ୍ଗଳ ନିମନ୍ତେ ଧର୍ମକୁ ରିଲିଜିଅନ୍ ବା ସାମ୍ପ୍ରଦାୟିକତାଠାରୁ ମୁକ୍ତ କରିବାକୁ ପଡ଼ିବ ଏବଂ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକଙ୍କ ଧର୍ମ ଜୀବନକୁ ଉନ୍ନତ କରିବାକୁ ପଡ଼ିବ। କେବଳ ପଠନ-ପାଠନ, ପୂଜା-ଅନୁଷ୍ଠାନ ମଧ୍ୟରେ ଧର୍ମକୁ ସୀମିତ ନ ରଖି ଲୋକଙ୍କ ବାସ୍ତବ କର୍ମ ଜୀବନରେ ଧର୍ମର ବିଧି ବିଧାନକୁ ଆଚାର-ଆଚରଣ ମାଧ୍ୟମରେ ଫଳପ୍ରସୂ କରିବାର ପ୍ରୟାସ କରିବାକୁ ପଡ଼ିବ। ଧର୍ମକୁ ଜୀବନରେ ବାସ୍ତବାୟିତ କରିବାକୁ ହେଲେ ଏଭଳି ଜଣେ ବ୍ୟକ୍ତିଙ୍କୁ ଶ୍ରଦ୍ଧାର ସହିତ ଜୀବନରେ ଅନୁସରଣ କରିବାକୁ ହେବ, ଯିଏ ଧର୍ମର ବିଧିବିଧାନଗୁଡ଼ିକୁ ନିଜ ଜୀବନରେ ବାସ୍ତବାୟିତ କରିପାରିଛନ୍ତି। ତାଙ୍କୁ ହିଁ କହନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ ବା ଗୁରୁ। ତେଣୁ ପ୍ରାଚୀନ କାଳରୁ ଗୁରୁକୈନ୍ଦ୍ରିକ ଜୀବନ ଭାରତୀୟ ସଂସ୍କୃତିର ମାନଦଣ୍ଡ ହୋଇ ଆସିଛି। ଆଜିର ଧ୍ୱଂସମୁଖୀ ସମାଜକୁ ବଞ୍ଚିବାକୁ ହେଲେ, ସେହି ପଥକୁ ଫେରିବାକୁ ପଡ଼ିବ।

ମୋ-୯୪୩୭୨୮୭୯୬୪

## ଏଇ ଭାରତରେ

ସାଫ୍ରୋନକୁ ରେଡ୍ ଗୋଲ୍ଡ କୁହାଯାଏ। ଏହାର ମୂଲ୍ୟ ଅଧିକ। ଏହା ମୁଖ୍ୟତଃ କଶ୍ମୀର ମାଟିରେ ଅଧିକ ଚାଷ ହୋଇଥାଏ। ତେବେ ଘର ଭିତରେ ସାଫ୍ରୋନ ଚାଷ କରିବା କଷ୍ଟକର ହୋଇଥିଲେ ମଧ୍ୟ ଗୁଜରାଟର ଦୁଇ ଇଞ୍ଜିନିୟର ଏଥିରେ ସଫଳ ହୋଇଛନ୍ତି। ସୁଭାଷ କାନେଟିୟା ଓ ଅଶିଷ ବାଭାଲିୟା ଇଞ୍ଜିନିୟରିଂ ପଢ଼ିବା ପରେ ଘର ଭିତରେ ସାଫ୍ରୋନ ଚାଷ କରିବାକୁ ଯୋଜନା କରିଥିଲେ। ସୁଭାଷ ବାୟୋଟେକ୍ନୋଲୋଜି ଓ କୃଷିରେ ଏବଂ ଆଶିଷ କୃଷି ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ୟୁଟ୍ୟୁବ୍‌ରୁ ଏହି ଚାଷ ସମ୍ପର୍କିତ କୌଶଳ ଓ ଜ୍ଞାନ ହାସଲ କରିବା ପରେ ଏ ସମ୍ପର୍କରେ ଗବେଷଣା କରିଥିଲେ। ପ୍ରଥମେ ୨୦୨୨ରେ ଏହି ଚାଷ ଆରମ୍ଭ କରିଥିଲେ ଏବଂ ଆମରେଲିରେ ଥିବା ଆଶିଷଙ୍କ ଫାର୍ମରେ ୫୦ ବର୍ଗଫୁଟ ଜାଗାରେ ଏହା କରାଯାଇଥିଲା। ଏବେ ୨୧୬ ବର୍ଗଫୁଟ ଜାଗାରେ ଚାଷ କରାଯାଉଛି। ସେମାନେ ଏହି ଚାଷରୁ ଉତ୍ପାଦିତ ସାଫ୍ରୋନ କେଜି ପ୍ରତି ୯ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ସେମାନେ ୨୦୨୩ରେ ହାଇଟେକ୍ ଏଗ୍ରିବାୟୋଟେକ୍ କମ୍ପାନୀ ପ୍ରତିଷ୍ଠା କରି ଘରଭିତରେ ସାଫ୍ରୋନ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୭୬**

- ପ୍ରବଳ ଘୂର୍ଣ୍ଣିଝଡ଼ ଫଳରେ ବାଂଲାଦେଶର ୩ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିବା ସଙ୍ଗେ ସଙ୍ଗେ ଅନ୍ୟୁନ ୫୦ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଆଲାହାବାଦଠାରେ ଅନୁଷ୍ଠିତ ଏକ ପୁନର୍ମିଳନ ଉତ୍ସବରେ ସଂଗଠନ କଂଗ୍ରେସର ୭ ହଜାର କର୍ମୀଙ୍କ ସହ ବହୁ ପ୍ରବୀଣ ନେତା କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି।
- ଗୁଜରାଟରେ ପୂର୍ବତନ ଜନତା ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ସଦସ୍ୟ ଥିବା ହରିଜନ ନେତା ଶ୍ରୀ କର୍ଷନ ଦାସ ସୋନେରୀଙ୍କ କଂଗ୍ରେସ ଦଳରେ ଯୋଗଦାନ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | | | | | 7 | |
| | | 8 | | | | 2 | 9 | |
| 7 | | | | 8 | | | 5 | 4 |
| 8 | | | | 5 | | | | |
| | | 9 | | | | 4 | | |
| 2 | | | | | 3 | | | 9 |
| | | | | 6 | 2 | 7 | 1 | |
| | | 1 | | | | | | |
| | | | | 7 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 8 | 4 | 1 | 5 | 3 | 9 |
| 5 | 8 | 9 | 2 | 3 | 6 | 1 | 7 | 4 |
| 4 | 3 | 1 | 9 | 7 | 5 | 2 | 6 | 8 |
| 7 | 4 | 8 | 3 | 2 | 9 | 6 | 5 | 1 |
| 9 | 5 | 2 | 6 | 1 | 4 | 7 | 8 | 3 |
| 6 | 1 | 3 | 5 | 8 | 7 | 4 | 9 | 2 |
| 3 | 6 | 7 | 1 | 9 | 2 | 8 | 4 | 5 |
| 8 | 2 | 5 | 4 | 6 | 3 | 9 | 1 | 7 |
| 1 | 9 | 4 | 7 | 5 | 8 | 3 | 2 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢୁ

ମହାଶୟ,

ଏସ୍‌ସିବି ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁ ଦିନ ଲାଗିଯାଉଛି। ଅଯଥା ସମୟ ନିଆଯାଉଛି। ଏପରିକି ଏମ୍‌ଆରଆଇ, ସିଟିସ୍କାନ୍ ଏବଂ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବାକୁ ଧାଡ଼ିରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏପରି ଭିଡ଼ରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ। ଏ କ୍ଷେତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ବହୁ ଦୂରରୁ ଆସୁଥିବା ରୋଗୀମାନେ ନିରାଶ ଓ ହନ୍ତସନ୍ତ ହେଉଛନ୍ତି। ପ୍ରଚଣ୍ଡ ଖରାରେ ଯନ୍ତ୍ରଣା ପାଉଛନ୍ତି। ସେହିପରି ପରୀକ୍ଷା ସମ୍ପର୍କିତ ରିପୋର୍ଟ ମିଳିବା ବିଳମ୍ବ ହେଉଛି। ତୁରନ୍ତ ଅଧିକ ସଂଖ୍ୟାରେ ପରୀକ୍ଷା କେନ୍ଦ୍ର ଖୋଲାଯାଇ ସମସ୍ୟାର ସମାଧାନ କରାଯାଉ।

- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମୃଦ୍ଧ ଓଡ଼ିଶାକୁ ସାକାର କରିବ ଆୟୁଷ୍ମାନ ଭାରତ



ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, ସଂସଦୀୟ ବ୍ୟାପାର ବିଭାଗ, ଓଡ଼ିଶା ସରକାର

"ଆରୋଗ୍ୟମ୍ ପରମଂ ଭାଗ୍ୟଂ ସ୍ୱାସ୍ଥ୍ୟଂ ସର୍ବାର୍ଥସାଧନମ୍" ଆମ ଶାସ୍ତ୍ର କୁହେ, ସୁସ୍ଥ ରହିବା ହେଉଛି ପରମ ସୌଭାଗ୍ୟ। ସୁସ୍ଥ ବ୍ୟକ୍ତି ଦ୍ୱାରା ସମସ୍ତ କାର୍ଯ୍ୟର ସିଦ୍ଧି ହୋଇଥାଏ। ସୁସ୍ଥ ମଣିଷରୁ ସମୃଦ୍ଧ ସମାଜର ପରିକଳ୍ପନା କରାଯାଇପାରିବ, ତେଣୁ ବିକଶିତ ରାଷ୍ଟ୍ର ହେବା ଅଭିମୁଖେ ଅଗ୍ରସର ହେଉଥିବା ଆମ ଦେଶର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତାକୁ ଅନୁଭବକରି ସ୍ୱାଧୀନତାର ଅମୃତ କାଳଖଣ୍ଡରେ ୨୦୪୭ ସୁଦ୍ଧା ବିଶ୍ୱ ଦରବାର ଆଗରେ ବିକଶିତ ଭାରତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ, ଅଦ୍ୱିତୀୟ ଜନନାୟକ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୂରଦୃଷ୍ଟିସମ୍ପନ୍ନ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଅପାର ସମ୍ଭାବନାଯୁକ୍ତ ଆମ ଓଡ଼ିଶାରେ ଇତିମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ହେବାପରେ ରାଜ୍ୟ ପ୍ରତିଷ୍ଠାର ଶତାବ୍ଦୀ ବର୍ଷ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ କରିବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନୂଆମୋଡ଼ ଆଣିଛନ୍ତି। ଆମ ସଙ୍କଳ୍ପପତ୍ର ଅନୁସାରେ ସାଧାରଣ ଜନତାର ସଞ୍ଜୀବନୀ ସ୍ୱରୂପ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ରାଜ୍ୟରେ ଏକ ସାଙ୍ଗରେ ଲାଗୁହୋଇଛି। ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶାର କଳ୍ପନା ସମ୍ଭବ। ତେଣୁ ସମୃଦ୍ଧତାର ସ୍ୱପ୍ନ ଦେଖୁଥିବା ଓଡ଼ିଶା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି ଯୋଜନା ମାଧ୍ୟମରେ ଆମ ସରକାର ପ୍ରତ୍ୟେକଟି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ।

ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର ୧.୩ କୋଟି ପରିବାରର ସାଢ଼େ ୩ କୋଟିରୁ ଅଧିକ ଲୋକ ଉପକୃତ ହେବେ। ଦେଶସାରା ଯେଉଁଠି ଥିଲେ ମଧ୍ୟ ପ୍ରାୟ ୨୯ ହଜାର ହସ୍ପିଟାଲରେ ଏହାର ସୁବିଧା ମିଳିବ। ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କ୍ୟାସଲେସ୍ ଚିକିତ୍ସା ସୁବିଧା ସହ ପରିବାର ପିଛା ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ଲାଗି ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର। ବରିଷ୍ଠ ନାଗରିକମାନଙ୍କ ପାଇଁ ବିଶ୍ୱାଶୀଳ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଏହି ଯୋଜନାରେ ପରିବାର ପିଛା ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ଆରମ୍ଭକରି ଆୟକରଦାତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୧୭,୩୨,୫୬୯ ପରିବାର ୨୩,୧୨,୯୭୯ ଲୋକ ଲାଭବାନ ହେବେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ, ଅନ୍ତ୍ୟୋଦୟ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀ, ନବୀନ କାର୍ଡ ମାଧ୍ୟମରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ସମସ୍ତ ଲୋକଙ୍କ ସହ ଆଉ ଅତିରିକ୍ତ ୬ଲକ୍ଷ ନୂଆ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ। ଆର୍ଥିକ ସମସ୍ୟା ପାଇଁ ସାଧାରଣ ଜନତା ହସ୍ପିଟାଲରୁ ଫେରିଆସି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେ ନାହିଁ। ସ୍ୱାସ୍ଥ୍ୟ ସେବା ପାଇଁ ଅର୍ଥ ବାଧକ ହେବ ନାହିଁ, ସମାଜ ଶେଷ ସ୍ତରରେ ଥିବା ବ୍ୟକ୍ତି ପାଖରେ ଆୟୁଷ୍ମାନ ଭାରତ ଯୋଜନା ପହଞ୍ଚାଇବା ଲାଗି ଆମେ ବଦ୍ଧପରିକର।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନାର କାର୍ଡ ବଣ୍ଟନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜନସେବା କେନ୍ଦ୍ର ଓ ୪୮,୦୦୦ ଆଶାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋଟିଏ ବ୍ୟକ୍ତି ଗୋଟିଏ କାର୍ଡ ଆଧାରରେ ଆଶାକର୍ମୀମାନେ ଘରକୁ ଘର ଯାଇ ଇ-କେୱାଇସି ମାଧ୍ୟମରେ କାର୍ଡ ବଣ୍ଟନ କରିବେ। ଏହା ସାରା ଦେଶର ଅନୁଷ୍ଠିତ ହସ୍ପିଟାଲ ପାଇଁ କାର୍ଯ୍ୟ କରିବ, ଯାହା ଦ୍ୱାରା ରାଜ୍ୟ ବାହାରେ ଥିବା ଲୋକଙ୍କ ଲାଗି ଚିକିତ୍ସା ସୁବିଧା ପାଇବାରେ ଅସୁବିଧା ହିଁ ନାହିଁ। କୌଣସି କାରଣବଶତଃ କାହା ପାଖରେ କାର୍ଡ ନ ଥିଲେ ନିଜର ଆଧାର କାର୍ଡ ଦେଖାଇ ସ୍ୱାସ୍ଥ୍ୟସେବା ପାଇପାରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଏସ୍‌ଓପି ମଧ୍ୟ ଜାରି ହୋଇଛି। ଏହାକୁ ଆଧାରକରି ଅନୁବନ୍ଧିତ ହସ୍ପିଟାଲଗୁଡ଼ିକ ଚିକିତ୍ସା ପ୍ରଦାନ କରିବେ। ଏହି ଚିକିତ୍ସା ସୁବିଧା ପାଇଁ ପ୍ରସ୍ତୁତ ହୋଇଥିବା ନୂଆ ଆଇଟି ପ୍ଲାଟଫର୍ମରେ ଯଦି କିଛି ସମସ୍ୟା ଉପୁଜିଲା, ଏହାକୁ ବାହାନା କରି କୌଣସି ହିତାଧିକାରୀ ଯେପରି ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଆମ ସରକାର ଗୁରୁତ୍ୱ ଦେଇଛନ୍ତି। ଏହା ସର୍ବଭାରତୀୟ ଆଇଟି ପ୍ଲାଟଫର୍ମରେ ମଧ୍ୟ ଅନ୍‌ବୋର୍ଡ ରହିଛି। ସମସ୍ତେ ନୂଆ ସ୍ୱାସ୍ଥ୍ୟ କାର୍ଡ ପାଇବା ପୂର୍ବରୁ ଯଦି କାହାର କୌଣସି ଅସୁବିଧା ହେଲା ଆଧାର କାର୍ଡ ମାଧ୍ୟମରେ ନିର୍ଦ୍ଧାରିତ ଚିକିତ୍ସା ପାଇପାରିବେ। ଆଗାମୀ ତିନିମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କ ପାଖକୁ କାର୍ଡ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ସଙ୍କଳ୍ପବଦ୍ଧ।

ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ନେତୃତ୍ୱରେ ଆର୍ଥିକ ଦୁର୍ବଳ ଥିବା ଲୋକଙ୍କୁ ଆର୍ଥିକ ନିରାପତ୍ତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଲକ୍ଷ୍ୟକୁ ସରକାରଙ୍କ ଦ୍ୱାରା ୨୦୧୮ ମସିହା ସେପ୍ଟେମ୍ବର ମାସରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଥିଲା। ନିଜସ୍ୱ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ଗରିବ ଲୋକଙ୍କୁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବିଗତ ସରକାର ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ରାଜ୍ୟରେ ଆୟୁଷ୍ମାନ ଯୋଜନା ଜାଣିଶୁଣି ଲାଗୁ କରି ନ ଥିଲେ। ତେବେ ଏହା ପଛରେ ତାଙ୍କର ମନ୍ଦ ଉଦ୍ଦେଶ୍ୟ ଥିଲା। କାଳେ ନିଜର ଭୋଟ ବ୍ୟାଙ୍କ କମିଯିବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲୋକେ ସବୁ ଶ୍ରେୟ ଦେଇଦେବେ, ସେଇ ଭୟ ଗତ ସରକାରଙ୍କୁ ଘାରିଥିଲା। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନ ହେବା ଯୋଗୁ ଗତ ୫ ବର୍ଷରେ ରାଜ୍ୟ ୩ ହଜାର କୋଟି କ୍ଷତି ସହିବା ଘଟଣା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପ୍ରତି ପୂର୍ବ ସରକାରଙ୍କ ହୀନ ମାନସିକତାର ପରିଚୟ। ତେବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡବଲ ଇଞ୍ଜିନ ସରକାରର ମଙ୍ଗ ଧରିବା ପରେ ଧରାଶାୟୀ ହୋଇପଡ଼ିଥିବା ସ୍ୱାସ୍ଥ୍ୟବ୍ୟବସ୍ଥାର ବିକଳ ଚିତ୍ର ସଜାଡ଼ିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗତ ସରକାର ଯାହା କରିପାରି ନ ଥିଲା ୧୦ ମାସରେ ଆମ ସରକାର ତାହା କରି ଦେଖାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ ଗତ ଏପ୍ରିଲ ୧୧ ତାରିଖରେ ରାଜ୍ୟର ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହେବା ଫଳରେ ଓଡ଼ିଶାବାସୀଙ୍କ ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ପୂରଣ ହୋଇଛି। ଆୟୁଷ୍ମାନ କାର୍ଡ ଅଧୀନରେ କ୍ୟାନ୍ସର, ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ ପରି ଗୁରୁତର ରୋଗର ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ଦ୍ୱାରା ରୋଗୀମାନେ ବିନା ଖର୍ଚ୍ଚରେ ଉଚ୍ଚମାନର ଚିକିତ୍ସା ପାଇପାରିବେ। ଏହି କାର୍ଡ ମାଧ୍ୟମରେ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଇପାରିବ। ଏହା ବ୍ୟତୀତ, ଔଷଧ, ଡାଇଗ୍ନୋଷ୍ଟିକ ଓ ଅନ୍ୟାନ୍ୟ ସେବା ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆୟୁଷ୍ମାନ ଭାରତ ଆସିବାରୁ ଅଟୋ ପୂର୍ବ ଯୋଜନାରେ ଗୋଟିଏ ପରିବାରକୁ ଗୋଟିଏ କାର୍ଡ ମିଳୁଥିଲା କିନ୍ତୁ ଏବେ ଜଣେ ବ୍ୟକ୍ତି ଗୋଟିଏ କାର୍ଡ ପାଇବେ, ଯାହା ଫଳରେ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଏକ ସାଙ୍ଗରେ ଚିକିତ୍ସା ସୁବିଧା ପାଇପାରିବେ। ପୂର୍ବ ସରକାରର ଯୋଜନା କେବଳ ରାଜ୍ୟ ଓ ରାଜ୍ୟ ବାହାରେ ହାତଗଣତି ସର୍ବମୋଟ ୯୦୦ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିଲା ବେଳେ ଏବେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ କଶ୍ମୀରରୁ କନ୍ୟାକୁମାରୀ ଦେଶର ସମସ୍ତ ସ୍ଥାନରେ ୨୯,୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟସେବା ଯୋଜନା ହୋଇଥିବାରୁ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାରେ ଏହା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ।

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟା"କୁ ଆଧାରକରି ମାଲକାନଗିରିରୁ ମୟୂରଭଞ୍ଜ, କେନ୍ଦ୍ରାପଡ଼ାରୁ ନୂଆପଡ଼ା ସମସ୍ତ ରାଜ୍ୟବାସୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବାକୁ ଆମେ ଉଦ୍ୟମରତ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମାଧ୍ୟମରେ ସମସ୍ତଙ୍କ ସୁସ୍ଥ ଓ ସୁଖିଦ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ବର୍ତ୍ତମାନ ବ୍ୟବସ୍ଥା ନିର୍ମାଣ କରାଯାଇଛି। ସୁସ୍ଥତାରୁ ସମୃଦ୍ଧତା ଦୃଷ୍ଟିକୋଣକୁ ପାଥେୟକରି ସୁସ୍ଥ ଓଡ଼ିଶାରୁ ହିଁ ସମୃଦ୍ଧ ଓଡ଼ିଶା ଗଠନ ପରିକଳ୍ପନାର ସାକାର ହୋଇପାରିବ, ତେଣୁ ସମସ୍ତଙ୍କର ସୁଖୀ ଓ ରୋଗମୁକ୍ତ ଜୀବନ କାମନା ପାଇଁ ଆମ ସରକାର କାର୍ଯ୍ୟରତ।

ପ୍ରଥମ ପୃଷ୍ଠାରୁ

## ରାଜ୍ୟପାଳ ଅଲୋଡ଼ା...

ଆନିମଲ୍ ସାଇନ୍ସେସ୍ ୟୁନିଭର୍ସିଟି (ଆମେଣ୍ଡ୍‌ମେଣ୍ଟ) ଆକ୍ଟ ଏବଂ ତାମିଲନାଡୁ ୟୁନିଭର୍ସିଟିଜ୍ ଲଜ୍ (ସେକେଣ୍ଡ ଆମେଣ୍ଡ୍‌ମେଣ୍ଟ) ଆକ୍ଟ-୨୦୨୨। ନବପ୍ରଣୀତ ଆଇନ ବଳରେ ତାମିଲନାଡୁ ସରକାର ରାଜ୍ୟର ୧୮ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରିପାରିବେ। ପୂର୍ବରୁ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଥିବା ରାଜ୍ୟପାଳଙ୍କ ହାତରେ ଏହି ନିଯୁକ୍ତି କ୍ଷମତା ରହିଥିଲା। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ରାଜ୍ୟପାଳ ରବି ମୁହାଁମୁହିଁ ହୋଇଥିଲେ। ତେବେ ଗତ ମଙ୍ଗଳବାର ସୁପ୍ରିମକୋର୍ଟ ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରି ଏଗୁଡ଼ିକ ଆଇନରେ ପରିଣତ ହେବ ବୋଲି ସ୍ପଷ୍ଟ ରାୟ ଦେବା ପରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏହାକୁ ଏକ ଐତିହାସିକ ନିଷ୍ପତ୍ତି ଭାବେ ଅଭିହିତ କରିଥିଲେ। ଏହା କେବଳ ତାମିଲନାଡୁର ନୁହେଁ, ବରଂ ଭାରତର ସମସ୍ତ ରାଜ୍ୟ ସରକାରଙ୍କ ବିଜୟ ବୋଲି ଷ୍ଟାଲିନ୍ କହିଥିଲେ। ଏକ ବିଧେୟକ ବିଧାନସଭାରେ ଦ୍ୱିତୀୟ ଥର ପାଇଁ ପାରିତ ହେଲେ ରାଜ୍ୟପାଳ ତାକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ସାମ୍ବିଧାନିକ ନିୟମ ରହିଥିବା ସତ୍ତ୍ୱେ ରାଜ୍ୟପାଳ ଜାଣିଶୁଣି ବିଳମ୍ବ କରିଲିଥିଲେ ବୋଲି ଷ୍ଟାଲିନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସମାଲୋଚନା କରିଥିଲେ। ଶନିବାର ଭିଜ୍ଞପ୍ତି ପ୍ରକାଶ ପାଇବା ପରେ ଡିଏମ୍‌କେର ରାଜ୍ୟସଭା ସଦସ୍ୟ ଓ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଆଇନଜୀବୀ ପି. ୱିଲସନ କହିଛନ୍ତି, ଭାରତର ପ୍ରଥମ ଥର ପାଇଁ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନା ସ୍ୱାକ୍ଷରରେ ଆଇନ ପରିଣତ ହୋଇ ଇତିହାସ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ବଳରେ ଏହା ସମ୍ଭବ ହୋଇଛି ବୋଲି ୱିଲସନ ଟ୍ୱିଟ୍ କରିଛନ୍ତି।

## ସମ୍ମତି ପାଇଁ ରାଷ୍ଟ୍ରପତିଙ୍କୁ ...

ବିଧେୟକକୁ ରାଷ୍ଟ୍ରପତି ଗ୍ରହଣ କରିବା ଦିନଠାରୁ ୩ ମାସ ଭିତରେ ତା' ଉପରେ ସମ୍ମତି ଦେବେ ବୋଲି ଆମେ ସମୟସୀମା ସ୍ଥିର କରୁଛୁ। ରାଷ୍ଟ୍ରପତି ଏହି ଅବଧି ମଧ୍ୟରେ ବିଧେୟକ ଉପରେ ନିଷ୍ପତ୍ତି ନ ନେଲେ ତାଙ୍କୁ ବିଳମ୍ବ ହେବାର ଉପଯୁକ୍ତ କାରଣ ରେକର୍ଡରେ ଦର୍ଶାଇବାକୁ ପଡ଼ିବ। ଏପରି କି ରାଷ୍ଟ୍ରପତି ଏନେଇ ସମ୍ପୃକ୍ତ ରାଜ୍ୟକୁ ମଧ୍ୟ ଅବଗତ କରାଇବେ। ରାଜ୍ୟଗୁଡ଼ିକ ମଧ୍ୟ ସମସ୍ୟାର ରକ୍ଷା ପୂର୍ବକ ସହଯୋଗୀ ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ତୁରନ୍ତ ଦେବେ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

## ଟ୍ରମ୍ପଙ୍କ ଟାରିଫ୍ ବିଶ୍ୱ ...

କାର୍ଯ୍ୟକଳାପ ଏବଂ ନିଯୁକ୍ତି ସୃଷ୍ଟିରେ ପୋଷାକ ଶିଳ୍ପର ବଡ଼ ଭୂମିକା ରହିଥିବାବେଳେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ପୋଷାକ ଉତ୍ପାଦନକାରୀ ବାଂଲାଦେଶ ଉପରେ ଆମେରିକା ୩୭ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ଲଗାଇଛି। ଏହା କାର୍ଯ୍ୟକାରୀ ହେଲେ ୨୦୨୯ ସୁଦ୍ଧା ଆମେରିକାକୁ ବାଂଲାଦେଶର ବାର୍ଷିକ ରପ୍ତାନି ୩.୩ ବିଲିୟନ ଡଲାର କ୍ଷତି ସହିପାରେ ବୋଲି ପାମେଲା କହିଛନ୍ତି।

## ଅହଂକାର ରଖନି, ...

ଭାଜପା କର୍ମୀ ଏବଂ ନେତାଙ୍କ ପରିଶ୍ରମ ଓ ଶୃଙ୍ଖଳା ସହ ଦେଶବାସୀଙ୍କ ଭରସା ଓ ଆଶୀର୍ବାଦ ଯୋଗୁ ୧୯ଟି ରାଜ୍ୟରେ ଏନ୍‌ଡିଏ ସରକାର ରହିଛି। ଏହି ୧୯ଟି ରାଜ୍ୟରୁ ୧୩ଟି ରାଜ୍ୟରେ ଭାଜପାର ଏକାକୀ ସରକାର ରହିଛି। ବିଧାୟକ ଓ ସାଂସଦମାନେ ସୁଯୋଗ ଦେଲେ କିଛି ନୂଆ କଥା ଶିଖିବା ଉଚିତ୍। ଏହା ଦ୍ୱାରା ଦଳର ଉନ୍ନତି ହେବା ସହ ସଫଳତା ମିଳିପାରିବ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ନିଜ ବକ୍ତବ୍ୟରେ କହିଛନ୍ତି।

## ସୁଟକେସ୍‌ରେ ଗର୍ଲଫ୍ରେଣ୍ଡ...

ମିଳିଥିଲା। ଏହା ସୋଠାରେ ଉପସ୍ଥିତ ସୁରକ୍ଷା କର୍ମୀ ଓ ଅନ୍ୟ ଛାତ୍ରମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଛାତ୍ର ଏବଂ ସୁରକ୍ଷା କର୍ମୀମାନେ ଏହି ଦୃଶ୍ୟର ଭିଡିଓ ରେକର୍ଡ କରିଥିଲେ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## କକାଙ୍କ ମୁଣ୍ଡ ...

ସମ୍ପର୍କରେ କକା, ପୁରୁଣା ହରିଙ୍କ ଘର ପାଖରେ ଅଭିଯୁକ୍ତ କବି ଏକ ଜବରଦଖଲ ଜମିରେ ଘର କରିଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଶୁକ୍ରବାର ରାତିରେ ଗାଁରେ ଦଣ୍ଡନାଚ ଚାଲିଥିବା ବେଳେ କବି କାକାଙ୍କୁ କୌଣସି ବାହାନାରେ ବାହାରକୁ ଡାକି ଆଣି ଏକ କୁରାଢ଼ିରେ ଆକ୍ରମଣ କରିଥିଲା। ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଇ କଟାମୁଣ୍ଡକୁ ଏକ ବ୍ୟାଗରେ ଧରି ଶ୍ୟାମାକାନ୍ତି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲା। ସଦର ପୋଲିସ ଉକ୍ତ ଗ୍ରାମକୁ ଯାଇ ମୃତଦେହ ଜବତକରି ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ କରିଛି। ଅପରାଧ ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି ଓ ଏକ ହତ୍ୟା ମାମଲା (ନଂ.୧୭୬/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୁଳ କହିଛନ୍ତି, ଏକ ଜମି ଉପରେ ଘର କରିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କୁ ଗିରଫ ସହ ହତ୍ୟାରେ ବ୍ୟବହୃତ ଅସ୍ତ୍ର ଜବତ କରାଯାଇ ତଦନ୍ତ ଜାରି ରହିଛି।

## ଭାଇଙ୍କୁ ତୀର ମାରି ହତ୍ୟା ...

ପିଇ ଦେଇଥିଲେ। ଖବରପାଇ ମହୁଲପଦା ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସ୍ତ୍ରୀଙ୍କୁ କଟୁରିରେ ...

ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ୪ବର୍ଷ ତଳେ ବିବାହ କରିଥିଲେ। ହେଲେ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଥାନାରେ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଙ୍କନିଧିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବାଙ୍କନିଧି ଜେଲରୁ ଜାମିନରେ ଆସିବା ପରେ ଲକ୍ଷ୍ମୀପ୍ରିୟାଙ୍କୁ ମାରିବାକୁ ଉଦ୍ୟମ କରୁଥିଲେ। ମଧ୍ୟାହ୍ନରେ ଲକ୍ଷ୍ମୀପ୍ରିୟା କଳାପଥର ସ୍ୱାସ୍ଥ୍ୟକେନ୍ଦ୍ରକୁ ଝିଅର ଚିକିତ୍ସା ପାଇଁ ଯାଇଥିଲେ। ପୂର୍ବ ରାଗ ରଖି ବାଙ୍କନିଧି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କଟୁରିରେ ହାଣିବାକୁ ଗଲାବେଳେ ଚୋଟଟି ସ୍ତ୍ରୀଙ୍କ ବେକରେ ନ ବାଜି କାଖରେ ଧରିଥିବା ୩ ବର୍ଷର ଝିଅ ମୁଣ୍ଡରେ ବାଜିଥିଲା। ଗୁରୁତର ଅବସ୍ଥାରେ ଝିଅକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ପୋଲିସ ଉଭୟ ଝିଅ ଓ ମା'ଙ୍କୁ ଥାନାକୁ ନେଇ ରଖିଛି। ଲକ୍ଷ୍ମୀପ୍ରିୟାଙ୍କ ଏତଲା ଆଧାରରେ ପୋଲିସ ନଂ. ୬୮/୨୫ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ଘଟଣା ଘଟାଇ ଅଭିଯୁକ୍ତ ବାଙ୍କନିଧି ଗିରଫ ଭୟରେ ଫେରାର ହୋଇଯାଇଛନ୍ତି ବୋଲି ଆଇଆଇସି ପ୍ରଭାକର ନାୟକ କହିଛନ୍ତି।



**ଷୋହଳପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା**

**ପଲମ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତ ତାରିଣୀ ମନ୍ଦିର ପରିସରରେ ପଣା ସଂକ୍ରାନ୍ତି ଉପଲକ୍ଷେ ୧୬ ପ୍ରହର ନାମଯଜ୍ଞ ପାଇଁ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉମାଶଙ୍କର ମିଶ୍ର ପୂଜକ ଭାବରେ ପୂଜା କାର୍ଯ୍ୟ ତୁଲାଇଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଣ୍ଟବାଦ୍ୟ ସହ ଗ୍ରାମ ପାଖର ମଙ୍ଗଳା ଯୋରରୁ ଗଙ୍ଗା ବରଣ ସହ କଳସରେ ଜଳ ଭରି ମଣ୍ଡପରେ ସ୍ଥାପନ କରିଥିଲେ। ୧୩ତାରିଖ ସକାଳ ୮ଟାରୁ ଦିନତମାମ ନାମ ସଂକୀର୍ତ୍ତନ କରାଯାଇ ୧୫ ତାରିଖରେ ପୂର୍ଣ୍ଣାହୁତି କରିବା ପାଇଁ ସ୍ଥିର ହୋଇଛି।



## ସଂକ୍ଷେପରେ

### ଟ୍ରକ୍ ଚାପାରେ ବସ୍ ଯାତ୍ରୀ ମୃତ

**କୋମନା,୧୨।୪ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧ ଦୁର୍ଗାମଣ୍ଡପ ସାମନା ଜାତୀୟ ରାଜପଥରେ ଶନିବାର ଟ୍ରାକ୍ ଚାପାରେ ଜଣେ ବସ୍ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରମବନ୍ଧା ଥାନା ଫୋକଟପଡାର ଲଳିତ ରାଉତ (୪୨)। ସୂଚନା ଅନୁଯାୟୀ ଲଳିତ ବିଜୟଲକ୍ଷ୍ମୀ ନାମକ ଏକ ବେସରକାରୀ ବସ୍‌ରେ ଖରିଆରରୁ ନୂଆପଡା ଅଭିମୁଖେ ଯାତ୍ରା କରୁଥିଲେ। ଉଦ୍ୟାନବନ୍ଧରେ ବସ୍ ଅଟକିବା ସମୟରେ ସେ କୌଣସି କାମରେ ବସ୍‌ରୁ ଓହ୍ଲାଇ ଡାହାଣପଟକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ କୋମନାରୁ ନୂଆପଡା ପଟେ ଯାଉଥିବା ଏକ ମାଲବୋଝେଇ ଟ୍ରକ୍ ତାଙ୍କୁ ଧକ୍କାଦେଇ କିଛିବାଟ ଘୋଷାଡ଼ି ନେବାରୁ ସେ ଗୁରୁତର ହୋଇପଡିଥିଲେ। ଉପସ୍ଥିତ ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋମନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି।

### ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଡ଼ିଆଳ,୧୨।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅମଲାପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିବେକାନନ୍ଦ ପୋତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଇଓ କାହ୍ନୁଚରଣ ନାଏକ ମୁଖ୍ୟ ଅତିଥି, ଏବିଇଓ ଜୟଦେବ ପଣ୍ଡା ମୁଖ୍ୟବକ୍ତା ଓ ଅରେଡ଼ା ସରପଞ୍ଚ ପ୍ରତିମା ପୁଞ୍ଜି, ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ସେନାପତି, ବାଦି କ୍ଲଷ୍ଟର ସିଆର୍‌ସିସି ବନବିହାରୀ ବାଗ, ଚିନ୍ଦାଗୁଡା ସିଆର୍‌ସିସି ସିଲୁ ମହାନନ୍ଦ, ଘରଧରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବ କୁମାର ବନଛୋର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଦ୍ଧାର୍ଥ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କାଙ୍କେରୀଠାରେ ଆୟୁଷ୍ମାନ ଯୋଜନାରେ କାର୍ଡ ବଣ୍ଟନ

**ଧର୍ମଗଡ଼,୧୨।୪(ଆକାଶ କୁମାର ଜଗତ)**


କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କାଙ୍କେରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଠାରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ବିଭୁଦତ୍ତ ପ୍ରଧାନୀ ମୁଖ୍ୟ ଅତିଥି, ବିଧାୟକ ପ୍ରତିନିଧି ଅପ୍ରେସ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ବ୍ଲକ ନୋଡାଲ ଅଫିସର ଡ଼ା ଗୌରାଙ୍ଗ ଚରଣ ଗିରି, ସରପଞ୍ଚ କାଙ୍କେରୀ ମମତା କେତକି, ସମିତି ସଭ୍ୟ ଜ୍ୟୋସ୍ନାମୟୀ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଫାର୍ମାସିଷ୍ଟ ରାଜେଶ କୁମାର ଯୋଶୀ ପରିଚାଳନାରେ ସହଯୋଗ କରିଥଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୧୨।୪ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ସିକେରକୁପା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ସଭାପତିତ୍ୱରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସୁଡ଼ଳଦେବ ମୁଣ୍ଡ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ ମୁଖ୍ୟ ବକ୍ତା ଓ ସ୍ଥାନୀୟ ସରପଞ୍ଚ ମମତା ଶବର, ଲାଞ୍ଜିଗଡ଼ ରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରୁଣ କୁମାର ସାହୁ, ଲାଞ୍ଜିଗଡ଼ ରୋଡ଼ କ୍ଲଷ୍ଟର ସଂଯୋଜକ ଶ୍ରବଣ କୁମାର ସରାଫ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲଳିତା ବିଭାର, ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ରନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଜିଠୁ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ

**ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)**


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ କନଫରେନ୍ସ ହଲରେ ରବିବାର ଏପ୍ରିଲ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ୧୧ତମ ଆନ୍ତର୍ଜାତୀୟ ଶିଶୁ/ଯୁବ ଚଳଚ୍ଚିତ୍ର ମହୋତ୍ସବ (ସିଫସି) ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶନିବାର ଅନୁଷ୍ଠାନର କନଫରେନ୍ସ ହଲରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଆନ୍ତର୍ଜାତୀୟ ଶିଶୁ/ଯୁବ ଚଳଚ୍ଚିତ୍ର ମହୋତ୍ସବର ୩ ଦିନ କାର୍ଯ୍ୟକ୍ରମ ଉପରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ମହୋତ୍ସବରେ ୧୫ ଦେଶର ପିଲାମାନଙ୍କ ଦ୍ୱାରା ୩୦ରୁ ଊର୍ଦ୍ଧ୍ୱ ଫିଚର୍ ଫିଲ୍ମ, କ୍ଷୁଦ୍ର ଫିଲ୍ମ, ଡ଼କୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ

**ପ୍ରଦର୍ଶିତ ହେବ ୧୫ ଦେଶର ୩୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର**

ହେବ। ଏହାସହ ବିଭିନ୍ନ ଦେଶବିଦେଶରୁ ଆସିଥିବା ରାଷ୍ଟ୍ରଦୂତଙ୍କ ଦ୍ୱାରା କର୍ମଶାଳା, ମାଷ୍ଟର କ୍ଲାସ ଓ ପେନାଲ ଜରିଆରେ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ପ୍ରଚେଷ୍ଟା ଚାଲିଥିବା ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ପର୍ପଲ ପିପୁଲ ଲ୍ୟାବ୍‌ସ ସଂସ୍ଥାପକ ଶ୍ୱେତା ପରଖ, ସମାଚାର ଜଷ୍ଟ କ୍ଲିକର ଦେବେନ୍ଦ୍ର ବିଶି, ଲକ୍ଷ୍ମୀ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଲକ୍ଷ୍ମୀ ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲାରେ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ହେଉଥିବାରୁ ଜିଲାର ଶିଶୁ ଓ ଯୁବକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ଶିଶୁ ସୁରକ୍ଷା ଅଧିକାରୀ ବହିଷ୍କୃତ

**ଖଡ଼ିଆଳ/ନୂଆପଡ଼ା,୧୨।୪ (ସୁଜିତ କୁମାର ପ୍ରଧାନ/ମକାରୁ ବେମାଲ)**

ନୂଆପଡ଼ା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଅନ୍ତର୍ଯ୍ୟାମୀ ବଳିୟାରସିଂଙ୍କୁ ସରକାର ଚାକିରିରୁ ବହିଷ୍କାର କରିଛନ୍ତି। ସୂଚନା ଅନୁସାରେ, କିଛିମାସ ତଳେ ଖଡ଼ିଆଳସ୍ଥିତ ଶିଶୁ ଯତ୍ନ ପ୍ରତିଷ୍ଠାନ ଉତ୍କଳ ବାଳାଶ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳିୟାରସିଂ କିଛି ସାମଗ୍ରୀ ଦେବାକୁ କହିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଅତିରିକ୍ତ ଜିଲାପାଳ (ସାଧାରଣ) ଏହାର ତଦନ୍ତ କରିଥିଲେ। ଅଭିଯୋଗରେ ସତ୍ୟତା ପ୍ରମାଣିତ ହେବା ପରେ ଗତ ମାର୍ଚ୍ଚ ୪ରେ ରାଜ୍ୟ ମହିଳା ଓ ଶିଶୁ ସୁରକ୍ଷା ବିଭାଗର ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସ୍‌ସିପିଏସ୍)ଙ୍କୁ ଜିଲା ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏଥିରେ ଡିସିପିଓ ଭଳି ଏକ ଦାୟିତ୍ୱପୂର୍ଣ୍ଣ ପଦବୀରେ ରହି ବଳିୟାରସିଂଙ୍କ ଏଭଳି ଆଚରଣ ଶିଶୁ କଲ୍ୟାଣ ଓ ସୁରକ୍ଷା ନୀତି ବିରୋଧ ବୋଲି ଦର୍ଶାଯାଇଥିଲା। ଏହା ସହିତ ତାଙ୍କ କାର୍ଯ୍ୟକଳାପ ସନ୍ତୋଷଜନକ ନୁହେଁ। ସେ ଡିସିପିଓ ପଦବୀରେ ରହିବା ନୂଆପଡ଼ା ଜନସାଧାରଣ ତଥା ସରକାରଙ୍କ ପାଇଁ କ୍ଷତିକାରକ ବୋଲି ଜିଲା ପ୍ରଶାସନ ତରଫରୁ ପ୍ରଦତ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଗତ ୧୦ ତାରିଖ ରାଜ୍ୟ ମହିଳା ଓ ଶିଶୁ ସୁରକ୍ଷା ବିଭାଗର ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସ୍‌ସିପିଏସ୍) ଚିଠି ସଂଖ୍ୟା ୬୧୩ରେ ଓଏସ୍‌ସିପିଏସ୍ ନିର୍ଦ୍ଦେଶକ ମୋନିଷା ବାନାର୍ଜି ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳିୟାରସିଂଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।

# କଳାହାଣ୍ଡି ଫେରିଲେ ୨୬ ଦୁଃସାହସିକ ପର୍ବତାରୋହୀ


କଳାହାଣ୍ଡିକୁ ଫେରିଥିବା ୨୬ ଦୁଃସାହସିକ ପର୍ବତାରୋହୀ।

**ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ୨୬ ଜଣିଆ ଦୁଃସାହସିକ ପର୍ବତାରୋହୀ ଦଳ ଉତ୍ତରାଖଣ୍ଡ ରାଜ୍ୟର ହିମାଳୟନ ନାଗଟିବା ଟ୍ରେକିଂ ଅଭିଯାନ ସଫଳତାର ସହ ଶେଷ କରି ନିଜ ଜିଲାକୁ ଫେରିଛନ୍ତି। ଶୁକ୍ରବାର ଏହି ଦଳ କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ସ୍ଥାନୀୟ ଲୋକ ସଭା ସାଂସଦ ପ୍ରତିନିଧି ଘନଶ୍ୟାମ ଗହୀର, କେସିଙ୍ଗା ପୂର୍ବତନ ଏନ୍‌ଏସି

**ହିମାଳୟନ ନାଗଟିବାରେ ସଫଳ ଅଭିଯାନ**

ଉପାଧ୍ୟକ୍ଷ ଗୋବିନ୍ଦ ବଞ୍ଜୋର, ହରିଶ ବଗର୍ତ୍ତି ଓ ଅନ୍ୟମାନେ ସ୍ୱାଗତ କରିଥିଲେ। ଭବାନୀପାଟଣା ଯାଇ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ବେଦାନ୍ତ ସିଏସ୍‌ଆର୍‌ର ଦିଲ୍ଲୀପ ପ୍ରଜାପତି, ହୃଦୟ ପ୍ରଧାନ ଏହି ଦଳକୁ ଶୁଭେଚ୍ଛା ଜଣାଇଥିଲେ। ଗତ ଏପ୍ରିଲ ୫ରେ ଏହି ଦଳ ୧୦ ହଜାର ଫୁଟ ଉଚ୍ଚତା ବିଶିଷ୍ଟ ହିମାଳୟନ ନାଗଟିବାକୁ ସଫଳତାର ସହିତ ପହଞ୍ଚି ଜାତୀୟ ପତାକା ଉଡାଇବା ସହିତ ମା'ମାଣିକେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ଜୟଜୟକାର କରିଥିଲେ। ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ ଅଭିଯାନର ନେତୃତ୍ୱ ନେତୃତ୍ୱ ନେଇଥିବା ବେଳେ ବରିଷ୍ଠ ପର୍ବତାରୋହୀ ପ୍ରଶିକ୍ଷକ ରୋମାଞ୍ଚଳ ଭୋଇ, ଧନପତି ବାଗ, ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ଼. ଘନଶ୍ୟାମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅସହାୟ ମହିଳାଙ୍କୁ ସହାୟତାର ହାତ ବଢ଼ାଇଲେ

**ଖଡ଼ିଆଳ,୧୨।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳର ପଡୋଶୀ ତୁରେକେଲା ବ୍ଲକ ମୁଡକାନୀ ଗାଁର କୁନି ନାଗ ନାମ୍ନୀ ମହିଳା ରୋଗଗ୍ରସ୍ତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କ ସ୍ୱାମୀ ଦନାର ନାଗ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବା ବେଳେ କୁନି ଓ ତାଙ୍କର ଦୁଇ ଶିଶୁ ଘରେ ରହୁଛନ୍ତି। କିଛିଦିନ ତଳେ କୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିବାବେଳେ ଅର୍ଥାଭାବରୁ ଚିକିତ୍ସା ନ ପାଇ ଘରେ ପଡ଼ି ରହିଥିଲେ। ଖବର ପାଇ ହେଲପିଂ ଫର୍ ହେଲ୍ପଲେସ ପିପୁଲ ଫାଉଣ୍ଡେଶନ ସଭାପତି ରାଜେଶ୍ୱର ଦର୍ଜି, ଉପସଭାନେତ୍ରୀ ବିନ୍ଦିଆ ଅଗ୍ରୱାଲ ଓ ସଦସ୍ୟ ନବୀନ ବାଗ କୁନିଙ୍କ ଘରେ ପହଞ୍ଚି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଚିକିତ୍ସା ସୁବିଧା ପାଇ କୁନି ଆରୋଗ୍ୟ ହେଉଥିବା ଡା. ରଞ୍ଜିତ ରାଉତ ପ୍ରକାଶ କରିଛନ୍ତି।

# ଚୈତ୍ର ମହୋତ୍ସବରେ ଦେବୀଙ୍କ ନଗର ପରିକ୍ରମା


ନଗର ପରିକ୍ରମା ସମୟରେ ଦେବଦେବୀଙ୍କୁ ସ୍ୱାଗତ କରାଯାଉଛି।


**ରିଷିଡ଼ା,୧୨।୪(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ଚୈତ୍ରମହୋତ୍ସବ ଆରମ୍ଭ ହୋଇଛି। ଶନିବାର ଦେବଦେବୀଙ୍କ ନିଶାଣ ବୀରବାଦ୍ୟ ସହିତ ନଗର ପରିକ୍ରମା ଛତରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଦେବୀ ବରୁଆମାନଙ୍କ ଦେହରେ ସବାର ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ପୀଠରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଭକ୍ତଙ୍କ ସମେତ ରାଜନେତା, ସାମାଜିକ କର୍ମୀ ସାମିଲ ହୋଇଥିଲେ। ମୁଖ୍ୟ ରାସ୍ତାରେ ଶ୍ରଦ୍ଧାଳୁମାନେ କଳସ ସ୍ଥାପନକରି ଦେବଦେବୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା, ସମ୍ପାଦକ ସୁଶାନ୍ତ ମଲ୍ଲିକ, ଦେହୁରି ସେବାୟତ ସୁମନ୍ତ ଭୋଇ, ରାଧେଶ୍ୟାମ ପଟ୍ଟନାୟକ, ତପନ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ବଲାଙ୍ଗୀର, କଳାହାଣ୍ଡି ଜିଲାରୁ ବାର ଦେହେଲିଆ, ସେବାୟତ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଗତି ହାୟର ସେକେଣ୍ଡାରି ସ୍କୁଲରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଏଓ ସମର କୋର୍ସ କରୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ଏକ କ୍ୟାରିଅର କାଉନସେଲିଂ ଫ୍ୟୁଚର ଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥୁଆମୂଳ ରାମପୁର କଲେଜ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବୋର୍ଡର ପ୍ରଧାନ ଶିକ୍ଷକ ପ୍ରକାଶ ନିଶାଙ୍କ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା, ଉପାଧ୍ୟକ୍ଷ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ମାର୍ଗଦର୍ଶନ କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ପାଇଁ 'ଫ୍ୟୁଚର ଟକ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଅତିଥିଗଣ ଜୀବନକୁ ଗଠନ କରିବା, ଭବିଷ୍ୟତର ଲକ୍ଷ୍ୟ ସ୍ଥିର କରିବା ଓ ଏକ ସକାରାତ୍ମକ ମାନସିକତା ଗଠନ କରିବା ଉପରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ପରେ ଆମନ୍ତ୍ରିତ ଅତିଥି ଦ୍ୱୟଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପକ ବିଦ୍ୟାସାଗର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୀ ବିଭାଗରେ ଅନ୍ୱେଷା ଆଲୋଚନାଚକ୍ର

**ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଆଇକ୍ୟୁଏସି ସେଲ୍‌ର ମିଳିତ ଉଦ୍ୟମରେ 'ପ୍ରେମଚାନ୍ଦ ସାହିତ୍ୟ କି ପ୍ରାସଙ୍ଗିକତା' ବିଷୟରେ ଅନ୍‌ଲାଇନରେ ଅନ୍ୱେଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱ କରି ଅନ୍ୱେଷାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ମଧ୍ୟ ଯୋଡି ହୋଇଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଡୋଳାମଣି ଧରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହିନ୍ଦୀ ଭାଷା ଓ ସାହିତ୍ୟର ଅବସରପ୍ରାପ୍ତ ପ୍ରଫେସର ଜୟନ୍ତ କର ଶର୍ମା ପ୍ରେମଚାନ୍ଦଙ୍କ ଉପନ୍ୟାସର ବିଷୟବିନ୍ୟାସ, ଚରିତ୍ରଚିତ୍ରଣ, ସାମାଜିକ ଦିଗ ଓ ସାମ୍ପ୍ରତିକ ସମୟରେ ତାହାର ପ୍ରାସଙ୍ଗିକତା ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ସମୟ ବଦଳିଛି, ସମସ୍ୟା ବଦଳି ନାହିଁ ବୋଲି ପ୍ରେମଚାନ୍ଦଙ୍କ ଉପନ୍ୟାସ ପ୍ରସଙ୍ଗରେ ବକ୍ତା କହିଥିଲେ। ଉକ୍ତ ଆଲୋଚନାଚକ୍ରକୁ ହିନ୍ଦୀ ବିଭାଗ ଅଧ୍ୟାପକ ଗୋବିନ୍ଦ ନାଏକ ପରିଚାଳନା କରିଥିବାବେଳେ ଅଧ୍ୟାପକ ଉଦୟନାଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱୀକୃତି ନୁହେଁ, କୃତି ପଛରେ ଦୌଡ଼ିଲେ ସଫଳତା ମିଳେ



ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୧୨।୪ (ମକାରୁ ବେମାଲ)**

ସ୍ଥାନୀୟ ନ୍ୟାଶନାଲ କଲେଜଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲାସ୍ତରୀୟ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱୀକୃତି ପଛରେ ନ ଦୌଡି କୃତି ପଛରେ ଦୌଡ଼ିଲେ ସଫଳତା ମିଳେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ୱଦା, ଡ. ସୁଶାନ୍ତ କୁମାର ବିଶି, ଗୌରାଙ୍ଗ କୁମାର ସାହୁ, ବୈଷ୍ଣବ ମେହେର, କଲେଜ ଅଧ୍ୟକ୍ଷ ହିତେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲାର

**ଯୁବ ଲେଖକ ସମ୍ମିଳନୀ**

ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କବିତା, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଅଧିକାରୀ ରମେଶ ମାହାର ମୁଖ୍ୟ ଅତିଥି ଭାବେ ଯୋଗଦାନକରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରତିଯୋଗିତାରେ ବିଚାରକ ଭାବରେ ଭବତୋଷ ଦାସ, ଫାଲ୍‌ଗୁନୀ ସାହୁ, ନନ୍ଦିଘୋଷ ଭୋଇ, ସୁଶାନ୍ତ କୁମାର ମୁଣ୍ଡ, ସଚିନ ବାବୁ, ଶିଶିର ଭୋଇ, କିଶୋର ଚନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ବେହେରା ଓ ସୌମ୍ୟରଞ୍ଜନ ନାଏକ ସହଯୋଗ କରିଥିଲେ। ବିଭୁକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର

**ଭବାନୀପାଟଣା,୧୨।୪ (ଉତ୍ତମ କୁମାର ଦାଶ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବରେ ଅଧ୍ୟାପକ ଡୋଳାମଣି ଧାରୁଆ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ମୋହନ ଚରଣ ବିଶି, ଶିକ୍ଷାବିତ୍ ତଥା ବିଶିଷ୍ଟ ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା, ସତ୍ୟନାରାୟଣ ମହାପାତ୍ର, ଯୋଗଦେଇଥିଲେ। ଓଡ଼ିଶାର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଶହୀଦ ରେଣ୍ଡୋ ମାଝୀ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଭୁବନେଶ୍ୱର ବେହେରା ଓ ଉପେନ୍ଦ୍ର ଭଞ୍ଜ ପୁରସ୍କାର ପ୍ରାପ୍ତ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ଉପରେ ସମ୍ମାନିତ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କନ୍ଦାଗଡର ପଥରଶିଳ୍ପୀ ଗୋବିନ୍ଦ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇଚାରାର ବାର୍ତ୍ତା ଦେଉଛି ଦଳଦଳି ଗାଁ

**ନୂଆପଡ଼ା,୧୨।୪(ମକାରୁ ବେମାଲ)**

ଭାଇଚାରାର ଉଦାହରଣ ସୃଷ୍ଟି କରିଛି ଦଳଦଳି ଗାଁ। ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରୁମପୁରି ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ କୌଣସି ପୂଜାପାର୍ବଣ, ବିବାହ, ବ୍ରତ କିମ୍ବା ଜାନିଯାତ୍ରାରେ ମୁସଲମାନ ସମ୍ପ୍ରଦାୟର ଲୋକେ ସାମିଲ ହୁଅନ୍ତି। ୩୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗାଁର ଲୋକସଂଖ୍ୟା ପ୍ରାୟ ୧ହଜାରରୁ ଅଧିକ ହେବ। ଏଠାରେ ୨ ମୁସଲିମ ପରିବାରରେ ଛୋଟବଡ ମିଶି ପ୍ରାୟ ୫୦ ଲୋକ ବାସ କରନ୍ତି । ଗାଁର ସବୁ କାର୍ଯ୍ୟକ୍ରମରେ ଏହି ମୁସଲମାନ ପରିବାରକୁ ନିମନ୍ତ୍ରଣ ରହିଥାଏ। ତାହା ନାମଯଜ୍ଞ ହେଉ ବା ସାର୍ବଜନୀନ ଦୁର୍ଗାପୂଜା, ଗାଁ ଦେବଦେବୀ ପୂଜା ସବୁଠି ଏମାନେ ଯୋଗଦିଅନ୍ତି। ବର୍ତ୍ତମାନ ଗାଁରେ


ପୂଜକଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ଫିରୋଜ।

ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଚାଲିଛି। ଏଥିରେ ମୁଖ୍ୟ ପୁରୋଧା ରହିଛନ୍ତି ମୁସଲିମ ସମ୍ପ୍ରଦାୟର ଯୁବକ ଫିରୋଜ କାଣ। ଫିରୋଜ ଜିଲାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଯଜ୍ଞରେ ନିମନ୍ତ୍ରଣ କରିଛନ୍ତି। ତାଙ୍କ ନିମନ୍ତ୍ରଣ ରକ୍ଷାକରି ଅନେକ ବ୍ୟକ୍ତି ଯଜ୍ଞରେ ସାମିଲହୋଇ ଭଗବାନଙ୍କ ଆଶୀର୍ବାଦ ନେଉଛନ୍ତି। ଜାତୀୟ ରାଜପଥ କଡ ଦଳଦଳି ଛକଠାରେ ଏକ ଛୋଟିଆ ମିଲ୍ସ ହୋଟେଲ କରି ଗୁଜୁରାଣ ମେଣ୍ଟାଉଥିବା ଫିରୋଜ ପାର୍ବଣ ସମୟରେ ହୋଟେଲ ବନ୍ଦ ରଖିଛନ୍ତି। ତାଙ୍କ କହିବା ଅନୁସାରେ ପୂର୍ବପୁରୁଷ ଅମଳରୁ ନାମଯଜ୍ଞ ହୋଇଆସୁଛି। ବାପା, ଜେଜେବାପା ମଧ୍ୟ ଯଜ୍ଞରେ ସାମିଲ ହେଉଥିଲେ। ତେଣୁ ଯଜ୍ଞ ଚାଲିଥିବା ସମୟରେ ମୁଁ କିପରି ହୋଟେଲ ଖୋଲି ଆମିଷ ବିକ୍ରୟ କରିବି ବୋଲି କହିଥିଲେ। ଗାଁର ସମସ୍ତ ହିନ୍ଦୁ ପର୍ବପର୍ବାଣିରେ ଆଗଧାଡ଼ିରେ ଛିଡ଼ାହୋଇ ରହୁଛନ୍ତି ମୁସଲିମ ପରିବାର ସଦସ୍ୟ। ସମସ୍ତ ହିନ୍ଦୁ ପରିବାର ମଧ୍ୟ ସେମାନଙ୍କୁ ବିନା ଦ୍ୱିଧାରେ ଆପଣେଇ ନେଇଛନ୍ତି। ହିନ୍ଦୁ-ମୁସଲିମକୁ ନେଇ ଅନେକ ହିଂସା, ଦଙ୍ଗା ଭଳି ଖବର ନିୟମିତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ବେଳେ ନୂଆପଡ଼ା ଜିଲାର ଏହି ଛୋଟିଆ ଗାଁରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକତା ଜନସାଧାରଣଙ୍କୁ ଭିନ୍ନ ବାର୍ତ୍ତା ଦେଉଛି ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣା, ୨ମୃତ

**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ):** ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧିନ ୫୪ ନମ୍ବର ରାଜ୍ୟ ରାଜପଥ ଲରମ୍ବା ନିକଟସ୍ଥ ନୂଆଁପଡ଼ା ଛକରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗ ବାନିପାଲି ଗ୍ରାମର ମହେଶ ଷଣ୍ଢ ଏବଂ ଶନିଦେୱେଲ ମାଝୀ। ସେହିପରି ସତ୍ୟ ମାଝୀ, ବିଭୂତି ଷଣ୍ଢ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ଅତାବିରା ଥାନା ପୋଲିସ ଏ ନେଇ ଏକ ମାମଲା (ନଂ–୧୩୬/୨୫) ରୁଜୁ କରିବା ସହିତ ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବରପାଲି,୧୨।୪(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ସୁଜିଆ ଗ୍ରାମର ଜୈନେକ ଯୁବକଙ୍କ ଶୁକ୍ରବାର ରାତିରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ସୁଜିଆ ଗ୍ରାମର ବିଘ୍ନରାଜ ବରିହା (୩୯)। ବରିହା ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷଣ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାମରେ ବରପାଲି ପଟରୁ ଘରକୁ ଫେରୁଥିଲେ । ନେହେରୁନଗର୍ ଗ୍ରାମ ନିକଟରେ ଜାତୀୟ ରାଜପଥ ୨୬ରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେ ରାସ୍ତା ରେ ପଡ଼ିଥିବା ବେଳେ ଅନ୍ୟ ଏକ ଭାରିଯାନ ତାଙ୍କ ଗୋଡ଼ ଉପରେ ଚାଲିଯାଇଥିଲା। ଫଳରେ ଉଭୟ ଗୋଡ଼ ଜଙ୍ଘ ତଳକୁ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଥିଲା। ସେଠାରେ ଉପସ୍ଥିତ ଲୋକେ ବରିହାଙ୍କୁ ବରପାଲି ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ବିଘ୍ନରାଜଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବରିହା ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ପରିବାରକୁ ଆର୍ଥିକ ଅନୁଦାନ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ସୋହେଲାରେ କୁଳିତା ଦିବସ ପାଳିତ

**ସୋହେଲା,୧୨।୪ (ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଲମ୍ବରୁପାଲି ରାମଚଣ୍ଡୀ ମନ୍ଦିର ପରିସରରେ ଜିଲାସ୍ତରୀୟ କୁଳିତା ଦିବସ ପାଳିତ ହୋଇଯାଇଛି। ସକାଳେ ମା' ରାମଚଣ୍ଡୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନଙ୍କ ଆଗମନ ପରେ ମଞ୍ଚରେ ଧଜ ସ୍ଥାପନ କରାଯାଇଥିଲା। ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ସଭାପତି ଯୁଗଳ କିଶୋର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗିରିଧାରୀ ସାହୁ ମୁଖ୍ୟ ଅତିଥି, ସଂରକ୍ଷକ ହରିଚରଣ ପଧାନ ସମ୍ମାନିତ ଅତିଥି ବଲାଙ୍ଗୀର ଜିଲା ସଭାପତି ବେଲାର ସିଂ ଭୋଇ, ବରଗଡ଼ ଜିଲା ସମ୍ପାଦକ ପର୍ଶୁରାମ ବାରିକ, କୋଷାଧ୍ୟକ୍ଷ ପରେଶ ପଧାନ, ବରଗଡ଼ ନଗର ଉପସଭାପତି ପରେଶ ବିଶି ସମ୍ମାନିତ ଅତିଥି , ସୋହେଲା ବ୍ଲକ ଅଧକ୍ଷା ବବି ପଧାନ, ଭଟଲି ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପଧାନ, ସୌରିଚରଣ ବାରିକ, ସୋହେଲା ବ୍ଲକର ସମସ୍ତ କୁଳିତା ସରପଞ୍ଚ, ସମିତି ସଭ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ମନ୍ଦିର କମିଟି ସମ୍ପାଦକ କ୍ଷିରୋଦ୍ର ବୁଦ୍ଧିଆ ବିବରଣୀ ପଠନ କରିଥିଲେ, ଅମାତ୍ୟ ପଧାନ ଏବଂ କ୍ଷୀରୋଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। କୁମ୍ଭାରୀ ଚାଷୀ ଜଟାଧାରୀ ପଧାନ, ଜଟଲା ଚାଷୀ କୃଷ୍ଣଚନ୍ଦ୍ର ନାୟକ, ଛାତ୍ର ରଚିତ ପଧାନ, ତୁଷାର ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ଅଶ୍ୱିନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ହୋମିଓପାଥି ଦିବସରେ କର୍ମଶାଳା

**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ହୋମିଓପାଥି ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ହୋମିଓପାଥି ଚିକିତ୍ସା ବିଜ୍ଞାନର ଜନକ ଡା. ସାମୁଏଲ୍ ହ୍ୟାନିମାନଙ୍କ ଜୟନ୍ତୀ ଅବସରରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ହୋମିଓପାଥି ଚିକିତ୍ସକମାନେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ। ସମ୍ବଲପୁର ହୋମିଓପାଥି ମହାବିଦ୍ୟାଳୟର ଅଧାପକ ଡା. ଶଙ୍କର୍ଷଣ ସାହୁ, ବରଗଡ଼ର ଡା. କପିଳାସ ଭୋଇ, ଡା. ନିଶିଥ ମହାପାତ୍ର, ଡା. ରଞ୍ଜନ କୁମାର ମହାନ୍ତି, ଡା. ରାମକୃଷ୍ଣ ମିଶ୍ର, ଡା. ରାଜାରାମ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡା. ମାନସ କୁମାର ପିଙ୍ଗ ହ୍ୟାନିମାନଙ୍କ ଜୀବନୀ ଏବଂ ଅତିଥିମାନେ ହୋମିଓପାଥି ଚିକିତ୍ସା ବିଜ୍ଞାନ ଉପରେ ଆଲୋଚନା କରିଥିଲେ। ଡା. ସୁବୋଧ କୁମାର ସାହୁ ଏବଂ ଡା. ସୁଜାତା ପଟେଲ ସଭା ସଂଯୋଜନା କରିଥିଲେ। ଡ. ଅଶୋକ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀଙ୍କ ମହାସ୍ନାନ, ମା'ଙ୍କୁ ମହାଭୋଗ ଅର୍ପଣ

**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)**



ମାଁ ସମଲେଶ୍ୱରୀଙ୍କ ମହାସ୍ନାନ।



ଭକ୍ତମାନଙ୍କୁ ପ୍ରସାଦ ଆକାରରେ ମହାଭୋଗ ବଣ୍ଟନ କରାଯାଉଛି।

ବରଗଡ଼ର ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀ ଦେବୀଙ୍କ ମହାସ୍ନାନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଏହି ଉତ୍ସବରେ ଭୋରରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଲମ୍ୱାଧାଡ଼ି ଦେଖିବାକୁ ମିଳିଥିଲା। ମା' ସମଲେଶ୍ୱରୀଙ୍କୁ ମହାଭୋଗ ଅର୍ପଣ କରାଯାଇଥିଲା। ପରେ ଭକ୍ତମାନଙ୍କୁ ସେହି ମହାଭୋଗକୁ ପ୍ରସାଦ ଆକାରରେ ଦିଆଯାଇଥିଲା। ସେହିପରି ସପ୍ତଶତୀ ଚଣ୍ଡୀପାଠ ହୋମ ସହ ମା'ଙ୍କର ବାସନ୍ତିକ ପୂଜାର ପୂର୍ଣ୍ଣାହୂତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମା'ଙ୍କର ପହଡ଼ ଭାଙ୍ଗିବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା। ଭୋର ୪ଟାରେ ମହାସ୍ନାନ କରାଯାଇ ଥିବାବେଳେ ପ୍ରାତଃ ୪ଟା ୫୮ମିନିଟରୁ ଭକ୍ତମାନଙ୍କ ଦ୍ୱାରା ମା'ଙ୍କର ଜଳାଭିଷେକ ଆରମ୍ଭ ହୋଇଥିଲା। ସକାଳୁ ମା'ଙ୍କର ଜଳାଭିଷେକରେ ହଜାର ହଜାର ଭକ୍ତ ସାମିଲ ହୋଇ ଗରା ବାଲଟିରେ ପାଣି, କ୍ଷୀର, ପଣା ଢାଳି ପୂଣ୍ୟ ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲେ। ମା'ଙ୍କର ଏହି ଜଳାଭିଷେକ ତଥା ମହାସ୍ନାନ ପାଇଁ ମନ୍ଦିର ପରିସର ତଥା ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ଲମ୍ୱାଧାଡ଼ି ଦେଖିବାକୁ ମିଳିଥିଲା। ମା'ଙ୍କର ଏହି ଜଳାଭିଷେକ ବର୍ଷକରେ କେବଳ ଚୈତ୍ର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେଉଥିବା ବେଳେ ଏହି ଦିନକୁ ଭକ୍ତମାନେ ବହୁ ଆଗ୍ରହ ସହକାରେ ଅପେକ୍ଷା କରିଥାନ୍ତି। ଦେବୀ ସମଲେଶ୍ୱରୀ ହେଉଛନ୍ତି ମାତା ପାର୍ବତୀଙ୍କ ସ୍ୱରୁପ ।ତେଣୁ ମାତା ପାର୍ବତୀଙ୍କୁ ଚୈତ୍ର ପୂର୍ଣ୍ଣିମା ତଥା ଏହି ଦିନରେ ଜଳାଭିଷେକ କରାଗଲେ ସମଗ୍ର ପୃଥିବୀ ଶୀତଳିକରଣ ହୋଇଥାଏ। ଗରମର ପ୍ରାଦୁର୍ଭାବରୁ ସମଗ୍ର ଜୀବଜଗତକୁ ରକ୍ଷା ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଏହି ବାର୍ଷିକ ମହାସ୍ନାନ ଉତ୍ସବରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସାମିଲ ହୋଇ ମା' ସମଲେଶ୍ୱରୀଙ୍କୁ କ୍ଷୀର, ପାଣି, ପଣା ଆଦିରେ ସ୍ନାନ କରାଇଥିଲେ। ସେହିପରି ମା' ସମଲେଶ୍ୱରୀ ହେଉଛନ୍ତି ବାସ୍ନାଭୋଗୀ। ସେଥିପାଇଁ ଏହି ଦିନ ପାର୍ବତୀ ସ୍ୱରୁପା ମା'ସମଲେଇଙ୍କଠାରେ ବିଭିନ୍ନ ପ୍ରକାର ସ୍ୱସାଦୁ ଭୋଗ ଲାଗିଥାଏ ଏବଂ ଏହାକୁ ମହାଭୋଗ ତଥା ମହତୀ ଭୋଗ କୁହାଯାଏ। ଏହି କ୍ରମରେ ମା'ଙ୍କଠାରେ ଛେନାପୋଡ, ରସଗୋଲା, ଜିଲାବି, ଆରିସା ପିଠା, ଶାକରପଟି , ରାଶି ଲଡୁ, ଇମର୍ତି, ଫେଣୀ, ରସବରା, ମୁଗମଣ୍ଡା, ସୋନାଲି, ପେଡ଼ା, କାଜୁ ବର୍ଫି, ନଡ଼ିଆ କୋରା, ବେସନ ବର୍ଫି, ବାଲୁସେଇ, ଜାମଗୁଲା, ବୁନ୍ଦି, ସିରନୀ, ମିଠା ଗଜା, କଦଳୀ, ଅଙ୍ଗୁର ଆଦି ୬୧ ପ୍ରକାର ମିଷ୍ଟାନ୍ନ ତଥା ଫଳମୂଳ ଅର୍ପଣ କରାଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଏହି ମହାଭୋଗ ଦିଆଯାଇ ଥିବାବେଳେ ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଆକାରରେ ତାହା ବଣ୍ଟନ କରାଯାଇଥିଲା। ଅପରାହ୍ନ ସାଢ଼େ ୨ଟାରେ ମା'ଙ୍କର ଜଳାଭିଷେକ ସମାପନ ହୋଇଥିବା ବେଳେ ସ୍ୱତନ୍ତ୍ର ଆଳତୀ ପରେ ସେହି ପାଣିଙ୍କୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଛଡ଼ା ଯାଇଥିଲା। ଭକ୍ତମାନେ ମା' ଗାଧୋଇଥିବା ପାଣିକୁ ଘରକୁ ନେବା ସହ ଛୋଟ ଛୋଟ ଶିଶୁମାନଙ୍କୁ ସେହି ପାଣିରେ ଗାଧୋଇଥିଲେ। ମାଁ ଗାଧୋଇଥିବା ପାଣିରେ ଶିଶୁ ମାନଙ୍କୁ ସ୍ନାନ କରାଇଲେ ବିଭିନ୍ନ ରୋଗତାପରୁ ମୁକ୍ତି ମିଳିଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ମାଁଙ୍କର ଚୈତ୍ର ପୂଜା ସମାପନ ହେଉଥିବା ବେଳେ ଏ ଅବସରରେ ମାଁଙ୍କର ସପ୍ତଶତୀ ଚଣ୍ଡୀ ହୋମ ସହ ପୂର୍ଣ୍ଣାହୁତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଣ୍ଡୀ ପାଠକ ପଣ୍ଡିତ ଚୂଡ଼ାମଣୀ ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ବିଷ୍ଣୁଦୟାଲ ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ମନ୍ଦିରର ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, କର୍ତ୍ତା ନରେନ୍ଦ୍ର ଦାଶଙ୍କ ସମେତ ଜୟପ୍ରକାଶ ଦାଶ, ସରୋଜ ମହାପାତ୍ର, ରାମୁ ଦେଓସରିଆ, ଭରତ ଅଗ୍ରୱାଲ, ଭଗତ ଶର୍ମା, ସୁଶାନ୍ତ ଦାଶ ପ୍ରମୁଖ ପୂଜାରେ ସହଯୋଗ କରିଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଭକ୍ତମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବା ସହ ଖରାଦାଉରୁ ରକ୍ଷା ପାଇଁ ଛାଉଣୀ ନିର୍ମାଣ କରାଯାଇଥିଲା। ମା'ଙ୍କ ଭକ୍ତମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଗଞ୍ଜେଇ ବୋଝେଇ ଗାଡ଼ି ଜବତ, ୪ ଗିରଫ

**ବରଗଡ଼, ୧୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ଶନିବାର ଭୋରରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ବୌଦ୍ଧ ଜିଲା ମନୁମୁଣ୍ଡା ଥାନା ଚତୁର୍ଭୁଜପୁର ଗ୍ରାମର ବଳିଷ୍ଠ ପ୍ରଧାନ (୩୭), ଶଗଡ଼ ଗ୍ରାମର ସୁଦାମ ବାଗ (୨୩), ବାଉଁଶୁଣୀ ଥାନା ଗୁଡାପଡାର ସଞ୍ଜିତ ଖଟୁଆ (୪୮) ଏବଂ ବରଗଡ଼ ଜିଲା ଅମ୍ବାଭୋନା ଥାନା ଡୁଙ୍ଗୁରି ଗ୍ରାମର ଦିପକ ଦୋରା(୩୭)। ଅଭିଯୁକ୍ତମାନଙ୍କ ପାଖରୁ ୧୦୯ କି.ଗ୍ରା ୬୯୦ ଗ୍ରାମ ଗଞ୍ଜେଇ, ଗୋଟିଏ ବୋଲେରୋ ଗାଡି (ନଂ–ଓଆର୦୨ବିଡବ୍ଲୁ ୬୨୩୫), ଗୋଟିଏ ବୋଲେରୋ ପିକଅପ ଗା (ନଂ–ଓଡି୧୭ଏଲ ୩୪୭୯), ୭ଟି ମୋବାଇଲ ଏବଂ ନଗଦ ୪୨୪୫ ଟଙ୍କା ଜବତ ହୋଇଛି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ–୧୭୦/୨୫) ରୁଜୁ କରିଛି। ସୂଚନା ଅନୁଯାୟୀ, ବରପାଲି ପଟୁ ଛତିଶଗଡ଼ ରାଜ୍ୟ ରାୟପୁର ପଟକୁ ଉପରୋକ୍ତ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସ ସୂଚନା ପାଇଥିଲା। ସେହି ସୂଚନାକୁ ଆଧାର କରି ଟାଉନ ଥାନା ପୋଲିସ ବରଗଡ଼ ସହର ଉପକଣ୍ଠ ଜୀରାବ୍ରିଜ ନିକଟ ହଳଦୀପାଲି ଛକରେ ଗାଡ଼ି ଯାଞ୍ଚ କରୁଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଫେରାର୍ ହେବାକୁ ଉଦ୍ୟମ କରିଥିଲେ ମଧ ଧରାପଡ଼ିଯାଇଥିଲେ।

# ବରପୁତ୍ରଙ୍କ ଜୀବନୀକୁ ଅନୁସରଣ ଆହ୍ୱାନ

**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଜ୍ୟରେ ଜନ୍ମ ନେଇ ଓଡ଼ିଆ ଭାଷା ସାହିତ୍ୟକୁ ନୂଆ ଦିଶା ଦେଖାଇଥିବା କିମ୍ବା ସ୍ୱତନ୍ତ୍ର ଓଡ଼ିଶା ଗଠନର ନେତୃତ୍ୱ ନେଇଥିବା ବ୍ୟକ୍ତିବିଶେଷ ତଥା ବିପତ୍ତିବେଳେ ମହାନ କାର୍ଯ୍ୟ କରି ଓଡ଼ିଆଙ୍କ ତ୍ରାଣକର୍ତ୍ତା ସାଜିଥିବା ଅନେକ ବରପୁତ୍ରଙ୍କ କୀର୍ତ୍ତି ସମ୍ପର୍କରେ ରାଜ୍ୟର ଯୁବପୀଢ଼ିଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଓଡ଼ିଆ ପକ୍ଷ ପାଳନର ଦାଦଶ ଦିବସରେ ଶନିବାର ବରଗଡ଼ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର ତଥା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଲେଖକ, କବି, ଶିକ୍ଷାବିତ ଏବଂ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇ ବରଗଡ଼ ଜିଲା ତଥା ଓଡ଼ିଶାର ଅନନ୍ୟ ବରପୁତ୍ରଙ୍କ ଅବଦାନକୁ ସ୍ମରଣ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଏବଂ ବରଗଡ଼ ଜିଲାର ବରପୁତ୍ରଙ୍କ ବିଷୟରେ ଅବଗତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ତାହିର ହୁସେନଙ୍କ ସମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଲେଖକ ମନୋରଞ୍ଜନ ମେହେର, ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଦୀପ ହୋତା, ବରିଷ୍ଟ ସାହିତ୍ୟକ ଅଶୋକ କୁମାର ପୁଜାହାରୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଶାର ବିଶିଷ୍ଟ ବରପୁତ୍ର ମାନଙ୍କ ବିଷୟରେ ଅବଗତ କରିଥିଲେ। ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ ଅଧାପକ ଡଃ ଜଗଦୀଶ ମିଶ୍ର ବରଗଡ଼ ଜିଲାର ପ୍ରମୁଖ ଲେଖକ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସ ବିଷୟରେ ଅବଗତ କରିଥିଲେ।

## ଆମ ସଂସ୍କୃତି ଆମ ଖେଳଣାର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୨।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁରର ସର୍ବ ପୁରାତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ବାରିକ ସଭାପତିତ୍ୱ କରିଥିବା ବେଳେ ଏନ୍‌ଏସିର ଉପାଧକ୍ଷ ଭାରତୀ ପଟ୍ଟନାୟକ ମୁଖ୍ୟ ଅତିଥି, ନାଟ୍ୟକାର ଅଶୋକ ବହିଦାର ମୁଖ୍ୟବକ୍ତା, ସିଆର୍‌ସିସି ସୁରେଶ ଚୌହାନ,ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ, ସଂଗୀତଜ୍ଞ ରମେଶ ଗୁର୍ଲା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷୟିତ୍ରୀ ଅଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଚାଷୀନେତାଙ୍କୁ କୃଷକ ବନ୍ଧୁ ସମ୍ମାନ

**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)**



ଚାଷୀନେତା ରମେଶ ମହାପାତ୍ରଙ୍କୁ କୃଷକ ବନ୍ଧୁ ସମ୍ମାନ ପ୍ରଦାନ କରାଯାଉଛି।

ଚୈତ୍ର ପୂର୍ଣ୍ଣିମା ଅବସରରେ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ଗ୍ରାମରେ କାପୁଡ଼ି ସମାଜର ଇଷ୍ଟଦେବୀ ଶ୍ରୀ ଶ୍ରୀ ହିଙ୍ଗୁଳାଇ ଦେବୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହେଇଯାଇଛି । ପଶ୍ଚିମ ଓଡ଼ିଶା କାପୁଡ଼ି ସମାଜର ସଭାପତି କବିରାଜ ଶ୍ରୀମୁଖ ନାଏକ ଏବଂ ସମ୍ପାଦକ ଲଳିତ କୁମାର ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡ଼ିଶା କାପୁଡି ସମାଜ ତରଫରୁ ଚଳିତବର୍ଷ ବରଗଡ଼ ଚାଷୀନେତା ରମେଶ ମହାପାତ୍ରଙ୍କୁ 'କୃଷକ ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପୁରାଣ କଥା ପ୍ରବକ୍ତା ହେମସାଗର ସାହୁଙ୍କୁ କଥା ବାଚକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶମାଇଲସ୍ଥିତ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ସଭାପତି ରବିଶଙ୍କର ପ୍ରଧାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସଭାପତି କବିରାଜ ଶ୍ରୀମୁଖ ନାଏକ କାପୁଡ଼ି ସମାଜର ଏକତା ଅଖଣ୍ଡତା ବଜାୟ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। କବି ନୀତିଶ ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ଅକ୍ଷୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ, ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆଁପଡ଼ା ତଥା ପଡ଼ୋଶୀ ଛତିଶଗଡ଼ରେ ବସବାସ କରୁଥିବା କାପୁଡ଼ି ସମାଜର ଲୋକେ ଉପସ୍ଥିତ ଥିଲେ।

# ରାମଚଣ୍ଡୀ ମନ୍ଦିରରେ ବାସନ୍ତିକ ମହୋତ୍ସବ

**ପାଇକମାଳ,୧୨।୪(ବଢ଼ ଶତପଥୀ)**



ପୂଜାର୍ଚ୍ଚନା ଚାଲିଛି।

ପାଇକମାଳ ବ୍ଲକ ନୃସିଂହନାଥ ଧାମ ନିକଟସ୍ଥ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥି ଅବସରରେ ବାସନ୍ତିକ ମହୋତ୍ସବ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୦୮ କଳସିରେ ନୃସିଂହନାଥ ପବିତ୍ର ପାପନାଶିନୀ ଝରଣାରୁ ପବିତ୍ର ପାଣି କଳସୀରେ ଭର୍ତ୍ତି କରି ପୂଜା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଶଙ୍ଖ, ଗିନି ମୃଦଙ୍ଗ, ଘଣ୍ଟା ବଜାଇ ମନ୍ତ୍ର ଉଚ୍ଚାରଣ କରି ରାମଚଣ୍ଡୀ ମନ୍ଦିରକୁ ଆସି କଳସ ସ୍ଥାପନ କରିଥିଲେ। ପୂଜାକର୍ତ୍ତା ଭାବେ ପରମାନନ୍ଦ ଭୋଇ ଓ ତାଙ୍କ ସହଧର୍ମିଣୀ ଅନିତା ଭୋଇ ଦାୟିତ୍ୱ ତୁଲାଇ ଥିବାବେଳେ ପଣ୍ଡିତ ମିତ୍ରଭାନୁ ଦେବତା, ମନ୍ଦିର ପୂଜକ ଉଦ୍ଧବ ପ୍ରଧାନ ଓ ଲୁକୁ ଝାଙ୍କର ପୁଜା, ପାଠ, ହୋମ, ଯଜ୍ଞ, କଳସ ସ୍ଥାପନ, ବିଲବ ବରଣ, ଚଣ୍ଡୀ ପାଠ, ଦେବ ନିମନ୍ତ୍ରଣ, ଓ ଯଜ୍ଞ ପୂର୍ଣ୍ଣାହୁତି କରିଥିଲେ। ପୁରୁଷମ ପ୍ରଧାନ, ହାଡୁ ସାହୁ, ଚତୁର୍ଭୁଜ ସାହୁ, କର୍ମୁ ବିଶ୍ୱାଳ, ହେମନ୍ତ ପ୍ରଧାନ, ଲିଙ୍ଗ ପ୍ରଧାନ, ଦୀନବନ୍ଧୁ ସାହୁ, ଗୋପୀନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ମନମୁଣ୍ଡା,୧୨।୪(ବେଣୁଧର ପ୍ରଧାନ)**

କଣ୍ଡାମାଳ ବ୍ଲକ ଗୁଡ଼ ଭେଲିପଦର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ତଥା ବିଶିଷ୍ଟ ସାମାଜିକ କର୍ମୀ ରମେଶ ପ୍ରସାଦ ମିଶ୍ର(୬୫)ଙ୍କ ପରଲୋକ ଘଟିଛି । ସେ କିଛି ଦିନ ତଳେ କୌଣସି ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରଠାରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇଆସୁଥିଲେ। ଶନିବାର ନ ସକାଳେ ସୋନପୁର ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟର ତାଙ୍କର ସ୍ତ୍ରୀ ଗହଳ ମିଶ୍ର, ତିନି ପୁଅ ବହୁ ନାତି, ନାତୁଣୀ ଉପସ୍ଥିତ ଥିଲେ। ସୋନପୁର ସ୍ଥିତ ରାମେଶ୍ୱର ଶଶ୍ମାନ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

## ଉଦ୍ୟାନ ବିଭାଗର ସମସ୍ତ କର୍ମଚାରୀ କଲେ ରକ୍ତଦାନ


**ବରଗଡ଼,୧୨।୪(ପ୍ରେମାନନ୍ଦ ଖମାରୀ)**

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବରଗଡ଼ ଜିଲାର ପୁରୁଣା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର ଏବଂ ଖଣ୍ଡହତାଠାରେ ଆୟୋଜିତ ରକ୍ତଦନ ଶିବିରରେ ସମାଜର ବିଭିନ୍ନ ସ୍ତରର ଲୋକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ଏହି ଅବସରରେ ମୋଟ ୮୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏବଂ ପଦ୍ମପୁର ଉପଖଣ୍ଡରୁ ଉଦ୍ୟାନ ବିଭାଗ କର୍ମଚାରୀ ଏବଂ ଚାଷୀ ଯୋଗଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବରଗଡ଼ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଏବଂ ଉଦ୍ୟାନ ବିଭାଗର ବିଭିନ୍ନ କର୍ମଚାରୀ ଯଥା ରାଜବାଳା ମହାପାତ୍ର, ସାମିନୀ ଭୋଇ, ପ୍ରମୋଦ କୁମାର ଶବର, ନୀହାରକାନ୍ତ ଭୋଇ, ଯୁବରାଜ ସାମିନୀ, ସୁଶ୍ରୀ ଏଡ୍‌ଲିନ ବାର୍‌ଲା, ଅଭିଜିତ କୁମାର ବିଶି, ଦୀପିକା ପାତ୍ର ଏବଂ ତପତିମୟୀ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ରକ୍ତଦାନ କରିଥିଲେ। ଲିଡ୍ ବ୍ୟାଙ୍କ ପରିଚାଳକ ମହେଶ୍ୱର ସାହୁ ଏବଂ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ପଦ୍ମପୁର ଗୋବିନ୍ଦ ପ୍ରଧାନ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଦ୍ୟାନ ବିଭାଗ, ବରଗଡ଼ ଏବଂ ପଦ୍ମପୁରର ବିଭିନ୍ନ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସାହାଯ୍ୟ କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୨୫ ଜଣ ହିତାଧିକାରୀଙ୍କୁ ମିଳିଲା ଆୟୁଷ୍ମାନ କାର୍ଡ

**ସୋହେଲା,୧୨।୪(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ବ୍ଲକ ଅନ୍ତର୍ଗତ ବିରଜାମ ଗ୍ରାମରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ନିମାଇଁ ସାହୁ, ବିଧାୟକ ପ୍ରତିନିଧି ସୁଶୀଲ କୁମାର ଭୋଇ, ଭାଜପାର ବରିଷ୍ଠ ସଦସ୍ୟ ଶିବ ପ୍ରସାଦ ମେହେର, ସରପଞ୍ଚ ପ୍ରତିନିଧି ବିଶ୍ୱ କୁମାର ସାହୁ, ଆୟୁଷ ଡାକ୍ତର ପ୍ରତାପ କୁମାର ସାହୁ, ଡାକ୍ତର ବିଶ୍ୱଜିତ ଶତପଥି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ଲକ ନୋଡାଲ ଅଫିସର ମାନିନୀମୟୀ ପଧାନ ସଭା ପରିଚଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖ ପାଖ ୨୧ ଟି ଗାଁ ର ଜନସାଧାରଣ ଯୋଗ ଦେଇଥିଲେ। ବିର୍ଜାମ ସେକ୍ଟର ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହୋଇଥିବା ୨୫ ଜଣ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସେହିଭଳି ଡାକ୍ତରଖାନା ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ସରପଞ୍ଚ ପ୍ରତିନିଧି ବିଶ୍ୱ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୁଷ୍ମାନ କାର୍ଡ ପାଇଥିବା ହିତାଧିକାରୀ।

**ବୌଦ୍ଧ ରାମଲୀଳା ଯାତ୍ରାର ସପ୍ତମ ଦିବସ**

# ମଞ୍ଚସ୍ଥ ହେଲା ନାଟକ ବାଳିବଧ

**ବୌଦ୍ଧ,୧୨।୪(ଅଜିତ କୁମାର ବାରିକ)**



ରାମଲୀଳା ନାଟକର ବାଳୀ ଓ ସୁଗ୍ରୀବ ଯୁଦ୍ଧ ।

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ଶନିବାର ସପ୍ତମ ଦିବସରେ ପହଞ୍ଚିଛି। ପୌରାଣିକ କଥାବସ୍ତୁ ଆଧାରରେ ସପ୍ତମ ଦିବସରେ ବାଳି ବଧ ନାଟକ ମଞ୍ଚସ୍ଥ ହୋଇଛି। ଜଟାୟୁ ନିକଟରୁ ରାବଣ ଦ୍ୱାରା ସୀତାଙ୍କ ହରଣ ସୂଚନା ପାଇ ଶ୍ରୀରାମ ଓ ଲକ୍ଷ୍ମଣ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସୂଚନା ଦେବାପରେ ଜଟାୟୁର ମୃତ୍ୟୁ ହୋଇଯିବା ପରେ ତା'ର ଅନ୍ତିମ ସଂସ୍କାର କରି ଶ୍ରୀରାମ ଓ ଲକ୍ଷ୍ମଣ ଘୋର ଜଙ୍ଗଲ ମଧ୍ୟରେ ସୀତାଙ୍କ ସନ୍ଧାନରେ ବାହାରି କିଷ୍କିନ୍ଧା ରାଜ୍ୟରେ ପହଞ୍ଚିଛନ୍ତି। ସେଠାରେ ପ୍ରଥମଥର ପାଇଁ ଭଗବାନ ଶ୍ରୀରାମ ଓ ପରମ ଭକ୍ତ ହନୁମାନଙ୍କ ମଧ୍ୟରେ ସାକ୍ଷାତ ହୋଇଛି। କିଷ୍କିନ୍ଧା ରାଜା ବାଳିଙ୍କ ଦ୍ୱାରା ବିତାଡ଼ିତ ହୋଇ ସାନଭାଇ ସୁଗ୍ରୀବ ହନୁମାନଙ୍କ ସମେତ ନିଜର ବିଶ୍ୱସ୍ତ ସହଯୋଗୀମାନଙ୍କୁ ନେଇ ଋଷ୍ୟମୂକ ପାହାଡ଼ରେ ଆଶ୍ରୟ ନେଇଛନ୍ତି। ଜଣେ ତପସ୍ୱୀଙ୍କ ଅଭିଶାପ ଯୋଗୁ ବାଳି ଋଷ୍ୟମୂକ ପାହାଡ଼ରେ ପ୍ରବେଶ କରିପାରୁ ନ ଥିବାରୁ ସୁଗ୍ରୀବ ସେଠାରେ ଆଶ୍ରୟ ନେଇଛନ୍ତି। ଶ୍ରୀରାମ ଓ ଲକ୍ଷ୍ମଣ ବନରେ ବୁଲିବୁଲି ଋଷ୍ୟମୂକ ପାହାଡ଼ ନିକଟରେ ପହଞ୍ଚିବା ପରେ ସୁଗ୍ରୀବ ପ୍ରଥମେ ସେମାନଙ୍କୁ ଦୂରରୁ ଦେଖି ଭୟଭୀତ ହୋଇଯାଇଛନ୍ତି। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ପରିଚୟ ଓ ଆସିବାର ଉଦ୍ଦେଶ୍ୟ ଜାଣିବା ପାଇଁ ସେ ହନୁମାନଙ୍କୁ ପ୍ରେରଣ କରିଛନ୍ତି। ଭକ୍ତ ହନୁମାନ ବ୍ରାହ୍ମଣ ବେଶରେ ଆସି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ କିଷ୍କିନ୍ଧା ଆଗମନର କାରଣ ଓ ସେମାନଙ୍କ ପରିଚୟ ପଚାରିଛନ୍ତି। ଶ୍ରୀରାମଙ୍କ ପରିଚୟ ପାଇବାପରେ ଭକ୍ତିରେ ଗଦଗଦ ହୋଇ ହନୁମାନ ନିଜକୁ ତାଙ୍କର ପାଦତଳେ ସମର୍ପି ଦେଇଛନ୍ତି। ଏକ ଭାବାବେଗ ପରିବେଶ ମଧ୍ୟରେ ଭକ୍ତ ଓ ଭଗବାନଙ୍କ ଭେଟ ହେବାପରେ ହନୁମାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଋଷ୍ୟମୂକ ପର୍ବତକୁ ସୁଗ୍ରୀବଙ୍କ ନିକଟକୁ ନେଇ ଆସିଛନ୍ତି। ସୁଗ୍ରୀବଙ୍କ ନିକଟରୁ ଶ୍ରୀରାମ ଓ ଲକ୍ଷ୍ମଣ ବାଳିଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସମ୍ପର୍କରେ ଶୁଣିବାପରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁଗ୍ରୀବ ମଧ ସୀତାଙ୍କୁ ଖୋଜିବାରେ ସହାୟତା କରିବାର ପ୍ରତିଶ୍ରୁତି ଦେବା ସହିତ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରଗାଢ଼ ହୋଇଛି। ସୁଗ୍ରୀବଙ୍କ ନିକଟରୁ ବାଳି ସମ୍ପର୍କରେ ସମସ୍ତ ସୂଚନା ପାଇବା ପରେ ଶ୍ରୀରାମ ବାଳିଙ୍କୁ କୌଶଳକ୍ରମେ ବଧ କରିଛନ୍ତି। ବାଳିଙ୍କ ମୃତ୍ୟୁ ପରେ ସୁଗ୍ରୀବଙ୍କୁ କିଷ୍କିନ୍ଧା ସିଂହାସନରେ ଅଭିଷିକ୍ତ କରାଇ ଶ୍ରୀରାମ ଓ ଲକ୍ଷ୍ମଣ ବନବାସୀ ଜୀବନ ବିତାଇବାକୁ ପୁଣିଥରେ ଋଷ୍ୟମୂକ ପାହାଡ଼କୁ ଫେରିଆସିଛନ୍ତି। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଉତ୍କୃଷ୍ଟ ରଚନା ଓ ଭବାନିଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡ଼ିକୁ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ୨ଶ୍ରମିକଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ମୃତ

ରାଉରକେଲା,୧୨।୪(ସଙ୍ଗୀତା ଜେନା)

ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ୨ ଯୁବକଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଜଣେ ଅନ୍ୟଜଣଙ୍କୁ ଏକ ଧାରୁଆ ଅସ୍ତ୍ରରେ ଭୁସି ଦେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ମୃତଦେହ ମର୍ଗ ହାଉସରେ ରଖାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରାତି ୧୦ଟା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ତେବେ ପେଚକସ୍‌ରେ ଆକ୍ରମଣ ହୋଇଥିବା କୁହାଯାଉଛି। ଉଭୟ ଶ୍ରମିକ ଭାବେ କାର୍ଯ୍ୟକରୁଥିଲେ।

# ବନ୍ଧମୁଣ୍ଡାରେ ରେଳ ଡିଭିଜନ ପ୍ରତିଷ୍ଠା ଦାବି

ରାଉରକେଲା,୧୨।୪(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲା ସମେତ ଏହାର ଆଖପାଖ ଜିଲାରେ ବସବାସ କରୁଥିବା ଲୋକଙ୍କ ଦୀର୍ଘଦିନର ଦାବି ସ୍ୱରୂପ ବନ୍ଧମୁଣ୍ଡାକୁ ଏକ ରେଳ ଡିଭିଜନ ମାନ୍ୟତା ପ୍ରଦାନ କରିବା ପାଇଁ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଚିଠି ପ୍ରେରଣ କରାଯାଇଛି। ୨୦୧୧ରେ ରେଳ ଡିଭିଜନ ଅନୁସାରେ ରେଳ ଲାଇନ ଦୂରତାକୁ ଲିପିବଦ୍ଧ କରାଯିବା ସହ ମାର୍ଚ୍ଚ ୨୦୨୫ର ଡିଭିଜନ ଅନୁଯାୟୀ ଦୂରତା ପରିସଂଖ୍ୟାନକୁ ଚିଠିରେ ଉଲ୍ଲେଖ କରାଯାଇଛି। ୨୦୧୧ ପରିସଂଖ୍ୟାନ ମୁତାବକ ରାଞ୍ଚି ରେଳ ଡିଭିଜନ ୪୪୩କି.ମି., ମାଳଦା ୪୪୭,

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ପ୍ରେରଣ**

ରାୟପୁର ୩୫୫, ପୁଣେ ୫୦୪, ଭୁସାବଳ ୪୦୫, ମୁମ୍ବାଇ ୫୬୪, ଆଦ୍ରା ୫୬୨ ଓ ଚକ୍ରଧରପୁର ଡିଭିଜନ ୭୫୪କି.ମି. ବ୍ୟାପୀ ରେଳଲାଇନ ଥିବା ଦର୍ଶାଯାଇଛି। ମାତ୍ର ମାର୍ଚ୍ଚ ୨୦୨୫ ପରିସଂଖ୍ୟାନରେ ରାଞ୍ଚି ୭୬୪.୮୨୭, ଆଦ୍ରା ୧୨୬୭.୯୧୭ କି.ମି., ଖଡଗପୁର ୧୯୮୭.୩୨୭, ଚକ୍ରଧରପୁର ୨୧୧୭.୯୧୪କି.ମି., ଓଡ଼ିଶା ୬୦୬.୮୦୦କି.ମି. ଓ ଝାଡଖଣ୍ଡ ୧୦୧୦.୫୭୨ କି.ମି. ଦୂରତା ବ୍ୟାପୀ ରେଳ ଲାଇନ ଥିବା ଦର୍ଶାଯାଇଛି। ଚକ୍ରଧରପୁର ରେଳ ଡିଭିଜନ ଅନୁସାରେ ୨୧୧୭.୯୪୧ କି.ମି.ରୁ ୧୨୯୦.୧୨ କି.ମି. ଓଡ଼ିଶା ମଧ୍ୟେ ଆସୁଛି। ଏହାସହିତ ଓଡ଼ିଶା ମଧ୍ୟେ ଥିବା ୫୧କି.ମି. ରେଳଲାଇନ ଦକ୍ଷିଣ-ପୂର୍ବ ମଧ୍ୟ ରେଳବାଇ କ୍ଷେତ୍ରର ବିଳାସପୁର ରେଳ ଡିଭିଜନର ଅନ୍ତର୍ଗତ ଆସୁଛି। ତେଣୁ ଓଡ଼ିଶାର ୬୦୬.୮୦୦କି.ମି. ପରିବ୍ୟାପ୍ତ ରେଳ ଲାଇନ ଏକ ନୂତନ ରେଳ ଡିଭିଜନ ସ୍ଥାପନ ପାଇଁ ପର୍ଯ୍ୟାପ୍ତ ବୋଲି ମଞ୍ଚ ପକ୍ଷରୁ ଦର୍ଶାଯାଇଛି। ଉଦାହରଣରେ ରାୟପୁର ରେଳ ଡିଭିଜନ ଦୂରତା ୩୫୫ କି.ମି. ଏବଂ ରାଞ୍ଚି ଡିଭିଜନ ସିକେପି ଡିଭିଜନରୁ ମାତ୍ର ୧୦୦କି.ମି. ଦୂରବର୍ତ୍ତୀ ଅଟେ। ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ରେଳ ଷ୍ଟେଶନ ପ୍ରଥମରୁ ଆବଶ୍ୟକ ଭିତ୍ତିଭୂମି ସହ ସୁସଜ୍ଜିତ ଥିବାବେଳେ ଏଠାରେ ଏଆର୍‌ଏମ୍ କାର୍ଯ୍ୟାଳୟ ସହିତ ଭାରତର ଦ୍ୱିତୀୟ ସର୍ବବୃହତ୍ ମାର୍ଶଲ ୟାର୍ଡ ରହିଛି। ଏଥିସହିତ ସିକେପି ଡିଭିଜନ-ଟାଟାନଗର ଏବଂ ରାଉରକେଲା ଷ୍ଟେଶନକୁ ଏନ୍‌ଏସ୍‌ଜି-୨ ଶ୍ରେଣୀର ଷ୍ଟେଶନ ଭାବରେ ଘୋଷଣା କରାଯାଇଛି। ମାତ୍ର ପରିତାପର ବିଷୟ ଟାଟାନଗର ଷ୍ଟେଶନରେ ଷ୍ଟେଶନ ନିର୍ଦ୍ଦେଶକ ରହିଥିବା ବେଳେ ରାଉରକେଲାର ଷ୍ଟେଶନରେ ନିର୍ଦ୍ଦେଶକ ପଦବୀ ରହିଛି, ଯାହା ସିକେପି ଡିଭିଜନ ମଧ୍ୟରେ ଆସୁଥିବା ଓଡ଼ିଶାର ଏକ ସର୍ବ ବୃହତ୍ ଷ୍ଟେଶନ ପ୍ରତି ପ୍ରଶାସନିକ ଉପେକ୍ଷା ହେଉଥିବା ଦର୍ଶାଯାଇଛି। ବାରମ୍ବାର ସିକେପି ଏବଂ ବିଳାସପୁର ଡିଭିଜନ ମାଧ୍ୟମରେ ଓଡ଼ିଶାର ଦକ୍ଷିଣ-ପୂର୍ବ ରେଳବାଇଜନିତ ବିକାଶକୁ ଉପେକ୍ଷା ହେଉଛି। ସିକେପି ଡିଭିଜନର ରାଜସ୍ୱ ବୃଦ୍ଧିରେ ବନ୍ଧମୁଣ୍ଡାର ୬୫ପ୍ରତିଶତ ରାଜସ୍ୱ ଯୋଗଦାନ ସତ୍ତ୍ୱେ ଓଡ଼ିଶାକୁ ଉପେକ୍ଷା କରାଯାଉଛି। ତେଣୁ ଏହିସବୁ ଦୃଷ୍ଟିରୁ ବନ୍ଧମୁଣ୍ଡାକୁ ଏକ ନୂତନ ରେଳ ଷ୍ଟେଶନ ଭାବେ ଘୋଷଣା କରିବାକୁ ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରାଯାଇଛି।

# ହନୁମାନ ଚାଳିଶା ବିତରଣ କରୁଛନ୍ତି ଶିବବନ୍ଦନ

ରାଉରକେଲା,୧୨।୪(ଦିନେଶ ମିଶ୍ର)



ଶିବବନ୍ଦନ

ହନୁମାନ ଜୟନ୍ତୀ ପାଳନକୁ ନେଇ ରାଉରକେଲା ସହର ଚଳଚଞ୍ଚଳ ହୋଇ ଉଠିଛି। ଏହି ଅବସରରେ ଶତାଧିକ ଲୋକଙ୍କୁ ମାଗଣାରେ ହନୁମାନ ଚାଳିଶା ବିତରଣ କରି ବେଶ ଲୋକପ୍ରିୟତା ପାଇଛନ୍ତି ଗୋପବନ୍ଧୁପାଲୀର ଶିବବନ୍ଦନ ପାଣ୍ଡେ। ଶିବନନ୍ଦନ ପ୍ରମାଣ ଭାରତ ସଂଘର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ପେସାରେ ସେ ଜଣେ ପରିବା ବ୍ୟବସାୟୀ। ରାଉରକେଲାର ଗଦିରେ ପ୍ରତିଦିନ ସେ ପରିବା ବ୍ୟବସାୟ କରନ୍ତି। ସେ ପରିବା ବିକ୍ରି କରି ସାରିବା ପରେ ସହରରେ ଥିବା ବିଭିନ୍ନ ହନୁମାନ ମନ୍ଦିର ଓ ରାମ ମନ୍ଦିରରେ ସେବକ ଭାବେ କାର୍ଯ୍ୟରେ ଲାଗି ପଡନ୍ତି। ଶିବବନ୍ଦନ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଥିବା ରାମନବମୀ ଆଖଡା ଶୋଭାଯାତ୍ରାରେ ତାଙ୍କ ସଂଘର କିଛି କର୍ମୀମାନଙ୍କୁ ନେଇ ସ୍ୱଇଚ୍ଛାରେ ୧୫ଶହରୁ ଉର୍ଦ୍ଧ୍ୱ ହନୁମାନ ଚାଳିସା ବିତରଣ କରିଥିଲେ। ଶିବନନ୍ଦନ ଅପରାହ୍ନ ସାଢେ ୧ଟାରେ ବିଶ୍ରାଛକରେ ପହଞ୍ଚି ରାସ୍ତାରେ ଯାଉଥିବା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ପୋଲିସ ପ୍ରଶାସନ ଓ ବରିଷ୍ଠ ନାଗରିକମାନଙ୍କୁ ରାମନବମୀ ଆଖଡା ଶୋଭାଯାତ୍ରାର ମହତ୍ତ୍ୱ ଓ ହନୁମାନ ଚାଳିସା ପାଠର ମହିମା ଉପରେ ପ୍ରଚାର କରିଥିଲେ। ଏହି ଅବସରରେ ଶିବନନ୍ଦନ ରାଉରକେଲା ବିଶ୍ରାଛକରୁ ନେଇ ମେନ୍‌ରୋଡ ହୋଇ ଉଦିତନଗର ସ୍ଥିତ ଆମ୍ବେଦକର ଛକ ପର୍ଯ୍ୟନ୍ତ ପ୍ରାୟ ୬ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲି ହନୁମାନ ଚାଳିସା ପୁସ୍ତକକୁ ମାଗଣାରେ ଜନସାଧାରଣଙ୍କୁ ବିତରଣ କରିଥିଲେ। ନିଃଶୁଳ୍କରେ ହନୁମାନ ଚାଳିସା ପୁସ୍ତକ ପାଇ ବିଭିନ୍ନ ମହଲରୁ ତାଙ୍କୁ ବେଶ ପ୍ରଶଂସାର ସୁଅ ଛୁଟିଥିଲା। ଏହି ନିଆରା ପଦକ୍ଷେପ ପାଇଁ ତାଙ୍କୁ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣି ପୁଷ୍ପଗୁଚ୍ଛ ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରଣାମ ଭାରତର ମୋତି ସିଂ, ଶୁଭ ଲାଲ, ସୋନି, ଛୋଟୁ, ବମଜା ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତରେ ଆଇଇଡି ବିସ୍ଫୋରଣ: ସୁରକ୍ଷାକର୍ମୀ ନିହତ



ସୁନୀଲ ଧାନ।

ରାଉରକେଲା,୧୨।୪(ସଙ୍ଗୀତା ଜେନା) : ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ଅଞ୍ଚଳରେ ମାଓବାଦୀ ସମସ୍ୟାକୁ ଆୟତ୍ତ କରିବାକୁ କରାଯାଉଥିବା ସୁରକ୍ଷା ଅଭିଯାନରେ ଶନିବାର ଆଇଇଡି ବିସ୍ଫୋରଣରେ ଜଣେ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ମୃତକ ହେଉଛନ୍ତି ଝାଡଖଣ୍ଡ ଜଗୁଆରର ଆରକ୍ଷୀ ସୁନୀଲ ଧାନ। ଅନ୍ୟ ଜଣେ ଆହତ ହୋଇଛନ୍ତି। ସେ ହେଲେ କୋବ୍ରା ୨୦୩ ବାଟାଲିୟନ୍‌ର ହେଡ୍ କନେଷ୍ଟବଳ ଆରଓ ବିଷ୍ଣୁ ସୈନୀ। ଏନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ୬ଟାରେ ଛୋଟାନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ପାହାଡିଆରେ ସର୍ଚ୍ଚ ଅପରେସନ୍ କରାଯାଉଥିଲା। ମାଓବାଦୀମାନେ ଉକ୍ତ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଉଦ୍ଦେଶ୍ୟରେ ଖଞ୍ଜିଥିବା ଆଇଇଡି ବ୍ଲାଷ୍ଟ ହୋଇଥିଲା। ଉତ୍ତରରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଗୁଳି ବର୍ଷଣ କରାଯାଇଥିଲା। ଫଳରେ ମାଓବାଦୀମାନେ ସେଠାରୁ ଖସି ଯାଇଥିଲେ। ଉକ୍ତ ଆଇଇଡ ବ୍ଲାଷ୍ଟରେ ବିଷ୍ଣୁ ଏବଂ ସୁନୀଲ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ରାଞ୍ଚିକୁ ଏୟାରଲିଫ୍ଟ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୬ଟାରେ ଧାନ୍‌ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

# ପିଲାଙ୍କୁ ମିଳିବ ପ୍ୟାକେଟ କ୍ଷୀର





ଏମ୍‌ଓୟୁ ସ୍ୱାକ୍ଷରିତ ଅବସରରେ ଉପସ୍ଥିତ ଅଧିକାରୀମାନେ।

ରାଉରକେଲା,୧୨।୪(ବିପ୍ଳବ ରଞ୍ଜନ ଦାଶ)

**ଏନ୍‌ଡିଡିବି ସହ ବୁଝାମଣାପତ୍ର ସ୍ୱାକ୍ଷରିତ**

ଆର୍‌ଏସ୍‌ପି ସୁନ୍ଦରଗଡ଼ ଜିଲା ବିଶ୍ରା, କୁଆଁରମୁଣ୍ଡା ଏବଂ ରାଉରକେଲା ମହାନଗର ନିଗମର ପ୍ରାଥମିକ ବିଦ୍ୟାଳୟର ପିଲାଙ୍କୁ ଅନନ୍ୟ ସିଏସ୍‌ଆର୍ ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିକର ପ୍ୟାକେଟ କ୍ଷୀର ଯୋଗାଇବ। ନ୍ୟାଶନାଲ ଡାଏରୀ ଡେଭଲପମେଣ୍ଟ ବୋର୍ଡ(ଏନ୍‌ଡିଡିବି) ଫର୍ ନ୍ୟୁଟ୍ରିସନ, ଆନନ୍ଦ, ଗୁଜରାଟ ଏବଂ ଜିଲା ପ୍ରଶାସନ ସହ ବୁଝାମଣାପତ୍ର ନବୀକୃତ କରିଛି। ଏଥିନିମନ୍ତେ ଏମ୍‌ଓୟୁ ମାର୍ଚ୍ଚ ୨୯ ତାରିଖରେ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ପକ୍ଷରୁ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି.କେ. ସ୍ୱାଇଁ.ଏନ୍‌ଡିଡିବି ତରଫରୁ ବୈଜ୍ଞାନିକ ଡ. ଲକ୍ଷ୍ମୀନାରାୟଣ ମହାପାତ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ପୂର୍ବ ଏମ୍‌ଓୟୁ ଅଧୀନରେ ୨୦୨୫ ମାର୍ଚ୍ଚ ୩୧ତାରିଖରେ ଶେଷ ହୋଇଥିବାବେଳେ ଏହି ଅନନ୍ୟ ସିଏସ୍‌ଆର୍ ପଦକ୍ଷେପ ଜାରି ରଖିବା ଦିଗରେ ନୂତନ ଏମ୍‌ଓୟୁ ମାର୍ଗ ପ୍ରଶସ୍ତ କରିଛି। ଏହି ନୂତନ ଏମ୍‌ଓୟୁ ୨୦୨୫-୨୬ ବର୍ଷ ପାଇଁ କାର୍ଯ୍ୟକାରୀ ହେବ ଏବଂ ଏଥିନିମନ୍ତେ ଆର୍‌ଏସ୍‌ପି ୪୨.୩୦ଲକ୍ଷ ଟଙ୍କା ବ୍ୟୟ ବହନ କରିବ। ନୂତନ ଏମ୍‌ଓୟୁରେ କାର୍ଯ୍ୟକ୍ରମର ପରିସୀମା ସମ୍ପ୍ରସାରିତ କରାଯାଇଛି। ଏହି ପ୍ରୟାସ ଅଧୀନରେ କୁଆଁରମୁଣ୍ଡା ବ୍ଲକର ସ୍କୁଲଗୁଡିକ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ହିତାଧିକାରୀ ଛାତ୍ରଙ୍କ ସଂଖ୍ୟା ମଧ୍ୟ ୧୭୫୦କୁ ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଅନନ୍ୟ ସିଏସ୍‌ଆର୍ ପ୍ରୟାସର ଅଂଶ ସ୍ୱରୂପ ୨ଶହ ମିଲିଲିଟର ସ୍ୱାଦଯୁକ୍ତ କ୍ଷୀର ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରରେ ପ୍ରତି କାର୍ଯ୍ୟଦିନରେ ପ୍ରଦାନ କରାଯିବ।

# ଆର୍‌ଏସ୍‌ପି ଅଧିକାରୀଙ୍କ ସହ ଆଲୋଚନା



ଅତିଥି ବୃକ୍ଷରୋପଣ କରୁଛନ୍ତି।

ରାଉରକେଲା,୧୨।୪(ବିପ୍ଳବ ରଞ୍ଜନ ଦାଶ)

**ଜାତୀୟ ଅନୁସୂଚିତ ଜନଜାତି କମିଶନରଙ୍କ ଆର୍‌ଏସ୍‌ପି ପରିଦର୍ଶନ**

ଜାତୀୟ ଅନୁସୂଚିତ ଜନଜାତି କମିଶନର ଜାଟୋୟୁ ହୁସେନ ଆର୍‌ଏସ୍‌ପି ପରଦର୍ଶନ କରିଛନ୍ତି। ଏନ୍‌ସିଏସ୍‌ଟି ନିର୍ଦ୍ଦେଶକ ଡ. ପି.କଲ୍ୟାଣ ରେଡ୍ଡୀ ଓ ଏନ୍‌ସିଏସ୍‌ଟିର ପ୍ରତିନିଧି ମଣ୍ଡଳ ଏହି ଗସ୍ତରେ ସାମିଲ ଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ପରିଦର୍ଶନକାରୀଙ୍କ ଗହଣରେ ଉପସ୍ଥିତ ଥିଲେ। ମାନବ ସମ୍ବଳ ଏଲ୍ ଆଣ୍ଡ ଡି ମଡେଲ ରୁମ୍‌ରୁ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେଠାରେ ଅତିଥିମାନଙ୍କୁ ଆର୍‌ଏସ୍‌ପିର ଲେଆଉଟ ଡିଜାଇନ ସହ ବିଭିନ୍ନ ୟୁନିଟ୍ ଏବଂ ଉତ୍ପାଦ ବିଷୟରେ ଅବଗତ କରାଯାଇଥିଲା। ଏହାପରେ ବ୍ଲାଷ୍ଟ ଫର୍ନେସ-୫ ଏବଂ ହଟ୍ ଷ୍ଟ୍ରିପ୍ ମିଲ-୨ ପରିଦର୍ଶନ କରିଥିଲେ। ଉଭୟ ୟୁନିଟ୍‌ରେ ସମ୍ପୃକ୍ତ ବିଭାଗର ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀମାନେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ବିଭାଗର କାର୍ଯ୍ୟକାରିତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ପରେ ସଦସ୍ୟମାନେ ରାଉରକେଲା ହାଉସରେ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଆଲୋକ ବର୍ମା, ତରୁଣ ମିଶ୍ର ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପାନପୋଷର ଉପଜିଲାପାଳ ବିଜୟ କୁମାର ନାୟକ, ତହସିଲଦାର ନିବେଦିତା ପ୍ରଧାନ ଏବଂ ଜିଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ହୁସୈନ ମା' ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମର ଏକ ବିଶେଷ ଅଂଶ ଭାବେ ରାଉରକେଲା ହାଉସରେ ଏକ ଚାରା ରୋପଣ କରିଥିଲେ। ହୁସୈନଙ୍କ ୨ଦିନିଆ ଗସ୍ତ ଉପଲକ୍ଷେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଏବଂ ପୁନର୍ବାସ କଲୋନି ପରିଦର୍ଶନ କରିଥିଲେ। ସଦସ୍ୟ ଏପ୍ରିଲ ୧୧ତାରିଖ ରାଉରକେଲାରୁ ପ୍ରସ୍ଥାନ କରିବା ପୂର୍ବରୁ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସାକ୍ଷାତ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ



କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଓ ଅନ୍ୟମାନେ।

ରାଉରକେଲା, ୧୨।୪( ଦିନେଶ ମିଶ୍ର)

ରାଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ, ଛେଣ୍ଡର ବାର୍ଷିକ ସାଧାରଣ ସଭା ଗୋପବନ୍ଧୁ ପାଠାଗାରର ସତ୍ୟବାଦୀ ପ୍ରକୋଷ୍ଠରେ ସଂଘର ବିଦାୟୀ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାହୁ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ, ସଂଘ ସମସ୍ତ ଘାତ ପ୍ରତିଘାତ ସତ୍ତ୍ୱେ ରାଉରକେଲାର ଏକ ବିଶିଷ୍ଟ ଅନୁଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାରିଛି। ସଂଘର ସାଧାରଣ ସମ୍ପାଦକ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ହରିହର ନାୟକ, ୨୦୨୪-୨୫ ମସିହାର ଆୟ ଓ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ପରେ ସଦସ୍ୟମାନେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ନିଜର ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଉପ ସଭାପତି ସୁବାଷ ମହାପାତ୍ର ସଂଯୋଜନା କରିଥିଲେ । ଶେଷରେ ଡା. ଗୋକୁଳାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଓ ନାରାୟଣ ଚନ୍ଦ୍ର ଜେନାଙ୍କ ସହାୟତାରେ ୨୦୨୫- ୨୭ ବର୍ଷ ପାଇଁ ସର୍ବସମ୍ମତି କ୍ରମେ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ସଭାପତି ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ, ଉପସଭାପତି ଡ. ଶକ୍ତି ପ୍ରସାଦ ସାମନ୍ତରାୟ ଏବଂ ସୁବାସ ଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ହରିହର ନାୟକ, ଯୁଗ୍ମ ସମ୍ପାଦକ ରବିନାରାୟଣ ସିଂହ, କ୍ଷେତ୍ରୀୟ ସମ୍ପାଦକ କୈଳାଶ ଚନ୍ଦ୍ର ସାମଲ, ତ୍ରିଲୋଚନ ମିଶ୍ର ଏବଂ ହରିଶ୍ଚନ୍ଦ୍ର ଭୂମିଜ, କୋଷାଧ୍ୟକ୍ଷ ଗୋପାଳ ପ୍ରସାଦ ଜେନା, କାର୍ଯ୍ୟକାରୀ କମିଟି ସଦସ୍ୟ ଧ୍ରୁବ ଚରଣ ନାୟକ, ହରିହର ଶତପଥୀ, ମୃତ୍ୟୁଞ୍ଜୟ ବାରିକ, ଅଞ୍ଜଳି ହୋତା, ପ୍ରକାଶ କୁମାର ମହାନ୍ତି ଏବଂ ରମେଶ ଚନ୍ଦ୍ର ସିଂହଙ୍କୁ ମନୋନୀତ କରାଯାଇଥିଲା।। ନବଘନ ସାହୁଙ୍କୁ ସଂଘର ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଛି।

# ଏନ୍‌ଆଇଟିରେ ସ୍ୱଚ୍ଛତା ଅଭିଯାନ

ରାଉରକେଲା,୧୨।୪(ସଙ୍ଗୀତା ଜେନା)



ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଛି।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାରେ ସ୍ୱଚ୍ଛତା ଅଭିଯାନରେ ଶହେ ସପ୍ତାହ ପୂର୍ତ୍ତି କରିଛି। ଏହି ଅବସରରେ ଶନିବାର ସକାଳ ୭ଟାରେ କ୍ୟାମ୍ପସରେ ସାଇକେଲ ମାରାଥନ୍ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଏନ୍‌ଆଇଟି ରାଉରକେଲା ଛାତ୍ର କ୍ଲବ ସହଯୋଗରେ ଏହି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ କହିଥିଲେ, ନିରନ୍ତର ଭାବେ ଏନ୍‌ଆଇଟି ଏହି ସ୍ୱଚ୍ଛତା ଅଭିଯାନ କରିଆସୁଛି। ଉକ୍ତ ଅଭିଯାନରେ ସଫେଇ ସହ ସବୁଜ ଆବରଣ ବୃଦ୍ଧି କରିବା ପାଇଁ ବୃକ୍ଷରୋପଣ ପ୍ରୟାସ, ଶୂନ୍ୟ ପ୍ଲାଷ୍ଟିକ ଅଭିଯାନ, ମୃତ୍ତିକା ଓ ଜଳ ସଂରକ୍ଷଣ ଅଭିଯାନ ଏବଂ ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ଶୋଭାଯାତ୍ରା, ଜନଭାଗୀଦାରୀ ଆଦିକୁ ସାମିଲ କରାଯାଇଛି। ସ୍ୱଚ୍ଛତା ହିଁ ସେବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ନିର୍ଦ୍ଦେଶକ ରାଓ କହିଥିଲେ। ପ୍ରଫେସର ଅନୀଲ ସିଂହ ସମେତ ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, ସଂଘ ତଥା ଏନ୍‌ସିସି କ୍ୟାଡେଟ୍‌ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ପରେ ସ୍ୱଚ୍ଛତା ଏବଂ ପରିବେଶ ଚେତନା ବଜାୟ ରଖିବା ତଥା ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱଚ୍ଛତା ଶପଥ ଗ୍ରହଣ କରାଯାଇଥିଲା।

# ସ୍ୱାସ୍ଥ୍ୟ, କୁଶଳତା ଉପରେ ଆଲୋଚନାଚକ୍ର

ରାଉରକେଲା,୧୨।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ଗୋପବନ୍ଧୁ ପ୍ରେକ୍ଷାଳୟରେ କାରଖାନାର କର୍ମଚାରୀଙ୍କ ପାଇଁ ଏକ ବୃତ୍ତିଗତ ବକ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି.ଆର ପଲାଇ ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ ଯୋଗଦେଇ ଅତିଥିଙ୍କୁ ସମ୍ମାନିତ କରିଥିଲେ। ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜର ପୂର୍ବତନ ସହାୟକ ପ୍ରଫେସର ଡକ୍ଟର ମାଧବ ନାୟକ ଏହି ଅବସରରେ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୫୦ଜଣ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅଧିବେଶନରେ ମେଦବହୁଳତାର ବର୍ଦ୍ଧିତ ବୋଝ ଓ ଟାଇପ୍-୨ ମଧୁମେହ ଭଳି ଜୀବନଶୈଳୀ ରୋଗ ସହିତ ଏହାର ଦୃଢ଼ ସମ୍ପର୍କ ବିଷୟରେ ସଚେତନତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ନାୟକ କହିଥିଲେ ଯେ, ସଂରଚିତ ଓ ନିରନ୍ତର ଜୀବନଶୈଳୀ ପରିବର୍ତ୍ତନ ମାଧ୍ୟମରେ ମଧୁମେହ ପ୍ରତିରୋଧ ସମ୍ଭବ। ସେ ପ୍ରାରମ୍ଭିକ ଚିହ୍ନଟ, ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଓ ଏକ ସୁସ୍ଥ ବଡିମାସ ଇଣ୍ଡେକ୍ସ ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧିବେଶନରେ କମ କାର୍ବୋହାଇଡ୍ରେଟ,ଉଚ୍ଚ ଫାଇବର ଖାଦ୍ୟ ଗ୍ରହଣ, ପ୍ରତ୍ୟେକଦିନ ଶାରୀରିକ ବ୍ୟାୟାମ ଅନ୍ତର୍ଭୁକ୍ତ କରିବା ଏବଂ ସଚେତନ ଖାଦ୍ୟ ଅଭ୍ୟାସ ଅନୁସରଣ କରିବା ଭଳି ବ୍ୟବହାରିକ ରଣନିତୀ ଅନ୍ତର୍ଭୁକ୍ତ କରାଯାଇଥିଲା। ସ୍ୱାସ୍ଥ୍ୟ ଯାତ୍ରାରେ ମାନସିକ ସୁସ୍ଥତା ଏବଂ ପ୍ରେରଣାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଚିହ୍ନଟ କରାଯାଇଥିଲା। ଏଚଆର ଏଲ ଆଣ୍ଡ ଡି ବିଭାଗର ଜିଏମ ସୁଶ୍ରୀ ଚୈତାଳୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।





ସ୍ୱାସ୍ଥ୍ୟ ଆଲୋଚନା ଚକ୍ରରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

# ଅଲ୍ ଇଣ୍ଡିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଆର୍‌ଏସ୍‌ଏ

ରାଉରକେଲା,୧୨।୪(ଦିନେଶ ମିଶ୍ର)



ଅତିଥିଙ୍କ ସହ ଖେଳାଳିମାନେ।

ରାଉରକେଲାର ବିଶ୍ରାମୁଣ୍ଡା ଆଥଲେଟିକ ଷ୍ଟାଡିୟମ ପରିସରରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ହୋଇଥିବା ୧୯ତମ ଅଲ ଇଣ୍ଡିଆ ବିଜୁ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶନିବାର ଶେଷ ହୋଇଯାଇଛି। ଏହି ମ୍ୟାଚକୁ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଦୀପ୍ତ ଦାସ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସେମି ଫାଇନାଲ ମ୍ୟାଚ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଏବଂ ଟାଟା ମୋଟରର୍ସ ଜାମସେଦପୁର ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ(ଆରଏସ୍‌ଏ) ଦଳ ଟାଟା ଜାମସେଦପୁର ଦଳକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ଆରଏସ୍‌ଏ ଦଳ ଖେଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଦଳର ଫରୁଆର୍ଡ ଖେଳାଳି ମହେଶ ହାସଁଦା ମ୍ୟାଚର ଠିକ୍ ୩୫ ମିନିଟ୍‌ରେ ପ୍ରଥମ ଗୋଲ ମାରିଥିବାବେଳେ ୭୬ ମିନିଟ୍‌ରେ ଆଦିନ୍ ତିର୍କୀ ଦ୍ୱିତୀୟ ଗୋଲ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ଏହି ଗୋଲକୁ ପରିଶୋଧ କରିବାକୁ ଯାଇ ଟାଟା ଜାମସେଦପୁର ଦଳ ମାତ୍ର ଗୋଟିଏ ଗୋଲ କରି ମ୍ୟାଚରେ ପରାଜୟ ହୋଇଥିଲା। ଦଳ ପକ୍ଷରୁ ରଞ୍ଜିତ ମାରଡି ଖେଳର ୫୨ ମିନିଟ୍‌ରେ ଆରଏସ୍‌ଏ ବିପକ୍ଷରେ ଗୋଟିଏ ଗୋଲ କରିଥିଲେ। ଏହି ମ୍ୟାଚରେ ରୋହିତ ବଡାଇକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଖେଳକୁ ରେଫରୀ ଭାବେ ଶିବଶଙ୍କର ପଣ୍ଡା, ଲିଙ୍ଗରାଜ ପ୍ରଧାନ, ଦିଲୀପ କୁମାର ରାଉତ ଓ ରୋସନ ଖାନ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଆରଏସ୍‌ଏର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ରବିବାର କଟକ ଫୁଟବଲ ଦଳ ସହିତ ଆରଏସ୍‌ଏ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରାଉରକେଲା ସ୍ପୋର୍ଟସ ଆସୋସିଏନର ସଭାପତି ମିହିର ରାୟ ସୂଚନା ଦେଇଛନ୍ତି।

**ହନୁମାନ ଜୟନ୍ତୀ ପାଇଁ ବାହାରିଲା ଶୋଭାଯାତ୍ରା**

ପଡିଆବାହାଲ,(ରାଧାମୋହନ ଷଡ଼ଙ୍ଗୀ): ଯୁଯୁମୁରା ବ୍ଲକ ପଡିଆବାହାଲସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ହନୁମାନ ଜୟନ୍ତୀ ପାଇଁ ଶନିବାର ଶୋଭାଯାତ୍ରା କରାଯାଇଥିଲା। ଡାକ୍ତର ରାଜାରାମ ଷଡ଼ଙ୍ଗୀ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଖଲିଆପାଲି ହନୁମାନ ମନ୍ଦିରରେ ପହଞ୍ଚିବା ପରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା, ହନୁମାନ ମନ୍ଦିର ପ୍ରତିଷ୍ଠାତା ସଞ୍ଜୀବ କୁମାର ପଣ୍ଡା, ଦେବାନନ୍ଦ ଭୁସାଗର, ଅଭୟ କୁମାର ନାୟକ ସ୍ୱାଗତ କରିଥିଲେ। ସଂଯୁକ୍ତା ତ୍ରିପାଠୀ, ଅଧକ୍ଷ ସଚିନ ଚୌହାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।

# ହନୁମାନ ଜୟନ୍ତୀ ପାଇଁ ଉତ୍ସବମୁଖର ସମ୍ବଲପୁର

■ହନୁମାନ ଓ ଶ୍ରୀରାମଙ୍କ ଝଣ୍ଡାରେ ସହର ଗୈରିକମୟ
■ମୁତୟନ ହେବେ ପ୍ରାୟ ୫୦ ପ୍ଲାଟୁନ୍ ସୁରକ୍ଷା କର୍ମୀ
■ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ ୫ ଏଏସ୍‌ପି

ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)

ଆସନ୍ତା ୧୪ ତାରିଖରେ ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁର ସହର ଉତ୍ସବ ମୁଖୀ ହୋଇଛି। ଡାକବାଜି ଯନ୍ତ୍ରରେ ଶ୍ରୀରାମ ସ୍ତୁତି ଓ ହନୁମାନ ଚାଲିଶା ଗାନ ସୃଷ୍ଟି କରିଛି ଏକ ଭକ୍ତିମୟ ପରିବେଶ। ପ୍ରଭୁ ଶ୍ରୀରାମ ଓ ବୀର ହନୁମାନଙ୍କ ଝଣ୍ଡାରେ ଆଚ୍ଛାଦିତ ସମ୍ବଲପୁର ସହର ହୋଇଯାଇଛି ଗୈରିକମୟ।

୨୦୨୩ ମସିହା ହନୁମାନ ଜୟନ୍ତୀ ଅବସରରେ ସୃଷ୍ଟି ହୋଇଥିଲା ସାମ୍ପ୍ରଦାୟିକ ହିଂସା। ଏହାକୁ ଆଖି ଆଗରେ ରଖି ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ସହରରେ ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ସମ୍ପନ୍ନ କରି ସହରବାସୀଙ୍କ ମଧ୍ୟରେ ପୂନର୍ବାର ବିଶ୍ୱଭାଜନ ହେବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ତେଣୁ ଗତ ମାର୍ଚ୍ଚ ୩୦ତାରିଖ ରାଷ୍ଟ୍ରୀୟ ନବବର୍ଷଠାରୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହି ଦିନଠାରୁ ସମଗ୍ର ସହର ଏକ ପ୍ରକାର ପୋଲିସ ଛାଉଣିରେ ପରିଣତ ହୋଇଛି। ଏହାସହ ପର୍ଯ୍ୟାୟକ୍ରମେ ସହରରେ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ପ୍ରତିଦିନ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ ଜାରି ରହିଛି। ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ସହରରେ ସୁରକ୍ଷା ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ରହିବେ ୫ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି)। ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସମନ୍ୱିତ ପୋଲିସ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ସେହିପରି ଅତିରକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଶଶାଙ୍କ ଶେଖରଙ୍କ ସୂଚନା ଅନୁସାରେ ହନୁମାନ ଜୟନ୍ତୀ ପାଇଁ ସହରରେ ପ୍ରାୟ ୫୦ ପ୍ଲାଟୁନ୍ ପୋଲିସ ସୁରକ୍ଷା କର୍ମୀଙ୍କୁ ମତୟନ କରାଯିବ। ସେଥିମଧ୍ୟରେ ଏକ କମ୍ପାନୀ ରାପିଡ୍ ଅକ୍ସନ ଫୋର୍ସ(ଆର୍‌ଏଏଫ୍), ୩ କମ୍ପାନୀ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଯବାନଙ୍କୁ ମିଶାଇ ମୋଟ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ତଥା ୨୮ ପ୍ଲାଟୁନ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବାହୀନୀଙ୍କୁ ସହରର ବିଭିନ୍ନ ସ୍ଥାନରେ ମୁତୟନ କରାଯିବ। ସମଗ୍ର ସହରରେ ମୋଟ ୪୯ଟି ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇଛି। ବିଭିନ୍ନ ସମ୍ବେଦନଶୀଳ ଛକ ଓ ଅଞ୍ଚଳରେ ପୋଲିସ ସୁରକ୍ଷା କର୍ମୀଙ୍କ ଶିବିର ତଥା ସିସିଟିଭି ଲଗାଯାଇଛି। ସମଗ୍ର ସହର ଉପରେ ୧୬୦ଟି ସିସିଟିଭି ଓ ୨୦ଟି ଡ୍ରୋନ୍‌ରେ ୨୪ ଘଣ୍ଟା ନଜର ରଖାଯିବ। ଏହାବ୍ୟତୀତ ସହରର ବିଭିନ୍ନ ସ୍ଥାନରେ ମୁତୟନ ସୁରକ୍ଷା କର୍ମୀଙ୍କ ସୁପରିଚାଳନା ପାଇଁ ୧୩ ଜଣ ସହକାରୀ ଆରକ୍ଷୀ ଅଧୀକ୍ଷକ, ୪୩ ଜଣ ଇନ୍ସପେକ୍ଟର, ୧୪୭ ଜଣ ସବ–ଇନ୍ସପେକ୍ଟର(ଏସ୍‌ଆଇ) ଓ ସହକାରୀ ସବଇନ୍ସପେକ୍ଟର(ଏଏସ୍‌ଆଇ), ୨୩୦ ଜଣ କନଷ୍ଟେବଲ ଓ ୨୮୦ ହୋମଗାର୍ଡଙ୍କୁ ନିୟୋଜିତ କରାଯିବ। ଶନିବାର ସନ୍ଧ୍ୟାରୁ ସହରର ବିଭିନ୍ନ ସ୍ଥାନରେ ସମସ୍ତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବା ବେଳେ ରବିବାରଠାରୁ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ସମ୍ବଲପୁର ସହରର ଭିଏସ୍‌ଏସ୍ ମାର୍ଗରେ ପୋଲିସର ଫ୍ଲାଗମାର୍ଚ୍ଚ।

## ନିଶାଦ୍ରବ୍ୟ ଧରପଗଡ଼ ଜୋର୍‌ଦାର

ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)

ରାମନବମୀ ପରେ ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ହନୁମାନ ଜୟନ୍ତୀ ପାଇଁ ସହରରେ ସୁରକ୍ଷା ଜନିତ ପ୍ରତିଷେଧାତ୍ମକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତିଦିନ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ କରିବା ସହ ନିଶା କଫ୍‌ସିରପ୍ ଓ ନିଶା ବଟିକା ଧରପଗଡ଼କୁ ଜୋରଦାର କରାଯାଉଛି ବୋଲି କହିଛନ୍ତି ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର। ସେ କହିଛନ୍ତି ଯେ, ଗତ ମାର୍ଚ୍ଚ ମାସଠାରୁ ସହରରେ ପୋଲିସ ପକ୍ଷରୁ କଫ୍ ସିରପ୍ ଓ ନିଶା ବଟିକା ଧରପଗଡ଼ ବ୍ୟାପକ କରାଯାଇଛି। ଗତଦୁଇ ମାସ ମଧ୍ୟରେ ୧୩ଟି ମାମଲା ରୁଜୁ କରାଯାଇ ଶହେ ମିଲିଲିଟର ବିଶିଷ୍ଟ ମୋଟ ୧୦୭୬ ବୋତଲ ନିଶା କଫ୍ ସିରପ ଓ ୪୨୪ ଷ୍ଟ୍ରିପ୍ ନିଶା ବଟିକା ଜବତ କରାଯାଇଛି। ମୋଟ ୨୩ ଜଣଙ୍କୁ ଗିରଫ କରାଯାଇଛି। ନିଶା ନିବାରଣ ପାଇଁ ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଏପ୍ରିଲ ମାସରେ ଏପର୍ଯ୍ୟନ୍ତ ସହରର ବିଭିନ୍ନ ଥାନାରେ ୩୫ଟି ମାମଲା ରୁଜୁ କରାଯିବା ସହ ବ୍ୟାପକ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ସେହିପରି ଗତ ମାର୍ଚ୍ଚ ମାସରେ ମଧ୍ୟ ସହରର ବିଭିନ୍ନ ଥାନାରେ ୯୩ଟି ମାମଲା ରୁଜୁ କରି ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି ବୋଲି ସେ କହିଛନ୍ତି।

## ଚୈତ୍ର ପୂର୍ଣ୍ଣିମାରେ ଚୌରାଶୀ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା



ମା’ ଚୌରାଶୀଙ୍କ ପୂଜାର୍ଚ୍ଚନା କରାଯାଉଛି।

ସମ୍ବଲପୁର,୧୨।୪(ପ୍ରମୋଦ ବହିଦାର)

ଚୈତ୍ରପୂର୍ଣ୍ଣମୀରେ ମହାନଦୀ ଗର୍ଭସ୍ଥ ମା’ ଚୌରାଶୀଙ୍କ ପୂଜାର୍ଚ୍ଚନା ଶନିବାର ଅନୁଷ୍ଠିତ ହୋଇଛି। ବଡ଼ବଜାର କେଉଟପଡ଼ାର ବହୁ ସଂଖ୍ୟାରେ ଲୋକେ ଏଥିରେ ସାମିଲ ହୋଇଥିଲେ। କୈବର୍ତ୍ତ ସମାଜର ମହିଳା ଓ ପୁରଷ ବିଧି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ପ୍ରସ୍ତୁତ କରିଥିବା ଜାଗର ସହିତ ଖିରୀ, ପିଠା, ମଣ୍ଡା ଅଦି ପାରମ୍ପରିକ ଭୋଗକୁ ମା’ଙ୍କ ନିକଟରେ ଲାଗି କରିଥିଲେ। ନିଜ ଜୀବନ ଜୀବିକାର ମୂଳ ଆୟୁଧ ସମସ୍ତ ଡଙ୍ଗାଗୁଡିକୁ ପୂଜା କରିଥିଲେ। ଏହାବାଦ ଦେହେରୀ(ପୂଜକ) ମା’ ଚୌରାଶିଙ୍କ ସମେତ ସମଲେଶ୍ୱରୀ ଓ ମା’ ପାଟଣେଶ୍ୱରୀଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏଥିପୂର୍ବରୁ ବିଧିପୂର୍ବକ ପୂଜା ସାମଗ୍ରୀ ଧରି କେଉଟପଡ଼ା ଭାଗବତ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି କୈବର୍ତ୍ତ ସମାଜ ସଦସ୍ୟମାନେ ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ପରେ ସମସ୍ତେ ମହାନଦୀ ଗର୍ଭରେ ଥିବା ମା’ ଚୌରାଶୀଙ୍କ ପୀଠରେ ପହଞ୍ଚିଥିଲେ।

## ସଂକ୍ଷେପରେ

### ମାଛ ମାରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ଦେବଗଡ଼,୧୨।୪(ଶଶାଙ୍କ ଶେଖର ଝାଙ୍କର)

ମାଛ ମାରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦେବଗଡ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ପାଳକୁଦର ଗ୍ରାମପଞ୍ଚାୟତ ମହୁଲଦର୍ହ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ମହୁଲଦର୍ହ ଗ୍ରାମର କିଶୋର ମାଝି (୨୯)। ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ମିନିଟ୍‌ରେ ମାଛ ମାରିବା ପାଇଁ ବିଦ୍ୟୁତ୍ ଚାଳିତ ଏକ ପାଣି ମଟର ଯୋଗେ ଗ୍ରାମର ଟାହୁ ନାଳରେ ଏକ ଗାତରୁ ପାଣି ଶୁଖାଉଥିଲେ। କିଶୋର ନାଳ ଭିତରେ ଥିବା ବେଳେ ତାଙ୍କ ଅନ୍ୟ ଜଣେ ସାଥି ବିଦ୍ୟୁତ୍ ସଂଯୋଗ କରି ଦେଇଥିଲେ। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସାଥିରେ ଥିବା ଅନ୍ୟ ଯୁବକମାନେ ଭୟରେ କାହାକୁ କିଛି କହି ନ ଥିଲେ। ସନ୍ଧ୍ୟା ପ୍ରାୟ ୫ଟା ପରେ ଏ ନେଇ କିଶୋରଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ରିଆମାଳ ପୋଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

### ସଇଡାରେ ମା’ଙ୍କ ଚୈତ୍ରଯାତ୍ରା

କୁଚିଣ୍ଡା,୧୨।୪(ବିରଞ୍ଚି ଦର୍ଜା)

ଭକ୍ତଙ୍କ ସମସ୍ତ ଦୁଃଖକଷ୍ଟକୁ ଦୂର କରନ୍ତି। ପରିବାରରେ ଯେ କୌଣସି ସମସ୍ୟା ଦେଖାଦେଲେ ମା’ ଚୈତ୍ରା ଠାକୁରାଣୀଙ୍କ ପାଖକୁ ଯାଇ ଗୁହାରି କଲେ ମନବାଞ୍ଛା ପୂରଣ ହୋଇଥାଏ ବୋଲି ଲୋକଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ସଇଡାଠାରେ ଚୈତ୍ର ପୂର୍ଣ୍ଣିମା ଅବସରରେ ମା’ ଚୈତ୍ରା ଠାକୁରାଣୀଙ୍କ ଯାତ୍ରା ଶନିବାର ଆନନ୍ଦ ଉଲ୍ଲାସର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗାଁର ଠାକୁରାଣୀ ପୂଜକ (କାଲୋ)ଙ୍କୁ ବରଣୀ କରାଯାଇଥିଲା। ପ୍ରତ୍ୟେକଙ୍କ ଘର ଅଗଣାରୁ କାଲୋ ଧୂପ, ଦୀପ, ବସ୍ତ୍ର, ନଡ଼ିଆ ଆଦି ସଂଗ୍ରହ କରି ପୂଜା ପୀଠକୁ ଯାଇଥିଲେ। ପୂଜାସ୍ଥଳରେ ପହଞ୍ଚି ମା’ ଚୈତ୍ରା ଠାକୁରାଣୀଙ୍କ ପୂଜାର୍ଚ୍ଚନା ପରେ ମାନସିକଧାରୀ ଓ ମାନସିକ ପୂର୍ଣ୍ଣ ଭକ୍ତଙ୍କ ଗହଳି ଲାଗିଥିଲା। ଏହି ପୂଜାରେ ମାନସିକ ପୂରଣ ହୋଇଥିବା ଭକ୍ତ ମାନେ ମା’ଙ୍କ ପୀଠରେ ୪୧ ବୋଦା ଓ ୧୦୦ରୁ ଉର୍ଦ୍ଧ୍ୱ କୁକୁଡା ବଳି ଅର୍ପଣ କରିଥିଲେ। ଏଥିରେ କୁଳମଣୀ ରାଉତ ମୁଖ୍ୟ ପୂଜକ (କାଲୋ) ଦାୟିତ୍ୱ ତୁଲାଇଥିଲେ। ପୂଜା କମିଟିର ପ୍ରଫୁଲ୍ଲ ରାଉତ, ହିରାଧର ଠାକୁର, ଇନ୍ଦ୍ରମଣି ପୃଷେଠ, ନେତ୍ରାନନ୍ଦ ପୃଷେଠ,ରାଜେଶ ପୃଷେଠ, ତରଣୀକାନ୍ତ ମିଶ୍ର, ସୁବ୍ରତ କାଉ, ପବିତ୍ର ବଲୁଆ, ଚୈତନ୍ୟ କାଉ, ଗୁନା ମାଝି, ହରେକୃଷ୍ଣ ବଲୁଆ, ବୀରବର ମାଝି,ଦଶମନ୍ତ ବଲୁଆ, ଅକ୍ଷୟ ବଲୁଆ, ସାଧୁଚରଣ ମାଝି ପ୍ରମୁଖ ମାଁଙ୍କ ପୂଜା ଓ ଚୈତ୍ର ଯାତ୍ରାକୁ ପରିଚାଳନା କରିଥିଲେ।

## ପଶ୍ଚିମ ଓଡ଼ିଶା ଲୋକ କଳାକାର ସଂଘର ବୈଠକ

■ଧନକଉଡ଼ାସ୍ଥିତ ମହାସଂଘ ଗୃହକୁ ପୁନଃ କାର୍ଯ୍ୟକାରୀ କରାଯିବ
■ଅତ୍ୟାଧୁନିକ ପ୍ରେକ୍ଷାଳୟ ପାଇଁ ସରକାରଙ୍କଠାରେ ସଂଘ ଦାବି କରିବ

ସମ୍ବଲପୁର,୧୨।୪(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ଲୋକ କଳାକାର ସଂଘର ବୈଠକ ସମ୍ବଲପୁର ଅଇଁଠାପାଲିରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ଉପଦେଷ୍ଟା ନୃତ୍ୟଗୁରୁ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଲୋକ କଳାକାରଙ୍କ ସମସ୍ୟା ସମ୍ମିଳିତ ଅନେକ ବିଷୟରେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅଞ୍ଚଳର ସମସ୍ତ ପଞ୍ଜିକୃତ ଲୋକ କଳାକାର ସଙ୍ଗଠନ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସମ୍ମିଳିତ କରାଯାଇ ମହାସଂଘ ପରିଚୟପତ୍ର ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାକୁ କାର୍ଯ୍ୟକାରୀ କରିବା, ସରକାରୀ କାର୍ଯ୍ୟକ୍ରମଗୁଡିକରେ କଳାକାର ସଙ୍ଗଠନ ଏବଂ କଳାକାରଙ୍କୁ ସୁନିର୍ଦ୍ଧାରିତ ପାଉଣା ଦେବା, କୌଣସି ସଙ୍ଗଠନ କିମ୍ବା କଳାକାରଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଅବମୂଲ୍ୟାୟିତ ଦରରେ ପ୍ରଦର୍ଶନ ପାଇଁ ଅନୁବନ୍ଧିତ କରାଯାଇପାରିବ ନାହିଁ ପ୍ରଭୃତି ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ।

ସେହିପରି ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଧନକଉଡ଼ାଠାରେ ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘ ସକାଶେ ବ୍ୟବହାର ପାଇଁ ପୂର୍ବରୁ ଆବଣ୍ଟିତ ହୋଇଥିବା ଗୃହକୁ ପୁନଃ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହାସଂଘ କୋଷାଧକ୍ଷଭାବେ ଗୁରୁ ମହେଶ ପଟେଲଙ୍କୁ ବୈଠକରେ ଚୟନ କରାଯାଇଛି । ସମ୍ବଲପୁରରେ ସମସ୍ତ ଆନୁସଙ୍ଗିକ ଆଲୋକ ଓ ଧ୍ୱନି ବ୍ୟବସ୍ଥାଯୁକ୍ତ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ପାଇଁ ସରକାରଙ୍କୁ ସଂଘ ପୁଣି ଥରେ ଦାବି କରିବ। ସେହିପରି ସମସ୍ତ ଅଗ୍ରଣୀ କଳାକାର ସଂଘଗୁଡ଼ିକୁ ଅନ୍ତଃତ ପକ୍ଷେ ୫ ଡିସିମିଲ ଲେଖାଏ ଜମି ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଅବ୍ୟବହୃତ ବିଦ୍ୟାଳୟ ଓ କାର୍ଯ୍ୟାଳୟଗୁଡ଼ିକୁ ଅଗ୍ରଣୀ ଅନୁଷ୍ଠାନମାନଙ୍କୁ ସାମୟିକ ଭାବରେ ବ୍ୟବହାର ପାଇଁ ଅନୁରୋଧ କରାଯିବ। ମନୋରଞ୍ଜନଧର୍ମୀ ସାମ୍ପ୍ରତିକ ମଞ୍ଚ ପ୍ରଦର୍ଶନକାରୀ କଳାକାର ଓ ଦଳ ଏବଂ ପ୍ରକୃତ ଲୋକ କଳାକୁ ବଞ୍ଚେଇ ରଖିଥିବା ଲୋକକଳା ଦଳ ମଧ୍ୟରେ ପାରିଶ୍ରମିକର ତାରତମ୍ୟ ନ ରଖି ବରଂ ଲୋକ କଳାକୁ ପ୍ରାଧାନ୍ୟ ଦେବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରେ ପ୍ରସଙ୍ଗ ଉପସ୍ଥାପନା କରାଯିବ । ମହାସଂଘ ପକ୍ଷରୁ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାର ପ୍ରତିନିଧିତ୍ୱ ଏବଂ ସମସ୍ତ ଲୋକ କଳାର ନାମାଙ୍କନ, ବିବିଧ ସେମିନାର, କର୍ମଶାଳା ଇତ୍ୟାଦି କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ମହାସଂଘ ପକ୍ଷରୁ ପଥପ୍ରାନ୍ତ, ହସ୍ତାହନ୍ତ ନୃତ୍ୟ ଓ ନାଟକ କରିବାକୁ ଆଗାମୀ ଦିନରେ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଉପଦେଷ୍ଟା ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ସଙ୍ଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ, ଗୁରୁ କୃଷ୍ଣଚନ୍ଦ୍ର ବାଗ, ନାଟ୍ୟଗୁରୁ ଅତିଶ ଶତପଥୀ, ଗୁରୁ ଦୁର୍ଗାପ୍ରସାଦ ଦାଶ, ଗୁରୁ ଡ.ମୋହିତ ସ୍ୱାଇଁ, ଅପର୍ଣ୍ଣା ପାଢ଼ୀ, ଉପସଭାପତି ଶଶାଙ୍କ ଶେଖର ଦୁବେ, ସଭାପତି ଡ. ସପନ ମିଶ୍ର, ସମ୍ପାଦକ ଭୋଲାଶଙ୍କର ମହନ୍ତମ, ସଂଯୋଜକ ସୂର୍ଯ୍ୟ ପ୍ରକାଶ ଗୁରୁ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶା ଲୋକ କଳାକାର ମହାସଂଘର ମାର୍ଗ ଦର୍ଶକ ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୋଣ୍ଟିଆ ଓ ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ରହିଛନ୍ତି ।



ପଶ୍ଚିମ ଓଡ଼ିଶା ଲୋକ କଳାକାର ସଂଘ ବୈଠକରେ କର୍ମକର୍ତ୍ତାମାନେ।

## ଓଡ଼ିଆ ପକ୍ଷରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

ନାକଟିଦେଉଳ,୧୨।୪(ବୈକୁଣ୍ଠନାଥ ସାହୁ)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ ସଭାପତିତ୍ୱ କରିଥିଲେ। ଅତିଥିଭାବେ ନାକଟିଦେଉଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏବଂ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ବିଭିନ୍ନ ବରପୁତ୍ରମାନଙ୍କ ଜୀବନୀ, ଆଦର୍ଶ ଓ ନୀତି ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇ ସେମାନଙ୍କ ପଦାଙ୍କ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ଶିଶୁ ମନ୍ଦିର ଗୁରୁଜୀ ଗୁରୁମାମାନେ ଓଡ଼ିଶାର ବରପୁତ୍ରମାନଙ୍କର ଓଡ଼ିଆ ଭାଷା ଓ ଜାତି ପ୍ରତି ରହିଥିବା ଅତୁଳନୀୟ ଅବଦାନ ଉପରେ ଆଲୋଚନା କରିଥିଲେ। ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋଚନା କରିଥିବା ସମସ୍ତ ଆଲୋଚକମାନଙ୍କୁ ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସହୋଦୟ ସ୍କୁଲ କମ୍ପ୍ଲେକ୍ସ ସାଧାରଣ ପରିଷଦ ବୈଠକ




ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୨।୪(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସର ସାଧାରଣ ପରିଷଦ ବୈଠକ ସମ୍ବଲପୁର ଜିଲା ବୁର୍ଲାସ୍ଥିତ ସେଣ୍ଟ ଲ୍ୟୁକ୍ସ ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଅନିଲ କୁଜୁର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ ଅଧକ୍ଷ କରନ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ନୂତନ ଶିକ୍ଷାବର୍ଷରେ କୋରିକଲାର ଆକ୍ଟିଭିଟି, ରାଜ୍ୟସ୍ତରୀୟ ସହୋଦୟ ସମ୍ମିଳନୀ, କମ୍ପ୍ଲେକ୍ସର ବାର୍ଷିକ ଉତ୍ସବ ପାଳନ ଉପରେ ପ୍ରତିନିଧିମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସଭାରେ ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତିଙ୍କୁ ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ସମ୍ବଲପୁର ଶାଖାର ନୂତନ ସେକ୍ରେଟାରୀଭାବେ ଚୟନ କରାଯାଇଥିଲା। ନୂତନ ସେକ୍ରେଟାରୀ ପତି ତାଙ୍କ ଅଭିଭାଷଣରେ ଆଗାମୀ ଦିନରେ କମ୍ପ୍ଲେକ୍ସର ବିଭିନ୍ନ କାର୍ଯ୍ୟକ୍ରମ କିପରି ହୋଇପାରିବ ସେନେଇ ମତ ରଖିଥିଲେ । କମ୍ପ୍ଲେକ୍ସରେ ଯୋଗ ଦେଇଥିବା ନୂତନ ସଭ୍ୟମାନେ ପରିଚୟ ପ୍ରଦାନ କରିଥିବାବେଳେ ପ୍ରତ୍ୟେକ ସ୍କୁଲ ଅଧକ୍ଷମାନେ ନିଜ ସ୍କୁଲର ସବୁଠାରୁ ଉତ୍ତମ ଅଭ୍ୟାସ ଉପରେ ମତ ରଖିଥିଲେ। ନୂତନ ଶିକ୍ଷାବର୍ଷ ୨୦୨୫–୨୬ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ପ୍ରକାଶ କରିବା ଉପରେ ଆଲୋଚନା ହୋଇଥିଲା। କୋଷାଧକ୍ଷ ଜି. ଶ୍ରୀନିବାସ ରାଓ ବିବରଣୀ ପ୍ରଦାନ କରିଥିଲେ। ସହୋଦୟ କମ୍ପ୍ଲେକ୍ସର ସିନିୟର ସଦସ୍ୟ ତଥା ସମ୍ବଲପୁର କ୍ଷେତରାଜପୁରସ୍ଥିତ ବାଳିକା ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ହୋତା ଓ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର, ଝାରସୁଗୁଡ଼ା ଅଧକ୍ଷା ସଂଯୁକ୍ତା ଦାଶ ଯୋଗଦେଇ ସହୋଦୟ କିପରି ଆଗକୁ ଭଲଭାବେ ଆଗେଇ ଚାଲିବ ସେନେଇ ଅଭିମତ ରଖିଥିଲେ। ସେଭେନ୍ ହିଲ୍ସ ରେସିଡେନ୍‌ସିଆଲ୍ ସ୍କୁଲ ଅଧକ୍ଷା ଭି. ଶୈଳଜା ଧନ୍ୟବାଦ ଅର୍ପଣ କରିଥିଲେ ।

## ତ୍ୟାଗ, ବଳିଦାନକୁ ମନେପକାଇଲେ

ସମ୍ବଲପୁର,୧୧।୪(ପ୍ରମୋଦ ବହିଦାର)



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନାଚକ୍ର**

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ର ମିଳିତ ଆନୁକୂଲ୍ୟରେ ବରପୁତ୍ରମାନଙ୍କୁ ଅବଦାନକୁ ନେଇ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ତିନୋଟି ପର୍ଯ୍ୟାୟରେ ହୋଇଥିଲା। ଡ. ଶ୍ୟମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଡ. ଦ୍ୱାରିକାନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ମାମୁନି ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ମଞ୍ଚାସୀନ ଥିଲେ। ସହକାରୀ ପ୍ରଫେସର ଡ. ରଞ୍ଜନ ସେଠୀ କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ପ୍ରଫେସର ଡ. ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ବରପୁତ୍ରଙ୍କ ଅବଦାନକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

ଦ୍ୱିତୀୟ ଅଧିବେଶନ ଡ. ଦ୍ୱାରିକାନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଓ ଚନ୍ଦ୍ରଶେଖର ବେହେରାଙ୍କ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଅବଦାନ ଉପର ଆଲୋକପାତ କରିଥିଲେ। ଗବେଷକ ଗଣେଶରାମ ନାହାକ ମହାନ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ଜୀବନ ସଂଘର୍ଷ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଆଲୋଚକ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପୂଜାରୀଙ୍କ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମୀନାରାୟଣ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ଶେଷରେ ସହକାରୀ ପ୍ରଫେସର ଡ. ନବୀନ ଜାଲ ଧନ୍ୟବାଦ ଦେଇଥିଲେ।

ତୃତୀୟ ଅଧିବେଶନରେ ଡ. ଗୌରିଦାସ ପ୍ରଧାନ ପ୍ରଖ୍ୟାତ ସାହିତ୍ୟିକ ମଙ୍ଗଳୁ ଚରଣ ବିଶ୍ୱାଳ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ଗୋକୁଳାନନ୍ଦ ପଣ୍ଡା ପ୍ରମୁଖଙ୍କ ବିଭିନ୍ନ କ୍ଷେତ୍ରରେ ରହିଥିବା ଅବଦାନ ଉପର ଆଲୋଚନା କରିଥିଲେ। ଅଖିଳ ବିଶ୍ୱାଳ ଓ ଡ. ରଞ୍ଜନ ସେଠୀ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସମ୍ବଲପୁର ଜିଲାର ବରପୁତ୍ରମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଡ. ମନୋଜ କୁମାର ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଆଲୋଚନାଚକ୍ର କାର୍ଯ୍ୟକ୍ରମ ଉପଲକ୍ଷେ ଅନ୍‌ଲାଇନ ମାଧ୍ୟମରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ବିନିକା,୧୧।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଆମପାଲି ଛକରେ ଅବକାରୀ ବିଭାଗ ଚଢ଼ାଉ କରି ବାଇକ ସହ ୪୦ଲିଟର ମଦ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସତ୍ୟବ୍ରତ ପରଡିଆଙ୍କୁ ଗିରଫ କରାଯାଇଛି। ଏକ ମାମଲା(ନଂ.୭/୨୫) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଶୁକ୍ରବାର ସକଳେ ପ୍ରାୟ ୫ଟାରେ ଏକ ବାଇକ ଯୋଗେ ମଦ ଚୋରାଚାଲାଣ ହେଉଥିବା ଖବର ପାଇ ବିନିକା ଅବକାରୀ ଟିମ୍ ଆମପାଲି ଛକରେ ଚଢ଼ାଉ କରିଥିଲା। ବାଇକ ଅଟକାଇ ଯାଞ୍ଚବେଳେ ମଦ ଥିବା ଜଣାପଡିଥିଲା।

### ଲକ୍ଷ୍ମୀନାରାୟଣ ସଭାପତି, କିଶୋର ସମ୍ପାଦକ

**ଚମ୍ପାମାଲ ରାମଲୀଳା ପରିଚାଳନା କମିଟି ଗଠିତ**

ବୀରମହାରାଜପୁର,୧୨।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ଚମ୍ପାମାଲ ପ୍ରସିଦ୍ଧ ରାମଲୀଳା ପରିଚାଳନା କମିଟି ଶନିବାର ସନ୍ଧ୍ୟା ୬ଟାରେ ଗଠିତ ହୋଇଛି। ଉକ୍ତ କମିଟିର ସଭାପତିଭାବେ ଚମ୍ପାମାଲ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସମ୍ପାଦକ କିଶୋର ହୋତା, ଉପସଭାପତି ସୁବ୍ରତ ମେଣ୍ଡିଲି, କୋଷାଧ୍ୟକ୍ଷଭାବେ ରବିଚନ୍ଦ୍ର ବିଶି ମନୋନୀତ ହୋଇଛନ୍ତି। ପରିଚାଳନା କମିଟିକୁ ୧୧ ଜଣଙ୍କୁ ମନୋନୀତ କରାଯାଇଛି। ଏଥିସହିତ ପୋଷାକ ଦାୟିତ୍ୱରେ ଉପେନ୍ଦ୍ର ଥନାପତି, ମେକଅପ ଦାୟିତ୍ୱରେ ଶ୍ରବଣ ମହାରଣା, ଉପେନ୍ଦ୍ର ମହାରଣା, ଦୀନବନ୍ଧୁ ମହାରଣା, ବାଦ୍ୟଯନ୍ତ୍ରରେ କାର୍ତ୍ତିକ ଭୁକ୍ତା, ପଞ୍ଚାନନ ଥନାପତି, ଦିଲ୍ଲୀପ ଥନାପତି ରହିଛନ୍ତି। ଆଲୋକ ଏବଂ ଶବ୍ଦରେ ଶ୍ରୀରାମ ବିଶି, ଭୀଷ୍ମ ଥନାପତି, ବିକଳ୍ପ ସେଠୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଆଗାମୀ ଦିନରେ ଚମ୍ପାମାଲ ରାମଲୀଳା ନାଟକ କିପରି ଆହୁରି ଭଲ କରାଯାଇ ପାରିବ ସେଥିପାଇଁ ସମସ୍ତେ ଧ୍ୟାନ ଦିଆଯିବ ବୋଲି ନୂତନ ସଭାପତି ପୁରୋହିତ ପ୍ରକାଶ କରିଛନ୍ତି।

### କୈବର୍ତ୍ତ ସମାଜର ବାର୍ଷିକ ଉତ୍ସବ

**୫୦୦ ପରିବାର ସାମିଲ**

ବାଉଁଶୁଣୀ,୧୨।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣିଠାରେ ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ କୈବର୍ତ୍ତ (କେଉଟ) ସମାଜ ପକ୍ଷରୁ ୫୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପ୍ରଥମେ ପୁରୁଣା ମାଲିପଡ଼ା ସ୍ଥିତ ବାସେଳି ମନ୍ଦିରଠାରେ ମା' ବାସେଳି ଦେବୀଙ୍କଠାରେ ପୂଜାର୍ଚ୍ଚନା ପରେ କୈବର୍ତ୍ତ ପୁରାଣ ପଠନ ଅନୁଷ୍ଠିତ ହୋଇଥିଲା। ଶେଷରେ କୈବର୍ତ୍ତ ସମାଜର ସମସ୍ତେ ସଂକୀର୍ତ୍ତନ ମାଧ୍ୟମରେ ମହାନଦୀରେ ପହଞ୍ଚି ନାବପୂଜା କରିବା ସହ ମହାନଦୀ ବିହାର ମହା ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସଭାପତି ସୁଶାନ୍ତ ସେଠୀ, ଉପସଭାପତି ବ୍ରଜବନ୍ଧୁ ମହାଲିକ, ସମ୍ପାଦକ କାର୍ତ୍ତିକେଶ୍ୱର ସେଠୀ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ୬ଟି ପଞ୍ଚାୟତର ପ୍ରାୟ ୫୦୦ ପରିବାର ସାମିଲ ହୋଇଥିଲେ।

# ଯୋଜନାର ସଫଳ ରୂପାୟନ କର

- ହସ୍ତତନ୍ତ, ବୟନ ଓ ଅବକାରୀ ବିଭାଗ ସଚିବଙ୍କ ସୁବର୍ଣ୍ଣପୁର ଗସ୍ତ
- ଛାତ୍ରଙ୍କ ସହ ମିଶି କଲେ ମଧ୍ୟାହ୍ନଭୋଜନ

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ ଅବକାରୀ ବିଭାଗ ସଚିବ ତଥା ସୁବର୍ଣ୍ଣପୁର ଜିଲା ନୋଡାଲ ଅଫିସର ଗୁହା ପୁନମ ତାପସ କୁମାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ସେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ହେଉଛି କି ନାହିଁ କ୍ଷେତ୍ର ପରିଦର୍ଶନ କରିଥିଲେ। ସୁବର୍ଣ୍ଣପୁର ସହର ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ଓ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନା ଅନ୍ତର୍ଗତ ମହାରାଜା ଉଚ୍ଚ ବିଦ୍ୟାଳୟ ଯାଇ ଶୈକ୍ଷିକ ବାତାବରଣ, ବିଦ୍ୟାଳୟ ଖେଳପଡିଆ ତଥା ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଙ୍କ ସହ ବାର୍ତ୍ତାଳାପ କରିବା ସହ ଏକାଠି ବସି ମଧ୍ୟାହ୍ନଭୋଜନ କରିଥିଲେ। ପରେ ସୋନପୁର ବ୍ଲକ କଳାପଥରସ୍ଥିତ



ସଚିବ ଗୁହା ପୁନମ ତାପସ କୁମାର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲରେ ଛାତ୍ରଙ୍କ ସହିତ ମଧ୍ୟାହ୍ନଭୋଜନ କରୁଛନ୍ତି।

ମଦ ନିଗମ ଡିପୋ ପରିଦର୍ଶନ କରିଥିଲେ। ରୁଗୁଡ଼ିପାଲି ଅଙ୍ଗନୱାଡି କେନ୍ଦ୍ରଠାରେ ସ୍ୱୟଂ ସହାୟକ ସଦସ୍ୟା, ସୁଭଦ୍ରା ହିତାଧିକାରୀ ତଥା ପ୍ରଧାନମନ୍ତ୍ରୀ ପୋଷଣ ହିତାଧିକାରୀ ଓ ଶିଶୁଙ୍କ ସହ ମତବିନିମୟ କରିଥିଲେ। ଏହି ଅବସରରେ ଶିଶୁ ବଟିକା ଯୋଜନା, ଅଙ୍ଗନବାଡି ଶିଶୁଙ୍କ ଆଧାର କାର୍ଡ ସଂଯୋଗୀକରଣ ଓ ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରଭୃତି ଉପରେ ସମ୍ପୃକ୍ତ କେନ୍ଦ୍ରକର୍ମୀଙ୍କୁ ପଚାରି ବୁଝିଥିଲେ। ସାଗରପାଲିଠାରେ ବୁଣାକାର ସୁବିଧା କେନ୍ଦ୍ର ପରିଦର୍ଶନ କରି ଉତ୍ପାଦ ଗୋଷ୍ଠୀଙ୍କ ସହ ହସ୍ତତନ୍ତ ଉପରେ ଆଲୋଚନା କରିଥିଲେ। ସୋନପୁରୀ ପାଟଶାଢ଼ୀ, ପାଟବସ୍ତ୍ରର ଉତ୍ପାଦ ଓ ବଜାରୀକରଣ ଉପରେ ସଚିବ ଆଲୋଚନା କରିଥିଲ। ଅପରାହ୍ନରେ ସର୍କିଟ ହାଉସ୍‌ଠାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅଧିକାରୀମାନେ ନିଜ ବିଭାଗ କାର୍ଯ୍ୟକୁ ଠିକ୍‌ଭାବେ ସମ୍ପାଦନ କରିବା ସହ ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲାପାଳ ଅନ୍ୟା ଦାସ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ ମେହେରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନିଜ ବିଭାଗର ତଥ୍ୟ ପ୍ରଦାନ କରିଥିଲେ।

# ଚୈତ୍ର ପୂର୍ଣ୍ଣିମା ବାରପାହାଡ଼ ବୁଢ଼ାଯାତ୍ରା ଉଦ୍‌ଯାପିତ

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଜପାଲି ବାରପାହାଡ ପୀଠରେ ଚାଲିଥିବା ଚୈତ୍ର ପୂର୍ଣ୍ଣିମା ବାରପାହାଡ ବୁଢା ଯାତ୍ରା ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୦ତାରିଖରୁ ବାରପାହାଡ ସଂରକ୍ଷିତ ଜଙ୍ଗଲରେ ଥିବା ମୁଖ୍ୟପୀଠରେ ପୂଜାର୍ଚ୍ଚନା ହୋଇ ଯାତ୍ରା ଆରମ୍ଭ ହୋଇଥିଲା। ମଖନମୁଣ୍ଡାର ଗଣ୍ଡ ଜାତିର ପୂଜକମାନେ ଚତୁର୍ଦ୍ଦଶୀ ତିଥିରେ ମଖନାମୁଣ୍ଡା ପୀଠରୁ ପାହାଡ ଉପରେ ଥିବା ଗୁମ୍ଫାକୁ ଛତର, ବୈରଖ ନେଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଛତର ଯାତ୍ରା ହୋଇଥିଲା। ଅର୍ଦ୍ଧରାତ୍ରିରେ ପ୍ରାୟ ୨କିଲୋମିଟର ପର୍ଯ୍ୟନ୍ତ ଛତର ଯାତ୍ରା କରାଯାଇ ରାଜପାଲି ଗ୍ରାମରେ ଏହାକୁ ପୂଜା କରାଯାଇ ଆବାହନ କରାଯାଇଥିଲା। ପରେ ପାହାଡ ପାଖରେ ଥିବା ଦେବୀ ପୀଠକୁ ଛତର ନିଆଯାଇ ସେଠାରେ ପୂଜା କରାଯାଇଥିଲା। ପୂର୍ଣ୍ଣିମା ଦିନ ମାନସିକଧାରୀଙ୍କ ପୋଢକୁ ମେଣ୍ଢା ସୁକତେଲ ନଦୀର ମଙ୍ଗଳାସରରୁ ଗାଧୋଇ ସନ୍ଧ୍ୟାରେ ଶୋଭାଯାତ୍ରାରେ ଅଧିଷ୍ଠାତ୍ରୀ ଦେବୀ ମା'ମେଣ୍ଡାଶୁଣୀଙ୍କ ପୀଠକୁ ଆସିଥିଲେ। ମନ୍ଦିର ପୂଜକ ପଦ୍ମନାଭ ଝାଙ୍କର ଓ କଳାନିଧି ଝାଙ୍କର ପୂଜାର୍ଚ୍ଚନା



ପୀଠ ସମ୍ମୁଖରେ ଅନୁଷ୍ଠିତ ଛତର ଯାତ୍ରା।

କରିବା ପରେ ମେଣ୍ଡାର ଗନ୍ତିଆଙ୍କ ଘରେ ପୂଜା କରାଯାଇଥିଲା। ପୁଣି ରାଜପାଲି ପୀଠରେ ପୂଜାର୍ଚ୍ଚନା କରାଯାଇ ରାତିରେ ମାନସିକଧାରୀ ବୋଦା ତଥା ଛତର ବୈରଖ ସହିତ ଜଙ୍ଗଲ ମୁଖ୍ୟ ଗୁମ୍ଫାରେ ଥିବା ଦେବୀପୀଠକୁ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ଯାଇଥିଲେ। ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ, ଢୋଲ, ନିଶାନ, ମହୁରୀ ଓ ତାସାର ତାଳରେ ବିରାଟ ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା। ଗଣ୍ଡ ସମାଜର ମୁଖ୍ୟ ପୂଜକ ଜିତେନ୍ଦ୍ର ଧରୁଆଙ୍କ ସହ କୃପାସିନ୍ଧୁ ଝାଙ୍କର, ରାଜିନ୍ଦ୍ର ଧରୁଆ, କତନ ଝାଙ୍କର ଓ କୁଜା ବୁଢା ଝାଙ୍କର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଲୋକେ ମାନସିକ କରି ଆଣିଥିବା ଛେଳି, କୁକୁଡା ଓ ପୋଢକୁ ମୁଖ୍ୟ ପୀଠରେ ବଳି ଦିଆ ଯାଇଥିଲା। ଭୋର ସମୟରେ ଛତର ମଖନାମୁଣ୍ଡା ଗ୍ରାମକୁ ଅଣା ଯାଇଥିଲା। ରାତିରେ ବ୍ରାହ୍ମଣୀପାଲି ଛକରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଆଞ୍ଚଳିକ ବାରପାହାଡ ସେନା ପକ୍ଷରୁ ରସ ମନ୍ଦାର ମହିଳା ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ଯାତ୍ରାରେ ଗୌନ୍ତିଆ ସରୋଜ କମ୍ପ, ନିତୁନ କୁମାର ନାୟକ, ଅଯୋଧ୍ୟା ଭୁଏ, ଉଦ୍ଧବ ସା, ଚକ୍ରଧର ପଣ୍ଡା, ସତ୍ୟାନନ୍ଦ ସାହୁ, ଗୁଣ୍ଠୁ ଗୋପାଳ ପ୍ରଧାନ ଏବଂ ଆଦିବାସୀ ସମାଜର ବଳଭଦ୍ର କଅଁର, ରୋହିତ କଅଁର, ଗଦି କଅଁର, ରାଜିନ ଝାଙ୍କର, ବାନା ଧରୁଆ, ବିରାଜ ଭୋଇ, କୁପୁଜନ ଭୋଇ ଓ ଲମ୍ବୋଧର ଧରୁଆଙ୍କୁ ସମ୍ମାନିତ କରାଯାଇଥିଲା। ଶେଷଦେବ ମେହେର ସଭା ସଂଯୋଜନା କରିଥିବାବେଳେ ସେନା ସଭାପତି କିଶୋର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଆଞ୍ଚଳିକ ବାରପାହାଡ ସେନା ପକ୍ଷରୁ ଏହି ଯାତ୍ରା ଆୟୋଜନ ହୋଇଥିଲା।

# ବରପୁତ୍ର ଆମ ଅସ୍ମିତା, ବନ୍ଦନୀୟ

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଶନିବାର ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ତଥା ସୁବର୍ଣ୍ଣପୁର ଜିଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ ଆଲୋଚନାଚକ୍ର ଜିଲା ଗ୍ରନ୍ଥାଗାରଠାରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲାପାଳ ଡକ୍ଟର ସୌମ୍ୟରୁପା ରଥ, ସମବାୟ ସମିତି ଉପନିବନ୍ଧକ ରଶ୍ମିଲତା ବେହେରା ଯୋଗଦାନ କରି ବରପୁତ୍ର ବନ୍ଦନୀୟ, ଆମ ଅସ୍ମିତା ବୋଲି କହିଥିଲେ। ଲକ୍ଷ୍ମୀ ନାରାୟଣ ସାହୁ ଉଦ୍‌ଘାଟନୀ ଉତ୍ସବକୁ ସଂଯୋଜନା କରିଥିଲେ। ଆଲୋଚନାଚକ୍ରରେ ବରପୁତ୍ର





ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ଆଲୋଚକମାନେ।

ବନ୍ଦନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ସନ୍ଥକବି ଭୀମ ଭୋଇ, ସନ୍ଥ ଚନ୍ଦ୍ରମଣି ଦାସ, ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ଶତପଥୀ, ମହାରାଜ ବିରମିତ୍ର ଦେବ ସିଂହଦେଓ, ଐତିହାସିକ ରାମଚନ୍ଦ୍ର ମଲ୍ଲିକ, ନାଟ୍ୟକାର ଅଟଳ ବିହାରୀ ପଣ୍ଡା, ସଙ୍ଗୀତଜ୍ଞ ଫକୀର ମୋହନ ପଟ୍ଟନାୟକ ତଥା ବିଧାୟକ କୁନ୍ଦୁରୁ କୁଶଳଙ୍କ ସ୍ମୃତି ଚାରଣ କରାଯାଇଥିଲା। ଅମ୍ବୁଜ ବିହାରୀ ଶତପଥୀ, ବ୍ରଜମୋହନ ଦାନୀ, ଡକ୍ଟର ଅନିରୁଦ୍ଧ କୁରୁକୁରିଆ, ଡକ୍ଟର ସୁଦାମ ଦୀପ, ସୁଦାମ ନାଏକ, ଡକ୍ଟର ଧୀରେନ୍ଦ୍ର କୁମାର ନାୟକ, ବେଣୁଧର ପ୍ରଧାନ ଓ ମଦନ ସୁନ୍ଦର ଖେତି ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଡକ୍ଟର ସୌରଭ ରଞ୍ଜନ ଖମାରୀ ଅଧ୍ୟକ୍ଷତା କରିଥିବା ବେଳେ ଡ଼କ୍ଟର ପୁରୁଷୋତ୍ତମ ମିଶ୍ର ସଂଯୋଜନା କରିଥିଲେ।

ତୃତୀୟ ପର୍ଯ୍ୟାୟରେ ଓଡ଼ିଆ ଅସ୍ମିତା ଆଧାରିତ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଶ୍ରୀଧର ବାଗ, ଦ୍ୱିତୀକୃଷ୍ଣ ପଣ୍ଡା, ଶୁଭେନ୍ଦୁ ମେହେର, ସସ୍ମିତା ମେହେର, ରଞ୍ଜିତା ପଣ୍ଡା, ହେମାଙ୍ଗୀନି ଦାଶ, ସନ୍ତୋଷିନୀ ନାୟକ, ସୁନନ୍ଦା ସାହୁ, ରୁବି ବେହେରା, ଆଶିଷ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ପ୍ରତାପ ଦେହେରୀ, ପ୍ରଭୁଦତ୍ତ ରଥ ଓ ଜଳଦେବ ଦେହେରିଆ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଳତା ସମାଜର ଉନ୍ନତି ଉପରେ ଗୁରୁତ୍ୱ

**ଶ୍ରୀପୁରାରେ କୁଳତା ଦିବସ ପାଳିତ**





କୁଳତା ଦିବସରେ ଅତିଥି ଓ ସମାଜର ଲୋକମାନେ।

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଶ୍ରୀପୁରାଠାରେ ଜିଲା କୁଳତା ସମାଜ ପକ୍ଷରୁ କୁଳତା ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ସ୍ଥାନୀୟ ଶିବ ମନ୍ଦିରରେ ଜଳଶାୟୀ ଅନୁଷ୍ଠିତ ହେବା ସହ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଆଇନଜୀବୀ ବଳଦେବ ପଧାନ ଯୋଗଦେଇ ସମାଜର ଉନ୍ନତି, ସମସ୍ତେ ଶିକ୍ଷିତ ହେବା ଓ ସମାଜ ଉପଯୋଗୀ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ସୁବାଷ ଭୋଇ, ସମ୍ମାନିତ ଅତିଥି ଭାବେ କୋଶଳ ଉଚ୍ଚ ବିଦ୍ୟାଳୟ ନିର୍ଦ୍ଦେଶକ ସଞ୍ଜୟ ସାହୁ ଯୋଗଦାନ କରିଥିଲେ। ରାମଚଣ୍ଡୀ ମନ୍ଦିର ପାଇଁ ଜମି ଯୋଗାଡ଼ ଓ କୁଳତା ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ପାଇଁ ସୁବିଧା ସୁଯୋଗ ପ୍ରଦାନ ପାଇଁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ବଶିଷ୍ଠ ପଧାନ, ଅର୍ଜୁନ ମାଝୀ, ଧ୍ରୁବ ଚରଣ ପଧାନ, ବୃନ୍ଦାବନ ପଧାନ, ଶମ୍ଭୁପ୍ରସାଦ ପଧାନ, ଖଗେଶ୍ୱର ଦଫାଦାର ବାରିକ, ସହଦେବ ପଧାନ, ଜଗଦୀଶ ପଧାନ, ନାରାୟଣ ପଧାନ, ବିକ୍ରମ ସାହୁ ଓ ଭୀଷ୍ମରଥୀ ଭୋଇ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସୋନପୁର କୁଳତା ସମାଜ ସମ୍ପାଦକ ବ୍ରତାନନ୍ଦ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲା ସମ୍ପାଦକ କ୍ଷେତ୍ରବାସୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ହରଭଙ୍ଗା,୧୨।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ଯୁବ ରେଡକ୍ରସ, ରେଡରିବନ କ୍ଲବ ସହଯୋଗରେ ଏକ ରକ୍ତଦାନ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ହରଭଙ୍ଗା ବିଡିଓ ଯୋଗ ଦେଇ ରକ୍ତଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ସାମାଜିକକର୍ମୀ ରାଜ କିଶୋର ଅଗ୍ରୱାଲା ଯୋଗଦେଇଥିଲେ। ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବୌଦ୍ଧ ରକ୍ତଭଣ୍ଡାରର କର୍ମଚାରୀ ଡ.ରଜତ କୁମାର ମହାନନ୍ଦିଆ, ଦିଲିପ କୁମାର ଭୋଇ, ଯୁବା ଶବର, ସୁରଜ ଭୋଲ୍ଲା ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପକ ଯୁବରେଡକ୍ରସ ଜିଲା ସଂଯୋଜକ ସୁରେଶ୍ୱର ଯୋଶୀ ଓ ଜାତୀୟ ସେବା ଯୋଜନା ପୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜିତ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଏସ୍ଏ ଉଲୁଣ୍ଡା, କଙ୍କାଳି ଏଫ୍‌ସି ଜନମୁରା ବିଜୟୀ

**ମୁଖ୍ୟମନ୍ତ୍ରୀ ଅନ୍ତଃ କ୍ଲବ ଫୁଟ୍‌ବଲ ଚାମ୍ପିୟନଶିପ୍**

ସୋନପୁର,୧୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୫ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଅନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର ଶନିବାର ଷଷ୍ଠ ଦିବସରେ ତିନୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏସ୍ଏ ଉଲୁଣ୍ଡା ଓ କଙ୍କାଳି ଏଫ୍‌ସି ଜନମୁରା ବିଜୟୀ ହୋଇଛନ୍ତି। ବିଏସ୍ଏ ଉଲୁଣ୍ଡା ଓ ରାମଧୁନ କ୍ଲବ ଏ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିଏସଏ ଉଲୁଣ୍ଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରାମଧୁନ କ୍ଲବ ବି ଓ ରାମଜୀ କ୍ଲବ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍ ଅମିମାଂସିତ ରହିଥିଲା। ତୃତୀୟ ମ୍ୟାଚ୍ କଙ୍କାଳି ଏଫ୍‌ସି ଜନମୁରା ଓ ରାମଧୁନ କ୍ଲବ ସି ମଧ୍ୟରେ ହୋଇଥିଲା। ଏଥିରେ କଙ୍କାଳି ଏଫ୍‌ସି ଜନମୁରା ୧-୦ଗୋଲରେ ବିଜୟୀ ହୋଇଥିଲା। କଟକ ସ୍ପୋର୍ଟ୍ସ ହଷ୍ଟେଲ ଇନ୍‌ଚାର୍ଜ ତଥା ଫୁଟବଲ ୧୫ ବର୍ଷରୁ କମ୍ ବର୍ଗର ଚୟନକର୍ତ୍ତା ଗଙ୍ଗାଧର ବେହେରା, ପ୍ରାକ୍ତନ ନଗରପାଳ ତଥା ବରିଷ୍ଠ ଭାଜପା ନେତା ପ୍ରମୋଦ ମହାପାତ୍ର, ପ୍ରାଇଭେଟ୍ ବସ ମାଲିକ ସଂଘ ସଭାପତି ଦୀପକ ମହାପାତ୍ର, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରତୀକ କର, ନିରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ସୁରେଶ ବିଶ୍ୱାଳ, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ଜିଲା କ୍ରୀଡା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ ଓ ସଂଘର ଉପଦେଷ୍ଟା ଦିଗମ୍ବର ଶତପଥୀ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚ୍ ଆୟୋଜିତ ହୋଇଥିଲା।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**14.04.2025**ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ବିଜ୍ଞାପନ ସଂ. ୩୨/୨୦୨୫
**ଭାରତ ସରକାର**
**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**
**ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)**
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫରୱାର୍ଡ କରାଯିବାର ଶେଷ ତାରିଖ ହେଉଛି **୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା)।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ।
CBC 40110/12/0001/2526

No. CAD-99
OBCC
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 3776 Date: 10.04.25
File: SMT-2055 (Vol-II)

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : | 02/Tender/OBCC/2025-26 |
| 3. | Class of Contractor | : | "A" Class |
| 4. | Bid Processing Fee (Only in Online Mode) | : | Rs.11,800 (Including GST) |
| 5. | Date of availability of bid document in e-procurement portal | : | From Dt.15.04.2025 |
| 6. | Last date & time of receipt of online bid | : | Upto 05.00 P.M. of Dt.24.04.2025 |
| 7. | Date of Bid Opening | : | 25.04.2025 at 11.30 A.M. |
| 8. | Project Completion Duration | : | 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | | |

**Sd./- EIC-cum-Managing Director**
**OIPR-34106/11/0017/2526**

**झारखण्ड सरकार**
**झारखण्ड खनिज क्षेत्र विकास प्राधिकार, धनबाद।**
(लुबी सर्कुलर रोड, हीरापुर धनबाद 826001)

**ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)**
ई–निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराह्न तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराह्न तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराह्न तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराह्न |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

**नोट – केवल ई निविदा ही स्वीकार किये जायेंगे।**
- उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
- ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
- निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह०/–
कार्यपालक अभियंता,
झमाडा, धनबाद।
PR 350274 (Drinking Water and Sanitation) 25-26 (D)

# ବେଆଇନ ବେଟିଂ ମାମଲା: ମାଷ୍ଟରମାଇଣ୍ଡ ଗିରଫ

**ବଲାଙ୍ଗୀର,୧୨।୪(ବୀରେନ୍ଦ୍ର କୁମାର ଝାଙ୍କର)**

୨ବର୍ଷରୁ ଉର୍ଦ୍ଧ୍ୱ ହେବ ୱେବ୍ ସାଇଟ୍‌ରେ ବେଆଇନ ବେଟିଂ, ରମି ଏବଂ ଅନ୍‌ଲାଇନ ଗେମ୍(ଜୁଆଖେଳ) ଚଳାଇଥିବା ଜଣେ ଯୁବକଙ୍କୁ ବଲାଙ୍ଗୀର ସାଇବର ଥାନା ପୋଲିସ ଟିମ୍ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ସଇଁତଲା ଥାନା ଅନ୍ତର୍ଗତ ପାଇକ୍‌ସମରା ଗାଁର ଲକ୍ଷେଶ୍ୱର ମଲ୍ଲିକ(୨୭)। ସାଇବର ଟିମ୍ ଗିରଫ ଅଭିଯୁକ୍ତଙ୍କ ଠାରୁ ୭ ଲକ୍ଷ ୫ ହଜାର ନଗଦ ଟଙ୍କା, ତିନୋଟି ଦାମୀ ବାଇକ୍ (କେଟିଏମ୍ ବାଇକ୍, ରୟାଲ ଏନ୍‌ଫିଲ୍ଡ ବୁଲେଟ୍ ଏବଂ ଏକ ଟିଭିଏସ୍ ବାଇକ୍), ଗୋଟିଏ ମହିନ୍ଦ୍ରା ଥାର୍ ଗାଡ଼ି ଏବଂ ଏକ ବୋଲେରୋ ପିକ୍‌ଅପ୍ ଗାଡ଼ି, ୧୪ଟି ଦାମୀ ମୋବାଇଲ ଫୋନ୍, ୪ଟି ଲାପ୍‌ଟପ୍, ୨ଟି ସ୍ୱାଇପ୍ ଏବଂ ପିଓଏସ୍ ମେଶିନ, ବିଭିନ୍ନ ବ୍ୟାଙ୍କର ଏକାଧିକ ପାସ୍‌ବୁକ୍, ଏଟିଏମ୍ କାର୍ଡ ଜବତ କରିଛି। ଏହାସହ ଅଭିଯୁକ୍ତଙ୍କ ୨୫ ଲକ୍ଷ ଟଙ୍କାର ତାଙ୍କ ଏକ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଦେଇଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ଶନିବାର ଜିଲା ପୋଲିସ କାର୍ଯ୍ୟାଳୟ ସ୍ଥିତ ସାଇବର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ଭିଆଇପି ରମି ଆପ୍ ଡଟ୍ କମ୍ ନାଁରେ ଏକ ବେଆଇନ ୱେବ୍ ଡୋମେନ୍‌ରେ ପ୍ରାୟ ୫୦ରୁ ୬୦ଟି ଅନ୍‌ଲାଇନ୍ ଗେମିଂ (ଜୁଆ) ଆପ୍ ଖୋଲି ଏହି ବେଆଇନ କାର୍ଯ୍ୟ ଚଳାଇଥିଲେ ବୋଲି ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଏ ସଂକ୍ରାନ୍ତରେ ବଲାଙ୍ଗୀର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା (୮/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପାଇକ୍‌ସମରା ଗାଁର ଗିରଫ ଅଭିଯୁକ୍ତ ଲକ୍ଷେଶ୍ୱର ଜଣେ ବିଏ ଡିଗ୍ରୀଧାରୀ ଯୁବକ। କିଛିବର୍ଷ ତଳେ ସେ ଅନ୍‌ଲାଇନ ଗେମ୍ ଖେଳି ଲକ୍ଷାଧିକ ଟଙ୍କାର କ୍ଷତି ସହିଥିଲେ। ଟଙ୍କା ହରାଇବା ପରେ କିଭଳି ଭାବେ ଏହି ଖେଳ ଚାଲେ ସେନେଇ ୟୁଟ୍ୟୁବ୍‌ରୁ ଅନ୍‌ଲାଇନ ଗେମିଂ ପରିଚାଳନା ଶିକ୍ଷା ଗ୍ରହଣ କରିଥିଲେ। ମାତ୍ର ଅଳ୍ପ ଦିନରେ ସେ ଅନ୍‌ଲାଇନ ଆପ୍ ବିଷୟରେ ସବିଶେଷ ଜ୍ଞାନ ହାସଲ କରିବା ପରେ ୱେବ୍ ଡୋମେନ୍‌କୁ ଯାଇ ଏକ ଭିଆଇପି ରମି ଆପ୍ ଡଟ୍ କମ୍ ନାଁରେ ଏକ ବେଆଇନ୍ ୱେବ୍ ଡୋମେନ୍‌ରେ ପ୍ରାୟ ୫୦ରୁ ୬୦ଟି ଅନ୍‌ଲାଇନ ଗେମିଂ (ଜୁଆ) ଆପ୍ ଖୋଲିଥିଲେ। ଏହି ଆପ୍‌ଗୁଡ଼ିକୁ ସେ ଏଭଳି ଡିଜାଇନ କରିଥିଲେ ଯେ, କୌଣସି ବ୍ୟକ୍ତି ଯଦି ୱେବ୍ ଡୋମେନ୍‌କୁ ଯାଇ ତାଙ୍କ ଆପ୍‌କୁ ସର୍ଚ୍ଚକରି ସେଥିରେ ଟଙ୍କା ଲଗାଇବେ ବା ଗେମ୍ ଖେଳିବେ ତେବେ ସମୁଦାୟ ଟଙ୍କାର ୧ ପ୍ରତିଶତ କମିଶନ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଚାଲିଆସୁଥିଲା। ରେଫ୍ରାଲ କୋର୍ଟ ମାଧ୍ୟମରେ ଏହି କମିଶନ କାରବାର ହେଉଥିଲା। ଏହି ଅନ୍‌ଲାଇନ ଗେମିଂରେ ଅଭିଯୁକ୍ତ ଜଣକ ପ୍ରତି ମାସରେ ହାରାହାରି ୫ ଲକ୍ଷ ଟଙ୍କା ପାଉଥିଲେ। ଏପରିକି କିଛି ମାସରେ ୧୦/୧୨ ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଛନ୍ତି। ଅଳ୍ପଦିନ ଭିତରେ ବିପୁଳ ଟଙ୍କା ହାସଲ କରିଥିବା ଅଭିଯୁକ୍ତ ଲକ୍ଷେଶ୍ୱର ସମ୍ଭ୍ରାନ୍ତ ଜୀବନ ଯାପନ କରିବା ଆରମ୍ଭ କରିଥିଲେ। ପ୍ରଥମେ ଏକ ଘର ତିଆରି କରିବା ପରେ ଏକ ମହିନ୍ଦ୍ରା ଥାର୍ ଗାଡ଼ି, ଏକ ବୋଲେରୋ ଗାଡ଼ି କିଣିଥିଲେ। ଏହାଛଡା ଅନେକ ସମ୍ପତ୍ତି କରିଥିଲେ। କେତେଜଣ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଧରିବା ପରେ ତାଙ୍କର ଫୋନ ଏବଂ ଲାପ୍‌ଟପ୍‌ର ଫୋରେନସିକ୍ ଯାଞ୍ଚ କରାଯାଇଥିଲା। ଅଭିଯୁକ୍ତଙ୍କ ରେଫରାଲ କୋଡ୍‌କୁ ଭିତ୍ତିକରି ତଦନ୍ତ କରାଯାଇଥିଲା। ଅଭିଯୁକ୍ତଙ୍କ ବେଆଇନ ଅନ୍‌ଲାଇନ ଜୁଆଖେଳରେ ଲକ୍ଷାଧିକ ଲୋକ ଠକାମିର ଶିକାର ହୋଇଥିବା ଏସ୍‌ପି କହିଛନ୍ତି। ଏହି ତମାମ ଅନ୍‌ଲାଇନ ଗେମିଂ ଠକେଇରେ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଲକ୍ଷେଶ୍ୱରକୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବାପା ଜଣେ ସାଧାରଣ ଚାଷୀ। ଅଭିଯୁକ୍ତ ଅଳ୍ପଦିନ ମଧ୍ୟରେ ବେଆଇନ ଅନ୍‌ଲାଇନ ଗେମିଂରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠୁଳ କରି ଲକ୍ଷାଧିକ ଲୋକଙ୍କୁ ସର୍ବସ୍ୱାନ୍ତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏଭଳି ବେଆଇନ ଅନ୍‌ଲାଇନ ଗେମ୍‌ରୁ ଦୂରେଇ ରହିବାକୁ ଏସ୍‌ପି ଅଭିଲାଷ ଜନସାଧାରଣଙ୍କୁ କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ସାଇବର ଥାନା ଆଇଆଇସି ଭାରତୀ ନାଏକ, ସବ୍‌ଇନ୍ସପେକ୍ଟର ଅବିନାଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଜବତ ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍।



ଜବତ ଗାଡି ଓ ବାଇକ୍।

- ୨୫ ଲକ୍ଷ ଟଙ୍କାର ସମ୍ପତ୍ତି ଫ୍ରିଜ୍
- ଗାଡ଼ି, ୧୪ ଦାମୀ ମୋବାଇଲ, ୪ ଲାପ୍‌ଟପ୍ ଜବତ
- ୩ ମୋଟରସାଇକେଲ, ୭ ଲକ୍ଷ ୫ ହଜାର ଟଙ୍କା, ୨ ସ୍ୱାଇପ୍ ମେଶିନ ଜବତ

# ଇସ୍ପାତ,ଦୁର୍ଗ-ପୁରୀ ରହଣି ଦାବି

**ଦେଓଗାଁ,୧୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ଦେଓଗାଁ ଷ୍ଟେଶନରେ ସମ୍ବଲପୁର-ରାୟଗଡା ଏକ୍ସପ୍ରେସ ରହଣି ପ୍ରସଙ୍ଗ**

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଷ୍ଟେଶନରେ ଆସନ୍ତା ୧୬ ତାରିଖରୁ ସମ୍ବଲପୁର- ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ରହଣି ପାଇଁ ବିଭାଗୀୟ ନିଷ୍ପତ୍ତି ହୋଇସାରିଛି। ସୂଚନା ଅନୁଯାୟୀ, ସମ୍ବଲପୁରରୁ ବାହାରି ରାୟଗଡା ଯାଉଥିବା ଟ୍ରେନ ନଂ ୧୮୩୦୧ ଓ ରାୟଗଡାରୁ ବାହାରି ସମ୍ବଲପୁରକୁ ଆସୁଥିବା ଟ୍ରେନ ନଂ ୧୮୩୦୨ ଦେଓଗାଁ ଷ୍ଟେଶନରେ ଅଟକିବ। ଅଞ୍ଚଳବାସୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଓଗାଁ ବ୍ଲକ ତଥା ଡୁଷୁରା ଅଞ୍ଚଳବାସୀଙ୍କ ଦାବି ଅନୁସାରେ ଦେଓଗାଁ ରୋଡରେ ଇସ୍ପାତ କିମ୍ବା ଦୁର୍ଗ-ପୁରୀ ଏକ୍ସପ୍ରେସ ରହଣିକୁ ପ୍ରାଥମିକତା ଦେବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ତପସ୍ୱିନୀ ଏକ୍ସପ୍ରେସ ରହଣି ନିଷ୍ପତ୍ତି ଲୋକଙ୍କୁ ବ୍ୟଥିତ କରିଛି। ଆଗକୁ ଏହି ଟ୍ରେନ ପାଇଁ ଆବଶ୍ୟକ ଟିକେଟ ହେବା ନେଇ ସନ୍ଦେହ ରହିଥିବା ବେଳେ ଟ୍ରେନ ନିରନ୍ତର ଭାବେ ଏଠାରେ ଅଟକିବା ନେଇ ମଧ୍ୟ ଲୋକଙ୍କ ମନରେ ଆଶଙ୍କା ଦେଖାଦେଇଛି। ଏଣୁ ଏହି ଷ୍ଟେଶନରେ ଇସ୍ପାତ କିମ୍ବା ଦୁର୍ଗ-ପୁରୀ ଏକ୍ସପ୍ରେସ ରହଣି ହେଲେ ଅଞ୍ଚଳର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବା ସହ ଲୋକେ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

**ଲାଠୋର,୧୨।୪(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଚାଲିଛି। ହନୁମାନ ମନ୍ଦିର ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ଏହି ଯଜ୍ଞରେ ବିଭିନ୍ନ ସ୍ଥାନର ୧୪ ଗୋଟି ସଙ୍କୀର୍ତ୍ତନ ଦଳ ଭାଗ ନେଇ ନାମ ଧରିଛନ୍ତି। ଆସନ୍ତା ସୋମବାର ନାମଯଜ୍ଞ ପୂର୍ଣ୍ଣାହୂତି ହେବ। ଗ୍ରାମର ରୁଚି ଅଗ୍ରୱାଲ, ବିମଳ ଅଗ୍ରୱାଲ ଓ ସିମ୍ପଲ ଅଗ୍ରୱାଲ , ଶୀତଲ ଅଗ୍ରୱାଲ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ସୁବାସ ଦାଶ, ନିରଞ୍ଜନ ଷଡଙ୍ଗୀ, ଗରୁଡ଼ ଦାଶ ଏବଂ ସଦାଶିବ ଷଡ଼ଙ୍ଗୀ ଦାୟିତ୍ୱ ତୁଲାଉଛନ୍ତି। ଏହି ଅବସରରେ କମିଟି ସଦସ୍ୟ ବୁଲୁ ପାଣିଗ୍ରାହୀ, ସନ୍ତୋଷ ମେହେର, ବିଶ୍ୱନାଥ ଦତ୍ତ, ଅନିରୁଦ୍ଧ ମେହେର,ଅଶୋକ ମେହେରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।



# ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ

**ଟିଟିଲାଗଡ଼,୧୨।୪(ଶରତ ମିଶ୍ର/ତୀର୍ଥଙ୍କର ପଟେଲ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି। ଟିଟିଲାଗଡ଼ ବ୍ଲକର ବିଜେପୁର ଏବଂ ସଇଁତଲା ବ୍ଲକର ବେଲଗାଁଠାରେ ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ । ସରକାର ପ୍ରତ୍ୟେକ ପରିବାରଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ବଦ୍ଧପରିକର ବୋଲି ବିଧାୟକ କହିଥିଲେ। ବିଜେପୁର ସରପଞ୍ଚ ହୃଷୀକେଶ ବାଗ, ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ସେହିପରି ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଜଗୁଆଠାରେ ସରପଞ୍ଚ ମୀନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ଟିଟିଲାଗଡ଼ ନଗରପାଳ ତଥା ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ଦାଶ, ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ, ଟିଟିଲାଗଡ଼ ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ ସାମିଲ ଥିଲେ। ଲୁଥୁରବନ୍ଧଠାରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ବରିଷ୍ଠ ନେତା ପ୍ରମୋଦ ପ୍ରଧାନ, ଜିଲା ପରିଷଦ ସଭ୍ୟା ଟିଙ୍କି ପୋଡ଼, ସରପଞ୍ଚ ଜ୍ୟୋତ୍ସ୍ନା ସାହୁ, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ଼ ବ୍ଲକର କୁରସୁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପିଙ୍କ ଟିଟିଲାଗଡ଼ ବ୍ଲକ ପ୍ରତିନିଧି ମୁକେଶ ଜୈନ ମୁଖ୍ୟଅତିଥି, ନୋଡାଲ ଅଧିକାରୀ ଚନ୍ଦନ ଶତପଥୀ, ସରପଞ୍ଚ ସଙ୍ଗୀତା ବେହେରା ଉପସ୍ଥିତ ରହି କାର୍ଡ ବଣ୍ଟନ କରିଥିଲେ । ଜଗୁଆ ଠାରେ ସରପଞ୍ଚ ମୀନା ସାହୁ ତଥା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ ଟିଟିଲାଗଡ଼ ବିଡ଼ିଓ ଚନ୍ଦ୍ରମଣି ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ଘୁଷୁରାମୁଣ୍ଡାରେ ୭୭ ବର୍ଷ ଧରି ଚାଲିଛି ବିଶ୍ୱଶାନ୍ତି ବାଲ୍ୟଲୀଳା ବ୍ରହ୍ମଯଜ୍ଞ

**ଲୋଇସିଂହା,୧୨।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ସ୍ଥିତ ଅଲେଖ ମହିମା ମଠରେ ଗତ ଚୈତ୍ର ଶୁକ୍ଲପକ୍ଷ ନବମୀରୁ ଆରମ୍ଭ ହୋଇଥିବା ଅଲେଖ ମହିମା ବିଶ୍ୱଶାନ୍ତି ବାଲ୍ୟଲୀଳା ବ୍ରହ୍ମଯଜ୍ଞ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଠାରେ ଦୀର୍ଘ ୭୭ ବର୍ଷ ଧରି ବାଲ୍ୟଲୀଳା ବ୍ରହ୍ମଯଜ୍ଞ ହୋଇ ଆସୁଛି। ସୋନପୁର ଖଲିଆପାଲି ମଠର ମହନ୍ତ ବାବା ସନ୍ୟାସୀ ଦାସ ଓ ଘୁଷୁରାମୁଣ୍ଡା ମଠର ବାବା ମହାରଣା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ଓ ଭାତୃପ୍ରୀତି ପାଇଁ ଯଜ୍ଞ କରାଯିବା ସହିତ ୧୦୮ ବତୀ ଲଗାଯାଇ ତ୍ରିସନ୍ଧ୍ୟା ଉପାସନା କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଦୀପ ଦର୍ଶନ ଓ ବିଭୁ କୃପା ପାଇଁ ଶତାଧିକ ଅଲେଖ ଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ ସଭା ଆୟୋଜିତ ହୋଇଥିଲା। ଜ୍ୟୋତିପ୍ରକାଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ, ସମ୍ମାନିତ ଅତିଥି ଭାବେ ଖବରଦାତା ସୁଶାନ୍ତ ବାରିକ, ବିମଳେନ୍ଦୁ ସାହୁ, ଅଭିଲାଷ ହୋତା, ଶ୍ୟାମସୁନ୍ଦର ମେହେର ଓ ସରୋଜ ବିଶ୍ୱାଳ ଯୋଗ ଦେଇଥିଲେ। ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବରୁ ୭୭ ବର୍ଷର ପୁରୁଣା ଉକ୍ତ ମଠ ଅବହେଳିତ ହୋଇଥିବାରୁ ଅତିଥିମାନେ ଚିନ୍ତାବ୍ୟକ୍ତ କରିଥିଲେ । ଉକ୍ତ ମଠର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଏବଂ ଜନ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ଏହାସହିତ ସ୍ୱତନ୍ତ୍ର ଭାବେ ସଂସ୍କୃତି ବିଭାଗ ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା। ମୁଖ୍ୟ ଉଦ୍ୟୋକ୍ତା ତଥା ଗଉନ୍ତିଆ ହିମାଂଶୁ ଶେଖର ସାହୁଙ୍କୁ ପଚାରିବାରେ ଏହା ସ୍ୱାଧୀନତା ପୂର୍ବର ମଠ। ଏଠାରେ ପ୍ରତିବର୍ଷ ଏହି ସମୟରେ ଯଜ୍ଞ ହୋଇଆସୁଛି। ଜିଲାର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଅଲେଖ ମହିମା ମଠ ଭାବେ ଜଣାଶୁଣା । କିନ୍ତୁ ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏହାର ସ୍ଥାନ ନ ରହିବା ପରିତାର ବିଷୟ ବୋଲି ସେ କହିଥିଲେ । ଏହି ଉପଲକ୍ଷେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ସଭାରେ ମଞ୍ଚାସୀନ ଅତିଥି ।

# ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୧୨।୪(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ସଭାଗୃହଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମେଳା ତଥା ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ବେଳେ ତିନି ଦିନ ବଦଳରେ ମେଳା ପାଞ୍ଚଦିନ ଧରି ଆୟୋଜନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଖାଦ୍ୟ ଯୋଗାଣ, ହୋମ ଯଜ୍ଞ, ଭିଡ଼ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସେବା, ପୂଜା ନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା, ଅଭ୍ୟର୍ଥନା କମିଟି, ସ୍ମାରକୀ ପୁସ୍ତକ ଉପରେ ଆଲୋଚନା ହୋଇଥିଲା। ମହୋତ୍ସବ ଆଗାମୀ ମେ ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ପାଟଣାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ପ୍ରଶାନ୍ତ ଦାଶ,ଡାକ୍ତର ଓମ ପ୍ରକାଶ ଯୋଷୀ, ସୁନିଲ ଗୋଏଲ, ସଦାଶିବ ସରାଫ, ପ୍ରମୁଖ ଯୋଗ ଦେଇଥିଲେ। ଦେବୋତ୍ତର କମିଟି ସଦସ୍ୟ ଡ. ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟରେ ଖାଦ୍ୟମେଳା


ଖାଦ୍ୟମେଳାକୁ ଅତିଥିମାନେ ପରିଦର୍ଶନ କରୁଛନ୍ତି ।

**ଦେଓଗାଁ,୧୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟରେ ଶନିବାର ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସମନ୍ୱିତା ଷଡଙ୍ଗୀଙ୍କ ପରିଚାଳନା ତଥା ଅଧ୍ୟକ୍ଷ ଗୋପବନ୍ଧୁ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଘନଶ୍ୟାମ ବିଶ୍ୱାଳ, ସମ୍ପିତ ଥନାପତି ଯୋଗଦେଇଥିଲେ। ଅତିଥିମାନେ ପୋଷକତତ୍ତ୍ୱ ଖାଦ୍ୟ ତଥା ପାରମ୍ପାରିକ ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭାଷା ଓ ସଂସ୍କୃତିର ପାଚୀର ପତ୍ରିକା ଲେଖାଶ୍ରୀକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ପରେ ପ୍ରଦର୍ଶିତ ୪୫ଟି ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଡ. ମାନସରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଫକିର ମୋହନ ଆଚାର୍ଯ୍ୟ, ହିତାଂଶୁ ଥନାପତି, ଆଲୋକ ରଞ୍ଜନ ମହାଲିଙ୍ଗ, ବଂଶୀଧର ପୂଜାରୀ, ଶେଖର ମେହେର, ଦେବସ୍ମିତା ମହାପାତ୍ର, ମୁନଲୀ ବିଶ୍ୱାଳ, ଦୀପାଲି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ମଧ୍ୟାହ୍ନଭୋଜନ ଚାଉଳ ହେରଫେର ଅଭିଯୋଗରେ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଦେଓଗାଁ,୧୨।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଗରପାଲି କଲୋନୀସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାଉଳ ହେରଫେର ହୋଇଥିବା ଦର୍ଶାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ଏହି ବିଦ୍ୟାଳୟରୁ ୧୦ କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହୋଇଥିବା ଦର୍ଶାଇ ବ୍ଲକ ଶିକ୍ଷାଧିକାରୀ ମମତା ମାହାଡିକ ସମ୍ପୃକ୍ତ ଶିକ୍ଷୟିତ୍ରୀ ସୁଧାଂଶିନୀ ପାଣିଗ୍ରାହୀଙ୍କୁ ଗୁରୁବାର ନିଲମ୍ବିତ କରିଛନ୍ତି। ହେଲେ ଶିକ୍ଷୟିତ୍ରୀଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ ନ ଦେଇ ନିଲମ୍ବିତ କରାଯିବା ନେଇ ଅଭିଭାବକ ତଥା ସ୍କୁଲ ପରିଚାଳନା କମିଟିସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସମ୍ପୃକ୍ତ ଶିକ୍ଷୟିତ୍ରୀ ପାଣିଗ୍ରାହୀଙ୍କ କହିବା ଅନୁଯାୟୀ, ଆଖପାଖ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଚାଉଳ ସରିଗଲେ ଆମ ବିଦ୍ୟାଳୟରେ ଥିବା ବଳକା ଚାଉଳକୁ ଧାର ସୂତ୍ରରେ ନେଇଥାନ୍ତି ଏବଂ ତାଙ୍କ ସ୍କୁଲକୁ ଚାଉଳ ଆସିଲେ ଆମକୁ ଫେରାଇ ଦେଇଥାନ୍ତି। ଏହି କ୍ରମରେ ପ୍ରାୟ ୯ରୁ ୧୦ କୁଇଣ୍ଟାଲ ଚାଉଳ ଆମେ ପଡ଼ୋଶୀ ସ୍କୁଲକୁ ଦେଇଥିଲୁ। କିନ୍ତୁ ନିକଟରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କବିରାଜ ମାଝୀଙ୍କ ପରିଦର୍ଶନ ପରେ ଗୋଦାମରେ ଚାଉଳ କମ୍ ଥିବା ଅଭିଯୋଗ ଉଠିବାରୁ ଆମକୁ ସେହିସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଚାଉଳ ଫେରାଇ ଦେଇଛନ୍ତି । ଏଣୁ ଚାଉଳ ହେରଫେର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପାଣିଗ୍ରାହୀ ଦର୍ଶାଇଛନ୍ତି । ଏନେଇ ନିକଟସ୍ଥ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ୱାର୍ଡେନ ନିରୁପମା ମେହେରଙ୍କୁ ପଚାରିବାରେ ଆମର ସ୍କୁଲରେ ହଠାତ୍ ଚାଉଳ ଅଭାବ ହେବାରୁ ଉକ୍ତ ବିଦ୍ୟାଳୟରୁ ସାଢ଼େ ତିନି କୁଇଣ୍ଟାଲ ଚାଉଳ ଧାରରେ ଆଣିଥିଲୁ ଓ ପରେ ଫେରାଇ ଦେଇଛୁ ବୋଲି କହିଥିଲେ। ସେହିପରି ଦେଓଗାଁ ହାଇସ୍କୁଲ ଓ ଅର୍ଡା ପ୍ରାଥମିକ ବିଦ୍ୟାଳୟ ଧାରରେ ନେଇଥିବା ଚାଉଳ ଫେରାଇ ଦେଇଥିବା ଜଣାପଡ଼ିଛି। ଏନେଇ ବିଇଓ ମାହାଡଗିକଙ୍କୁ ପଚାରିବାରେ ସ୍କୁଲ ଖୋଲିଲେ ପୁନଃ ତଦନ୍ତ କରି ପଦକ୍ଷେପ ନେବୁ ବୋଲି ସେ କହିଥିଲେ।


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**14.04.2025**ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ



ବିଜ୍ଞାପନ ସଂ. ୩୨/୨୦୨୫
**ଭାରତ ସରକାର**
**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**
**ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)**
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫରୱାର୍ଡ କରାଯିବାର ଶେଷ ତାରିଖ ହେଉଛି
**୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା) ।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ ।
CBC 40110/12/0001/2526



**झारखण्ड सरकार**
**झारखण्ड खनिज क्षेत्र विकास प्राधिकार, धनबाद।**
**(लुबी सर्कुलर रोड, हीरापुर धनबाद 826001)**

**ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)**

ई–निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। | |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराहन् तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराहन् तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराहन् तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराहन् |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
- उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
- ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
- निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता, झमाडा, धनबाद।
PR 350274 (Drinking Water and Sanitation) 25-26 (D)



No. CAD-99
OBCC
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
**No. 3776** **Date: 10.04.25**
**File: SMT-2055 (Vol-II)**

**NOTICE INVITING TENDER**

| | | |
|---|---|---|
| 1. | Name of Work | : Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : 02/Tender/OBCC/2025-26 |
| 3. | Class of Contractor | : "A" Class |
| 4. | Bid Processing Fee (Only in Online Mode) | : Rs.11,800 (Including GST) |
| 5. | Date of availability of bid document in e-procurement portal | : From Dt.15.04.2025 |
| 6. | Last date & time of receipt of online bid | : Upto 05.00 P.M. of Dt.24.04.2025 |
| 7. | Date of Bid Opening | : 25.04.2025 at 11.30 A.M. |
| 8. | Project Completion Duration | : 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | |

**Sd./- EIC-cum-Managing Director**
**OIPR-34106/11/0017/2526**

## ସଂକ୍ଷେପରେ

### ୨ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**କୁତ୍ରା,୧୨।୪(ଦେବାଶିଷ ସାହୁ):** କୁତ୍ରା ଥାନା ଓ ଦମକଳ କାର୍ଯ୍ୟାଳୟ ମଝିରେ ୨ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣ ଗୁରୁତର ଆହାତ ହୋଇଛନ୍ତି। ଆହାତ ଯୁବକମାନେ ହେଉଛନ୍ତି କୁତ୍ରା ଥାନା ଅନ୍ତର୍ଗତ ପୁରନାପାନି ଗ୍ରାମର ଅଶୋକ କିଣ୍ଡୋ (୩୧),ରାଜେନ ତିର୍କୀ(୨୦) ଓ ରାଜଗାଙ୍ଗପୁର ଥାନା କୁତୁନିଆ ଗ୍ରାମର ଅରୁନ କୁଜୁର(୨୫)। ସୂଚନାଯୋଗ୍ୟ, ଶନିବାର ତେଲିଘନା ସ୍ଥିତ ଆମ୍ବବଗିଚାଠାରେ ଆଦିବାସୀଙ୍କ ସାରହୁଲ ପର୍ବ ପାଳିତ ହେଉଥିଲା। ସେଠାରୁ ଅଶୋକ ଓ ରାଜେନ ବାଇକ୍ ଯୋଗେ କୁତ୍ରା ପଟକୁ ଫେରୁଥିବା ବେଳେ କୁତ୍ରା ପଟରୁ ଅରୁନ ବାଇକ୍ ଯୋଗେ ଯାଉଥିଲେ। ଉଭୟଙ୍କ ବାଇକ ଦ୍ରୁତ ଗତିରେ ଥିବାରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ଜଣ ବାଇକରୁ ଛିଟିକି ପଡିଥିଲେ। ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇ ସେମାନଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି।

### ମଦ ଜବତ, ଜଣେ ଗିରଫ

**ବିନିକା,୧୧।୪(ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଆମପାଲିଛକରେ ଅବକାରୀ ବିଭାଗ ଚଢ଼ାଉ କରି ବାଇକ ସହ ୪୦ଲିଟର ମଦ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସତ୍ୟବ୍ରତ ପରଡିଆଙ୍କୁ ଗିରଫ କରାଯାଇଛି। ଏକ ମାମଲା(ନଂ.୭/୨୫) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଶ୍ରୀରାମ ଓ ପର୍ଶୁରାମଙ୍କ ମଧ୍ୟରେ ବାଚନିକ ଯୁଦ୍ଧ।

# ଶ୍ରୀରାମଙ୍କ ସହ ପର୍ଶୁରାମଙ୍କ ଭେଟ, ବାଚନିକ ଯୁଦ୍ଧ

**ବଡ଼ଗାଁ,୧୨।୪(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁର ବହୁ ପୁରାତନ ଐତିହାସିକ ରାମଲୀଳା ଯାତ୍ରାର ଶୁକ୍ରବାର ଷଷ୍ଠ ରଜନୀରେ ଶ୍ରୀରାମଙ୍କ ସହ ପର୍ଶୁରାମଙ୍କ ଭେଟ ଓ ବାଚନିକ ଯୁଦ୍ଧ ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମଚନ୍ଦ୍ର ସୀତାଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲାବେଳେ କ୍ଷତ୍ରିୟକୁଳ ନାଶ କରିଥିବା ପରମ ଯୋଦ୍ଧା ପର୍ଶୁରାମ ବାଟ ଓଗାଳିଥିଲେ। ଗୁରୁଙ୍କ ଧନୁ ( ଶିବ ଧନୁ) ଭାଙ୍ଗିଥିବାରୁ ପର୍ଶୁରାମ କ୍ରୋଧିତ ହୋଇ ଶ୍ରୀରାମଙ୍କୁ ଆକ୍ଷେପ କଲେ। ଉଭୟଙ୍କ ମଧ୍ୟରେ ବାଚନିକ ଯୁଦ୍ଧ ହୋଇଥିଲା। ସେଠାରେ ପର୍ଶୁରାମ ତାଙ୍କ ଧନୁରେ ଗୁଣ ଚଢ଼ାଇବାକୁ ଆହ୍ୱାନ କଲେ। ଶ୍ରୀରାମଚନ୍ଦ୍ର ଧନୁରେ ଗୁଣ ଚଢ଼ାଇବା ଦେଖି ପର୍ଶୁରାମ ଆଚମ୍ବିତ ହେଲେ। ରାମଚନ୍ଦ୍ର ଜଣେ ଅବତାରୀ ପୁରୁଷ ବୋଲି ଜାଣିପାରି ପର୍ଶୁରାମ ପ୍ରଣିପାତ କଲେ ଓ ମହିଭାର ସମ୍ଭାଳିବାକୁ କହି ତପସ୍ୟା ନିମନ୍ତେ ପର୍ବତ ଅଭିମୁଖେ ପ୍ରସ୍ଥାନ କଲେ। ଏହି ବିଷୟବସ୍ତୁ ସହିତ ଶ୍ରୀରାମଚନ୍ଦ୍ର ପିତୃସତ୍ୟ ପାଳନ କରି ବନବାସ ଗମନ ମଞ୍ଚସ୍ଥ ହୋଇଥିଲା। ମନ୍ଥରାଙ୍କ କୁ ମନ୍ତ୍ରଣାରେ ପଡ଼ି ରାଜା ଦଶରଥ ମଧ୍ୟମା ରାଣୀ କୈକେୟୀ ରାଜାଙ୍କ ଦୁର୍ବଳ ମୂହୁର୍ତ୍ତର ସୁଯୋଗ ନେଇ ପୂର୍ବ ପ୍ରତିଶ୍ରୁତିକୁ ପାଳନ କରିବାକୁ କହି ୨ଟି ବର ମାଗିଥିଲେ। ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ଓ ନିଜ ପୁତ୍ର ଭରତ ରାଜା ହେବେ। ଏହା ଶୁଣି ରାଜା ଦଶରଥ ଧର୍ମ ସଙ୍କଟରେ ପଡ଼ିଥିଲେ। ପିତୃଭକ୍ତ ରାମଚନ୍ଦ୍ର ପିତାଙ୍କ ମନବେଦନା ବୁଝିପାରି ବିନା ଦ୍ୱିଧାରେ ବନ ଗମନ କଲେ। ଏହି କରୁଣ ଦୃଶ୍ୟକୁ କଳାକାରମାନେ ହୃଦୟସ୍ପର୍ଶୀ କରିପାରିଥିଲେ। ଏହି ବିଷୟବସ୍ତୁ ସହିତ ଦଶରଥ ରାଜାଙ୍କ ତୀରରେ ଶ୍ରାବଣ କୁମାର ହତ ହେବାର କରୁଣା ଘଟଣାବଳୀ ଅଭିନୀତ ହୋଇଥିଲା। ରାମ, ଲକ୍ଷ୍ମଣ, ପର୍ଶୁରାମ, ଶ୍ରବଣ କୁମାର, ଅହଲ୍ୟା, ରାଜା ଦଶରଥ ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ବିଟୁ ନାୟକ, ବାବୁଲୁ ପ୍ରଧାନ, ରକି ସା, ତାପସ ପଣ୍ଡା ଅଭିନୟ କରିଥିଲେ। ଯାତ୍ରାରେ ଅର୍ଜୁନ ନାୟକ, ବିଭୂତି ନାୟକ ରାମାୟଣ ଗାନ କରୁଥିଲାବେଳେ ନୃପ ପୃଷେଟ, ସୁଧୀର ବିଶି, ଅଚ୍ୟୁତ ସାହୁ, ଖଡିଆ ସା, ସନ୍ତୋଷ ସା, ଭିକାରୀ ଚରଣ ସା ସହଯୋଗ କରୁଛନ୍ତି। ପଙ୍କଜ ମାଝୀ ବାଦ୍ୟକାର ଦାୟିତ୍ୱ ତୁଲାଉଛନ୍ତି। ଲଡକେଶ୍ୱର୍ କର, ନେତ୍ରାନନ୍ଦ ସା ଓ ସିତାରାମ ସା ପରଭା ପରିଚାଳନା କରୁଛନ୍ତି। ସିତାରାମ ଖିଚିଡି, ବିଚିତ୍ର ବେହେରା, ଅଶୋକ ପଶାୟତ, ତୁଳାରାମ ପୃଷେଟ ଓ ଅଶୋକ ରାଉତ ସାଜସଜା ଦାୟିତ୍ୱ ତୁଲାଉଛନ୍ତି।

## ଥାନା ଅଧିକାରୀଙ୍କୁ ଚାଇଲ୍ଡ କେୟାର ସଂସ୍ଥା ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା

**କୁତ୍ରା,୧୧।୪(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ରଜାବସାର ଦାନୋପଡ଼ା ସ୍ଥିତ ଲଭ ସୋସାଇଟିର ଚାଇଲ୍ଡ କେୟାର ସଂସ୍ଥା ପକ୍ଷରୁ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ହେମଗିରି ଥାନାକୁ ବଦଳି ହୋଇଛି। ଏହି ଅବସରରେ ଦାନୋପଡ଼ାର ଚାଇଲ୍ଡ କେୟାର ସଂସ୍ଥାର ଅନାଥ ଛୁଆଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଥାନା ଅଧିକାରୀ ବିଶି ତାଙ୍କର କୁତ୍ରା ରହଣୀ ସମୟରେ ସଦାସର୍ବଦା ଅନାଥ ଛୁଆଙ୍କୁ ସେବା ତଥା ପାଠ ପଢ଼ା ଦାୟିତ୍ୱ ବହନ କରିଥିବା ଚାଇଲ୍ଡ କେୟାର ସଂସ୍ଥାକୁ ଯାଇ ସେଠାରେ ରହୁଥିବା ଛୁଆଙ୍କ ଭଲ ମନ୍ଦ ବୁଝିବା ସହ ସେମାନଙ୍କ ଗହଣରେ କିଛି ସମୟ ଅତିବାହିତ କରୁଥିଲେ। ତାଙ୍କର କୁତ୍ରା ଥାନାରୁ ବଦଳି ହୋଇଥିବା ଜାଣିବା ପରେ ସେହି ସଂସ୍ଥା ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଥାନା ଅଧିକାରୀ ବିଶି କୁତ୍ରାରୁ ଯିବା ପରେ ମଧ୍ୟ ସମୟ ସୁବିଧା ମିଳିଲେ ନିଶ୍ଚିତ ଭାବରେ ଏହି ଛୁଆଙ୍କ ନିକଟକୁ ଆସିବେ ବୋଲି କହିଥିଲେ। ତାଙ୍କ ସହିତ କିଛି ସମୟ ଅତିବାହିତ କଲେ ତାଙ୍କୁ ଅତ୍ୟନ୍ତ ଖୁସି ମିଳୁଥିବା କହିଛନ୍ତି। ଆଗକୁ ମଧ୍ୟ ଏଭଳି ପିଲାମାନଙ୍କ ମୁହଁରେ ହସ ଫୁଟାଇବାକୁ ସଦା ସର୍ବଦା ଚେଷ୍ଟ କରିବେ ବୋଲି କହିଛନ୍ତି।



ଥାନା ଅଧିକାରୀଙ୍କ ସହ ସଂସ୍ଥାର କର୍ମକର୍ତ୍ତା କୁନି ପିଲାମାନେ।

## ମଧୁବୈଶ୍ୟ ସମାଜର ଶୋକ

**ରାଉରକେଲା,୧୨।୪(ଦିନେଶ ମିଶ୍ର):** ରାଉରକେଲା ମଧୁବୈଶ୍ୟ ସମାଜର ସଦସ୍ୟ ବଂଶୀଧର ସାହୁଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବେଦବ୍ୟାସ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସାନ ପୁଅ ପ୍ରଶାନ୍ତ ମୁଖ୍ୟାଗ୍ନି ଦେଇଥିଲେ। ଏହି ଅବସରରେ ମଧୁବୈଶ୍ୟ ସମାଜର କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କରାଯାଇ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ସାଧାରଣ ସମ୍ପାଦକ କାଶିନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ତ୍ରିଲୋଚନ ପୃଷ୍ଟି, କୃଷ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ଅଶୋକ କୁମାର ସାହୁ, ବଳଦେବ ସାହୁ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସ୍ମୃତିଚାରଣ କରିଥିଲେ।

## ୪ କୋଇଲା ଚୋରା ଚାଲାଣକାରୀ ଗିରଫ

**ସୁନ୍ଦରଗଡ଼,୧୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ଚୋରା କୋଇଲା ଖଣି ଠାବ ପରେ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ଧରପଗଡ଼ ଆରମ୍ଭ ହୋଇଛି। ଶୁକ୍ରବାର ରାତିରେ ଗୋପାଳପୁର ଜଙ୍ଗଲରୁ କୋଇଲା ଚାଲାଣ ପାଇଁ ଯାଇଥିବା ବେଳେ ହେମଗିର ଥାନା ପୋଲିସ ୨ଟି ଟ୍ରାକ୍ଟର ଓ ଗୋଟିଏ ବାଇକକୁ ଜବତ କରିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରତନସରା ଗ୍ରାମର ସମୀର ଦଣ୍ଡସେନା(୨୫), ରତନପୁରର ଗେଲାନନ୍ଦ ମାଝୀ(୨୫), ଝୁପୁରୁଙ୍ଗା ଗ୍ରାମର ହେମାନନ୍ଦ ସେଠ ଓରଫ ବିଭୁ(୨୫) ଓ ଗୋପାଳପୁରର ଆଲୋକ ସିଂ(୨୫)। ଏନେଇ ହେମଗିର ଥାନାରେ କେସ୍ ନଂ. ୧୩୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ କୋଇଲା ଖୋଳି ନେଇ ବିଭିନ୍ନ ଇଟା ଭାଟିକୁ ନିୟମିତ ଚାଲାଣ କରି ଆସୁଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷରେ ଏହି ତହସିଲର ତେଲେନଡିହି, କୁଲାପଡା, ଜାମକାନୀ, ରତନସରା ଓ ଭୋଗରାକଛାର ଜଙ୍ଗଲରେ ଖଣି ବିଭାଗର ଏନ୍‌ଫୋର୍ସ ମେଣ୍ଟ ଟିମ୍ ଶୁକ୍ରବାରଠାରୁ ତଦନ୍ତ ଜାରି ରଖିଛନ୍ତି। ପୂର୍ବରୁ ଗତ ୪ ତାରିଖରେ ପ୍ରଥମେ ଜିଲା ପ୍ରଶାସନର ଟିମ୍ ଚୋରା କୋଇଲା ଖଣି ଠାବ ପରେ ତନାଘନା ଚଳାଇଥିଲା। ଏ ପର୍ଯ୍ୟନ୍ତ ୨୫୦ଟନ୍‌ରୁ ଊର୍ଦ୍ଧ୍ୱ ଚୋରାଚାଲାଣ ପାଇଁ ଗଚ୍ଛିତ ଥିବା କୋଇଲା ଜବତ କରାଯାଇ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଗିରଫ ୪ଜଣଙ୍କର ଚୋରାଚାଲାଣକାରୀ କୋଇଲା ମାଫିଆଙ୍କ ସହିତ ସମ୍ପର୍କ ଅଛି ନା ନାହିଁ ପୋଲିସ ସେ ନେଇ ତଦନ୍ତ କରୁଛି।



ଗିରଫ ହୋଇଥିବା ଅଭିଯୁକ୍ତମାନେ।



ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୨।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଆ ପକ୍ଷ ପାଳନର ୧୨ତମ ଦିବସରେ ଶନିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲା ତଥା ଓଡ଼ିଶାର ବରପୁତ୍ରମାନଙ୍କ ଆତ୍ମଜୀବନୀ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଜିଲାର ସାହିତ୍ୟିକ, ଗାଳ୍ପିକ, ଲେଖିକାଲେଖକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ‘ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଆମେ ଆଜି ଆମ ସୁନ୍ଦରଗଡ଼ ତଥା ଓଡ଼ିଶା ମାଟିର ବରପୁତ୍ରମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ନିଜ ନିଜ ଅଞ୍ଚଳର ବରପୁତ୍ରମାନଙ୍କ ସମ୍ବନ୍ଧରେ ସମସ୍ତେ ଜାଣିବା ଆବଶ୍ୟକ। ସମାଜ ପାଇଁ ସେମାନେ ନିଜ ଜୀବନକୁ ମଧ୍ୟ ଜଳାଞ୍ଜଳି ଦେବାକୁ ପଛେଇ ନାହାଁନ୍ତି। ସେହି ବୀର ବରପୁତ୍ରମାନଙ୍କୁ ନେଇ ଆମେ ସର୍ବଦା ‘ଗର୍ବିତ’ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ବରିଷ୍ଠ ସାହିତ୍ୟିକ ଗୋପକୃଷ୍ଣ ନାୟକ, ଅଧ୍ୟାପିକା ସୁସ୍ମିତା ଭୋଇ, ଗାଳ୍ପିକ ଶିବାଶିଷ ପାଢ଼ୀ, ଶିକ୍ଷକ ଗଣେଶ ତ୍ରିପାଠୀ ଯୋଗଦେଇ ବରପୁତ୍ରମାନଙ୍କ ଜୀବନ, ଦର୍ଶନ, ଅବଦାନ ଏବଂ ଉପଲବ୍ଧି ଉପରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିଭଳି ଶିକ୍ଷାବିତ ତଥା ସାହିତ୍ୟିକ ଗଣେଶ ତ୍ରିପାଠୀ ସୁନ୍ଦରଗଡ଼ ଜିଲାର ବରପୁତ୍ର ବିଶିଷ୍ଟ କବି ବିନୋଦ ଚନ୍ଦ୍ର ନାୟକଙ୍କ ଉପରେ ଆଲୋଚନା କରିବା ସହିତ ତାଙ୍କର କାଳଜୟୀ ଲେଖା ଗ୍ରାମପଥ ଉପରେ ବିଶେଷ ଉପସ୍ଥାପନ କରିଥିଲେ। ଶିକ୍ଷାବିତ ତଥା ଗାଳ୍ପିକ ଶିବାଶିଷ ପାଢ଼ୀ ଐତିହାସିକ ଶିଶିର କୁମାର ନାଏକଙ୍କ ଉପରେ ଆଲୋଚନା କରିଥିଲେ ଏବଂ ତାଙ୍କ ଦ୍ୱାରା ଲିଖିତ ହେମଗିରିଗଡ ଉପରେ ବିଶେଷ ଆଲୋକପାତ କରିଥିଲେ। ସେହିଭଳି ଲେଖିକା ତଥା ଅଧ୍ୟାପିକା ଭୋଇ ଐତିହାସିକ ମୁକ୍ତେଶ୍ୱର ପଟେଲଙ୍କ ଉପରେ ଏବଂ ସାହିତ୍ୟିକ ଗୋପ କୃଷ୍ଣ ନାୟକ ନାଟ୍ୟକାର ଚୂଡ଼ାମଣି ନାଏକଙ୍କ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ଲେଖିକାଲେଖକମାନେ କବିତା ପାଠ କରିଥିଲେ ଏବଂ ଛାତ୍ରୀଛାତ୍ରମାନେ ମଧ୍ୟ ବରପୁତ୍ରମାନଙ୍କ ଜୀବନୀ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ପରେ ପରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## କିରିଙ୍ଗସିରାରେ ହନୁମାନ ବିଗ୍ରହ ସ୍ଥାପିତ

**କୁତ୍ରା,୧୨।୪ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସିରା କଲୋନିପଡାଠାରେ ଶନିବାର ହନୁମାନଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ସକାଳୁ ଗ୍ରାମର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ପରେ ଯଥା ରୀତିନୀତି ଅନୁଯାୟୀ ପୂଜାବିଧି ଆରମ୍ଭ କରାଯାଇ ପୁଷ୍ପାଞ୍ଜଳି ସମ୍ପନ୍ନ ହୋଇଥିଲା। ପରେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କିରିଙ୍ଗସିରା ଗ୍ରାମବାସୀ ସହଯୋଗ କରିଥିଲେ।




ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।


**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**14.04.2025**ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ



ବିଜ୍ଞାପନ ସଂ. ୩୨/୨୦୨୫
**ଭାରତ ସରକାର**
**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**
**ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)**
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫରୱାର୍ଡ କରାଯିବାର ଶେଷ ତାରିଖ ହେଉଛି
**୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା)।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ।
CBC 40110/12/0001/2526



**झारखण्ड सरकार**
**झारखण्ड खनिज क्षेत्र विकास प्राधिकार, धनबाद।**
**(लुबी सर्कुलर रोड, हीरापुर धनबाद 826001)**

**ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)**

ई–निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- | प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराह्न तक |
| 3 | निविदा प्राप्ति (ऑन लाइन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराह्न तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराह्न तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराह्न |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

**नोट – केवल ई निविदा ही स्वीकार किये जायेंगे।**
- उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
- ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
- निविदा की सूचना तथा नियम शर्तें की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता,
झमाडा, धनबाद।

PR 350274 (Drinking Water and Sanitation) 25-26 (D)



obcc No. CAD-99
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 3776 Date: 10.04.25
File: SMT-2055 (Vol-II)

**NOTICE INVITING TENDER**

| | | |
|---|---|---|
| 1. | Name of Work | : Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : 02/Tender/OBCC/2025-26 |
| 3. | Class of Contractor | : “A” Class |
| 4. | Bid Processing Fee (Only in Online Mode) | : Rs.11,800 (Including GST) |
| 5. | Date of availability of bid document in e-procurement portal | : From Dt.15.04.2025 |
| 6. | Last date & time of receipt of online bid | : Upto 05.00 P.M. of Dt.24.04.2025 |
| 7. | Date of Bid Opening | : 25.04.2025 at 11.30 A.M. |
| 8. | Project Completion Duration | : 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | |
| 10. | OBCC has the right to accept or reject the Notice/DTCN without assigning any reasons thereof. | |

**Sd./- EIC-cum-Managing Director**
**OIPR-34106/11/0017/2526**

**ସଂକ୍ଷେପରେ**

## ଅଞ୍ଜନ ରଞ୍ଜନ ଦାଶ ଓପିଜିସିର ନୂତନ ନିର୍ଦ୍ଦେଶକ

**ଝାରସୁଗୁଡ଼ା, ୧୨।୪ (ଆଶିଷ ରଞ୍ଜନ ଦାଶ)**



ଝାରସୁଗୁଡ଼ା ଜିଲା ଇବଥରମାଲସ୍ଥିତ ଓପିଜିସିର ନୂତନ ନିର୍ଦ୍ଦେଶକ (ଅପରେଶନ) ଭାବେ ଅଞ୍ଜନ ରଞ୍ଜନ ଦାଶ ଯୋଗଦାନ କରିଛନ୍ତି। ଦାଶଙ୍କ ବୈଦ୍ୟୁତିକ କ୍ଷେତ୍ରରେ ୩୭ବର୍ଷର ଅଭିଜ୍ଞତା ରହିବା ସହି ଏନ୍‌ଟିପିସି ତାଳଚେର, ନର୍ଥ କରନପୁରା, ତେଲଙ୍ଗାନା, ପାଟଣା ଭଳି ବିଦ୍ୟୁତ୍ ପ୍ରୋଜେକ୍ଟରେ କାମ କରିବାର ଅଭିଜ୍ଞତା ରହିଛି। ଦାଶଙ୍କ ଯୋଗଦାନ ଦ୍ୱାରା ଓପିଜିସିର ଶକ୍ତି ବଢିବା ସହିତ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

# ପ୍ରସିଦ୍ଧ ଚଇତ ପୁନି ବଏଲ ଯାତ୍ରା ସମ୍ପନ୍ନ

**କୋଲାବିରା, ୧୨।୪ (ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡା ଜିଲା କୋଲାବିରା ଅଞ୍ଚଳର ଇଷ୍ଟଦେବୀ ମା'ଦକ୍ଷିଣକାଳୀଙ୍କ ଚଇତ ପୁନି ବଏଲଯାତ୍ରା ଆନନ୍ଦ ଉତ୍ସାହର ସହିତ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ମହାବୀର ଜୟନ୍ତୀ ଅନଙ୍ଗ ତ୍ରୟୋଦଶୀ ମଧ୍ୟରାତ୍ରିରେ ପୂଜା ପରେ ହୋମଯଜ୍ଞ, ପୂର୍ଣ୍ଣାହୁତି ପରେ ଗୁପ୍ତବଳି ତଥା ପୂଜା ହୋଇଥିଲା। ପରେ ମଧ୍ୟରାତ୍ରିରେ ଦେବୀବାହନ ବରୁଆ ଦେହରେ ଦୈବଶକ୍ତି ସଞ୍ଚାରିତ ହେବା ପରେ ଶ୍ରଦ୍ଧାଳୁ ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥିଲେ। ଶ୍ରଦ୍ଧାଳୁ ମା'ଙ୍କ ପ୍ରତି ଥିବା ଅହେତୁକ ଭକ୍ତି ଓ ଶ୍ରଦ୍ଧାର ନୈବେଦ୍ୟ ଶୃଙ୍ଖଳାର ସହ ଅର୍ପଣ କରିଥିଲେ। ଅବିଭକ୍ତ ସମ୍ବଲପୁର ଜିଲାରେ ଶାକ୍ତ ପରମ୍ପରା ବହୁ ପୁରାତନ। ଶାକ୍ତ ପରମ୍ପରାରେ ଜୟପୁର ଇଷ୍ଟେଟ (କୋଲାବିରା) ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ପ୍ରତି ଜନସାଧାରଣଙ୍କ ରହିଛି ଅଗାଧ ବିଶ୍ୱାସ, ଭକ୍ତି ଓ ଭୟ। କଳା ଓ ସଂସ୍କୃତିର ପରିଚୟ ତଥା ନିଷ୍ଠା ଓ ଭକ୍ତିର ଅନନ୍ୟ ପରମ୍ପରା ଏଠାକାର ବଏଲ ଯାତ୍ରା। ଦୈବୀଶକ୍ତି ବା ତନ୍ତ୍ରମନ୍ତ୍ର ଶକ୍ତିର ଆଧାର କରିହେଉ କିମ୍ବା ପ୍ରାଚୀନ ସଂସ୍କୃତିର ପ୍ରଚଳିତ ପରମ୍ପରା ଦୃଷ୍ଟି କୋଣରୁ ହେଉ ଦୈବୀଶକ୍ତି ବା ମାତୃଶକ୍ତିର ମହତ୍ତ୍ୱକୁ ସାର୍ବଜନୀନ କରିବା ପାଇଁ କୋଲାବିରାରେ ଆବହନ କାଳରୁ ଶକ୍ତିପୂଜାର ସୂତ୍ରପାତ ଘଟାଇ ମା' ଦକ୍ଷୀଣକାଳୀଙ୍କ ପାରମ୍ପରିକ ବଏଲଯାତ୍ରା। ଚଳିତବର୍ଷ ଚୈତ୍ର ପୂର୍ଣ୍ଣିମାରେ ଆରମ୍ଭ ହୋଇଛି ଚଇତ ପୁନି ବଏଲଯାତ୍ରା। ବଏଲଯାତ୍ରା ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ପାରମ୍ପରିକ ଯାତ୍ରା ମଧ୍ୟରେ ଅନ୍ୟତମ। ଝାରସୁଗୁଡ଼ା ଜିଲା କୋଲାବିରାଠାରେ ଅନୁଷ୍ଠିତ ବଏଲଯାତ୍ରାର ଐତିହାସିକ ମହତ୍ତ୍ୱ ରହିଛି। ତେବେ ଚଳିତବର୍ଷ ଦକ୍ଷିଣକାଳୀଙ୍କ ପୀଠରୁ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି।



ବରୁଆ ଦେହରେ ଦୈବଶକ୍ତି ସଞ୍ଚାରିତ ହେବା ପରେ ଶୋଭାଯାତ୍ରାରେ ନିଆଯାଉଛି।

## କ୍ଷତ୍ରିୟ ଜମିଦାର କନ୍ଧ ସମାଜର ଜିଲାସ୍ତରୀୟ ବାର୍ଷିକ ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼, ୧୨।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ବାମଣ୍ଡା ଷ୍ଟେଟ କୌଶିକ ବଂଶ ଅଠର ବର୍ଗ କ୍ଷେତ୍ରିୟ ଜମିଦାର କନ୍ଧ ସମାଜର ଜିଲାସ୍ତରୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଥମେ କୂଳଦେବୀ ମା' ଭୈରବୀଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା ସଭାପତି ଅର୍ଜୁନ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ହୃଷିକେଶ ପ୍ରଧାନ, ଜିଲା ସହ ସମ୍ପାଦକ ଘନଶ୍ୟାମ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜରେ ଥିବା ବିଭିନ୍ନ ସମସ୍ୟା ଓ ସମାଧାନ, ବିଗତ ଦିନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଆଗାମୀ ଦିନର କାର୍ଯ୍ୟକ୍ରମ ଓ କ୍ଷେତ୍ରୀୟ ଜମିଦାର କନ୍ଧ ସମାଜର ସାମଗ୍ରୀକ ବିକାଶ ଉପରେ ଆଲୋଚନା ହୋଇଥିଲା। ଗୋବିନ୍ଦପୁରଠାରେ ମା' ଭୈରବୀଙ୍କ ମନ୍ଦିର ନିର୍ମାଣ ଏବଂ କ୍ଷେତ୍ରୀୟ ଜମିଦାର କନ୍ଧ ସମାଜର ଏକ ବୈଠକ ଗୃହ ନିର୍ମାଣ ପାଇଁ ବିଧାୟକଙ୍କଠାରେ ଦାବି କରାଯାଇଥିଲା। ବିଧାୟକ ଏଥିପ୍ରତି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦେବଗଡ଼ ଜିଲାର ସମସ୍ତ ୭୦ଟି ପଞ୍ଚାୟତରୁ ଆସିଥିବା ସଦସ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବାର୍‌ହା ଶିକାର ଅଭିଯୋଗରେ ୪ ଶିକାରୀ ଗିରଫ

**ଦେବଗଡ଼, ୧୨।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବନାଞ୍ଚଳ ବଳମ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଞ୍ଚମହଲା ଗ୍ରାମ ନିକଟ ଖସଡା ଜଙ୍ଗଲରେ ଗତ ଗୁରୁବାର ବାର୍‌ହା ଶିକାର ଘଟଣାରେ ୪ଜଣ ଶିକାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଜାମିନ ଖାରଜ ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଥାନା ଘୁରୁଡୁଖମଣ ଗ୍ରାମର ଲିପୁନ ଶବର (୩୦), ଅଜୟ ଉଦାବର (୩୭), ଚକ୍ରପାଲି ଗ୍ରାମର ସୁମନ ପାତ୍ର (୩୮) ଏବଂ ଘୁରୁଡୁଖମଣସ୍ଥିତ ଶ୍ୱଶୁର ଘରେ ରହୁଥିବା କେନ୍ଦୁଝର ଜିଲା ଗୋଲଦେଇ ଗ୍ରାମର ଗଣେଶ ଚୌଧୁରୀ (୨୫)। ସୂଚନା ଅନୁଯାୟୀ ପଞ୍ଚମହଲା ଗ୍ରାମ ନିକଟ ଖସଡା ଜଙ୍ଗଲରେ ଗତ ଗୁରୁବାର ପୂର୍ବାହ୍ନରେ ଏକ ବାର୍‌ହା ପାଣି ପିଇବାକୁ ଆସିଥିବା ବେଳେ ପୂର୍ବରୁ ସେଠାରେ ଛପି ରହିଥିବା କେତେ ଜଣ ଶିକାରୀ ବାର୍‌ହା ପିଟି ପିଟି ମାରି ଦେଇଥିଲେ। ଏଥିସହ ଗିରଫ ୪ଜଣ ଶିକାର ଉଦ୍ଦେଶ୍ୟରେ ବାର୍‌ହା ମୃତଦେହ ଆଣୁଥିଲେ। ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପଞ୍ଚମହଲା ପତ୍ରଫଡି ନିକଟରେ ଚଢ଼ାଉ କରିଥିଲେ। ଚଢଉ ବେଳେ ମୃତ ବାର୍‌ହା ଜବତ କରିବା ସହିତ ୪ଜଣଙ୍କୁ କାବୁ କରି ବାରକୋଟ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚରା ପରେ ମାଂସ ବିକ୍ରି ପାଇଁ ବାର୍‌ହା ମାରିଥିବା ସ୍ୱିକାର କରିଥିଲେ। ଫଳରେ ୪ଜଣ ଶିକାରୀଙ୍କୁ ଗିରଫ କରି ବନ ବିଭାଗ କୋର୍ଟଚାଲାଣ କରିଛି। ଅଧିକ ତଦନ୍ତ ଜାରି ରହିଥିବା ବାରକୋଟ ରେଞ୍ଜର ଚିତରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।



ବନ ବିଭାଗ ଦ୍ୱାରା ଗିରଫ ୪ଜଣ ଶିକାରୀ।

# ବରପୁତ୍ରମାନଙ୍କ ଉପରେ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼, ୧୨।୪ (ଶଶାଙ୍କ ଶେଖର ଝାଙ୍କର)**

- ■ 'କବିତା ସଂକଳନ ଉତ୍ସବ ପ୍ରଧାନପାଟ' ପୁସ୍ତକ ଉନ୍ମୋଚିତ
- ■ ଓଡ଼ିଆ ପକ୍ଷ ପାଳନ ଅବସରରେ ଦ୍ୱାଦଶ ଦିବସ

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଶନିବାର ଓଡ଼ିଶାର ବରପୁତ୍ରଙ୍କୁ ମନେ ପକାଇବା ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର 'ବନ୍ଦନୀୟ ବରପୁତ୍ର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ ପ୍ରମୁଖ ସାମିଲ ହୋଇ ଓଡ଼ିଆ ଭାଷା ଗଠନରେ ଓଡ଼ିଶାର ବରପୁତ୍ରଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏଥିସହ ମଞ୍ଚାସୀନ ଅତିଥିଙ୍କ କର କମଳରେ 'କବିତା ସଂକଳନ ଉତ୍ସବ ପ୍ରଧାନପାଟ' ପୁସ୍ତକ ଉନ୍ମୋଚନ କରାଯାଇଛି। ଏଥିରେ ଜିଲାର କବୟିତ୍ରୀ, କବି, ଲେଖିକା ଓ ଲେଖକମାନେ ସାମିଲ ହୋଇ ଓଡ଼ିଶାର ବରପୁତ୍ରଙ୍କ ଉପରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂଯୋଜକ ଭାବେ ଡ଼ ଭାରତ ଭୂଷଣ ନନ୍ଦ, ଡ଼ ବିନିତା ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାଶଙ୍କ, ସଂଯୋଜନାରେ ଉପସ୍ଥିତ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ ସହିତ ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପରେ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ବରପୁତ୍ରଙ୍କ ସ୍ମୃତିଚାରଣ ଓ ସାରସ୍ୱତ ସାହିତ୍ୟିକ ସମାବେଶରେ ଅଂଶଗ୍ରହଣ କରିଥିବାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଛି।

## ପରିବାରକୁ ଭେଟିଲେ ପୂର୍ବତନ ବିଧାୟିକା

**ସୁରଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ଝାରସୁଗୁଡ଼ା, ୧୨।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ହଁସାମୁରା କଣ୍ଟାପାଲି ମାଲିଡିହ ଗ୍ରାମର କରନ ନେଟି (୨୦) ନାମକ ଜଣେ ଦାଦନଙ୍କ ସୁରଟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଶିଳ୍ପ ଓ ଖଣି ସମୃଦ୍ଧ ଜିଲା ଝାରସୁଗୁଡ଼ାରେ କରନ ନେଟି ସୁରଟକୁ ଦାଦନ ଖଟିବାକୁ ଯାଇ ସେଠାରେ ପ୍ରାଣ ହରାଇବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଅପରାହ୍ନରେ ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ହଂସାମୁରା କଟାପାଲି ମାଲିଡିହି ଗ୍ରାମକୁ ଯାଇ କରନଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି ଝାରସୁଗୁଡ଼ା ପୂର୍ବତନ ବିଧାୟିକା ଦୀପାଳି ଦାସ। ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ନବ ଦାସ ଫାଉଣ୍ଡେଶନ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ଦୀପାଳି କହିଛନ୍ତି। ଦୁଇ ବର୍ଷ ତଳେ କରନ୍‌ଙ୍କ ବାପାଙ୍କ ଦେହାନ୍ତ ହୋଇଥିବାବେଳେ ବର୍ତ୍ତମାନ ପରିବାର ଏକମାତ୍ର ରୋଜଗାରକ୍ଷମ ପୁଅଙ୍କ ମୃତ୍ୟୁ ହୋଇଛି। ଏହାପରେ ଘର କିପରି ଚଳିବ, ଯୁକ୍ତ ୨ରେ ପଢୁଥିବା କରନଙ୍କ ଭାଇ ଚୈତନ୍ୟ ପାଠପଢା କିପରି ହେବ ସେ ନେଇ କରନଙ୍କ ମା' ଉର୍ମିଳା ଚିନ୍ତା ପ୍ରକାଶ କରିଛନ୍ତି। ତେବେ କରନଙ୍କ ପରିବାର ଲୋକଙ୍କ ସହ ନବ ଦାସ ଫାଉଣ୍ଡେଶନ ଛିଡା ହୋଇ ରହିବ ଏବଂ ଆବଶ୍ୟକ ସହଯୋଗ ଦେବାକୁ ପଦକ୍ଷେପ ନେବ ବୋଲି ଦୀପାଳି କହିଛନ୍ତି।

## ଚୋରି କରିବାକୁ ଯାଇ ଗଲା ଜୀବନ

**ବ୍ରଜରାଜନଗର, ୧୨।୪ (ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଓରିଏଣ୍ଟ କାଗଜ କଳ ଭିତରକୁ ଚୋରି କରିବାକୁ ଯାଇ ଜଣେ ଚୋରଙ୍କ ଜୀବନ ଚାଲି ଯାଇଛି। ମୃତକ ହେଲେ ବ୍ରଜରାଜନଗର ପୌରାଞ୍ଚଳ ଠାକୁର ପଡ଼ାର ଚନ୍ଦ୍ର ମୋହନ ସିଂ (୨୭)। ମିଲ୍ ସୁରକ୍ଷା କର୍ମୀଙ୍କ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-07: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା **14.04.2025** ରିଖ ସରକାରୀ ଛୁଟିଦିନ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0086/2526 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ବିଜ୍ଞାପନ ସଂ. ୩୨/୨୦୨୫
**ଭାରତ ସରକାର**
**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**
**ମେକନ୍ ଲିମିଟେଡ୍‌ରେ ନିର୍ଦ୍ଦେଶକ (ପ୍ରକଳ୍ପ)**
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି **୦୫ ମେ, ୨୦୨୫** (୧୫.୦୦ ଘଟିକା ସୁଦ୍ଧା)
ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ଫର୍‌ୱାର୍ଡ କରାଯିବାର ଶେଷ ତାରିଖ ହେଉଛି **୧୪ ମେ, ୨୦୨୫** (୧୭.୦୦ ଘଟିକା ସୁଦ୍ଧା)।
ବିବରଣୀ ପାଇଁ https://pesb.gov.in ରେ ଲଗ୍ ଇନ୍ କରନ୍ତୁ।
CBC 40110/12/0001/2526

# ସ୍ୱର୍ଗତ କିଶୋର ମହାନ୍ତି ଜୟନ୍ତୀ ପାଳିତ

**ବ୍ରଜରାଜନଗର/ଝାରସୁଗୁଡ଼ା, ୧୨।୪ (ବିଜୟ ବରାଡ଼/ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାର ପୂର୍ବତନ ବାଚସ୍ପତି ତଥା ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ୬୭ତମ ଜୟନ୍ତୀ ଶନିବାର ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡଠାରେ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ତଥା ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ବ୍ରଜରାଜନଗର ଖଲିଆକାନିଠାରେ ଥିବା କିଶୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଅସହାୟ ଲୋକଙ୍କୁ ଫଳ, ବେଡ଼ସିଟ ତଥା ବିଭିନ୍ନ ଖାଇବା ସାମଗ୍ରୀ ପ୍ରଦାନ କରିଥିଲେ। ପୂର୍ବତନ ନଗର ସଭାପତି ତଥା ବରିଷ୍ଠ ନେତା କୁଳମଣି ଦାସଙ୍କ ସଭାପତିତ୍ୱରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ବ୍ରଜରାଜନଗର କ୍ଷେତ୍ରର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ, ପୂର୍ବତନ ନଗର ସଭାପତି ରାଧାକାନ୍ତ ପ୍ରଧାନ, ନୃପ ତାଣ୍ଡି, ଗୋବିନ୍ଦ ସାହୁ, ବାବୁଲା ମିଶ୍ର, ସୂରଜ କଣ୍ଟା, ଚିନ୍ତାମଣି ଦାସ, ପ୍ରମିଳା ରାୟ, ଚୌଧୁରୀ ଭାନୁ. ସିଂ, ସଦାଶିବ ବିଶି, ମନୋରମା ଓ ଦୁର୍ଗସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁଣି ବେଲପାହାଡ ଯାଇ ଠକରବାବା ଆଶ୍ରମରେ ବୃଦ୍ଧବୃଦ୍ଧାମାନଙ୍କୁ କପଡା, ଫଳ ଓ ଖାଇବା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଜୟନ୍ତୀ ପାଳନ ଅବସରରେ ଜିଲା ଯୁବ ବିଜେଡି ସଭାପତି ପ୍ରଶାନ୍ତ ଜେନା, ପ୍ୟାରେଲାଲ ଶ୍ରୀବାସ୍ତବ, ଅରୁଣ ଚଇନି, ମିତ୍ରଭାନୁ ସାହୁ, କିଶୋର ଅଗ୍ରୱାଲ, ଯଜ୍ଞସେନୀ ଓରାମ, ଶମ୍ଭୁ ମହାନ୍ତି ତଥା ଜିଲାର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



କିଶୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ଉପସ୍ଥିତ ଅତିଥି।

## ଲଖନପୁର ବ୍ଲକରେ ଚଇତ୍ର ପୂର୍ଣ୍ଣିମା ପୂଜା

**ଲଖନପୁର, ୧୨।୪ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ବିଭିନ୍ନ ଗାଁରେ ଚଇତ୍ର ପୂର୍ଣ୍ଣିମା ଉପଲକ୍ଷେ ଗ୍ରାମ୍ୟ ଦେବଦେବୀଙ୍କୁ ଗ୍ରାମର ମଙ୍ଗଳ ପାଇଁ ବିଶିଷ୍ଟ ପୂଜାର୍ଚ୍ଚନା କରାଯାଇଛି। ଗ୍ରାମ ଝାଙ୍କର ଦ୍ୱାରା ଏହି ପୂଜାର୍ଚ୍ଚନା କରାଯାଇଥାଏ। ଲଖନପୁର ବ୍ଲକ ସୀମାନ୍ତ ଲୁହାବଗା ଗାଁରେ ଗ୍ରାମ ଝାଙ୍କର ବୁଧୁ ସିଦାର ଗ୍ରାମ୍ୟ ଦେବଦେବୀଙ୍କୁ ଗ୍ରାମର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ ପରିଚାଳନା ସଭାପତି ଗୌତମ ସାହୁ, ସଦସ୍ୟ ଭୁବନେଶ୍ୱର ପଧାନ, ଭୋଳା ଧୂରୁଆଙ୍କ ସମେତ ଗ୍ରାମବାସୀ ପୂଜାର୍ଚ୍ଚନାରେ ସାମିଲ ଥିଲେ।

# ୧୪ କୁଇଣ୍ଟାଲ ମହୁଲ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ





ଗିରଫ ଅଭିଯୁକ୍ତ, ଜବତ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍।

**ଦେବଗଡ଼, ୧୨।୪ (ଶଶାଙ୍କ ଶେଖର ଝାଙ୍କର)**

**ଅବକାରୀ ବିଭାଗ ଚଢ଼ାଉ**

ଦେବଗଡ ଥାନା ଅନ୍ତର୍ଗତ ଧୋବଲିପଥର ଗ୍ରାମରେ ବିନା ଲାଇସେନ୍ସରେ ବେଆଇନ ମହୁଲ ସଂଗ୍ରହ ବେଳେ ଅବକାରୀ ବିଭାଗ ଚଢ଼ାଉ କରି ୧୪ କୁଇଣ୍ଟାଲ ମହୁଲ ଜବତ କରାଯିବା ସହ ବ୍ୟବହୃତ ଏକ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ସେହିପରି ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ଚାଳକ ଜଣକ ରିଆମାଳ ଥାନା ଗୁଣ୍ଡିଆପାଲି ଗ୍ରାମର ଲିପୁନ ସାହୁ। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଥାନା ଅନ୍ତର୍ଗତ ଧୋବଲିପଥର ଗ୍ରାମରେ ବେଆଇନ ଭାବେ ମହୁଲ ସଂଗ୍ରହ କରାଯାଉଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା। ପରେ ଦେବଗଡ଼ ମୋବାଇଲ ଅବକାରୀ ଇନ୍ସପେକ୍ଟର ଟେଲେସ୍ଫୋର ଲାକରା ଓ ସବ୍‌ଇନ୍ସପେକ୍ଟର ଶଶୀକାନ୍ତ ରାଉତ ସଦଳବଳେ ଚଢ଼ାଉ କରି ମହୁଲ ସଂଗ୍ରହ କରୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୧୫ଆର୍-୮୭୪୯)ର ଚାଳକଙ୍କୁ ପଚରାଉଚରା କରିଥିଲେ। ତେବେ ଚାଳକ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ମହୁଲ ସଂଗ୍ରହ ସମ୍ପର୍କୀତ ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଅବକାରୀ ବିଭାଗ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲା। ଗିରଫ ଚାଳକଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି।

**झारखण्ड सरकार**
**झारखण्ड खनिज क्षेत्र विकास प्राधिकार, धनबाद।**
(लुबी सर्कुलर रोड, हीरापुर धनबाद 826001)

**ई–प्रोक्योरमेन्ट सूचना अति अल्पकालिन (प्रथम आमंत्रण)**

ई–निविदा सूचना संख्या – **04/JMADA/2025-26** धनबाद, दिनांक – **11-04-2025**

| | | |
|---|---|---|
| 1 | निविदा आमंत्रित करने वाले पदाधिकारी का नाम/पदनाम :- प्रबंध निदेशक, झारखंड खनिज क्षेत्र विकास प्राधिकार, धनबाद। | |
| 2 | वेबसाइट पर निविदा प्रकाशन की तिथि | 16-04-2025 समय 02.00 बजे अपराहन् तक |
| 3 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 05-05-2025 समय 04.00 बजे अपराहन् तक |
| 4 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 05-05-2025 समय 04.00 बजे अपराहन् तक |
| 5 | तकनीकी बिड खोलने की तिथि एवं समय | 06-05-2025 समय 05:00 बजे अपराहन् |
| 6 | तकनीकी बिड खोलने का स्थान | तकनीकी सदस्य का कार्यालय झारखण्ड खनिज क्षेत्र विकास प्राधिकार, धनबाद। |
| 7 | निविदा आमंत्रित करने के सम्बन्ध में विशेष जानकारी हेतु सम्पर्क संख्या– | 9939842423 / 8789532628 |

| | कार्य का नाम | प्राक्कलित राशि (रू० में) | अग्रधन की राशि 2% | परिमाण विपत्र का मूल्य (रू० में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation, Testing and Commissioning of 3 MVA 11KV /3.3KV Copper Wound Out Door Type Power Transformer & its allied work at Damodar Head Works Jamadoba under JMADA, Dhanbad. | 1,29,33,000.00 | 2,58,700.00 | 10,000.00 | 06 माह |

नोट – केवल ई निविदा ही स्वीकार किये जायेंगे।
❖ उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
❖ ऐसे संवेदक जिन्हें नगर विकास एवं आवास विभाग, झारखंड का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व नगर विकास एवं आवास विभाग, झारखण्ड, में निबंधन पत्र प्राप्त कर लेना होगा।
❖ निविदा की सूचना तथा नियम शर्तो की जानकारी कार्यपालक अभियंता (जलापूर्ति), झारखंड खनिज क्षेत्र विकास प्राधिकार, धनबाद कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

ह0/–
कार्यपालक अभियंता,
झमाडा, धनबाद।
PR 350274 (Drinking Water and Sanitation) 25-26 (D)

obcc No. CAD-99
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ.**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
No. 3776 Date: 10.04.25
File: SMT-2055 (Vol-II)

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Development and Beautification of Pathra Puskarinee near Alam Chandi Mandir, Puri under ABADHA Scheme |
| 2. | Bid Identification No. | : | 02/Tender/OBCC/2025-26 |
| 3. | Class of Contractor | : | "A" Class |
| 4. | Bid Processing Fee (Only in Online Mode) | : | Rs.11,800 (Including GST) |
| 5. | Date of availability of bid document in e-procurement portal | : | From Dt.15.04.2025 |
| 6. | Last date & time of receipt of online bid | : | Upto 05.00 P.M. of Dt.24.04.2025 |
| 7. | Date of Bid Opening | : | 25.04.2025 at 11.30 A.M. |
| 8. | Project Completion Duration | : | 6 (Six) Calendar Months |
| 9. | Further details can be seen from the e-Procurement portal **https://www.tendersodisha.gov.in**. | | |
| 10. | OBCC has the right to accept or reject the Notice/ DTCN without assigning any reasons thereof. | | |

Sd./- EIC-cum-Managing Director
OIPR-34106/11/0017/2526

**୧୭ରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିବ ବିଜେଡି**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସବୁ ଏମ୍ପି, ବିଧାୟିକା ବିଧାୟକ, ନିର୍ବାଚନମଣ୍ଡଳୀର ସମସ୍ତ କର୍ମକର୍ତ୍ତା, ଜିଲା ପରିଷଦ ସଭାପତି, ବ୍ଲକ୍ ଓ ନଗର ଅଧ୍ୟକ୍ଷ, ବ୍ଲକ୍ ଓ ନଗର ସଭାପତିମାନଙ୍କୁ ଶନିବାର ଚିଠି ଲେଖି ଅବଗତ କରାଇଛନ୍ତି। କାର୍ଯ୍ୟକ୍ରମ ପାଳନ ପରେ ଏହାର ଫଟୋଚିତ୍ର ଶଙ୍ଖ ଭବନ ହ୍ୱାଟ୍ସଆପ୍ ନମ୍ବରରେ ପଠାଇବାକୁ ନବୀନ କହିଛନ୍ତି।





ପୁରୀସ୍ଥିତ ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିର ପରିସରରେ ଶନିବାର ଆୟୋଜିତ ଭାଜପାର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଦଳୀୟ ମନ୍ତ୍ରୀ, ଏମ୍ପି ଏବଂ ବିଧାୟକମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ପାଣ୍ଡିଆନ୍‌ଙ୍କୁ ପ୍ରଥମେ ବିରୋଧ କରିଥିଲି: ପାଟଶାଣୀ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ବିଜେଡିରେ ଥିବାବେଳେ ଦଳର ସଭାପତି ନୀବନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତା ଭି.କେ. ପାଣ୍ଡିଆନ୍‌ଙ୍କୁ କେହି ବିରୋଧ କରିପାରୁ ନ ଥିଲେ। ତେବେ ସେତେବେଳେ ତାଙ୍କୁ ପ୍ରଥମେ ସେ ହିଁ ବିରୋଧ କରିଥିବା କହିଛନ୍ତି ଭାଜପା ନେତା ତଥା ପୂର୍ବତନ ଏମ୍ପି ପ୍ରସନ୍ନ ପାଟଶାଣୀ। ୱାକ୍‌ଫ ବିଲ୍ ସପକ୍ଷରେ ରାଜ୍ୟ ସଭାରେ କେତେଜଣ ବିଜେଡି ସଦସ୍ୟଙ୍କ ଭୋଟିଂକୁ ନେଇ ନବୀନଙ୍କୁ ଦଳ ଭିତରୁ ଓ ବାହାରୁ ଟାର୍ଗେଟ କରାଯାଉଥିବାବେଳେ ଶନିବାର ଭାଜପା ନେତା ପାଟଶାଣୀ ମୁହଁ ଖୋଲି ବର୍ଷିଛନ୍ତି। ପାଟଶାଣୀ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ତାଙ୍କ ସହଯୋଗୀ ପାଣ୍ଡିଆନ୍‌ଙ୍କ କଥାରେ ଭୀଷଣ ମିଛ କହୁଛନ୍ତି। ପାଣ୍ଡିଆନ୍ ରାଜନୀତିରୁ ସନ୍ୟାସ ନେବା କଥା କହିବା ସବୁଠାରୁ ବଡ଼ ମିଛ।



ପ୍ରସନ୍ନ ପାଟଶାଣୀ

ପାଣ୍ଡିଆନ୍‌ଙ୍କ ଯୋଗୁ ବିଜେଡି ନିର୍ବାଚନ ହାରିଛି। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପରବୁଦ୍ଧିରେ ବାଟ ଚାଲିଲେ ଘର ଭାଙ୍ଗିବ। ପାଣ୍ଡିଆନ୍ ପାଇଁ ବିଜେଡିର ଏପରି ବିପର୍ଯ୍ୟୟ। ତଥାପି ନବୀନ କାହିଁକି ପାଣ୍ଡିଆନ୍‌ଙ୍କୁ ଛାଡ଼ିପାରୁ ନାହାନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି। ଲୋକମାନେ ବିଜେଡିକୁ ଫୋପାଡ଼ିଦେଲେ। ପାଣ୍ଡିଆନ୍‌ଙ୍କ ପାଖରେ କ'ଣ ଅଛି ନବୀନ ତାଙ୍କୁ ଡରୁଛନ୍ତି। ବିଜେଡିରେ ଏବେ ବି ବିଭୀଷଣ ଷଡ଼ଯନ୍ତ୍ର ଚାଲିଛି। ତାଙ୍କ ବିରୋଧରେ ମଧ ଷଡ଼ଯନ୍ତ୍ର ହୋଇଥିଲା। ପ୍ରଥମେ ସେ ପାଣ୍ଡିଆନ୍‌ଙ୍କୁ ବିରୋଧ କରିଥିଲେ। ଚିଲିକାରୁ ଟିକେଟ ଚାହୁଁଥିଲେ, ଶେଷ ସମୟରେ ତାଙ୍କୁ ବାଦ୍ ଦିଆଗଲା। ଏବେ ପ୍ରଭାତ ତ୍ରିପାଠୀଙ୍କୁ ନେଇ ନବୀନଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ନେତାଙ୍କୁ ତାଗିଦ କରିବା ଅଧିକାର କାହାର ନାହିଁ। ନବୀନଙ୍କ ଚେତାବନୀ କିଛି କାମ କରିବନାହିଁ। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପାଣ୍ଡିଆନ୍ ଆସିବା ଦିନଠାରୁ ଦଳ ଧ୍ୱଂସ ପାଇଗଲା। ନବୀନବାବୁ ସବୁବେଳେ ପାଣ୍ଡିଆନ୍‌ଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ମାର୍କେଟ ଗଲା ବୋଲି ପାଟଶାଣୀ କହିଛନ୍ତି। ତେବେ ପାଟଶାଣୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ତାଙ୍କ ଦଳରେ କେଉଁଠି ଅସନ୍ତୋଷ ନାହିଁ। ପାଟଶାଣୀବାବୁ ବିଜେଡିରେ ଥିବାବେଳେ ଦଣ୍ଡ ଧରି ତାଙ୍କ ଦଳ ଦଉଡ଼ିକୁ ସମ୍ଭାଳିଥିଲେ। ଯୁଆଡ଼େ ଗଲେ ବି ତାଙ୍କ ଦଣ୍ଡର ପ୍ରଭାବ ରହିବ ବୋଲି ଦେବୀ କହିଛନ୍ତି।

# ହୁଇସିଲ୍ ଫୁଙ୍କିଲେ ଭାଙ୍ଗିଯିବ ବିଜେଡି: ଜୟନାରାୟଣ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ଭାଜପା ହୁଇସିଲ୍ ଫୁଙ୍କିଲେ ବିଜେଡି ଭାଙ୍ଗିଯିବ। ଆମେମାନେ ହୁଇସିଲ୍ ଅପେକ୍ଷାରେ ରହିଛୁ। ଯେଉଁଦିନ ଫୁଙ୍କା ହେବ ସେଦିନ ବିଜେଡି ଗୋଲ୍ ହୋଇଯିବ। ତାସ୍ ପତା ଭଳି ବିଜେଡି ଭାଙ୍ଗିଯିବ। ବିଜେଡି ଲୋପ ପାଇବା ବିଜେଡିର ଇଚ୍ଛାଧୀନ ବ୍ୟାପାର। ବିଜେଡିର ସମସ୍ତେ ଯୋଗାଯୋଗରେ ଅଛନ୍ତି, ଆଗକୁ ଅନେକ କଥା ଘଟିବ ବୋଲି ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି, ରାଜ୍ୟର ଖଣି, ପାଣି ସବୁ ପାଣ୍ଡିଆନ୍ ଲୁଟ୍ କରିଛନ୍ତି। ସେହି ଲୋକକୁ ଛଡ଼ାଯିବା ଉଚିତ ନୁହେଁ। ବିଜେଡି ନେତାମାନେ ଏବେ ତାଙ୍କ ବିରୋଧରେ ଯେଉଁ ମୁହଁ ଖୋଲୁଛନ୍ତି ସେମାନଙ୍କୁ ସେ ସାହସ ଦେଇଛନ୍ତି। ଦୀର୍ଘଦିନ ଧରି ପାଣ୍ଡିଆନ୍‌ଙ୍କୁ ନେଇ ବିଜେଡି ନେତାମାନେ ନିଜର ଅସନ୍ତୋଷ ଚାପି ରଖିଥିଲେ। ଏବେ ସେଗୁଡିକ ଉଗ୍ରରୂପ ଧାରଣ କରି ବାହାରକୁ ବାହାରୁଛି। ଆଗକୁ ଅଧିକ ବାହାରିବା ଦରକାର। ଅଧିକ ବାହାରିଲେ ସେ ଲୋକ ଏକ୍ସପୋଜ ହେବ। ପାଣ୍ଡିଆନ୍ ଓ ନବୀନଙ୍କ ଭିତରେ କ'ଣ କେମିଷ୍ଟ୍ରି ରହିଛି ଜାଣିନି। ସେ ଲୋକ ପାଇଁ ଦଳ ଏତେ ବୁଡ଼ିଲା ପରେ ବି ନବୀନଙ୍କ ବୁଦ୍ଧି ଉଦୟ ହେଉନାହିଁ ଅର୍ଥ ସେମାନଙ୍କ ଭିତରେ କିଛି ପ୍ରୀତି ମଧୁର ରହିଥିବ ବୋଲି ଜୟନାରାୟଣ କହିଛନ୍ତି।

# ଭାଜପା ସରକାର ବିରୋଧରେ ଆନ୍ଦୋଳନ କରିବ ଯୁବକଂଗ୍ରେସ: ମହେଶ

ଭୁବନେଶ୍ୱର, ୧୨।୪(ସୁନିତ୍ ମିଶ୍ର)

ଓଡ଼ିଶାର ଭାଜପା ସରକାର ବିରୋଧରେ ଯୁବକଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ୧୦ ମାସ ଅତିବାହିତ ହେଲାପରେ ମଧ ରାଜ୍ୟର ଭାଜପା ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ଅସମର୍ଥ ହୋଇଛି। ମହିଳାଙ୍କୁ ସୁରକ୍ଷିତ ଓ ସ୍ୱାବଲମ୍ବୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ମହିଳା ନିର୍ଯାତନା, ବଳାତ୍କାର ଅନିୟନ୍ତ୍ରିତ ହୋଇପଡ଼ିଛି। ସେହିପରି ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସ୍ମାର୍ଟମିଟର ଲଗାଇ ଶୋଷଣ କରିବା ସହ ବାରମ୍ବାର ବିଜୁଳି କାଟ ଚାଲିଛି। ମାଗଣା ବିଜୁଳି କଥା ଆଉ ମୁହଁରେ ଧରୁନାହାନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖ କହିଛନ୍ତି।

ଯୁବକଂଗ୍ରେସ ପ୍ରଭାରୀ ମହେଶଙ୍କୁ କଂଗ୍ରେସ ଭବନଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲା ଯୁବ କଂଗ୍ରେସ ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାଙ୍କ ବୈଠକରେ ଯୋଗଦେଇ ସେ କହିଛନ୍ତି, ରାଜ୍ୟର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜରେ ୫୦%ରୁ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ଚାଷୀ ଓ ଚାଷ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିନା କଟ୍‌ନି ଛଟ୍‌ନିରେ ଚାଷୀର ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଏବେ କଟ୍‌ନି ଛଟ୍‌ନି କରି ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ମହେଶ କହିଛନ୍ତି।



ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ମହେଶ ଦେଶମୁଖଙ୍କୁ କଂଗ୍ରେସ ଭବନଠାରେ ଯୁବକଂଗ୍ରେସ ନେତାମାନେ ସ୍ୱାଗତ କରୁଛନ୍ତି।

# ଜିଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର

ଭବାନୀପାଟଣା,୧୨।୪(ଉତ୍ତମ କୁମାର ଦାଶ)

**ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ**

ଓଡ଼ିଶା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଶନିବାର ଭବାନୀପାଟଣା ସହରସ୍ଥିତ ଅଗ୍ରସେନ ଭବନଠାରେ ଜିଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ସଂଗଠନର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚିନ ନାଏକ, ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ଉପାଧ୍ୟକ୍ଷ ନିମାଇଁ ସରକାର, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ନବରଙ୍ଗପୁର ପୂର୍ବତନ ଜିଲା ସଭାପତି ମୁନା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ତାଲିମ ଦେଉଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ ମଞ୍ଚ ପରିଚାଳନା କରିଥିବାବେଳେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ ସହଯୋଗ କରିଥିଲେ। ଶିବିରରେ ଜିଲାର ପ୍ରତି ବ୍ଲକ ଓ ଜୋନ ସ୍ତରରୁ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ସମେତ ରାଜ୍ୟ ଓ ଜାତୀୟ ସ୍ତରର ପଦାଧିକାରୀ ଯୋଗ ଦେଇଛନ୍ତି। ରବିବାର ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

## Business

# ଭୁବନେଶ୍ୱରରେ ରୁପା କିଲୋ ୧.୧୦ ଲକ୍ଷ

ଭୁବନେଶ୍ୱର,୧୨।୪ (ଅଭୟ ଦାଶ)

ଘରୋଇ ବଜାରରେ କ୍ରମାଗତ ଭାବେ ସୁନା ଓ ରୁପାର ମୂଲ୍ୟ ବୃଦ୍ଧି ପାଇଚାଲିଛି। ଏପରିକି ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ବେଳେ ରୁପା ଦର କିଲୋଗ୍ରାମ ପିଛା ୧.୧୦ ଲକ୍ଷ (୧,୧୦,୦୦୦ ଟଙ୍କା)ରେ କାରବାର ହେଉଛି।

ଅପରପକ୍ଷରେ ବୈଶ୍ୱିକ ସ୍ତରର ଯୁଦ୍ଧ ପରିସ୍ଥିତି ଏବଂ ଚାଇନା ଓ ଆମେରିକାର ତିକ୍ତତା ସାଙ୍ଗକୁ ନୂଆ ଟାରିଫ୍, ବାଣିଜ୍ୟ ନୀତି ସହ ଉତ୍ପାଦନରେ ହ୍ରାସର ପ୍ରଭାବ ଯୋଗୁ ସୁନା, ରୁପାର ଦର ବୃଦ୍ଧି ହେଉଛି। ସେହିଭଳି ଫେଡେରାଲର ରିଜର୍ଭର ସୁଧହାର ବୃଦ୍ଧି ଏବଂ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତିର ପ୍ରଭାବ ଭାରତୀୟ ବଜାରରେ ସିଧାସଳଖ ପ୍ରଭାବ ପକାଉଛି।

ଉଲ୍ଲେଖଯୋଗ୍ୟ, ଶନିବାର ଭୁବନେଶ୍ୱରରେ ରୁପା ଦର କିଲୋପିଛା ୧.୧୦ ଲକ୍ଷ ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୫,୫୮୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୭,୭୦୦ ଟଙ୍କାରେ କାରବାର ହେଉଛି। ଏପରିକି ରାଜ୍ୟର ପ୍ରମୁଖ ସହର କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଝାରସୁଗୁଡା, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ବରଗଡ଼, କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ଭଳି ସହରର ରୁପା କିଲୋ ପିଛା ୧.୮ରୁ ୧.୧୦ ଲକ୍ଷ ମଧ୍ୟରେ କାରବାର ହେଉଛି ବୋଲି ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ନୂଆଦଲ୍ଲୀରେ ରୁପା କିଲୋଗ୍ରାମ ପିଛା ୯୪,୩୩୦ ଟଙ୍କା ରହିଥିଲାବେଳେ ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳି ପ୍ରମୁଖ ମହାନଗରରେ ରୁପା କିଲୋଗ୍ରାମ ପିଛା ୯୪,୪୯୦ ଟଙ୍କା, ୯୪,୭୬୦ ଟଙ୍କା ଏବଂ ୯୪,୩୬୦ ଟଙ୍କାରେ କାରବାର ହେଉଛି। ଉପରୋକ୍ତ ମହାନଗରଗୁଡ଼ିକରେ ସୁନା ଦର ୯୪,୦୦୦ ରୁ ୯୬,୦୦୦ ଟଙ୍କାରେ ପହଞ୍ଚିଛି।



# ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ

ମୁମ୍ବାଇ, ୧୨।୪

ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ନୂତନ ଅଭିଯାନ 'ରଙ୍ଗୋ କା ଖେଲ ୨.୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ୨୦୨୫ ପାଇଁ ଏହି ନୂତନ ଅଭିଯାନ ଆରମ୍ଭ ହୋଇଛି। ପୂର୍ବ ଅଭିଯାନର ସଫଳତାକୁ ଆଧାରକରି ନୂତନ ସଂସ୍କରଣରେ ରଙ୍ଗ, ସାମୂହିକ ଭାବନା ଏବଂ ଚର୍ଚ୍ଚିତ ଚେହେରାର ମିଶ୍ରଣ ସହିତ ସିନେମା ଏବଂ ଉତ୍ସବର ଅନୁଭୂତିକୁ ଉନ୍ନତ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ୍‌ର ଯୁଗ୍ମ ଏମ୍‌ଡି ତଥା ସିଇଓ ସୁନ୍ଦରେସନ ଏଏସ୍ କହିଛନ୍ତି, କ୍ରିକେଟ ଆଜି ରଙ୍ଗ ଓ ଭାବନାର ଏକ ଶକ୍ତିଶାଳୀ ପର୍ବ । ରଙ୍ଗୋ କା ଖେଲ ୨.୦' ଜରିଆରେ ଆମେ ଲକ୍ଷ ଲକ୍ଷ କ୍ରିକେଟ୍ ପ୍ରଶଂସକଙ୍କ ସହ ଆମର ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ। କ୍ରିକେଟ କିମ୍ବଦନ୍ତୀ, ଗୋଷ୍ଠୀ ସଦ୍‌ଭାବନା ଏବଂ ଆମର ଜୀବନ୍ତ ପରିସର ସହିତ ଆମେ ଜାଣିବାକୁ ଚାହୁଁଥିଲୁ।

# ଏଫ୍‌ଆଇଭିବି ପ୍ରଶାସନିକ ବୋର୍ଡରେ ଈଶା

ମୁମ୍ବାଇ, ୧୨।୪

ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ(ଏଫ୍‌ଆଇଭିବି)କୁ ବିଶିଷ୍ଟ ମହିଳା ଉଦ୍ୟୋଗୀ ଈଶା ଅମ୍ବାନୀ ମନୋନୀତ ହୋଇଛନ୍ତି। ଏପରିକି ୨୦୨୪–୨୮ ଅଲିମ୍ପିକ୍ ଚକ୍ର ପାଇଁ ଈଶା ଅମ୍ବାନୀ ଏବଂ ଲୁଇସ୍ ବାଓ଼େନ୍‌ଙ୍କୁ ଏଫ୍‌ଆଇଭିବିର ପ୍ରଶାସନିକ ବୋର୍ଡରେ ନିଯୁକ୍ତ କରାଯାଇଛି, ଯାହା ସଙ୍ଗଠନର ସର୍ବୋଚ୍ଚ ସ୍ତରରେ ତାଜା ଦୃଷ୍ଟିକୋଣ, ବ୍ୟବସାୟିକ ବୁଦ୍ଧି ଓ କୌଶଳ ଏବଂ ଖେଳାଳି ପ୍ରତିନିଧିତ୍ୱ ଆଣିଛି। ସେହିଭଳି ଈଶା ଏବଂ ଲୁଇସ୍‌ଙ୍କୁ ଏଫ୍‌ଆଇଭିବି ସମ୍ବିଧାନର ଧାରା ୨.୪.୧.୫ ଅନୁଯାୟୀ ନିଯୁକ୍ତ କରାଯାଇଛି, ଯାହା ଏଫ୍‌ଆଇଭିବି ସଭାପତିଙ୍କୁ ବିଭିନ୍ନ ବର୍ଗରେ ପ୍ରାୟ ୪ ଜଣ ଅତିରିକ୍ତ ବୋର୍ଡ ସଦସ୍ୟଙ୍କୁ ଚୟନ କରିବାକୁ ଅନୁମତି ଦେଇଥାଏ। ଏହା ଦୃଷ୍ଟିକୋଣର ବ୍ୟାପକତା ସୁନିଶ୍ଚିତ କରିବା ସହ ବୋର୍ଡର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିଛି। ସେହିପରି ଈଶା ଅମ୍ବାନୀ ଏଫ୍‌ଆଇଭିବି ବୋର୍ଡରେ ସଂଖ୍ୟାଲଘୁ ଲିଙ୍ଗ ବର୍ଗର ପ୍ରତିନିଧିତ୍ୱ କରୁଥିବା ନିଯୁକ୍ତ ସଦସ୍ୟ ଭାବେ ଯୋଗଦାନ କରିଛନ୍ତି। ବ୍ୟବସାୟ ଜଗତର ନେତୃତ୍ୱ ନେଉଥିବା ସଫଳ ବ୍ୟକ୍ତି ଭାବେ ଈଶା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନେତୃତ୍ୱର ଏକ ଅଂଶ ଏବଂ ରିଲାଏନ୍ସ ରିଟେଲ ସମେତ ଅନେକ ଗ୍ରୁପ୍ କମ୍ପାନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେଠାରେ ସେ କମ୍ପାନୀର ବ୍ୟାପକ ଅଭିବୃଦ୍ଧିର ନେତୃତ୍ୱ ନେଇଛନ୍ତି ଏବଂ ପ୍ରମୁଖ ଡିଜିଟାଲ ଏବଂ ଇ–କମର୍ସ ପଦକ୍ଷେପଗୁଡିକୁ ଆଗକୁ ବଢ଼ାଉଛନ୍ତି। ଏଥିସହ ଈଶା କମ୍ପାନୀର ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।



ଈଶା ଅମ୍ବାନୀ

# ସେନେସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୨।୪

ଦେଶର ପ୍ରମୁଖ ତଥା ପ୍ରିମିୟମ ହୀରା ବ୍ରାଣ୍ଡ 'ସେନେସ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେନେସ୍ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ସେନେସ୍ ହେଉଛି, ସେନ୍‌କୋ ଗୋଲ୍ଡର ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହା ୮୫ ବର୍ଷରୁ ଅଧିକ ସମୟ ଧରି ନିଜର ସମୃଦ୍ଧ କାରିଗରି ପାଇଁ ଜଣାଶୁଣା। ଏହି ବ୍ରାଣ୍ଡରେ ଅନେକ ପ୍ରକାର ଉତ୍କୃଷ୍ଟ ଅଳଙ୍କାର ଖଣ୍ଡ ସାମିଲ ରହିଛି, ଯାହା ସ୍ଥାୟିତ୍ୱର ଭାବକୁ ଦର୍ଶାଉଛି। ଇଟାଲୀୟ ଡିଜାଇନ ଏବଂ ଭାରତୀୟ କାରିଗରିର ଏକ ଅନନ୍ୟ ମିଶ୍ରଣ ସହ ସେନେସ୍ ଉପଭୋକ୍ତା/ଗ୍ରାହକ/ଆପଣଙ୍କୁ ବିଳାସ ଏବଂ ମୌଳିକତାର ଜୀବନଶୈଳୀ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛି। ଏହି ବ୍ରାଣ୍ଡ ବିଭିନ୍ନ ଡିଜାଇନ, ସୁନ୍ଦର ସେଟିଂରେ ଲାବ୍ ଉତ୍ପାଦିତ ହୀରା ପ୍ରଦାନ କରୁଛି। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆଧୁନିକ ବିଳାସକୁ ଗ୍ରହଣ କରିବା ସହିତ ଭାରତର ଅତୁଳନୀୟ କାରିଗରୀକୁ ସଂରକ୍ଷଣ ଓ ପାଳନ କରିବା ପାଇଁ ସେନେସ୍ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିଭଳି ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ କହିଛନ୍ତି, ଭୁବନେଶ୍ୱରର ଉତ୍କଳ କନିକା ଗାଲେରିଆ ମଲ୍‌ରେ ଆଜି ଆମର ସେନେସ୍ ଶୋ'ରୁମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହାଉସ୍ ଅଫ୍ ସେନେସ୍ ପକ୍ଷରୁ ଗ୍ରାହକଙ୍କ ଶପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଅନେକ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି। ଏପରିକି ଗ୍ରାହକମାନେ ଚମଡ଼ା ବ୍ୟାଗ୍ ଏବଂ ଆକ୍ସେସରିଜ୍ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ଲାବ୍‌ରେ ପ୍ରସ୍ତୁତ ହୀରାର ଏମ୍‌ଆର୍‌ପି ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ।

# ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

ମୁମ୍ବାଇ, ୧୨।୪

ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ତିରୁପତି କଲେକ୍ସନ' ସହ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ତିରୁପତିର ପବିତ୍ର ଭୂମିକୁ ଶ୍ରଦ୍ଧାଞ୍ଜଳି ଅର୍ପଣକରି ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର ସଂଗ୍ରହ ଏବଂ ଜୁଏଲ୍ସ ଅଫ୍ ଇଣ୍ଡିଆର ୧୦ମ ସଂସ୍କରଣରେ 'ତିରୁପତି କଲେକ୍ସନ'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ସେହିଭଳି ସୂକ୍ଷ୍ମ କଳାକୌଶଳରେ ନିର୍ମିତ ଏହି ଡିଜାଇନଗୁଡ଼ିକ ଭଗବାନ ବାଲାଜୀଙ୍କ ଆଧ୍ୟାତ୍ମିକ ମହିମା, ପବିତ୍ର ତିରୁମାଲା ପାହାଡ଼ ଏବଂ ଶ୍ରୀନିବାସ କଲ୍ୟାଣମର ସୁନ୍ଦର ଆକର୍ଷଣକୁ ପ୍ରଦର୍ଶିତ କରୁଛି। ଏହା ରାଜକୀୟ ଚୋକର୍ସ ହେଉ କିମ୍ବା ଆକର୍ଷଣୀୟ ଲମ୍ବା ହାର, ସୂକ୍ଷ୍ମ ହସ୍ତଶିଳ୍ପ ତିଆରି ଚୁଡ଼ି କିମ୍ବା ସୁନ୍ଦର ଭାବେ କାରୁକାର୍ଯ୍ୟପୂର୍ଣ୍ଣ କାନଫୁଲ, ପ୍ରତ୍ୟେକ ଅଳଙ୍କାର ମନ୍ଦିର ପରମ୍ପରାର କଳାତ୍ମକତାକୁ ପ୍ରତିଫଳିତ କରୁଛି, ଯାହା ଆଧୁନିକତା ସହିତ ସହଜ ଭାବରେ ଖାପ ଖୁଆଉଛି। ଏହାର ଉତ୍କୃଷ୍ଟ ସୃଷ୍ଟି ବ୍ୟତୀତ ଜୁଏଲ୍ସ ଅଫ୍ ଇଣ୍ଡିଆ–ତିରୁପତି' କଲେକ୍ସନରେ ଭଗବାନ ବାଲାଜୀଙ୍କ ପବିତ୍ର ତତ୍ତ୍ୱକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏବଂ ହାଲୁକା ଓ ପିନ୍ଧିବା ଯୋଗ୍ୟ ଅଳଙ୍କାରର ଏକ ଶୃଙ୍ଖଳା ମଧ୍ୟ ଏଥିରେ ସାମିଲ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଅଳଙ୍କାର କେବଳ ଏକ ଆଭୂଷଣ ନୁହେଁ; ଏହା ଐତିହ୍ୟ, ବିଶ୍ୱାସ ଏବଂ ଦିବ୍ୟ ସମ୍ବନ୍ଧର ଏକ ଶାଶ୍ୱତ ଅଭିବ୍ୟକ୍ତି। ଜୁଏଲ୍ସ ଅଫ୍ ଇଣ୍ଡିଆ ତିରୁପତି କଲେକ୍ସନ ଭଗବାନ ବାଲାଜୀଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି, ଯାହାର ପ୍ରତ୍ୟେକ ଅଂଶରେ ତାଙ୍କର ଆଶୀର୍ବାଦ ସନ୍ନିହିତ ରହିଛି। ଏହା ଅକ୍ଷୟ ତୃତୀୟାର ଭାବନାକୁ ସୁନ୍ଦର ଭାବେ ପ୍ରସ୍ତୁତ କରୁଛି। ସେହିଭଳି ଆଗାମୀ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ସୀମିତ ଅବଧିର ଉତ୍ସବ ରିହାତି ପ୍ରଦାନ କରୁଛି। ସୁନା ଅଳଙ୍କାରରେ ଗଢା ମଜୁରି ଉପରେ ୨୫% ପର୍ଯ୍ୟନ୍ତ ରିହାତି ଏବଂ ହୀରା ଅଳଙ୍କାର ଉପରେ ୩୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ। ଗ୍ରାହକମାନେ ପୁରୁଣା ସୁନା ଉପରେ ୧୦୦% ବିନିମୟ ମୂଲ୍ୟର ଲାଭ ମଧ ନେଇପାରିବେ। ଏହି ଅଫର ୨୦୨୫ ମେ ୫ ପର୍ଯ୍ୟନ୍ତ ବୈଧ ରହିଛି।



# ବଜାରରେ ଲୟଡ୍‌ର 'ଲକ୍‌ଜୁରିଆ'

ମୁମ୍ବାଇ, ୧୨।୪

ଲୟଡ୍‌ର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲକ୍‌ଜୁରିଆ' କଲେକ୍ସନକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡର ଏହି ନୂତନ କଲେକ୍ସନକୁ ବଜାର ପ୍ରବେଶ ସହ ଉତ୍ପାଦନ ପରିସରକୁ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ଗତ ବର୍ଷର ସଫଳତା ଉପରେ ଆଧାରକରି ଲୟଡ୍ ତା'ର ଘିଲୋଥ ଓ ଶ୍ରୀ ସିଟି ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ବାର୍ଷିକ ୩ ନିୟୁତ ଏସିଏସ୍ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଲୟଡ୍ ଲକ୍‌ଜୁରିଆ ସଂଗ୍ରହ ଶ୍ରେଷ୍ଠ କାରିଗରି, ଅଭିନବ ପ୍ରଯୁକ୍ତିବିଦ୍ୟା ଓ ଶକ୍ତିଦକ୍ଷତା ସହ ଏହାର ଏସି ଗୁଡ଼ିକୁ ମଜଭୁତ କରିଥାଏ। ଏହି ସେଗମେଣ୍ଟ ଉପରେ ଧ୍ୟାନଦେଇ ଲୟଡ୍ ଆରାମ ଗୁଣବତ୍ତା ବୃଦ୍ଧିକରି ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏ ସମ୍ପର୍କରେ ହାଭେଲ୍ସ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗେଶ କୁମାର ଗୁପ୍ତା କହିଛନ୍ତି, ଲୟଡ୍ ସର୍ବଦା ନବସୃଜନ ପ୍ରତି ଧ୍ୟାନ ଦେଇଥାଏ। ଯେଉଁ କାରଣରୁ ଗତ ବର୍ଷର ସଫଳତା ଆମକୁ ପ୍ରିମିୟମ ବଜାରରେ ବ୍ରାଣ୍ଡର ସ୍ଥିତିକୁ ମଜଭୁତ କରିଥିଲା। ଲକ୍‌ଜୁରିଆ କଲେକ୍ସନ ହେଉଛି, ଚିନ୍ତାଶୀଳ ଭାବେ କ୍ୟୁରେଟେଡ୍ କୁଲିଂ ସମାଧାନ ପାଇଁ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଆମର ପ୍ରୟାସ। ଶ୍ରୀ ସିଟିରେ ଆମର ଉତ୍ପାଦନ କ୍ଷମତା ବଢାଇବା ହେଉଛି, ଆମର ବିଶ୍ୱାସ ଓ ଉଚ୍ଚ ଗୁଣବତା ମାନଦଣ୍ଡ ପ୍ରତି ସଜାଗ ରହିବା ସହ ଉପଯୁକ୍ତ ମୂଲ୍ୟରେ ଉତ୍ପାଦ ଯୋଗାଇବା ପ୍ରତି ଆମର ପ୍ରତିବଦ୍ଧତା।

ଲୟଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଆଲୋକ ଟିକୁ କହିଛନ୍ତି, ଏହା ଆମ ପାଇଁ ଏକ ବଡ଼ ମୁହୂର୍ତ୍ତ। ଆମେ ପ୍ରିମିୟମ ଏୟାର କଣ୍ଡିସନିଂ ବଜାରରେ ସ୍ତର ବୃଦ୍ଧି କରୁଛୁ। ଲକ୍‌ଜୁରିଆ କଲେକ୍ସନ ସହ ଶୁଭାରମ୍ଭ ହୋଇଥିବା ଉତ୍ପାଦଗୁଡ଼ିକ ଗ୍ରାହକଙ୍କ ପ୍ରାଥମିକତାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଉଲ୍ଲେଖ କରିବ। କେବଳ ଭଲ କାର୍ଯ୍ୟ ଦକ୍ଷତା ପାଇଁ ନୁହେଁ ବରଂ ଉପଯୁକ୍ତ ବିଳାସ ଓ ସୌନ୍ଦର୍ଯ୍ୟ ବୋଧ ପ୍ରତି ଆମ ଉତ୍ପାଦର ଏକ ସ୍ୱତନ୍ତ୍ରତା ପ୍ରଦାନ କରିବ।

# ୨ ବଳାତ୍କାରୀଙ୍କୁ ଏନ୍‌କାଉଣ୍ଟର

## କୋର୍ଟ ଚାଲାଣ ବେଳେ ବନ୍ଧୁକ ଛଡ଼ାଇ ଫେରାର ହେଉଥିଲେ

ଝାରସୁଗୁଡ଼ା,୧୨।୪
(ଆଶିଷ ରଞ୍ଜନ ଦାଶ)




ପୋଲିସର ଏନ୍‌କାଉଣ୍ଟରରେ ଆହତ ୨ ଅଭିଯୁକ୍ତ।

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଞ୍ଚଳର ଏକ ବଳାତ୍କାର ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହେଉଥିବା ୨ଅଭିଯୁକ୍ତ ପୋଲିସ ବନ୍ଧୁକ ଛଡ଼ାଇ ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେଉଥିବାବେଳେ ଏନ୍‌କାଉଣ୍ଟରର ଶିକାର ହୋଇଛନ୍ତି। ଅଭିଯୁକ୍ତ ଶେଖ୍ ଆଶିଷ (୨୨) ଓ ଅଭିଷେକ ବାରିକ (୩୦)ଙ୍କ ୨ଗୋଡ଼ରେ ଗୁଳି ବାଜିଛି। ଆହତ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରାଯାଇ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇ ଝାରସୁଗୁଡା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ଗୁଳିଚାଳନାରେ ଜଣେ ଏସ୍ଆଇ ଆହତ ହୋଇଛନ୍ତି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଆଇଜିପି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି. ପରମାର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ବେଲପାହାଡ଼ ଥାନା ଅଞ୍ଚଳରେ ଗତ ଗୁରୁବାର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପରେ ବେଲପାହାଡ଼ ପୋଲିସ ଶେଖ୍ ଆଶିଷ ଓ ଅଭିଷେକଙ୍କୁ ଗିରଫ କରି ନିଜ ହେପାଜତରେ ରଖିଥିଲା। ଶୁକ୍ରବାର ୨ଜଣଙ୍କ ବୟାନ ରେକର୍ଡ କରାଯାଇ ମେଡିକାଲ ପରୀକ୍ଷା କରାଯାଇଥିଲା। ଶନିବାର ସକାଳୁ ଉଭୟଙ୍କୁ କୋର୍ଟ ଚାଲାଣ ପାଇଁ ଏକ ଭ୍ୟାନ୍‌ରେ ଝାରସୁଗୁଡ଼ା ଅଣାଯାଉଥିଲା। ଏହି ସମୟରେ ବେଲପାହାଡ଼ଠାରୁ ଝାରସୁଗୁଡ଼ା ମଧ୍ୟରେ ଥିବା ବୁଦୁବୁଦିଆ ଜଙ୍ଗଲ ଛୁଆଲିବେର୍ଣ୍ଣା ନିକଟରେ ୨ ଅଭିଯୁକ୍ତ ପୋଲିସଠାରୁ ଗୋଟିଏ ବନ୍ଧୁକ ଛଡ଼ାଇ ନେଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ଆତ୍ମସମର୍ପଣ କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେମାନେ ନ ଶୁଣି ପୋଲିସ ଉପରକୁ ଗୁଳି ଚାଳନା କରିବାରୁ ପୋଲିସ ଆତ୍ମରକ୍ଷା ପାଇଁ ୩ ରାଉଣ୍ଡ ଗୁଳି ଚଳାଇଥିଲା। ୨ ଅଭିଯୁକ୍ତଙ୍କ ୨ ଗୋଡ଼ରେ ଗୋଟିଏ ଲେଖାଏ ଗୁଳି ବାଜିଥିବାବେଳେ ଗୋଟିଏ ବ୍ଲାଙ୍କ ଫାୟାର କରାଯାଇଥିବା ପୋଲିସ କହିଛି। ବଳାତ୍କାର ଶିକାର ନାବାଳିକା ଏବଂ ତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର ପାଇଁ ଅଭିଯୁକ୍ତ ଶେଖ୍ ଆଶିଷଙ୍କ ପରିବାର ଲୋକେ ଧମକ ଦେଇଥିଲେ। ଏ ନେଇ ବେଲପାହାଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ଶେଖ୍ ଆଶିଷଙ୍କ ନାମରେ ପୂର୍ବରୁ ୨ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବା ପୋଲିସ କହିଛି।

# ଅବକାରୀ ବିଭାଗ ଗାଡ଼ିକୁ ଗୁଳିମାଡ଼



ଗିରଫ ହୋଇଥିବା ଅଭିଯୁକ୍ତ।



ଜବତ ହୋଇଥିବା ଗୋରୁ।

ସୁନ୍ଦରଗଡ଼,୧୨।୪
(ଜୟ ନାରାୟଣ ମେଣ୍ଟୁଲି)

- ଜଣେ ଗିରଫ, ୨ ଫେରାର
- ପିକ୍‌ଅପ୍ ଭ୍ୟାନ୍‌ରେ ହେଉଥିଲା ଗୋରୁ ଚାଲାଣ
- ଚୋରାମଦ ଚାଲାଣ ସନ୍ଦେହରେ ଗୋଡ଼ାଉଥିଲା ଅବକାରୀ ବିଭାଗ

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସରଫଗଡ଼-ମଶାବିରା ରାସ୍ତାରେ ଶନିବାର ଭୋର୍ ସମୟରେ ଅବକାରୀ ବିଭାଗର ଗାଡ଼ି ଉପରକୁ ଗୁଳିମାଡ଼ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁତ୍ରା ଥାନା ଖତକୁର ବାହାଲର ଅବ୍ୟାଜ ଖାନ୍(୨୧)। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ, ଗୋଟିଏ ମୋବାଇଲ ଫୋନ, ୨,୦୪୦ଟଙ୍କା ସହ ଗୋରୁ ବୋଝେଇ ପିକ୍ ଅପ ଭ୍ୟାନକୁ ଜବତ କରିଛି। ହେମଗିର ଅବକାରୀ ସବ୍ ଇନ୍ସପେକ୍ଟର ବୀରେନ୍ଦ୍ର ଲାକ୍ରାଙ୍କ ରିପୋର୍ଟ କ୍ରମେ ପୋଲିସ ଲେଫ୍ରିପଡ଼ା ଥାନାରେ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୦୩(୨), ୧୦୯/୩(୫),୨୫/୨୭ଆର୍ମ୍ସଆକ୍ଟ ଓ ପଶୁ ଚାଲାଣ ନିରୋଧି ଆଇନରେ ଏକ ମାମଲା(ନଂ. ୬୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ପ୍ରାୟ ୩ ରାଉଣ୍ଡ ଗୁଳି ଚାଳନା କରିଥିବା ଜଣାପଡ଼ିଛି।

ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସୂଚନା ମୁତାବକ, ପଡ଼ୋଶୀ ଛତିଶଗଡ଼ର ରାୟଗଡ଼ ଅଞ୍ଚଳରୁ ଏକ ପିକ୍‌ଅପ୍‌ରେ ଚୋରା ମହୁଲ ଓ ମଦ ଆସୁଥିବା ନେଇ ହେମଗିର ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସନ୍ଦେହରେ ଏକ ପିକ୍‌ଅପ୍ ଭ୍ୟାନକୁ ଅବକାରୀ ବିଭାଗ କର୍ମଚାରୀ ପିଛା କରିଥିଲେ। ପିକ୍‌ଅପ୍ ଭ୍ୟାନରେ ଥିବା ଦୁର୍ବୃତ୍ତମାନେ କର୍ମଚାରୀଙ୍କ ଗାଡ଼ିକୁ ୩ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଅବକାରୀ ବିଭାଗ ଗାଡ଼ିରେ ଗୋଟିଏ ରାଉଣ୍ଡ ଗୁଳି ବାଜିଥିଲା। ପରେ ପିକ୍‌ଅପ୍ ଗାଡ଼ିକୁ ଅଟକାଇ ଯାଞ୍ଚ ବେଳେ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଲେଫ୍ରିପଡ଼ା ପୋଲିସ ସରଫଗଡ଼-ମଶାବିରା ରାସ୍ତାରେ ପିକ୍‌ଅପରେ ଥିବା ଜଣକୁ ଧରିବାରେ ସକ୍ଷମ ହୋଇଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ପିକ୍‌ଅପ ଭ୍ୟାନରେ ଥିବା ୯ ଗୋରୁଙ୍କୁ ଗୋ-ଶାଳାରେ ଛଡ଼ାଯିବ ବୋଲି ଥାନା ଆଇଆଇସି ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅବକାରୀ ବିଭାଗର କୌଣସି କର୍ମଚାରୀଙ୍କ ଦେହରେ ଗୁଳି ବାଜି ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଦିନ ଦ୍ୱିପ୍ରହରରେ ରାସ୍ତାରେ ଯୁବକଙ୍କୁ ହତ୍ୟା, ୨ ଅଟକ

ବଲାଙ୍ଗୀର,୧୨।୪
(ବୀରେନ୍ଦ୍ର କୁମାର ଝାଙ୍କର)

## ଟଙ୍କା କାରବାରକୁ କେନ୍ଦ୍ର କରି ହତ୍ୟାକାଣ୍ଡ ସନ୍ଦେହ

ବଲାଙ୍ଗୀର ସହର ଟିମିନିଭାଟିପଡ଼ା ରାସ୍ତା ମଝିରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ଟିମିନିଭାଟି ପଡ଼ାର ରାମ ଦାସ (୪୦)। ସେ ଜଣେ ଟ୍ରକ୍ ଡ୍ରାଇଭର ବୋଲି ଚିହ୍ନଟ କରାଯାଇଛି। ତାଙ୍କୁ କେହି ଧାରୁଆ ଅସ୍ତ୍ରରେ ହତ୍ୟା କରି ଫେରାର ହୋଇଯାଇଛନ୍ତି। ସହରର ବିଟ୍ ରାସ୍ତାରେ ହତ୍ୟାକାଣ୍ଡ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ମୃତଦେହ ନିକଟରେ ଠେଙ୍ଗା ଓ ଏକ ବାଇକ୍ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହି ଘଟଣାରେ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଟଙ୍କା ନେଣଦେଣ କାରବାରକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରାମ ଦାସ ଏକ ବାଇକ୍ ଯୋଗେ ଟିମିନିଭାଟି ପଡ଼ାକୁ ଫେରୁଥିଲେ। ତାଙ୍କୁ ଟିମିନିଭାଟି ପଡ଼ା ପ୍ରାଥମିକ ସ୍କୁଲ ନିକଟ ରାସ୍ତା ଉପରେ କେହି ଅଟକାଇ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି। ହତ୍ୟାରେ କିଏ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ ଟାଉନ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ହତ୍ୟାକାରୀ ଫେରାର ହୋଇଯାଇଥିବାରୁ ଘଟଣା ବିଷୟରେ କେବଳ ତଦନ୍ତ ଚାଲିଛି ବୋଲି ସଦର ଏସଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ତଳେ ସଦର ଥାନା ଅନ୍ତର୍ଗତ ସରଗାଡ ଗାଁ ବିଟ୍ ରାସ୍ତାରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ବାପପୁଅ ଗିରଫ ହୋଇଥିଲେ। ବଲାଙ୍ଗୀର ଜିଲାରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିମାନେ ଏସପି ଅଭିଲାଷ ଜି.ଙ୍କୁ ପୋଲିସ କ'ଣ କରୁଛି ବୋଲି ପ୍ରଶ୍ନ କରିବାରୁ ପୋଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା କହିଛନ୍ତି।

# ଠେଙ୍ଗା ମାଡ଼ରେ ବୃଦ୍ଧ ମୃତ

ମୁରିବାହାଲ,୧୨।୪
(ଶ୍ରୀବସ୍ତ ବେହେରା)

## ପୂର୍ବଶତ୍ରୁତାକୁ ନେଇ ହତ୍ୟାକାଣ୍ଡ

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ହଳଦୀ ଗ୍ରାମ ପଞ୍ଚାୟତ ଅଧୀନ କରଲାପିଟା ଗ୍ରାମରେ ଶନିବାର ଦିନ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବିଭୀଷଣ ଧରୁଆ (୭୫)। ପ୍ରକାଶ ଯେ, ଉକ୍ତ ଗ୍ରାମରେ ମଧ୍ୟାହ୍ନରେ ନାମଯଜ୍ଞ ଚାଲୁଥିବା ସମୟରେ ଜଣେ ବ୍ୟକ୍ତି ସେହି ଗ୍ରାମର ନିଜର ସମ୍ପର୍କୀୟ ଭାଇ ବିଭୀଷଣଙ୍କୁ ଏକ ଠେଙ୍ଗାରେ ପିଟିବା ଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ମୁରିବାହାଲ ଥାନା ଅଧିକାରୀ ସିପରା ସରାୟ ଲୁଗୁନ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ଠେଙ୍ଗାରେ ପିଟିଥିବା କରଲାପିଟା ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ମୁରିବାହାଲ ଥାନାରେ ନଂ ୮୧/୨୦୨୫ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ସାଇବର ଠକେଇର ଶିକାର ଅବସରପ୍ରାପ୍ତ ଶିକ୍ଷକ

ଲୋଇସିଂହା,୧୨।୪(ସୁଶାନ୍ତ ବାରିକ)

## ୨ଟି ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ୯୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଲେ ଦୁବୃର୍ତ୍ତ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ବୁର୍ଡା ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ସାଇବର ଠକେଇର ଶିକାର ହୋଇଛନ୍ତି। ଠକେଇର ଶିକାର ବ୍ୟକ୍ତି ଜଣକ ହେଲେ କ୍ଷୀରଧର ସାହୁ। ଗତ ୧୦ ତାରିଖ ଦିନ ବିଦ୍ୟୁତ୍ ବିଲ୍ ପଇଠ ଆଳରେ ତାଙ୍କର ୨ଟି ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ୯୨ ହଜାର ୮ ଶହ ଟଙ୍କା କଟିଯାଇଛି। ଏହାର ଉପଯୁକ୍ତ ତଦନ୍ତ କରି ଉକ୍ତ ଟଙ୍କା ଫେରସ୍ତ ପାଇଁ ଶୁକ୍ରବାର ସାହୁ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ଅପରାହ୍ନ ୫ଟା ୧୪ ମିନିଟ ସମୟରେ କ୍ଷୀରଧରଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବରକୁ ଏକ ଅଜଣା ନମ୍ବରରୁ ବିଦ୍ୟୁତ ବିଲ ପଇଠ ପାଇଁ ଏକ ମେସେଜ ଆସିଥିଲା। ଉକ୍ତ ମେସେଜରେ ସପୋର୍ଟ ପାଇଁ ଅନ୍ୟ ଏକ ନମ୍ବରକୁ କଲ୍ କରିବାକୁ କୁହାଯାଇଥିଲା। ୧୦ ତାରିଖ ସକାଳ ୯ଟା ୩୭ ମିନିଟରେ ଜଣେ ବ୍ୟକ୍ତି ଅବସରପ୍ରାପ୍ତ ଶିକ୍ଷକ ସାହୁଙ୍କୁ ଫୋନ କରି ହିନ୍ଦୀ ଭାଷାରେ କଥା ହୋଇ ବିଦ୍ୟୁତ୍ ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବ ବୋଲି କହିଥିଲେ। ପରେ ଅନଲାଇନ ମାଧ୍ୟମରେ ୧୨ ଟଙ୍କା ପଇଠ କରିବାକୁ କହି ଅନ୍ୟ ଏକ ଅଜଣା ନମ୍ବରରେ ତାଙ୍କ ହ୍ୱାଟ୍‌ସଆପ୍ ନମ୍ବରକୁ ଫୋନ କରିଏକ ଏପିକେ ଫାଇଲ ଇନଷ୍ଟଲ କରିବାକୁ କହିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଭିଡିଓ କଲ୍ କରି ଦୀର୍ଘ ସମୟ ଧରି କଥା ହୋଇ ୟୁ ନୋ ଏସବିଆଇ, ଟିପିଡବ୍ଲୁଓଡିଏଲ ଏସବୁ ଆପ୍ ଖୋଲିବାକୁ କହିଥିଲେ। ପରେ ତାଙ୍କ ଡେବିଟ କାର୍ଡ ସମ୍ପର୍କରେ ତଥ୍ୟ ମାଗି ନେଇଥିଲେ। ମେସେଜ ମାଧ୍ୟମରେ ବିଭିନ୍ନ ଓଟିପି ଆସିବାର ଜାଣି ଶିକ୍ଷକ ଜଣକ ପରବର୍ତ୍ତୀ କଲ୍‌ଗୁଡିକୁ କାଟି ଦେଇଥିଲେ। ପରେ ଜାଣିବାକୁ ପାଇଥିଲେ, ୟୁନୋ ଏସବିଆଇ ନମ୍ବର ତଥା ତାଙ୍କ ମୋବାଇଲ ନମ୍ବର ସହିତ ଲିଙ୍କ୍ ଥିବା ତାଙ୍କର ଏସବିଆଇ ଆକାଉଣ୍ଟରୁ ୨ଟି ଟ୍ରାଞ୍ଜାକସନରେ ୫୦ ହଜାର ଟଙ୍କା ଓ ୪୨ ହଜାର ଟଙ୍କା କଟିଯାଇଛି। ଅନ୍ୟ ଏକ ଏସବିଆଇ ଆକାଉଣ୍ଟରୁ ୮ ଶହ ଟଙ୍କା କଟିଯାଇଛି। ଏହା ଜାଣିଲା ପରେ ଲୋଇସିଂହା ଏସବିଆଇ ଶାଖାକୁ ଯାଇ ଜଣାଇବା ପରେ ଉଭୟ ଆକାଉଣ୍ଟକୁ ବନ୍ଦ କରି ଦିଆଯାଇଛି ବୋଲି ଅବସରପ୍ରାପ୍ତ ଶିକ୍ଷକ ସାହୁ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇ ପୋଲିସ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ଥାନାରେ ନଂ ୯୪।୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

# ଗିରଫ ୩ ଆଇଆର୍‌ବି ଯବାନ ବହିଷ୍କୃତ

ବୌଦ୍ଧ,୧୨।୪(ଅଜିତ କୁମାର ବାରିକ)



## ଗଞ୍ଜେଇ କାରବାର ମାମଲା

ଗଞ୍ଜେଇ କାରବାର ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ବୌଦ୍ଧ ଜିଲା ଆଇଆର୍‌ବିର ୩ ଜଣ ଯବାନଙ୍କୁ ଗତ ୨୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୩ ଜଣ ଆଇଆର୍‌ବି ଯବାନ କାର୍ଯ୍ୟରୁ ବହିଷ୍କୃତ ହୋଇଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଥାନା ଡୁଲାଦରଧାନଗରର କୁନାର ସିଂ, ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଆମ୍ବଗାଁର ତ୍ରିଲୋଚନ ରଣ ଓ ସମ୍ବଲପୁର ଜିଲା ରେଢାଖୋଲ ଥାନା ଘସରମାଲ ଗ୍ରାମର ନିଲମ ବାର୍ଲା। ବର୍ତ୍ତମାନ ବହିଷ୍କୃତ ଯବାନମାନେ ଜେଲରେ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଆଣ୍ଟି ନକ୍ସଲ ଅପରେଶନ ପାଇଁ କନ୍ଧମାଳ ବ୍ଲକ ମନମୁଣ୍ଡା ଥାନାରେ ଏକ ପ୍ଲାଟୁନ ଆଇଆର୍‌ବି ଯବାନ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଯବାନ ଗଞ୍ଜେଇ ରଖିଥିବା ନେଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଜାଣିବାକୁ ପାଇଥିଲେ। ଏହାକୁ ଗୁରୁତର ସହ ନେଇ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଗୋଏଲ ଗତ ୨୪ ତାରିଖରେ ଏକ ସ୍ୱତନ୍ତ୍ର ଟିମ୍ କରି ମନମୁଣ୍ଡା ଥାନାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଯବାନମାନଙ୍କଠାରୁ ୧୫କେଜି ୯୩୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ମନମୁଣ୍ଡା ଥାନରେ ନଂ.୧୧୯/୨୫ରେ ମାମଲା ରୁଜୁ କରାଯାଇ ୩ ଆଇଆର୍‌ବି ଯବାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏ ସମ୍ପର୍କରେ ବୌଦ୍ଧ ଆଇଆର୍‌ବି କମାଣ୍ଡାଣ୍ଟ ମନରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ଗତ ୪ ତାରିଖଠାରୁ ୩ ଯବାନଙ୍କୁ ବହିଷ୍କୃତ କରାଯାଇଥିବା ସୂଚନା ଦେଇଥିଲେ।


**OFFICE OF THE ZILLA PARISHAD, KALAHANDI**
**AT/POST-BHAWANIPATNA**
Email : ori-dkalahandi@nic.in, Phone No. : 06670-230334
**Notice No-1742/ Date 08.04.2025**
**No.CAD-101** : Zilla Parishad, Kalahandi invites "Expression of interest for selection of Manpower Service providing Agencies to provide manpower under Rural Housing Scheme". The bid documents containing last date for submission/opening of tender/eligibility criteria and detail terms and conditions of the tender can be downloaded from the District website https://kalahandi.nic.in.
OIPR-19287/11/0005/2526 Sd./- CDO-Cum-EO, ZP, Kalahandi

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES — Mining Happiness
**E-auction Notice (19.04.2025 - 183rd & 184th E-auction)**
**IRON ORE CLO & FINES**
No. CAD-134: The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.04.2025.**
For details, please visit the website of MSTC i.e. **www.mstcecommerce.com**.
OIPR-30005/11/0177/2526 Chief General Manager (S&M)

**ODISHA PUBLIC SERVICE COMMISSION**
**NOTICE**
No.2361/P.S.C., Dt. 11.04.2025
(1E-36-2023/24) (DR-II)
No.D-11
**5th Corrigendum to Advertisement No. 19 of 2023-24 for recruitment to the posts of Assistant Executive Engineer (Civil & Mechanical), under the Department of Water Resources, Government of Odisha.**

1. The original Advertisement for recruitment of total 580 & 41 posts of Assistant Executive Engineer in Civil & Mechanical respectively under Water Resources Department was published vide Advertisement No. 19 of 2023-24 on 28.12.2023. Four Corrigenda to this Advertisement were issued and the last date of application was extended till 26.02.2024 in the 4th Corrigendum issued vide Notice No. 961/PSC, dated 17.02.2024.
2. The interim order dated 07.03.2024, passed by the Hon'ble High Court in W.P.(C) No. 596 of 2024 and similar such W.P.(C)s, directed the Opposite Parties to proceed with the selection process pursuant to Advertisement No. 19 of 2023-24 dated 28.12.2023. However, the final result of such recruitment test shall not be published without leave of this court. Accordingly, the Commission conducted the interview of candidates on 09.07.2024 & 10.07.2024 for Assistant Executive Engineer (Mechanical) vide Notice No. 3321/PSC, dated 28.06.2024 & from 16.07.2024 to 30.07.2024 for Assistant Executive Engineer (Civil) vide Notice No.3603/PSC, dated 09.07.2024 and did not publish the result thereof.
3. Now, in pursuance to the Orders dated 15.01.2025 of the Hon'ble High Court of Odisha, Cuttack in W.P.(C) No. 596 of 2024, W.P.(C) No. 10185 of 2024, W.P.(C) No. 42059 of 2023, W.P.(C) No. 8166 of 2024 & W.A. No. 948 of 2024, the period for submission of online application for recruitment to the posts of **Assistant Executive Engineer (Civil & Mechanical)**, as per Advertisement No. 19 of 2023-24 read with all earlier Corrigenda issued thereto, is further rescheduled and the live application shall be available from **22.04.2025** to **08.05.2025 (11.59 P.M.) (Note: 08.05.2025 is the last date for submission of registered online application).**
4. The candidates who are eligible in terms of **(i) Educational Qualification** provided at Para-4 of Advertisement No. 19 of 2023-24 read with 3rd Corrigendum vide Notice No.376/PSC, dated 19.01.2024 as on the last date of application, i.e. 26.02.2024 of the Advertisement No.19 of 2023- 24, **(ii) Age** as per the requirement in Para-3 of Advertisement No. 19 of 2023-24 and **(iii)** have got valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024 may apply in pursuance to this Corrigendum.
5. Those candidates who have already submitted their online applications by 26.02.2024 with valid GATE Score in their applications and whose applications have been processed for shortlisting for interview need not apply again. However, they will be given the option to update and upload the upgraded/enhanced valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 if they have got any upgraded/enhanced valid GATE Score subsequent to the last date of application, i.e. 26.02.2024 and can furnish the same through the online application portal in "My Applications" section of https://opscechayan.in portal. The last date of updating the information on upgraded/enhanced valid GATE Score will be **08.05.2025 (11.59 P.M.)**. Those candidates who do not want to alter their submitted GATE Score details are not required to do anything.
6. However, those candidates who had already applied by the last date i.e. 26.02.2024, but their applications were not processed for shortlisting for interview because of non-furnishing of valid GATE Score, may enter/ upload the valid GATE Score through the online application portal in "My Applications" section of https://opscechayan.in portal, in pursuance to this Corrigendum if they possess a valid GATE Score as specified in the 3rd Corrigendum vide Notice No. 376/PSC, dated 19.01.2024 subsequent to the last date of application, i.e. 26.02.2024. The last date for updating the valid GATE Score will be **08.05.2025 (11.59 P.M.)**.
7. For all fresh applicants as mentioned in Para-4 supra the educational qualification as on the last date of application and age eligibility will strictly remain the same as per the terms of the Advertisement No. 19 of 2023-24 read with all earlier Corrigenda issued thereto without any changes i.e. they must possess B. Tech / B.E. Degree in Civil/ Mechanical Engineering by 26.02.2024 and they should have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.
8. The marks secured by the candidates in the interview who had already appeared for the interview vide Notice No. 3321/PSC, dated 28.06.2024 for AEE (Mechanical) & Notice No. 3603/PSC, dated 09.07.2024 for AEE (Civil) will remain valid and will be taken into account in preparation of the final Select List as per "Method of Selection" in Para-5 of the Advertisement No. 19 of 2023-24.
9. All other terms and conditions specified in Advertisement No. 19 of 2023-24 along with all earlier Corrigenda issued thereto shall remain unchanged.
10. **FACILITATION COUNTER** :-
To resolve any technical problems faced in filling up of online Application forms, candidates may contact OPSC Technical Support **over Telephone No. 0671-2304707** between 10.30 A.M. to 1.30 P.M. & 2.00 P.M. to 5.30 P.M. on any Odisha Government working days.
In case of any guidance/information, candidates may go through the FAQ available in the website of the Commission or contact the O.P.S.C. Facilitation Counter over Telephone No. 0671- 2304141/2305611 & Extn.- 227 on any working day between 10.30 A.M. to 1.30 P.M. & 2.00 P.M. to 5.30 P.M.
**The concerned candidates are advised to visit the website of the Commission at www.opsc.gov.in.**

OIPR-12002/11/0185/2526 Sd./- Secretary

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828
Email: admin@tdccorissa.org, website: www.tdccorissa.org
**Letter No : 677/TDCCOL** **Date : 11/04/2025**
**Detail Tender Call Notice for Supply of customized Koraput Coffee branded water proof food grade paper cup to TDCCOL**
**No.CAD-105** : Sealed Tender(s) are invited from registered suppliers/ manufacturers for supply of customized Koraput Coffee branded water proof food grade paper cups to TDCCOL for a period of One year. The tenderer(s) should quote their basic rate, tax and other charges if any. The last date of submission of tender is 25.04.2025 till 4:00 PM. The detail of Tender call notice, instruction and terms and conditions can be downloaded from the official website www.tdccorissa.org.The Managing Director, TDCCOL reserves the right to accept or reject any or all the Tenders without assigning any reason thereof.
OIPR-26005/11/0007/2526 Sd./- Managing Director

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
D-2/3 & 4, Industrial Estate, Rasulgarh, Bhubaneswar-751010,
**QUOTATION CALL NOTICE**
**No.CAD-97** : Sealed Quotations are invited from registered firm for supply of Printing of the Form & Register & Office stationery items for the Financial year 2025-26. The tender paper can be obtained from the office of the undersigned on deposit of **Rs.1000/- (Rupees one thousand)** only in cash towards cost of the each tender paper & Schedule form on any working days from **Dt.15.04.2025**. The last date for sale of tender paper is **Dt.22.04.2025 by 3.00 P.M.** The Tender Papers is available in website of OSCHC Ltd., Bhubaneswar www.utkalikaodisha.in. The tender paper will be opened on the same day i.e. on **Dt.22.04.2025 at 4.00 P.M.** in presence of the Tenderers or their authorised representatives and Officials of the Corporation.
The authority reserves the right to accept / reject any or all tender papers without assigning any reason thereof.
OIPR-31041/11/0056/2526 Sd./- Manager

**କଟକ ଉନ୍ନୟନ କର୍ତ୍ତୃପକ୍ଷ** (CDA)
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**
No. CAD-124: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3E/976ଟିକୁ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ସ୍ୱାମୀ: ସଚ୍ଚିଦାନନ୍ଦ ମୁଦୁଲି, ସା: ଚାନ୍ଦୋଳ, ପୋ.: କାଦୁଅପଡ଼ା, ଥା/ଜିଲ୍ଲା: ଜଗତ୍‌ସିଂହପୁର - 754106ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶୁଭ୍ରାଜ୍ୟୋତି ମିଶ୍ର, ସ୍ୱାମୀ: ଜ୍ଞାନ ରଞ୍ଜନ ଶତପଥୀ, ସା./ପୋ.: ଓଡ଼ିସୋ, ଅଣ୍ଡେଇଗୋଡ଼ା, ଥା: କୁଆଖିଆ, ଧର୍ମଶାଳା, ଜିଲ୍ଲା: ଯାଜପୁର - 755008ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13037/11/0231/2526 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

**OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA-766001 (ODISHA)**
(Social Welfare Section)
**No.:1181** **Date : 10.04.2025**
**Tender Call Notice**
**No.g-07** : Sealed tenders are invited in the prescribed forms from the intending individuals/ Companies/ Firms /Corporations having valid agent's license for transportation of foodstuff under SNP Feeding Programme of Kalahandi District during the year 2025-26. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 1:00 P.M. of 25.04.2025 and will be opened in the presence of the tenderers or their authorized representatives on 29.04.2025 at 11:00 A.M. at the Collectorate Conference Hall, Kalahandi. The tender documents can be obtained from the District Social Welfare Officer, Kalahandi on payment of Rs.10,000/- (Rupees Ten thousand) only in shape of Bank Draft in favour of the "District Social Welfare Officer, Kalahandi" as Tender paper cost. The tender received beyond the date and time mentioned above shall not be taken into consideration. The cost of tender paper is not refundable.
Not withstanding anything contained to the contrary in the tender document, the undersigned reserves the right to cancel or modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detailed terms and conditions may be downloaded from the District website **www.kalahandi.nic.in.**
OIPR-24180/11/0009/2526 Sd./- Collector, Kalahandi

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦାୟିତ୍ୱ ଗ୍ରହଣ କଲେ ସମୀର



ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଗହଣରେ ସମୀର ମହାନ୍ତି।

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ)ର ନବ ନିର୍ବାଚିତ ସଭାପତି ସମୀର ମହାନ୍ତି ଶନିବାର କଟକସ୍ଥିତ ଆସୋସିଏଶନ ମୁଖ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ସେ ଆସୋସିଏଶନର ଅଧିକାରୀ ଓ କର୍ମଚାରୀଙ୍କ ସହ ଭାବ ବିନିମୟ କରିଛନ୍ତି। "ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ସହ ରାଜ୍ୟର ସ୍ପୋର୍ଟ୍ସ ଇକୋ ସିଷ୍ଟମକୁ ଦୃଢ଼ କରିବା ଉପରେ ଫୋକସ ରହିବ। ଆଥ୍‌ଲେଟ୍‌ମାନେ ଯେପରି କ୍ୱାଲିଟି ଟ୍ରେନିଂ ପାଇ ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ ନିଜର ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରିବେ ତା' ଉପରେ ଗୁରୁତ୍ୱ ଦିଆଯିବ'' ବୋଲି ସମୀର ପ୍ରକାଶ କରିଛନ୍ତି। ଏହି ଅବସରରେ ଓଓଏ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାରତରୁ ଖେଳିବେ କିଟ୍‌ର ୪ ଖେଳାଳି

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ଜର୍ମାନୀର ରିନେ-ରୁହରଠାରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିବା ପାଇଁ କିଟ୍‌ର ୪ ଖେଳାଳି ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କବିର ହଂସ, ଅଥର୍ବ ଶର୍ମା ଇଣ୍ଡିଆନ ୟୁନିଭର୍ସିଟି ଲନ୍ ଟେନିସ (ପୁରୁଷ) ଏବଂ ଅନନ୍ୟା ସିଂ ଓ ଗମିତ ମିନାଲ ମହିଳା ଭଲିବଲ ଦଳରେ ସାମିଲ ହୋଇଛନ୍ତି। କିଟ୍ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ମହିଳା ଭଲିବଲର ଚୟନ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ସେହିପରି ଲନ୍ ଟେନିସ ଚୟନ ଟ୍ରାଏଲ୍ସ ଲିଆଣ୍ଡର ପେସ୍ ଟେନିସ କୋର୍ଟରେ ଆୟୋଜିତ ହୋଇଥିଲା। ଗତ ୯ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ଚୟନ ଟ୍ରାଏଲ୍ସରେ ୭୦ ଭଲିବଲ ଓ ୫୬ ଟେନିସ ଖେଳାଳି ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଶେଷ ଭାଗରେ କିଟ୍‌ରେ ଆଥ୍‌ଲେଟିକ୍ସ ଓ ବ୍ୟାଡ୍‌ମିଣ୍ଟନର ମଧ୍ୟ ଚୟନ ଟ୍ରାଏଲ୍ସ ହେବ। ଆର୍ଚେରୀର ଟ୍ରାଏଲ୍ସ ମଧ୍ୟ ଏଠାରେ ହୋଇଥିଲା। ମନୋନୀତ ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଡବ୍ଲ୍ୟୁଟିସି ସାଇକେଲ ପଏଣ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରେ

**ଲଣ୍ଡନ, ୧୨।୪ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ପଏଣ୍ଟ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ କରିବା ଲାଗି ରାଜି ହୋଇପାରେ। ତେବେ ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ କରିବାର ବିକଳ୍ପ ଉପରେ ଆଲୋଚନା ହେବାର ଖୁବ୍ କମ ସମ୍ଭାବନା ରହିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ କ୍ରିକେଟର ପରିଚାଳନା ସଂସ୍ଥା ଦୀର୍ଘଦିନ ହେଲା ବଡ଼ ବ୍ୟବଧାନରେ ବିଜୟ ଲାଗି ବୋନସ ପଏଣ୍ଟର ନୂଆ ବ୍ୟବସ୍ଥା ଉପରେ ବିଚାର କରୁଛି। ଏଭଳି ପଏଣ୍ଟ ବ୍ୟବସ୍ଥା ରଗ୍‌ବୀ ୟୁନିଅନ ଦ୍ୱାରା ବ୍ୟବହାର କରାଯାଏ। ଅପେକ୍ଷାକୃତ ଶକ୍ତିଶାଳୀ ଦଳ ବିରୋଧରେ ମିଳିଥିବା ବିଜୟ ଓ ବିଦେଶରେ ଜିତିବା ଲାଗି ଅତିରିକ୍ତ ପଏଣ୍ଟ ଉପରେ ଜିମ୍ବାୱେଠାରେ ଚାଲିଥିବା ୪ ଦିନିଆ ବୈଠକରେ ଆଲୋଚନା ହେବ। ପରବର୍ତ୍ତୀ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆସନ୍ତା ଜୁନରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସହିତ ଆରମ୍ଭ ହେବ। ୨୦୨୩-୨୫ ସାଇକେଲର ଫାଇନାଲ ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ।

### ଏକକ ଲିଗ୍ ଫର୍ମାଟ ରହିପାରେ

ବର୍ତ୍ତମାନ ଲାଗି ଟେଷ୍ଟ କ୍ରିକେଟକୁ ଦୁଇ ଡିଭିଜନରେ ଭାଗ ଭାଗ କରିବାର ଯୋଜନାକୁ ଆଇସିସି ସ୍ଥଗିତ ରଖିପାରେ। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଡବ୍ଲ୍ୟୁଟିସିକୁ ଦୁଇଟି ଡିଭିଜନରେ ଭାଗ କରିବାକୁ ସୁପାରିସ ଦିଆଯାଇଥିଲା। ଏହା ଉପରେ ଭୋଟିଂ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଦୁଇ ଥାକିଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଆଇସିସିକୁ ଆର୍ଥିକ ଓ କ୍ରୀଡ଼ାଭିତ୍ତିକ ପ୍ରଭାବ ଉପରେ ବିଚାର କରିବାକୁ ପଡ଼ିବ।

# ଆନ୍ତଃଜିଲ୍ଲା ସିନିୟର ରଗ୍‌ବୀ ଉଦ୍‌ଯାପିତ

## କେନ୍ଦୁଝରକୁ ହରାଇ କିସ୍ ଚାମ୍ପିୟନ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**




ଚାମ୍ପିୟନ କିସ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ସିନିୟର ମହିଳା ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟ ଓ ଚୟନ ଟ୍ରାଏଲ ଆଇଆର୍‌ସି ଭିଲେଜସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିସ୍ ଚାମ୍ପିୟନ ଓ କେନ୍ଦୁଝର ରନରଅପ୍ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ କିସ୍ ୨୦-୦ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୧୦-୫ରେ ଭୁବନେଶ୍ୱରକୁ ହରାଇ ଦେଇଛି। ଉଦ୍‌ଯାପନୀ ସମାରୋହରେ ଓର୍‌ଫା ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ସାହୁ, ମ୍ୟାଚ ଅଫିସିଆଲ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ବ୍ରୋଞ୍ଜ ପଦକ

**ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ**

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**



ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ସଫଳ ଫର୍ଦ୍ଦ। କେନ୍ଦୁଝର ଠାରେ ଶନିବାର ଉଦ୍‌ଯାପିତ ହୋଇଥିବା ୩୯ତମ ଜାତୀୟ ସବ୍‌ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛି। ସେମିଫାଇନାଲରେ ଓଡ଼ିଶା ୨୧-୩୬ ଗୋଲରେ ଉତ୍ତରପ୍ରଦେଶଠାରୁ ପରାଜିତ ହୋଇଥିଲା। ଖେଳର ନିୟମ ଅନୁସାରେ ଅନ୍ୟ ପରାଜିତ ସେମିଫାଇନାଲିଷ୍ଟ ହରିୟାଣା ସହ ଓଡ଼ିଶା ଯୁଗ୍ମଭାବେ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୪-୪ରେ ଦିଲ୍ଲୀକୁ ଓ କ୍ୱାର୍ଟର ଫାଇନାଲରେ ମଣିପୁରକୁ ୨୪-୨୧ରେ ପରାସ୍ତ କରିଥିଲା। ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ୍ ଗୌରୀ ଶଙ୍କର ମିଶ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଦିନିକିଆରେ ଦୁଇ ବଲ ବ୍ୟବହାର ନିୟମ ବଦଳିପାରେ

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଦିନିକିଆ କ୍ରିକେଟ ବ୍ୟାଟରଙ୍କୁ ଅତ୍ୟଧିକ ସୁହାଉଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୫୦ ଓଭରିଆ ଫର୍ମାଟରେ ଦୁଇ ନୂଆ ବଲର ବ୍ୟବହାର ନିୟମରେ ପରିବର୍ତ୍ତନ କରିପାରେ। ଦିନିକିଆ ଫର୍ମାଟରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଦୁଇ ନୂଆ ବଲ ବ୍ୟବହାର କରାଯାଉଛି। ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଆଇସିସି କ୍ରିକେଟ କମିଟି ଦିନିକିଆରେ ଗୋଟିଏ ବଲ ବ୍ୟବହାର କରିବାକୁ ସୁପାରିସ କରିଛି। ଏହି ସୁପାରିସକୁ ପ୍ଲେଇଂ କଣ୍ଡିଶନରେ ସାମିଲ କରିବା ପାଇଁ ଆଇସିସି ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ମଞ୍ଜୁରୀ ଦରକାର। ଆଇସିସି ବୋର୍ଡ ସଦସ୍ୟ ହରାରେରେ ରବିବାର ଏ ସଂକ୍ରାନ୍ତରେ ଆଲୋଚନା କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଦିନିକିଆରେ ଦୁଇଟି ନୂଆ ଧଳା କୁକାବୁରା ବଲ ବ୍ୟବହାର କରାଯାଉଛି। ବୋଲରମାନେ ଉଭୟ ଏଣ୍ଡରୁ ଭିନ୍ନ ଭିନ୍ନ ନୂଆ ବଲ ବ୍ୟବହାର କରୁଥିବାରୁ ବଲ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ହାର୍ଡ ରହୁଛି। ଏହା ବ୍ୟାଟରଙ୍କୁ ମୁକ୍ତ ଭାବେ ସ୍କୋର କରିବାକୁ ସୁଯୋଗ ଦେଉଛି। ୩୦ ୟାର୍ଡ ସର୍କଲ ବାହାରେ ମାତ୍ର ୪ ଖେଳାଳିଙ୍କୁ ଅନୁମତି ଥିବାରୁ ବୋଲରଙ୍କ ଅପେକ୍ଷା ବ୍ୟାଟରମାନେ ଅଧିକ ଫାଇଦାରେ ରହୁଛନ୍ତି। ଏପରି କି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ମଧ୍ୟ ଦୁଇ ନୂଆ ବଲ ବ୍ୟବହାରକୁ ନାପସନ୍ଦ କରିଥିଲେ। ଦୁଇ ନୂଆ ବଲର ବ୍ୟବହାର ଯୋଗୁ ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁନାହିଁ। କାରଣ ରିଭର୍ସ ସ୍ୱିଙ୍ଗ ହେବା ଲାଗି ବଲକୁ ଅତିକମ୍‌ରେ ୩୫ ଓଭର ପୁରୁଣା ହେବା ଦରକାର। ବଲ ପୂରା ମ୍ୟାଚରେ ହାର୍ଡ ରହୁଥିବାରୁ ସ୍ପିନରମାନେ ବି ସଂଘର୍ଷ କରୁଛନ୍ତି। ଦୁଇଟି ବଲ ୨୫ତମ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ତା' ପରେ ବୋଲିଂ ଦଳକୁ ଦୁଇ ବଲ ମଧ୍ୟରୁ ଗୋଟିଏ ବାଛିବାକୁ ବିକଳ୍ପ ଦିଆଯାଇପାରେ, ଯେଉଁଥିରେ ଦଳ ମ୍ୟାଚ ଶେଷ ପର୍ଯ୍ୟନ୍ତ ବୋଲିଂ କରିବ।

### ଟେଷ୍ଟରେ ଟାଇମ୍ କ୍ଲକ

ଟାଇମ୍‌ର କ୍ଲକ ସମ୍ପର୍କରେ ସୁପାରିସ କରାଯାଇଛି ଯେ, ପ୍ରତି ଓଭର ମଧ୍ୟରେ ବୋଲିଂ ଦଳକୁ ୬୦ ସେକେଣ୍ଡ ଅନୁମତି ଦିଆଯିବ ଏବଂ ଏକ ଦିନରେ ୯୦ ଓଭର ବୋଲିଂ କରିବା ପାଇଁ ଏକ ନିର୍ଦ୍ଧାରିତ ସମୟ ଦିଆଯିବ। ଧିମା ଓଭର ହାର ଲାଗି ଟି୨୦ରେ ନିୟମ ରହିଛି। ଛୋଟିଆ ଫର୍ମାଟରେ ସମୟ ମଧ୍ୟରେ ଓଭର ଶେଷ ନ କରିଥିବା ଦଳକୁ ୧୯ତମ ଓଭର ଶେଷରେ ସର୍କଲ ମଧ୍ୟରେ ଅତିରିକ୍ତ ଜଣେ ଫିଲ୍ଡରଙ୍କୁ ରଖିବାକୁ ପଡ଼େ।

## ପଙ୍କଜ ଆଡ୍‌ଭାନୀଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ଏଠାରେ ଚାଲିଥିବା ଡବ୍ଲ୍ୟୁବିଏଲ୍ ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ବେଷ୍ଟ ଅଫ୍ ୧୫ ଫାଇନାଲ ମୁକାବିଲାରେ ସେ ବ୍ରିଟେନର ଡେଭିଡ୍ କଜିରଙ୍କଠାରୁ ଅଳ୍ପକେ ହାରିଯାଇଛନ୍ତି। ଆୟର୍ଲାଣ୍ଡର କାର୍ଲୋଠାରେ ଅନୁଷ୍ଠିତ ଏହି ମୁକାବିଲାରେ ଉଭୟ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା। ତେବେ କଜିର ଅଳ୍ପକେ ୮-୭ (୧୯-୧୦୦, ୦-୧୦୦, ୧୦୦-୪୭, ୧୦୦-୫୨, ୧୯-୧୦୦, ୧୦୦-୦, ୪୯-୧୦୦, ୧୦୦-୩, ୩୪-୧୦୦, ୪-୧୦୦, ୧୦୦-୮୫, ୩୧-୧୦୦, ୧୦୦-୫୩, ୧୦୦-୪୩, ୧୦୦-୧୮) ମୁକାବିଲା ଜିତି ନେଇଥିଲେ। ଆଡ୍‌ଭାନୀ ବର୍ତ୍ତମାନ ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଟାଇଟଲ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି।

**Classified Everyday**

**0674-2580101, 9692975378**



MATRIMONIAL

**BRIDE WANTED**

ଚାକିରି କରି ଏକାକୀ ରହୁଥିବା 49ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-149

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକରାତ୍ମକତା, ବୁଝିବାରେ ଜୀବନ ଆନନ୍ଦମୟ। 9437593214. D-151

**GROOM WANTED**

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ।7077016578 ଧ-୭୫୩୭୯

Beautiful Khandayat Girl 1997, 5'3" MSc, B.ed, serving Lecturer Govt. College, "Sunasansar"- 9937512659. D-76257

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



REAL ESTATE

**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ଭିଙ୍ଗାରପୁର ଛକଠାରୁ 7 କି.ମି. ଆଗରେ ମୌଜା ପ୍ରତାପରୁଦ୍ରପୁରଠାରେ କେନାଲ ପିଚୁ ରାସ୍ତାକୁ ଲାଗି **24500** ବର୍ଗଫୁଟ ଜମି ବିକ୍ରି ହେବ। ପ୍ରତି ବର୍ଗଫୁଟକୁ **300** ଟଙ୍କା। ଯୋଗାଯୋଗ: **9439688844.** D-136

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types hair cutting, body massage by smart lady room services available. Contact: 7077240328. D-71396

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by odia therapist in homely atmosphere. 9556498382. D-75378

Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist. 9114559860. D-76907

**BUSINESS**

Learn AI Automation, Web design, SEO, Digital advertising with Digitomesh Bhubaneswar/ Puri. 100% placement guarantee in IT, Realestate, Hotels. Get AI tools 5,00,000/- 8093008289. D-052

**LOST**

I, Susant Nayak, S/o- Radhu Nayak, At/P.O.- Badihi, P.S.- Tantipala, Dist.- Kendrapara, Odisha, I am the owner of the Property of ROR No.- 201/153, dt- 06.11.2023, which was purchased from Pabitra Samal vide sale deed No.- 10962301531, dt- 18.10.2023 ROR No.- 201/38, Plot No.- 430/915, which is in the name of Dinabandhu Samantray and Daitari Samantray has been purchased Vide RSD No.- 493 dt- 26.03.2007, Area- 0.060 Dec. Under Mouza- Jasuapli, Tahasil- Mahakalpada, Dist.- Kendrapara. That Original ROR No.- 201/38, Plot No.- 430/915, RSD No.- 493, dt- 26.03.2007, which is link to my property Document ROR No.- 201/153, dt- 06.11.2023, RSD No.- 10962301531 dt- 18.10.2023, has been lost some where during travel from my own house to Kendrapara at Aurata Chowk on dt- 29.03.2025 and inspite of my best efforts the ROR and the sale deed was untraceable. Any person find this document please contact the above address or on this Mobile No.- 8144569711. D-140

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before the Executive Magistrate, Dharmasala dated 08.04.2025, I, Mahammad Jakir Hosen, At/P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son's name from Mojasil Hosen To Mojammil Hussain. Henceforth, he shall be known as Mojammil Hussain for all future purposes. D-144

By an affidavit before Notary Public, Balasore, I, Rasmi Simons, D/o- Biren Chandra Das, W/o- Manuel Simons of Padhuanpada, P.S.- Sahadevkhunta, Balasore, Odisha my name recorded in Educational Certificates Rashmi Rekha Das. After my marriage with Manuel Simons presently I known as Rasmi Simons and accordingly my name in Aadhaar Card vide No.- xxxx xxxx 8058 and my Pan card EPSP0487E have been prepared as RASMI SIMONS, though I am one and same person & it will be used in future for all purposes. D-148

I, Priti Priyadarsini, D/o- Prasanta Kumar Behera, At- MIG11, H.B. Colony, P.O./P.S./Dist.- Khordha- 752055, I declare by this affidavit No.- 842 dated on 28.03.2025 that now onwards I shall be known as Priti Priyadarshni for all purposes. D-73586

**ମନେ ପଡ଼ନ୍ତି**

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶରଦଶଶୀ ନାୟକ

ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।

:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।

ଧ-୧୪୩

ଏକାଦଶାହରେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ମନୋରମା ଜେନା

ଆବିର୍ଭାବ : ୨୨.୧୨.୧୯୩୧
ତିରୋଧାନ : ୦୩.୦୪.୨୦୨୫

କୋରକରା (ଉଆସ), ଭଦ୍ରକ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବାବା ଆଖଣ୍ଡଳମଣୀ ଓ ମା ବଙ୍କବାଶୁଳୀଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ଜେନା ପରିବାର ଓ ବନ୍ଧୁବର୍ଗ

ଧ-୧୪୭

# ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍

**ଆଜିର ଯୁବପିଢ଼ି ନିଜ କ୍ୟାରିୟରକୁ ନେଇ ଅଧିକ ଚିନ୍ତିତ। ଯେଉଁଥିପାଇଁ ବୈବାହିକ ଦମ୍ପତି ହୁଅନ୍ତୁ ଅବା ପ୍ରେମିକ ପ୍ରେମିକା ପରସ୍ପରଠୁ ବହୁ ଦୂରରେ ରହୁଛନ୍ତି; ଯାହାକୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ସିପ୍ ବୋଲି କୁହାଯାଉଛି। ହେଲେ ଏମିତିରେ କାର୍ଯ୍ୟବ୍ୟସ୍ତତା ଭିତରେ କିମ୍ବା ଅନ୍ୟ କୌଣସି କାରଣରୁ ପରସ୍ପର ସହ କଥା ହେବାକୁ ସମୟ ନ ଦେବା ଅବିଶ୍ୱାସ ଓ ସନ୍ଦେହ ସୃଷ୍ଟି କରିଥାଏ। ଯାହାକି ଧୀରେ ଧୀରେ ରାଗ, ରୁଷା, ଝଗଡ଼ା ସହ କେବେକେବେ ସମ୍ପର୍କ ଭାଙ୍ଗିବାର ବି କାରଣ ସାଜିଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ଏଥିପାଇଁ ଅନେକ ଅଭାବନୀୟ ଘଟଣା ଘଟୁଥିବାର ବି ଦେଖିବାକୁ ମିଳୁଛି...**



ସଫଳ କ୍ୟାରିୟରକୁ ନେଇ ବେଶ୍ ଚିନ୍ତିତ ଆଜିର ଯୁବପିଢ଼ି। ତେଣୁ ଅନେକେ ଏବେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଏମିତିରେ କେବେକେବେ ସମ୍ପର୍କ ଖରାପ ହେବା ବ୍ରେକ୍‌ଅପ୍, ଡିଭର୍ସ ଭଳି ଘଟଣା ବି ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଏଭଳି ସମ୍ପର୍କରେ ଦୂରତା ଅଧିକ ଥିବାରୁ ବେଳେବେଳେ ପରକୀୟା ପ୍ରୀତି, ବିଶ୍ୱାସଘାତକତା ଯୋଗୁ କେବେ କାହା ମନ ଭାଙ୍ଗୁଛି ତ ଆଉ କେବେ ପ୍ରତାରଣା ଦୁଃଖରେ କିଏ ଆତ୍ମହତ୍ୟା କରୁଛି ତ ପୁଣି କେବେ ପ୍ରତିଶୋଧ ପରାୟଣ ହୋଇ କେହି ହତ୍ୟା ଭଳି ଅଭାବନୀୟ ଘଟଣା ଘଟାଉଥିବାର ବି ନଜିର ରହିଛି। ତେଣୁ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିଲେ ନିଜ ସମ୍ପର୍କକୁ ସୁନ୍ଦର ଏବଂ ଦୀର୍ଘସ୍ଥାୟୀ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର...

**କଥା ହେବା ଜରୁରୀ:** ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍ ମ୍ୟାନେଜ୍ କରିବା କୌଣସି ସହଜ କଥା ନୁହେଁ। କାରଣ କେବେକେବେ ଏଥିରେ ଖୁବ୍ ନିବିଡ଼ ସମ୍ପର୍କରେ ବି ତିକ୍ତତା ଆସିଯାଏ। ଦୀର୍ଘ ସମୟ ପରସ୍ପରକୁ ନ ଭେଟିବା ଫଳରେ ଏକ ଏକଲାପଣ ଅନୁଭବ ହୋଇଥାଏ। ଧୀରେ ଧୀରେ ଆପୋସ ବୁଝାମଣା ଖରାପ ହୋଇଥାଏ ଏବଂ କମ୍ୟୁନିକେଶନ୍ ଗ୍ୟାପ୍ ହେଲେ ସମ୍ପର୍କ ବିଗିଡ଼ିଥାଏ। ଏଭଳି ପରିସ୍ଥିତି ନ ଉପୁଜିବା ଲାଗି ଯେତେ ବ୍ୟସ୍ତ ଥିଲେ ମଧ୍ୟ କିଛି ସମୟ ବାହାର କରି ଫୋନ୍‌ରେ କଥା ହେବା ଦରକାର। ଭିଡିଓ କଲିଂରେ କଥା ହେଲେ ପାଖରେ ଥିବା ଭଳି ମନେହୁଏ ଏବଂ ଖୁସି ଲାଗେ। ଦିନ କିପରି କଟିଲା, କ'ଣ ଖାଇଲେ, କୁଆଡ଼େ ଗଲେ ଏବଂ ପରସ୍ପରର ଭଲ ମନ୍ଦ ଆଦି ଆଲୋଚନା କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଥାଏ ଏବଂ ପାଖରେ ରହିବା ଭଳି ମନେ ହୋଇଥାଏ।

**ଠିକ୍ ନୁହେଁ ବାରମ୍ବାର ଅଭିଯୋଗ:** ପରସ୍ପରକୁ ବୁଝନ୍ତୁ। ଯଦି କେହି କାର୍ଯ୍ୟବ୍ୟସ୍ତତା ଭିତରେ ରହିଯାଇଛନ୍ତି ଏବଂ ଫୋନ୍ ନ ଉଠାଉଛନ୍ତି, ତେବେ ବାରମ୍ବାର ଫୋନ୍ ନ କରି କଲ୍‌ବ୍ୟାକ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର। କଲ୍ ଆସିଲେ ତୁରନ୍ତ ରାଗିଯାଇ ଅଭିଯୋଗ କରିବା ଠିକ୍ ନୁହେଁ। ଏହାଦ୍ୱାରା ଅନ୍ୟକୁ ବିରକ୍ତ ଲାଗିପାରେ କିମ୍ବା ଆପଣଙ୍କର ତାଙ୍କ ଭଲପାଇବା ଉପରେ ବିଶ୍ୱାସ ନାହିଁ ବୋଲି ମନେ ହୋଇପାରେ। ତେଣୁ ଦୂରରେ ରହୁଥିଲେ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ରଖିବା ଏବଂ ସପୋର୍ଟ କରିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ।

**ସନ୍ଦେହ ବି ହୋଇପାରେ କ୍ଷତିକାରକ:** ସନ୍ଦେହ ଏମିତି ଏକ ନକାରାତ୍ମକ ଚିନ୍ତା, ଯାହା ଏକ ନିବିଡ଼ ସମ୍ପର୍କକୁ କ୍ଷଣକରେ ଭାଙ୍ଗି ଦେଇପାରେ। ତେଣୁ ବୈବାହିକ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସନ୍ଦେହକୁ ମନରେ ଆଦୌ ସ୍ଥାନ ଦେବା ଠିକ୍ ନୁହେଁ। ଅନେକେ ଏମିତି ଅଛନ୍ତି, ଯେଉଁମାନେ ଅନ୍ୟର ଶୁଣା କଥାରେ ନିଜ ଜୀବନସାଥୀଙ୍କୁ ସନ୍ଦେହ କରନ୍ତି। ହେଲେ ଏହାଦ୍ୱାରା ମନାନ୍ତର ହୋଇ ଧୀରେ ଧୀରେ ବିଚ୍ଛେଦର କାରଣ ସାଜିପାରେ। ତେଣୁ ମନରେ ସନ୍ଦେହକୁ ସ୍ଥାନ ଦିଅନ୍ତୁ ନାହିଁ, ବରଂ ଆବଶ୍ୟକ ସ୍ଥଳେ ପରସ୍ପର ସହ କଥା ହୋଇ ସନ୍ଦେହ ଦୂର କରନ୍ତୁ।





**ମଝିରେ ମଝିରେ ଭେଟିବା ଦରକାର:** ଦୂରରେ ରହୁଥିବା ଦମ୍ପତି ସମୟ ବାହାରକରି କିଛିଦିନ ଏକାଠି ରହିବା ନିହାତି ଦରକାର। ଏହାଦ୍ୱାରା କିଛିଦିନ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରିବାର ସୁଯୋଗ ମିଳିଥାଏ। ପରସ୍ପର ମଧ୍ୟରେ ଦୂରତା କମିଥାଏ ଏବଂ ସମ୍ପର୍କ ନିବିଡ଼ ହୋଇଥାଏ। ସେହିପରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ରହୁଥିବା ପ୍ରେମୀଯୁଗଳ ବି ସମ୍ପର୍କ ବଞ୍ଚାଇ ରଖିବା ଲାଗି ପରସ୍ପରକୁ ଭେଟିବା ନିହାତି ଦରକାର। ମଝିରେ ମଝିରେ ସମୟ ବାହାର କରି ଅତି କମ୍‌ରେ ବର୍ଷରେ ୨/୩ଥର ଡେଟିଂରେ ଯିବା, ହୋଟେଲରେ ଖାଇବା, ଏକାଠି ବସି କଥା ହେବା, ମାର୍କେଟିଂ କରିବା, ଫିଲ୍ମ ଦେଖିବା ଦ୍ୱାରା ସମ୍ପର୍କ ଅତୁଟ ରହିଥାଏ।



**ଅନ୍ୟ କଥାରେ ପ୍ରଭାବିତ ହେବା ଠିକ୍ ନୁହେଁ:** ପ୍ରତ୍ୟେକ ସ୍ଥାନରେ ନେଗେଟିଭ୍ ଲୋକ ଥାଆନ୍ତି, ଯେଉଁମାନେ ଭଲ ସମ୍ପର୍କକୁ ଖରାପ କରିବା ଲାଗି କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ। ଅନେକ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ସମ୍ପର୍କ ଭାଙ୍ଗିବା ପଛରେ ଏଭଳି ଲୋକଙ୍କ କୁମନ୍ତ୍ରଣା ରହିଥାଏ। କାରଣ ଅନେକେ ଏମିତି ଅଛନ୍ତି, ଯେଉଁମାନେ ସୁଯୋଗ ପାଇଲେ ଜଣଙ୍କ ଆଗରେ ତୁମ ପାର୍ଟନର୍ ଏକା ରହୁଛନ୍ତି ମାନେ ଅନ୍ୟ କାହା ସହ ରିଲେଶନ୍‌ରେ ଥିବେ, ସେ ତୁମକୁ ଧୋକା ଦେଉଥିବେ ଏଭଳି କଥା କହିବାକୁ ପଛାନ୍ତି ନାହିଁ। ଏହାଦ୍ୱାରା ଯେ ସମ୍ପର୍କ ଖରାପ ହେବ, ସେକଥା ସେମାନେ ଚିନ୍ତା କରନ୍ତି ନାହିଁ। ଏଭଳି ଲୋକଙ୍କଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ। ତେଣୁ ଯଦି ଦୀର୍ଘ ସମୟ ପରସ୍ପରଠୁ ଦୂରରେ ରହୁଛନ୍ତି, ତେବେ ନିଜ ଭିତରେ ବିଶ୍ୱାସ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ସଚ୍ଚୋଟ ଏବଂ ବିଶ୍ୱସ୍ତ ହେବା ଦରକାର:** ଜୀବନସାଥୀ ହୁଅନ୍ତୁ ଅବା ପ୍ରେମୀଯୁଗଳ ପରସ୍ପରକୁ କୌଣସି କଥା ଲୁଚାଇବା ଠିକ୍ ନୁହେଁ। କାରଣ ଲୁଚାଇଲେ ଅବିଶ୍ୱାସ ଏବଂ ସନ୍ଦେହ ଜନ୍ମନିଏ, ଯାହାକି ସମ୍ପର୍କକୁ କ୍ଷତି ପହଞ୍ଚାଏ। ବିଶେଷକରି ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ପାର୍ଟନରଙ୍କ ଆଗରେ ସବୁବେଳେ ସଚ୍ଚୋଟ ହୋଇ ହୃଦୟ ଖୋଲା ରଖି ସତ କହିଲେ ହିଁ ସମ୍ପର୍କ ମଧୁର ଏବଂ ଅତୁଟ ରହିଥାଏ।

**ଧୋକାର ନାହିଁ ସ୍ଥାନ:** ଅନେକେ ଏଭଳି ଅଛନ୍ତି, ଯେଉଁମାନେ ନିଜ ପାର୍ଟନରଙ୍କ ବ୍ୟତୀତ ଅନ୍ୟ ସହ ବି ସମ୍ପର୍କ ରଖନ୍ତି। ଆଉ ଅନେକ କ୍ଷେତ୍ରରେ ଲଙ୍ଗ୍ ଡିଷ୍ଟାନ୍ସ ରିଲେଶନ୍ଶିପ୍‌ରେ ଏଭଳି ପରକୀୟା ପ୍ରୀତି ଘଟଣା ଦେଖିବାକୁ ମିଳେ। ହେଲେ ଏଥିରେ ବିଶ୍ୱାସ ଭାଙ୍ଗିବା ବା ଧୋକା ଦେବା ଦ୍ୱାରା ସମ୍ପର୍କ ନଷ୍ଟ ହୋଇଥାଏ। ତେଣୁ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଏଭଳି ଆଦୌ କରିବା ଠିକ୍ ନୁହେଁ।

## ଏ ସପ୍ତାହର ପ୍ରଶ୍ନ

୧– ଆସୋଲା ଭାଟି ୱାଇଲ୍ଡଲାଇଫ୍ ସାଞ୍ଚୁଆରୀ ......... ପର୍ବତମାଳାରେ ଅବସ୍ଥିତ ?
୨– ମ୍ୟାକ୍‌ଡୋନାଲ୍ଡ ଆଇସ୍‌ଲାଣ୍ଡ .............. ରେ ଅବସ୍ଥିତ ?
୩– ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୫ .......... ରାଜ୍ୟରେ ଆୟୋଜିତ ହେବ ?
୪– ହଂସ–୩ ଟ୍ରେନର ଏୟାରକ୍ରାଫ୍ଟ ସିଏସ୍‌ଆଇଆର୍–ନ୍ୟାଶନାଲ୍ ଏୟାରସ୍ପେସ୍ ଲାବେରୋଟୋରିଜ୍ .........ଠାରେ ଅବସ୍ଥିତ ?
୫– ୱାର୍ଲ୍ଡ ହୋମିଓପାଥି ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ କେରଳ
୨ ଝାଡ଼ଖଣ୍ଡ
୩ ବିହାର
୪ ନଙ୍କନ ସାହିବ
୫ ହସ୍ତତନ୍ତ ଇଣ୍ଡଷ୍ଟ୍ରି

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର



ପ୍ରଦୀପ କୁମାର ନାଏକ ବଲାଙ୍ଗୀର

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଗଲ୍ଫ ଖେଳାଳି



୧– ସ୍କଟି ସେଫଲର୍.................. ଆମେରିକା
୨– ରୋରୀ ମାଇକେଲ୍‌ରଏ.................. ନର୍ଦନ ଆୟର୍ଲାଣ୍ଡ
୩– ଜ୍ୟାଣ୍ଡର ସୌଫେଲ୍.................. ଆମେରିକା
୪– କଲିନ୍ ମୋରିକାୱା.................. ଆମେରିକା
୫– ଲୁଡ୍‌ଭିଗ୍ ଆବର୍ଗ .................. ସ୍ୱେଡେନ୍
୬– ହିଡେକି ମାସୁୟାମା.................. ଜାପାନ
୭– ରସେଲ୍ ହେନ୍‌ଲେ .................. ଆମେରିକା
୮– ଜଷ୍ଟିନ୍ ଥୋମାସ୍.................. ଆମେରିକା
୯– ଭିକ୍ଟର ହଭ୍‌ଲାଣ୍ଡ.................. ନରୱେ
୧୦– ପାର୍ଟିକ୍ କ୍ୟାଣ୍ଟଲେ.................. ଆମେରିକା

## ଅଭୁଲା ଅନୁଭୂତି

# କୋଇଲି-କାନ୍ତ, ଆଉ ଚାରିଦିନ ରହିଥାଆନ୍ତ



ହୃଦୟକୁ ଛୁଇଁଥିବା କଥା ମରିବାଯାଏ ମନେ ରହେ। ସେମିତି ଅନେକ ଘଟଣା ମୋ' ହୃଦୟକୁ ଛୁଇଁଛି। ମୁଁ ଆଜି ବି ମନେରଖିଛି ପଣା ସଂକ୍ରାନ୍ତି ଦିନର ସେଇ ଗୀତ: ''କୋଇଲି– କାନ୍ତ, ଆଉ ଚାରିଦିନ ରହିଥାଆନ୍ତ, ପିଠାପଣା କେତେ ଖାଇ ଥାଆନ୍ତ।'' ମୋ ପିଲାବେଳର କଥା। ଭଉଣୀମାନେ ପଣାସଂକ୍ରାନ୍ତିର ସାତ ଦିନ ପୂର୍ବରୁ ମାଟିରେ ଦୁଇଟା କୋଇଲି ତିଆରି କରି ସେମାନଙ୍କୁ ପୂଜା କରନ୍ତି। ମାଟିର ପିଢ଼ା ଉପରେ କୋଇଲି ଦମ୍ପତି ଛିଡ଼ା ହୁଅନ୍ତି ଓ ତାଙ୍କ ଅଣ୍ଟା ତଳେ ଦୁଇଟା ହାତ ତିଆରି ମାଟିଗିନା ରହେ। ଅଣ୍ଡିରା କୋଇଲିର କଳା ଦେହରେ ଧଳା ଧଳା ଟିପା ଥାଏ। ମାଈ କୋଇଲିର ଦେହ ପୂରା କଳା ଥାଏ ଓ ନାକରେ ନୋଥ ଝୁଲିଥାଏ। ସବୁଦିନ ସକାଳେ ମୁଢ଼ିସତୁ(ଛତୁଆ) ଓ ବୁଟସତୁ ଭୋଗ ଲଗେଇ ମାଳତୀ ଫୁଲରେ ପୂଜା କରାଯାଏ। ଏପ୍ରିଲ ମାସରେ ଖରା ହୁଏ ବୋଲି ତାଙ୍କ ମୁଣ୍ଡ ଉପରେ ମାଟିର ଛତା ବି ରହେ। ପୂଜା ସରିବା ପରେ ତାଙ୍କ ଉପରେ ହଳଦିଆ ରଙ୍ଗର କପଡ଼ା ଘୋଡ଼େଇ ଦିଆଯାଏ। ଭଉଣୀମାନେ କୋଇଲି ପାଖରେ ଯାହା ଭୋଗ ଲଗାନ୍ତି, ମତେ ବି ଖାଇବାକୁ ଦିଅନ୍ତି। ତେଣୁ ଅନ୍ୟ ସମୟରେ ମୁଁ ଭଉଣୀମାନଙ୍କର କଥା ଶୁଣେ କି ନ ଶୁଣେ, ପୂଜାବେଳେ କିନ୍ତୁ ଭୋଗ ଖାଇବା ଲୋଭରେ ତାଙ୍କର ସବୁ କଥା ମାନେ।

ପଣାସଂକ୍ରାନ୍ତି ଦିନ କୋଇଲି ଦମ୍ପତି ବିଦାୟ ନିଅନ୍ତି। ସେଦିନ ସେମାନେ ଦିନ ୧୨ଟା ଭିତରେ ୩ ଥର ପୂଜା ପାଆନ୍ତି। କୋଇଲିମାନେ ଅଲଗା ଅଲଗା ଭୋଗ ଖାଆନ୍ତି। ଥରେ ସତୁ, ଆଉ ଥରେ ଭିଜା ବୁଟମୁଗ ଓ ଶେଷରେ ଛେନା–କଦଳୀମିଶା ବେଲପଣା। ତା' ପରେ ବିଦାୟ ପର୍ବ ଆରମ୍ଭ ହୁଏ। ବିଦାୟ ସମୟରେ ଭାରଥୋର ରୂପରେ ଛୋଟ ଛୋଟ ମାଟି (ହାଣ୍ଡି) ଆଟିକାରେ ମୁଢ଼ିସତୁ, ବୁଟସତୁ ଓ ପଣା ଦିଆହୁଏ। ଭଉଣୀମାନେ କାନ୍ଦ କାନ୍ଦ ହୋଇ କୋଇଲି ମେଢ଼କୁ ଧରି ଧରି ଆମ ଆମ୍ବ ବଗିଚାକୁ ଚାଲନ୍ତି ଓ ମୁଁ ଭାର ବୋହିକି ତାଙ୍କ ପଛେ ପଛେ ଚାଲେ। ପଣାସଂକ୍ରାନ୍ତିର ଯେଉଁ ଗୀତ କଥା କହୁଥିଲି, ଗଲାବେଳେ ସେଇ ଗୀତକୁ ମୁଁ ଜୋର ଜୋର ଗାଏ। ବଗିଚାର ଗୋଟେ ଆମ୍ବଗଛରେ କଞ୍ଚା ତାଳ ବରଡ଼ାରେ କୋଇଲିଙ୍କ ପାଇଁ ଘର ତିଆରି ହୋଇଥାଏ। ସେହି ଘର ଭିତରେ ଭାର ସହିତ କୋଇଲିମାନଙ୍କୁ ରଖି ଆମେ ମନ ଦୁଃଖରେ ଫେରିଆସୁ। ଭଉଣୀମାନେ ମତେ ପଚିଶି ପଇସା ଦିଅନ୍ତି। ତା' ପରେ ବଗିଚାକୁ ଗଲେ କୋଇଲି ଦୁଇଟା ବାହାରକୁ ଉଡ଼ି ନ ଯାଇ ବରଡ଼ା ଭିତରେ ସେମିତି ବସିଥିବାର ଦେଖେ। ମୁଁ ମନ ଦୁଃଖରେ ସେମାନଙ୍କୁ କହେ, ''ଏଇଠି ବସିଲେ କ'ଣ ଲାଭ? ଆଉ ଚାରି ଦିନ ଆମ ଘରେ ରହିଥିଲେ ତୁମେ ବି ଭଲ ଭଲ ଭୋଗ ଖାଉଥାଆନ୍ତ, ମତେ ବି ଦେଉଥାଆନ୍ତ।''

– **ଡ. କମଳାକାନ୍ତ ଜେନା**, ଓଇଏସ୍, ଭଦ୍ରକ ସରକାରୀ ମହାବିଦ୍ୟାଳୟ

## ଜାଣନ୍ତୁ ଦୁନିଆ

# ସ୍ୱାସ୍ଥ୍ୟ ପାଇଁ ଅମୃତ ପଇଡ଼ପାଣି



**ଖରାର ପ୍ରଭାବ ବଢ଼ି ବଢ଼ି ଚାଲିଛି। ତେଣୁ ଏ ସମୟରେ ଥଣ୍ଡା ପାନୀୟର ଚାହିଦା ବି ଖୁବ୍ ବେଶି। ବିଶେଷକରି ଯୁବପିଢ଼ି କୋଲ୍ଡଡ୍ରିଙ୍କ୍ସକୁ ଯେପରି ପାଣି ଭଳି ଦୈନନ୍ଦିନ ପାନୀୟ ତାଲିକାରେ ସାମିଲ କରିସାରିଲେଣି, ଯାହାକି ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ହେଲେ ଏହା ପରିବର୍ତ୍ତେ ଯେଉଁମାନେ ପଇଡ଼ପାଣିକୁ ବାଛୁଛନ୍ତି, ସେମାନେ ଅଧିକ ଫିଟ୍ ରହୁଥିବା ଦେଖିବାକୁ ମିଳୁଛି...**

⏭। କୋଲ୍ଡଡ୍ରିଙ୍କ୍ସରେ ଥିବା କାର୍ବନ ଡାଇଅକ୍ସାଇଡ ଓ ଅନ୍ୟାନ୍ୟ ଉପାଦାନ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇ ନ ଥିବା ବେଳେ ପଇଡ଼ପାଣିରେ ଭରି ରହିଛି ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ, ଯାହାକି ସ୍ୱାସ୍ଥ୍ୟ ପାଇଁ ଅମୃତ। ଏହା ମଣିଷର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ ଡାକ୍ତରମାନେ ରୋଗୀମାନଙ୍କୁ ପଇଡ଼ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି।

⏭। କୋଲ୍ଡଡ୍ରିଙ୍କ୍ସ ଯଦିଓ ପାଟିକୁ ଭଲ ଲାଗିଥାଏ, ହେଲେ ସେଥିରେ ଥିବା କାର୍ବନ ଡାଇଅକ୍ସାଇଡ୍ ଏସିଡ୍ କରାଇବା ସହ ଦାନ୍ତର ଏନାମେଲ୍ ନଷ୍ଟ କରିଥାଏ। ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ। ଏ ସମସ୍ତ ଉପାଦାନ ପଇଡ଼ପାଣିରେ ଭରି ରହିଛି। ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କଠାରେ ପଇଡ଼ପାଣି ପିଇଲେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇ ନ ଥାଏ।

⏭। ଖରାଦିନେ କୋଲ୍ଡଡ୍ରିଙ୍କ୍ସ ପିଇଲେ ଏସିଡିଟି ଏବଂ ଅନ୍ୟାନ୍ୟ ପେଟ ସମସ୍ୟା ଦେଖାଦିଏ। ହେଲେ ଏହା ବଦଳରେ ପଇଡ଼ପାଣି ପିଇଲେ ସେଥିରେ ଥିବା ଭରପୂର ମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ। ଏହା ଶରୀରରୁ ବ୍ୟାଡ୍ କୋଲେଷ୍ଟରଲ ଦୂରକରି ଗୁଡ୍ କୋଲେଷ୍ଟରଲ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

⏭। ଅଧିକ କୋଲ୍ଡଡ୍ରିଙ୍କ୍ସ ପିଇବା ଦ୍ୱାରା ହର୍ମୋନ ପରିବର୍ତ୍ତନ ହୋଇଥାଏ, ଯାହାଫଳରେ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦିଏ। ଏମିତିରେ ପଇଡ଼ପାଣି ଖୁବ୍ ଉପକାରୀ। ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।



# ମୋହନ ବାଗାନ ସୁପର ଜାଏଣ୍ଟ ଚାମ୍ପିୟନ




ଆଇଏସ୍ଏଲ୍-୨୦୨୫ ଚାମ୍ପିୟନ୍ ମାହନବାଗାନ ସୁପର ଜାଏଣ୍ଟ ଦଳ।

**କୋଲକାତା, ୧୨।୪**

ମୋହନବାଗାନ ସୁପର ଜାଏଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୨୦୨୪-୨୫ ସିଜନର ଟାଇଟଲ ବିଜେତା ହୋଇଛି। ସ୍ଥାନୀୟ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ୨-୧ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଖେଳ ତଥା ଖେଳର ୪୯ତମ ମିନିଟ୍‌ରେ ମୋହନ ବାଗାନର ଅଲବର୍ଟୋ ରୋଡ୍ରିଗ୍ସଙ୍କ ଆତ୍ମଘାତୀ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ୭୨ତମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୧-୧ ସ୍ଥରକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଅତିରିକ୍ତ ସମୟ ଖେଳ ହୋଇଥିଲା। ଏଥିରେ ଖେଳର ୯୬ତମ ମିନିଟ୍‌ରେ ଅଷ୍ଟ୍ରେଲୀୟ ଫରୱାର୍ଡ ଜେମି ମ୍ୟାକଲରେନଙ୍କ ଗୋଲ୍ ବଳରେ ମୋହନ ବାଗାନ ଦଳ ବିଜୟ ଲାଭ କରିଥିଲା। ଶନିବାର ଏହି ବିଜୟ ଦ୍ୱାରା ମୋହନ ବାଗାନ ଏଥର ଉଭୟ ଆଇଏସ୍ଏଲ୍ ଶିଲ୍ଡ ଓ ଆଇଏସ୍ଏଲ୍ ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି।

- ବେଷ୍ଟ ଗ୍ରାସ୍‌ରୁଟ୍ ପ୍ରୋଗ୍ରାମ: ଜାମସେଦପୁର ଏଫ୍‌ସି।
- ବେଷ୍ଟ ଏଲିଟ୍ ୟୁଥ୍ ପ୍ରୋଗ୍ରାମ: ପଞ୍ଜାବ ଏଫ୍‌ସି।
- ଗୋଲ୍‌ଡେନ ଗ୍ଲୋଭ ଆୱାର୍ଡ: ବିଶାଲ କେଥ୍ (ମୋହନ ବାଗାନ)।
- ଏମର୍ଜିଂ ପ୍ଲେୟର ଅଫ୍ ଦି ଇୟର: ବ୍ରିସନ ଫର୍ନାଣ୍ଡିଜ (ଏଫ୍‌ସି ଗୋଆ)।
- ଗୋଲ୍ଡେନ ବୁଟ୍ ଆୱାର୍ଡ: ଆଲାଏଦିନ୍ ଆଜାରେ (ନର୍ଥଇଷ୍ଟ ୟୁନାଇଟେଡଏଫ୍‌ସି)।

# ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ ପଦକ

## ଖେଲୋ ମାଷ୍ଟର୍ସ ନ୍ୟାଶନାଲ ଗେମ୍ସ




**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରାମ ଷ୍ଟାଡିୟମରେ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଖେଲୋ ମାଷ୍ଟର ନ୍ୟାଶନାଲ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଥ୍‌ଲେଟ ପାର୍ବତୀ ସେଠୀଙ୍କୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଛି। ଉଭୟ ଡିସକସ୍ ଓ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ଲାଭକରି ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ତାରକା ଆଥଲେଟ୍। ୧୯୯୦ରୁ ସ୍କୁଲ ସ୍ତରରୁ କ୍ରୀଡ଼ା ଜୀବନ ଆରମ୍ଭ କରିଥିବା ପାର୍ବତୀ ୨୦୨୫ ମଧ୍ୟରେ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ଅନ୍ତର୍ଜାତୀୟ ସ୍ତରରେ ମାଷ୍ଟର୍ସ ଗେମ୍ସରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ରାଜ୍ୟର ପ୍ରଥମ ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ପାର୍ବତୀ ସମ୍ପ୍ରତି ଇଷ୍ଟକୋଷ୍ଟ ରେଲୱେରେ କାର୍ଯ୍ୟରତ। କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ୩୫ ବର୍ଷ ଧରି ଆଥ୍‌ଲେଟିକ୍ସରେ ତିଷ୍ଠି ରହି ଏକାଧିକ ପ୍ରତିଯୋଗିତାରେ ପଦକ ହାସଲ ଧାରା ଜାରି ରଖିଥିବାରୁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରର ଦୃଢ଼ ଦାବିଦାର ହୋଇଯାଇଛନ୍ତି।

# ରାଖାଲ୍‌ଙ୍କୁ ରୌପ୍ୟ, ମାଳତୀଙ୍କୁ ବ୍ରୋଞ୍ଜ

## ପାରା ଫେନ୍‌ସିଂ ସାଟେଲାଇଟ କପ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

ହଂକଂରେ ଚାଲିଥିବା ହ୍ୱିଲ ଚେୟାର ପାରା ଫେନ୍‌ସିଂ ସାଟେଲାଇଟ କପରେ ଓଡ଼ିଶାର ରାଖାଲ୍ କୁମାର ସେଠୀ ୨ଟି, ମାଳତୀ ପାନଉରେ ଗୋଟିଏ ପଦକ ଜିତିଛନ୍ତି। ରାଖାଲ ସାବର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଓ ଇପିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ମାଳତୀ ମହିଳା ଇପି ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍‌ସିଂ ଓଡ଼ିଶାର ଅଧ୍ୟକ୍ଷ ବେଲା ଜୈସୱାଲ୍ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିଏସ୍‌ଏଫ୍‌କୁ ୧୧-୦ରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

**ସର୍ବଭାରତୀୟ ପୋଲିସ ହକି**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ମହିଳା ପୋଲିସ ଦଳ ୧୧-୦ ଗୋଲରେ ବିଏସ୍‌ଏଫ୍‌କୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ ୩-୨ରେ ତ୍ରିପୁରା, ତାମିଲନାଡୁ ମହିଳା ଦଳ ୪-୦ରେ ମହାରାଷ୍ଟ୍ର, ତାମିଲନାଡୁ ୧୨-୨ରେ ପୁଡୁଚେରୀ ଓ ରାଜସ୍ଥାନ ୫-୦ ଗୋଲରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଦୟାଲ ଗଙ୍ଗୱାର, ଆ ଇ ଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡ଼ିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ବିଏସ୍‌ଏଫ୍ ବିପକ୍ଷରେ ବିଜୟୀ ଓଡ଼ିଶା ମହିଳା ହକି ଦଳ।

# ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ନୌକା ଚାଳନା ପ୍ରତିଯୋଗିତା

**ସମ୍ବଲପୁର,୧୨।୪(ବି.ଶଙ୍କର)**

- ବାଜି ମାରିଲା ସୁବର୍ଣ୍ଣପୁର ଜିଲା
- ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡ଼ି ଶ୍ରେଷ୍ଠ

ସ୍ୱଚ୍ଛ ମହାନଦୀ ବାର୍ତ୍ତା ନେଇ ସମ୍ବଲପୁର ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜିତ ଦ୍ୱିତୀୟ ମୀନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟ ଅତିଥି ଓ ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାନଦୀର ଅଯୋଧ୍ୟା ସରୋବର ଘାଟରେ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ସମ୍ବଲପୁର ସମେତ ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼ ଜିଲାର ୩୬ ଯୋଡି ନୌକା ଚାଳକ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୨ଟି ଦଳକୁ ନେଇ ମୋଟ ୩ଟି ପର୍ଯ୍ୟାୟରେ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ୯ଟି ନୌକା ଚାଳନା ଯୋଡିକୁ ନେଇ ୮୦୦ ମିଟର ଫାଇନାଲ ନୌକା ଚାଳନା ହୋଇଥିଲା। ମହାନଦୀ କୂଳରେ ସହସ୍ରାଧିକ ଦର୍ଶକଙ୍କ କରତାଳିରେ ପ୍ରତିଯୋଗୀମାନେ ଉତ୍ସାହିତ ହୋଇ ମହାନଦୀ ମଧ୍ୟଭାଗରୁ ଲକ୍ଷ୍ୟସ୍ଥଳକୁ ନୌକା ନେଇ ଦ୍ରୁତ ବେଗରେ ଆସିଥିଲେ। କିନ୍ତୁ ସମସ୍ତଙ୍କୁ ପଛରେ ପକାଇ ସୁବର୍ଣ୍ଣପୁର ଜିଲା ଚଢ଼େଇପଙ୍କ ଗ୍ରାମର ସୁଶାନ୍ତ ଡନସନା ଓ ଦୁରବିନ ମୁଦୁଲି ଯୋଡି ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସୋନପୁରର ପ୍ରକାଶ ନାଏକ ଓ ପ୍ରଭାତ ମହାଲିଙ୍ଗ ଯୋଡି ଦ୍ୱିତୀୟ, କିଶାନ ନାଏକ ଓ ଶିବ ମାଝି ଯୋଡି ତୃତୀୟ ଏବଂ ସୁବର୍ଣ୍ଣପୁର ଜିଲା କେଉଁଟିପାଲି ଗ୍ରାମର ସୌରଭ ମହାଲିଙ୍ଗ ଓ ମୁକେଶ ତରିଆ ଯୋଡି ଚତୁର୍ଥ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସମ୍ବଲପୁର ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଦୀପକ ବରାଳ, ସହ ସମ୍ପାଦକ ସୋମନାଥ ସେଠ୍, କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରୀ, ସଭ୍ୟ ହରିବଂଶ ସେଠ, କୈବର୍ତ୍ତ ସମାଜ ସଭାପତି ଶିଶିର ପାଣ୍ଡେ, ମତ୍ସ୍ୟଜୀବୀ ସଂଘ ସଭାପତି ସନ୍ତୋଷ କୁମାର ବେରିହା, ଅଜିତ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟ ରେଫରୀ ସୁରେନ୍ଦ୍ର ନାଏକଙ୍କ ପରିଚାଳନାରେ ନୌକା ଚାଳନା ପ୍ରତିଯୋଗିତା ହୋଇଥିଲା।



ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ସମ୍ବଲପୁର ହାଟପଡ଼ା ବୀର ବଜରଙ୍ଗ ସଂଘ ଆୟୋଜିତ ରାଜ୍ୟ ସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା।

# ଗୁଜରାଟକୁ ହରାଇଲା ଲକ୍ଷ୍ନୌ

**ଲକ୍ଷ୍ନୌ, ୧୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ ଶନିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ ୬ ଉଇକେଟରେ ଗୁଜରାଟ ଟାଇଟନ୍ସକୁ ହରାଇ ଦେଇଛି। ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିଥିବାବେଳେ ଲକ୍ଷ୍ନୌ ୧୯.୩ ଓଭରରେ ୪ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ନେଇଥିଲା। ୨ଟି ଚମତ୍କାର କ୍ୟାଚ ସହ ଟପ୍ ଅର୍ଡରରେ ଭଲ ବ୍ୟାଟିଂ କରିଥିବା ଲକ୍ଷ୍ନୌର ଏଡେନ ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୬ ମ୍ୟାଚରୁ ଲକ୍ଷ୍ନୌ ୪ର୍ଥ ବିଜୟ ହାସଲ କରିଥିବାବେଳେ ଗୁଜରାଟର ଏହାଥିଲା ଦ୍ୱିତୀୟ ପରାଜୟ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଓପନିଂ ଭାଗୀଦାରିରେ ୧୨୦ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଯୋଡ଼ି ଭାଙ୍ଗିବାରେ ଗୁଜରାଟ ଇନିଂସ ହଡ଼ବଡ଼େଇ ଯାଇଥିଲା। ଫଳରେ ୨୦ ଓଭରରେ ଦଳର ସ୍କୋର ୧୮୦ରେ ସୀମିତ ରହି ଯାଇଥିଲା। ଗିଲ୍ ସର୍ବାଧିକ ୬୦ ଓ ସୁଦର୍ଶନ ୫୬ ରନ କରିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଦିଗ୍‌ଭେସ ରାଠି ଓ ଆଭେସ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ଅଧିନାୟକ ରିଷଭ ପନ୍ତ ଯଦିଓ ବଡ଼ ସ୍କୋର କରି ନ ପାରି ୨୧ ରନରେ ଆଉଟ ହୋଇଥିଲେ ତେବେ ଏଡେନ ମାରକ୍ରମ ଓ ଚମତ୍କାର ଫର୍ମରେ ଥିବା ନିକୋଲସ ପୁରନ ଦୃଢ଼ ବ୍ୟାଟିଂ କରି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ମାରକ୍ରମ ୩୧ ବଲ୍‌ରୁ ୫୮ (୯ ଚୌକା, ୧ ଛକା) ଓ ପୁରନ ୩୪ ବଲ୍‌ରୁ ୬୧ (୧ ଚୌକା, ୭ ଛକା) ରନ କରିଥିଲେ। ଆୟୁଷ ବଦୋନୀ ୨୮ ରନରେ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ରଶିଦ ଖାଁ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୮୦/୬ (ଶୁବମନ ଗିଲ୍-୬୦, ସାଇ ସୁଦର୍ଶନ-୫୬, ଶାର୍ଦ୍ଦୂଳ ଠାକୁର-୨/୩୪, ରବି ବିଷ୍ଣୋଇ-୨/୩୬, ଦିଗ୍‌ଭେସ ରାଠି-୧/୩୦, ଆଭେସ ଖାଁ-୩୨)। ଲକ୍ଷ୍ନୌ ସୁପର ଜାଏଣ୍ଟ ୧୯.୩ ଓଭରରେ ୧୮୬/୪ (ନିକୋଲସ ପୁରନ-୬୧, ଏଡେନ ମାରକ୍ରମ-୫୮, ପ୍ରସିଦ୍ଧ କ୍ରିଷ୍ଣା-୨/୨୬, ରଶିଦ ଖାଁ-୧/୩୫, ୱାଶିଂଟନ ସୁନ୍ଦର-୧/୨୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୬ | ୩ | ୩ | ୬ | +୦.୮୦୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | +୦.୦୬୫ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୧ | ୫ | ୨ | -୧.୫୫୪ |

# ଅଭିଷେକଙ୍କ ଶତକରେ ହାଇଦ୍ରାବାଦ ବିଜୟୀ

**ହାଇଦ୍ରାବାଦ,୧୨।୪**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ହାଇସ୍କୋରିଂ ମ୍ୟାଚରେ ପିବିକେଏସ୍ ପକ୍ଷରୁ ଧାର୍ଯ୍ୟ ୨୪୬ ରନର ବିଜୟ ଲକ୍ଷ୍ୟକୁ ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରି ମ୍ୟାଚ୍ ଜିତିବାରେ ଏହା ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସବୁଠୁ ବଡ଼ ବିଜୟ। ଏହା ହାଇଦ୍ରାବାଦ ଲାଗି ଦ୍ୱିତୀୟ ବିଜୟ ହୋଇଥିବା ବେଳେ ପଞ୍ଜାବର ଏହା ଦ୍ୱିତୀୟ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୫ ରନ କରିଛି। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ସର୍ବାଧିକ ୮୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୩୬ (୨ ଚୌକା ଓ ୪ ଛକା), ପ୍ରଭସିମରନ ସିଂ ୪୨ (୭ ଚୌକା ଓ ୧ ଛକା), ମାର୍କସ ଷ୍ଟୋଇନିସ ୩୪ (୧ ଚୌକା ଓ ୪ ଛକା) ଓ ନେହାଲ ୱାଧେରା ୨୭ (୨ ଚୌକା ଓ ୧ ଛକା) ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି ଓ ପଦାର୍ପଣକାରୀ ଇଶାନ ମାଲିଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଏସ୍‌ଆର୍‌ଏଚ୍ ପାଇଁ ଅଭିଶେକ ଓ ଟ୍ରାଭିସ ହେଡ୍ ଆରମ୍ଭରୁ ଛକା ଓ ଚୌକା ବର୍ଷା କରିଥିଲେ। ମୁଖ୍ୟତଃ ଅଭିଶେକ ପଞ୍ଜାବର କୌଣସି ବୋଲରଙ୍କୁ ଛାଡ଼ି ନଥିଲେ। ଦୁହେଁ ୧୨.୨ ଓଭରରେ ୧୭୧ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୭ ବଲରେ ୯ ଚୌକା ଓ ୩ ଛକା ସହିତ ହେଡ୍ ୬୬ ରନ କରି ଆଉଟ୍ ହୋଇଥିଲେ। ଅଭିଶେକ ୪୦ ବଲରେ ଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ପ୍ରଥମ ଶତକ ଥିଲା। ସେ ମୋଟ ଉପରେ ୫୫ ବଲରେ ୧୪ ଚୌକା ଓ ୧୦ ଛକା ସହିତ ୧୪୧ ରନ କରି ଆଉଟ୍ ହୋଇଥିଲେ। ଏହା ଭାରତୀୟ କ୍ରିକେଟରଙ୍କ ଲାଗି ଆଇପିଏଲରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ହାଇଦ୍ରାବାଦ ୧୮.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।




ଶତକ ହାସଲ ପରେ ଉଲ୍ଲସିତ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୪୫/୬ (ଶ୍ରେୟସ ଆୟର-୮୨, ପ୍ରଭସିମରନ ସିଂ-୪୨, ପ୍ରିୟାଂଶ ଆର୍ଯ୍ୟ-୩୬, ମାର୍କସ ଷ୍ଟୋଇନିସ-୩୪*, ହର୍ଷଲ ପଟେଲ-୪/୪୨, ଇଶାନ ମାଲିଙ୍ଗା-୨/୪୫)। ସନରାଇଜର୍ସ ହାଇଦ୍ରାବାଦ: ୧୮.୨ ଓଭରରେ ୨୪୭/୨ (ଅଭିଷେକ ଶର୍ମା-୧୪୧, ଟ୍ରାଭିସ ହେଡ-୬୬, ୟୁଜବେନ୍ଦ୍ର ଚହଲ-୧/୫୬, ଅର୍ଶଦୀପ ସିଂ-୧/୩୭)।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ